# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୦/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, September 20/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 296 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ସେପ୍ଟେମ୍ବର, ୨୦୨୨





ଭାରତ ଯୋଡ଼ ଯାତ୍ରାରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କେରଳର ପୁନାମାଦା ହ୍ରଦରେ ଚାଲିଥିବା ସ୍ନେକ୍ ବୋଟ୍ ରେସ୍ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି।

# ଭାଜପାରେ ଅମରିନ୍ଦର ସିଂ

ନୂଆଦିଲ୍ଲୀ,୧୯।୯

କଂଗ୍ରେସ ଛାଡ଼ି ନୂଆ ଦଳ ଗଢ଼ିଥିବା ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ଏଥିସହିତ ସେ ନିଜ ଦଳ ପଞ୍ଜାବ ଲୋକ କଂଗ୍ରେସ (ପିଏଲ୍‌ସି)କୁ ଭାଜପାରେ ମିଶାଇ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ ଏବଂ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଅମରିନ୍ଦରଙ୍କ ମତପାର୍ଥକ୍ୟ ପରେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିଲେ। ଏହା ପରେ ସେ ଦଳରୁ ବାହାରିଯାଇ ନୂଆ ଦଳ ପିଏଲ୍‌ସି ଗଠନ କରିଥିଲେ। ଭାଜପାରେ ପଞ୍ଜାବର ହେଭିୱେଟ୍ ନେତାଙ୍କୁ ସ୍ୱାଗତ କରିବା ଅବସରରେ ତୋମାର କହିଛନ୍ତି. କ୍ୟାପ୍ଟେନ ସର୍ବଦା ଦଳ ଅପେକ୍ଷା ରାଷ୍ଟ୍ରକୁ ଗୁରୁତ୍ୱ ଦେଇ ଆସିଛନ୍ତି। ସେ ତାଙ୍କ ଦଳ ସହ ଭାଜପାରେ ମିଶିଥିବାରୁ ବହୁତ ଖୁସି। ସୀମାନ୍ତ ରାଜ୍ୟ ପଞ୍ଜାବର ସୁରକ୍ଷା ସୁନିଶ୍ଚିତ କରିବା ଜରୁରୀ ବୋଲି କୃଷିମନ୍ତ୍ରୀ କହିଛନ୍ତି। ଲଣ୍ଡନରେ ମେରୁଦଣ୍ଡ ଅସ୍ତ୍ରୋପଚାର କରି ନିକଟରେ ଫେରିଥିବା ଅମରିନ୍ଦର ଇତିମଧ୍ୟରେ ଏକାଧିକ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ।




ଅମରିନ୍ଦର ସିଂ ଭାଜପାରେ ଯୋଗଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ତାଙ୍କୁ ସ୍ୱାଗତ କରୁଛନ୍ତି।

# କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲଢ଼ିବେ ଥରୁର

## ସୋନିଆ ଦେଲେ ସବୁଜ ସଙ୍କେତ

ନୂଆଦିଲ୍ଲୀ,୧୯।୯

ଆସନ୍ତା ମାସ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ବରିଷ୍ଠ ନେତା ଶଶୀ ଥରୁର ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସବୁଜ ସଙ୍କେତ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅଧ୍ୟକ୍ଷ ପଦ ପାଇଁ ଥରୁରଙ୍କ ସହ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି କୁହାଯାଉଛି। ବିଦେଶରୁ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଫେରିଥିବା ସୋନିଆଙ୍କୁ ସୋମବାର ଥରୁରଙ୍କ ସମେତ କେତେଜଣ ବରିଷ୍ଠ ନେତା ଭେଟିଥିଲେ। ଥରୁର ନିଜ ନିଷ୍ପତ୍ତି ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷାଙ୍କୁ ଜଣାଇଥିଲେ। ନିର୍ବାଚନ ଲଢ଼ିବା ନିଷ୍ପତ୍ତି ଆପଣଙ୍କ ଉପରେ ନିର୍ଭର କରୁଛି, ଏହା ନିର୍ବାଚନ ପ୍ରକ୍ରିୟା ଅନୁଯାୟୀ ହେବ ବୋଲି ସୋନିଆ କହିଥିବା ଜଣାପଡ଼ିଛି। ଥରୁରଙ୍କ ସହ ବରିଷ୍ଠ ନେତା ଦୀପେନ୍ଦ୍ର ହୁଡା, ଜୟପ୍ରକାଶ ଅଗ୍ରୱାଲ ଏବଂ ବିଜେନ୍ଦ୍ର ସିଂ କଂଗ୍ରେସ ଅଧ୍ୟକ୍ଷାଙ୍କୁ ଭେଟିଥିଲେ।



ଶଶୀ ଥରୁର

ସୂଚନାଯୋଗ୍ୟ, ଦଳର ସାଂଗଠନିକ ସ୍ତରରେ ପରିବର୍ତ୍ତନ ଓ ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିର୍ବାଚନ ପାଇଁ ଦାବି କରିଥିବା ୨୩ ଅସନ୍ତୁଷ୍ଟ ନେତା (ଜି-୨୩)ଙ୍କ ମଧ୍ୟରେ ଥରୁର ନ ଥିଲେ। ତେବେ ଗତ ମାର୍ଚ୍ଚରେ ସେ ଜି-୨୩ ନେତାଙ୍କୁ ଭେଟିଥିଲେ। ଏଥିସହିତ ସେ ନିର୍ବାଚନ ଲଢ଼ିବା ନେଇ ନିକଟରେ ଇଚ୍ଛା ପ୍ରକାଶ କରିଥିଲେ। ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ୩ ଦିନ ପରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ୨୦୧୯ ଲୋକ ସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏବେ ଭାରତ ଯୋଡ଼ୋ ଯାତ୍ରାର ନେତୃତ୍ୱ ନେଉଥିବା ରାହୁଲଙ୍କ ପଛରେ ବିଭିନ୍ନ ରାଜ୍ୟ କଂଗ୍ରେସ କମିଟି ସମର୍ଥନ ଜଣାଇ ପ୍ରସ୍ତାବ ଗୃହୀତ କରାଇଛନ୍ତି। ରାହୁଲ ନିର୍ବାଚନରେ ଭାଗ ନେବେ ନାହିଁ ବୋଲି କହୁଥିବାବେଳେ, ପରବର୍ତ୍ତୀ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି ବୋଲି ଆଶା କରାଯାଉଛି।

# ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ଅଧିବେଶନ ଡାକିଲେ ପଞ୍ଜାବ ସରକାର

ଚଣ୍ଡିଗଡ଼,୧୯।୯

ପଞ୍ଜାବରେ ସରକାର ଭାଙ୍ଗିବା ପାଇଁ ଭାଜପା ପକ୍ଷରୁ 'ଅପରେଶନ କମଳ' ଅଭିଯାନ ଚାଲିଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଅଭିଯୋଗ ହୋଇଥିଲା। ଏଏପିର ୧୦ ଜଣ ବିଧାୟକଙ୍କୁ ଭାଜପା କିଣିନେବା ପାଇଁ ୨୫ କୋଟି ଲେଖାଏ ଟଙ୍କା ଯାଚିଥିବା ଅଭିଯୋଗ ଉଠିଥିଲା। ବିଧାନସଭାରେ ସରକାରର ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବା ଲାଗି ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ସେପ୍ଟେମ୍ବର ୨୨କୁ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଜନସାଧାରଣଙ୍କ ବିଶ୍ୱାସକୁ ବିଶ୍ୱର କୌଣସି ମୁଦ୍ରାରେ ମୂଲ୍ୟାୟନ କରାଯାଇପାରିବ ନାହିଁ। ସରକାରଙ୍କ ପଛରେ ସଂଖ୍ୟାଗରିଷ୍ଠତା ରହିଛି କି ନାହିଁ, ତାହାର ପ୍ରମାଣ ଦେବା ନିମନ୍ତେ ୨୨ରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିବା ମାନ୍ ଟୁଇଟ୍ କରିଛନ୍ତି।

ସୂଚନାଯୋଗ୍ୟ, ଭାଜପା ପକ୍ଷରୁ ଶାସକ ବିଧାୟକଙ୍କୁ କିଣିବା ଲାଗି ଉଦ୍ୟମ ଚାଲିଥିବା ଏଏପି ରାଜ୍ୟ ପୋଲିସ ଡିଜିଙ୍କ ନିକଟରେ ଅଭିଯୋଗ କରିଥିଲା। ଏହି ଅଭିଯୋଗ ଆଧାରରେ ଗତ ୧୪ ତାରିଖରେ ପଞ୍ଜାବ ପୋଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ରାଜ୍ୟ ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା ଏବଂ ବିଧାୟକମାନେ ଡିଜିପିଙ୍କ ନିକଟରେ ଦାବି କରିଥିଲେ।



ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍

# ସମାଜବାଦୀ ପାର୍ଟିର ବିଧାନସଭା ଅଭିଯାନକୁ ଅଟକାଇଲା ପୋଲିସ

ଲକ୍ଷ୍ନୌ,୧୯।୯

ଉତ୍ତରପ୍ରଦେଶ ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ବେରୋଜଗାରୀ, ଦୁର୍ନୀତି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟି ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରିଥିଲା। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ନେତୃତ୍ୱରେ ଦଳର ବିଧାୟକ ଓ ଅନ୍ୟ କର୍ମୀମାନେ ପାର୍ଟି ଅଫିସରୁ ବିଧାନ ଭବନ ଅଭିମୁଖେ ବାହାରିଥିବାବେଳେ ବିକ୍ରମାଦିତ୍ୟ ମାର୍ଗ ଛକ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଅଖିଳେଶ ଓ ଅନ୍ୟମାନେ ରାସ୍ତାରେ ଧାରଣାରେ ବସିଥିଲେ। ସମାଜବାଦୀ ପାର୍ଟିକୁ ଏକ ନିର୍ଦ୍ଦିଷ୍ଟ ରାସ୍ତାରେ ଶୋଭଯାତ୍ରା ବାହାର କରିବା ଲାଗି ଅନୁମତି ଦିଆଯାଇଥିଲା। ସେମାନେ ଅନ୍ୟ ରାସ୍ତାରେ ଶୋଭାଯାତ୍ରା ବାହାର କରିବାରୁ ପୋଲିସ ଅଟକାଇଥିଲା। ତେବେ କୌଣସି ନେତା କିମ୍ବା କର୍ମୀଙ୍କୁ ଗିରଫ କରାଯାଇ ନ ଥିବା ପୋଲିସ ଯୁଗ୍ମ କମିଶନର ପୀୟୂଷ ମୋର୍ଡିଆ କହିଛନ୍ତି।

# ରାଷ୍ଟ୍ରୀୟ ଅଧ୍ୟକ୍ଷ, ଗୃହମନ୍ତ୍ରୀଙ୍କୁ ଭେଟିଲେ ଜୟନାରାୟଣ ମିଶ୍ର



ବିରୋଧୀ ଦଳ ନେତାଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା।

**ସମ୍ବଲପୁର,୧୯।୯(ବ୍ୟୁରୋ):** ଓଡ଼ିଶା ବିଧାନସଭା ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ସୋମବାର ଦିଲ୍ଲୀ ଗସ୍ତରେ ଯାଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହାଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ରାଜ୍ୟର ଦଳୀୟ ସଙ୍ଗଠନକୁ ନେଇ ଦୁଇ ନେତାଙ୍କ ସହ ଆଲେଚନା କରିଛନ୍ତି। ଏହାସହ ଆଗାମୀ ନିର୍ବାଚନ ପାଇଁ କ'ଣ ରଣନୀତି ରହିବ ଓ କିଭଳି ଦଳ ଭଲ ପ୍ରଦର୍ଶନ କରିବ ସେ ନେଇ ବିଚାରବିମର୍ଶ କରିଛନ୍ତି। ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା, ବୁଥ୍ ସ୍ତରରେ ସଙ୍ଗଠନ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ବିରୋଧୀ ଦଳ ନେତା ମିଶ୍ର କହିଛନ୍ତି, ଦଳୀୟ କାର୍ଯ୍ୟପନ୍ଥାକୁ ନେଇ ଆଲୋଚନା ହୋଇଥିଲା। ରାଜ୍ୟରେ ବର୍ତ୍ତମାନ ଦଳର ସ୍ଥିତିକୁ ନେଇ ଅବଗତ କରାଇଥିଲି। ଆଗାମୀ ଦିନରେ ରାଜ୍ୟରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ଓ ସରକାର ଗଠନ କରିବ ସେ ନେଇ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ।

# ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କୁ ନେଇ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ

## ଯୋଗଦେଲେ ୨ କେନ୍ଦ୍ର ନେତା

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ସମ୍ପ୍ରତି ଦେଶରେ କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ପ୍ରତି ଦେଶବାସୀଙ୍କ ଅଭୂତପୂର୍ବ ଜନ ସମର୍ଥନ ମିଳୁଛି। ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଲେଖକ ଇତ୍ୟାଦି ବିଭିନ୍ନ ବର୍ଗର ଲୋକମାନେ ଏହା ସହିତ ଯୋଡ଼ି ହେଉଛନ୍ତି। ଓଡ଼ିଶାରେ ମଧ୍ୟ ଏହାର ଆଭାସ ମିଳିଛି। ରବିବାର ଓଡ଼ିଶାର ବୁଦ୍ଧିଜୀବୀ, ଲେଖକ, ସାମାଜିକ କର୍ମୀ, ପୂର୍ବତନ ପ୍ରଶାସକ, କଳାକାର ପ୍ରମୁଖ ଏହା ସହିତ ଯୋଡ଼ି ହୋଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ବୁଦ୍ଧିଜୀବୀ ଓ ସାମାଜିକକର୍ମୀ ସମ୍ମିଳନୀରେ ଯୋଗଦେଇ ସେମାନେ ଭାରତ ଯୋଡ଼ୋ ଯାତ୍ରା ପ୍ରତି ସେମାନଙ୍କ ସମର୍ଥନ ଜ୍ଞାପନ କରିଛନ୍ତି। ଭୁବନେଶ୍ୱର ସ୍ଥିତ ରେଡ୍‌କ୍ରସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ନେତା ଦିଗ୍‌ବିଜୟ ସିଂ କହିଛନ୍ତି, ଦେଶର ସାମ୍ପ୍ରତିକ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦୁରବସ୍ଥା ସମୟରେ ସାମାଜିକ କର୍ମୀ ଏବଂ ବୁଦ୍ଧିଜୀବୀମାନେ ନୀରବଦ୍ରଷ୍ଟା ହୋଇ ନ ରହି ବାହାରକୁ ଆସି ଏହାର ପ୍ରବାଦ କରିବାକୁ ଆହ୍ୱାନ ଦେଇଛନ୍ତି। ଆରଏସ୍‌ଏସ ଏବଂ ଭାଜପାର ଜନବିରୋଧୀ ନୀତି, ସମ୍ବିଧାନ ପ୍ରତି ଅସମ୍ମାନ, ଦରଦାମ ସହିତ ବେକାରି ସମସ୍ୟାକୁ ନିୟନ୍ତ୍ରଣ କରିବାରେ ବିଫଳତା ନେଇ ସେମାନେ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ଦଳର ଜାତୀୟ ପ୍ରବକ୍ତା ଜୟରାମ ରମେଶ ଏଥିରେ ଯୋଗଦେଇ ଭାରତ ଯୋଡ଼ୋର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ପ୍ରତି କେନ୍ଦ୍ରର ଭାଜପା ଦେଶକୁ ଘୃଣା ଓ ବିଦ୍ୱେଷ ଭିତରକୁ ନେଇଯାଉଛି। ଧନୀ ଓ ଗରିବ ଭିତରେ ପାର୍ଥକ୍ୟ ବଢ଼ି ଚାଲିଛି। ଦେଶର ଏକତା ଓ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି। ଭାରତ ଯୋଡ଼ୋ ଯାତ୍ରା ମାଧ୍ୟମରେ ଦେଶବାସୀଙ୍କୁ ଯୋଡ଼ିବା ସହିତ ଭାଜପାକୁ ସେଥିରୁ କ୍ଷାନ୍ତ ହେବାକୁ ବାଧ୍ୟ କରିବା ଆହ୍ୱାନ ବୋଲି ସେ କହଛନ୍ତି। ବରିଷ୍ଠ ଖବରଦାତା ରବି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ବିଜେଡି ଓ କେନ୍ଦ୍ରର ଭାଜପା ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ। ଏହି ୨ ଶକ୍ତିକୁ ପରାସ୍ତ କରିବା ପାଇଁ ସେ ଓଡ଼ିଶାରେ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କୁ ନିବେଦନ କରିଛନ୍ତି।

# ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ

ନୟାଗଡ଼ ଅଫିସ /ନୂଆଗାଁ,୧୯।୯(ଡି.ଏନ୍.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁରଠାରେ ଶନିବାର ରାତିରେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଉଭୟପକ୍ଷର ୭ ଜଣ ଆହତ ହୋଇଥିବା ବେଳେ ମାଇଛେଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପରିଡା ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ମହିପୁରରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ନୂଆଗାଁ ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

ପ୍ରାପ୍ତ ସୂଚନା ଅନୁସାରେ, ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଶାସକ ଦଳର ଦୁଇଜଣ ନେତାଙ୍କ ମଧ୍ୟରେ ପତିଆରାକୁ ନେଇ ଲଢ଼େଇ ଆରମ୍ଭ ହୋଇଛି। ବିଶ୍ୱକର୍ମା ପୂଜା ଅବସରରେ ଶାସକ ଦଳର ୨ ନେତା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଶ୍ରୀହରି ନାୟକ ଅନେକ ପୂଜା କମିଟିରେ ଯୋଗଦେଇ ନିଜର ପତିଆରା ଦେଖାଉଥିଲେ। କେତେଗୋଟି ପୂଜା କମିଟି ବିଧାୟକ ବେହେରାଙ୍କୁ ଅତିଥି ଭାବେ ଡାକୁଥିବା ବେଳେ ଆଉ କେତେଗୋଟି ପୂଜା କମିଟି ନାୟକଙ୍କୁ ଅତିଥି ଭାବେ ଡାକିଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ ନାୟକ ଏବଂ ବେହେରା ନିଜ ସମର୍ଥକମାନଙ୍କ ସହ ବିଭିନ୍ନ ପୂଜା କମିଟିରେ ଯୋଗଦେଇ ଫେରୁଥିବା ବେଳେ ମହିପୁର ଛକଠାରେ ଦୁଇଗୋଷ୍ଠୀ ମୁହାଁମୁହିଁ ହେବାରୁ ବିବାଦ ଦେଖାଦେଇଥିଲା। ପ୍ରଥମେ ବଚସା, ଗାଳି ଗୁଲଜ ଓ ପରେ ମାରପିଟ୍ ଆରମ୍ଭ ହୋଇଯାଇଥିଲା। ଏଥିରେ ବିଧାୟକ ବେହେରାଙ୍କ ଗୋଷ୍ଠୀର ୪ଜଣ ଓ ନାୟକଙ୍କ ଗୋଷ୍ଠୀର ୩ଜଣ ଆହତ ହୋଇଥିଲେ। ମାରପିଟ୍‌ରେ ନାୟକଙ୍କ ସମର୍ଥକ ମାଇଛେଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ପରିଡା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଆଇଆଇସି ପୁଷ୍ପଲତା ବେହେରାଙ୍କୁ ପଚାରିବାରେ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଘଟଣାରେ ୨ଟି ଅଭିଯୋଗ ମିଳିଛି। ଉଭୟପକ୍ଷ ସମାଧାନ କରିବାକୁ ଆଗ୍ରହୀ ଥିବାରୁ ମାମଲା ରୁଜୁ ହୋଇନାହିଁ।



ଆହତ ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପରିଡ଼ା

# ୨୯ରେ ଓଡ଼ିଶା ଆସିବେ ନଡ୍ଡା

**ଭୁବନେଶ୍ୱର,୧୯।୯(ବ୍ୟୁରୋ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠୁ ଭାଜପା ନିଜର ପ୍ରସ୍ତୁତି ଜୋରଦାର କରିଛି। ଗତ ସପ୍ତାହରେ ପୁରୀରେ ୩ ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ପରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆସନ୍ତା ୨୯ ତାରିଖରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଭୁବନେଶ୍ୱରରେ ପ୍ରାୟ ୩୦ ହଜାରରୁ ଅଧିକ କର୍ମୀଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରୀୟ ସଭାପତି ହେବା ପରେ ନଡ୍ଡାଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ ହୋଇଥିବାରୁ ଦଳ ପକ୍ଷରୁ ମଧ୍ୟ ତାଙ୍କୁ ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭାଜପା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନିଜର ୨ ଦିନିଆ ଓଡ଼ିଶା ଗସ୍ତ ସମୟରେ ନଡ୍ଡା ଭୁବନେଶ୍ୱର, କଟକ ଓ ପୁରୀ ଗସ୍ତରେ ଯିବେ। ଭୁବନେଶ୍ୱରରେ ସେ ଏକ ବିଶାଳ କର୍ମୀ ସମ୍ମିଳନୀକୁ ସମ୍ବୋଧିତ କରିବା ସହ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଦଳର ବରିଷ୍ଠ ନେତାମାନଙ୍କ ସହ ରଣନୀତି ପ୍ରସ୍ତୁତ କରିବେ। ସେ ତାଙ୍କ ଗସ୍ତ କାଳରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବେ। ଭାଜପା ଏବେ ଓଡ଼ିଶାରେ 'ମିଶନ-୧୨୦'କୁ ଫଳପ୍ରଦ କରିବା ନିମନ୍ତେ ରଣନୀତିରେ ଲାଗିଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡାଙ୍କ ଆସିବା ପରେ ଏହି ମିଶନକୁ ସଫଳ କରିବା ନିମନ୍ତେ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।



# ଧରିତ୍ରୀ
DHARITRI

ମଙ୍ଗଳବାର, ସେପ୍ଟେମ୍ବର ୨୦/୨୦୨୨ (୧୬ ପୃଷ୍ଠା) | Tuesday, September 20/2022 | Page 16 | ପୃଷ୍ଠା-୧




**ଅକ୍ଟୋବରରେ ‘କୋଡ୍ ନେମ୍ ତ୍ରିରଙ୍ଗା’**

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ଅଭିନୀତ ଫିଲ୍ମ ‘କୋଡ୍ ନେମ୍ ତ୍ରିରଙ୍ଗା’ ଅକ୍ଟୋବର ୧୪ରେ ପ୍ରେକ୍ଷାଳୟକୁ ଓହ୍ଲାଇବ।

୧୧

୧୪

**ଆଇନଗତ ପଦକ୍ଷେପ ନେଇପାରନ୍ତି ଭୂଟିଆ**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ବିରୋଧରେ ଆଇନଗତ ପଦକ୍ଷେପ ନେଇପାରନ୍ତି ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆ।











**ଆଜିର ସମ୍ପାଦକୀୟ**

## ହିଜାବ ଝଡ଼

**ଆଜିର ମନ୍ତବ୍ୟ**

“ବିରୋଧୀଙ୍କ ବିପକ୍ଷରେ ଏକ ଉଦ୍ଦେଶ୍ୟନିହିତ ମନ୍ଦ ମନୋଭାବ ପ୍ରଦର୍ଶନ ନ କରି ଜନକଲ୍ୟାଣ ଦିଗରେ ୟୁପି ସରକାର କେତେ ଦାୟିତ୍ୱବାନ୍ ତାହା ପ୍ରମାଣ କରନ୍ତୁ।

– ମାୟାବତୀ, ବହୁଜନ୍ ସମାଜ ପାର୍ଟି ଅଧ୍ୟକ୍ଷା



ବ୍ରିଟେନ୍ ମହାରାଣୀ ଏଲିଜାବେଥ୍‌-୨ୟଙ୍କ ଅନ୍ତିମ ସଂସ୍କାରଲାଗି ସୋମବାର ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ଆବେରୁ ୱିନ୍‌ସର୍ କାସ୍‌ଲେ ଅଭିମୁଖେ ନିଆଯାଉଛି।

# ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବଢ଼ିଲା

### ୨୦୨୨ ଜାନୁୟାରୀରୁ ଲାଗୁ ହେବ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ସରକାର କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଛନ୍ତି। ଏଥିଯୋଗୁ ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୩୧ରୁ ୩୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୨ ଜାନୁୟାରୀ ପହିଲାରୁ ଲାଗୁ କରାଯାଇଛି। ଏଥିସହିତ ସଂଶୋଧିତ ହାରରେ ପେନ୍‌ସନ ପାଉଥିବା ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଉପକୃତ ହେବେ। କର୍ମଚାରୀ ଓ ପେନ୍‌ସନଭୋଗୀମାନେ ଚଳିତ ମାସର ଦରମା ସହିତ ଏହି ବର୍ଦ୍ଧିତ ଭତ୍ତା ପାଇବେ। ୨୦୨୨ ଜାନୁୟାରୀରୁ ଅଗଷ୍ଟ ପର୍ଯ୍ୟନ୍ତ ବକେୟା ଭତ୍ତା ଅଲଗା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟ ସରକାରଙ୍କ ୪ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।

# ପୁଣି ନକଲି ଔଷଧ ଠାବ

**କଟକ ଅଫିସ, ୧୯।୯**

### ୧୩୫୦ ଷ୍ଟ୍ରିପ୍ ‘ଟେଲ୍‌ମା-୪୦’ ଜବତ
### ନିଷେଧ ସତ୍ତ୍ୱେ ଚାଲିଛି କାରବାର

ନକଲି ମେଡିସିନ୍‌କୁ ନେଇ କଟକରେ ପୁଣି ତନାଘନା ଜୋରଦାର ହୋଇଛି। ସୋମବାର ପୁରୀଘାଟ ଥାନା ପୋଲିସ ଏକ ଟ୍ରାନ୍ସପୋର୍ଟ ଏଜେନ୍ସିରୁ ୧୩୫୦ ଷ୍ଟ୍ରିପ୍ ନକଲି ଟେଲ୍‌ମା-୪୦ ମେଡିସିନ୍ ଜବତ କରିଛି। ଜବତ ମେଡିସିନ୍‌ର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏସବୁକୁ ମାଣିକଘୋଷ ବଜାରସ୍ଥ ଭି.ଆର୍. ଡ୍ରଗ୍ସ ଏଜେନ୍ସି କୋଲକାତାରୁ କିଣିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଔଷଧ ବିକ୍ରିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷେଧ କରାଯାଇଥିବା ସତ୍ତ୍ୱେ ଏହାର କାରବାର ଚାଲିଥିବା ସୋମବାର ଚଢ଼ାଉରୁ ସ୍ପଷ୍ଟ ହେଉଛି।

ସୂଚନା ଅନୁଯାୟୀ, ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଟେଲ୍‌ମା-୪୦ ଏବଂ ଟେଲ୍‌ମା-ଏଏମ୍ ଟାବ୍‌ଲେଟକୁ ନକଲି କରି ବିକ୍ରି କରାଯାଉଥିବା ନେଇ କିଛିଦିନ ତଳେ ଅଭିଯୋଗ ହୋଇଥିଲା। ଏନେଇ ୧୦ ତାରିଖରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ପକ୍ଷରୁ ପୁରୀଘାଟ ଥାନାରେ ଏତଲା ଦିଆଯିବା ପରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଯାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜେସ୍‌ର ମାଲିକ ସଞ୍ଜୟ ଜଲାନ, ତାଙ୍କ ସ୍ତ୍ରୀ ଚଞ୍ଚଳ ଜଲାନ ଏବଂ ମାଣିକଘୋଷ ବଜାରର ଭି.ଆର୍. ଡ୍ରଗ୍ସ ଏଜେନ୍ସିର ମାଲିକ ବର୍ଷାରାଣୀ କ୍ୟାଲ ଓ ତାଙ୍କ ସ୍ୱାମୀ ରାହୁଲ କ୍ୟାଲଙ୍କୁ ଅଭିଯୁକ୍ତ ଦର୍ଶାଯାଇ ଥିଲା। ୧୧ ତାରିଖରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ☞ପୃଷ୍ଠା-୨



କଟକ ମାଲଗୋଦାମସ୍ଥିତ ଏକ ଟ୍ରାନ୍ସପୋର୍ଟ ଏଜେନ୍ସିରେ ସୋମବାର ପୋଲିସ ଦ୍ୱାରା ଜବତ ଟେଲ୍‌ମା-୪୦।

### ଦୁଇ ମାଲିକାଣୀଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା

ନକଲି ମେଡିସିନ କାରବାର ମାମଲାରେ ଅଭିଯୁକ୍ତ ଥିବା ମାଣିକଘୋଷ ବଜାର ଭି.ଆର୍. ଡ୍ରଗ୍ସ ଏଜେନ୍ସିର ମାଲିକାଣୀ ବର୍ଷାରାଣୀ କ୍ୟାଲ ଏବଂ ଯାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜେସ୍‌ର ମାଲିକାଣୀ ଚଞ୍ଚଳ ଜଲାନଙ୍କୁ ସୋମବାର ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଅନ୍ୟାଦେଶ ଯାଏ ଉଭୟଙ୍କୁ ଗିରଫ କରାଯାଇ ପାରିବ ନାହିଁ ବୋଲି ଅଦାଲତ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି। ନକଲି ମେଡିସିନ କାରବାର ସହ ସମ୍ପୃକ୍ତ ଥିବା ଅଭିଯୋଗରେ ୨ଜଣ ଗିରଫ ହୋଇଥିବା ବେଳେ ଯେକୌଣସି ମୁହୂର୍ତ୍ତରେ ପୋଲିସ ଏହି ମାଲିକାଣୀ ଦ୍ୱୟଙ୍କୁ ଗିରଫ କରିବାର ଆଶଙ୍କା ଥିଲା। ତେଣୁ ଉଭୟେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ପରଲୋକ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)/ ଭଦ୍ରକ ଅଫିସ/ ଧାମନଗର(ଡି.ଏନ୍.ଏ.)**

ବିରୋଧୀ ଦଳ ଉପନେତା ତଥା ଧାମନଗର ଭାଜପା ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ସୋମବାର ସକାଳ ୭ଟା ୪୫ରେ ପରଲୋକ ହୋଇଛି। ତାଙ୍କୁ ୬୧ ବର୍ଷ ହୋଇଥିଲା। ବିଷ୍ଣୁ ପ୍ରାୟ ବର୍ଷେ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କର ନିୟମିତ ଡାଏଲିସିସ୍ ଚାଲିଥିଲା। କିଛିଦିନ ତଳେ ମଧୁମେହ ଓ ରକ୍ତଚାପଜନିତ ରୋଗରେ ଅସୁସ୍ଥ ହେବାରୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଅଗଷ୍ଟ ୨୮ରେ ପୁଣି ଅସୁସ୍ଥ ହେବାରୁ ତାଙ୍କୁ ପୁଣି ଏମ୍ସରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ଏ ନେଇ ଏମ୍ସର ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଭାସ ରଞ୍ଜନ ତ୍ରିପାଠୀ ସୂଚନା ଦେଇଥିଲେ। ବିଷ୍ଣୁଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ଅଛନ୍ତି। ବିଧାୟକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଧାମନଗରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ରାଜନୈତିକ ଦଳର ବିଧାୟକ ଓ ନେତାମାନେ ଏମ୍ସ ଯାଇ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ବିଷ୍ଣୁଙ୍କ ଅକାଳ ବିୟୋଗରେ ☞ପୃଷ୍ଠା-୨



ବିଷ୍ଣୁ ଚରଣ ସେଠୀ

## ଆଖିବୁଜିଲେ ଗଣବଳାତ୍କାର ପୀଡ଼ିତା

**ଲକ୍ଷ୍ନୌ,୧୯।୯:** ଉତ୍ତରପ୍ରଦେଶର ପିଲିଭିଟ୍ ଜିଲା ଅନ୍ତର୍ଗତ କୁନ୍ଦ୍ୱାରପୁର ଗ୍ରାମରେ ଗତ ୭ ତାରିଖ ଦିନ ଜଣେ ୧୬ ବର୍ଷୀୟା ଦଳିତ ନାବାଳିକାଙ୍କୁ ଗଣବଳାତ୍କାର ପରେ ନିଆଁ ଲଗାଇ ଦିଆଯାଇଥିଲା। ଗୁରୁତର ଅବସ୍ଥାରେ ୧୨ ଦିନ ହେବ ଲକ୍ଷ୍ନୌର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୀଡ଼ିତା ସୋମବାର ଆଖି ବୁଜିଛନ୍ତି। ୨ ଅଭିଯୁକ୍ତ ରାଜବୀର (୧୯) ଏବଂ ତାରାଚାନ୍ଦ ଓରଫ ତରୁଣ କୁମାର (୨୫)ଙ୍କୁ ଗିରଫ କରାଯିବା ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ବିରୋଧରେ ଆଇପିସି ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ନାବାଳିକାଙ୍କ ମୃତଦେହକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

## ବାପ ଘରକୁ ଛାଡ଼ିଲେନି ସ୍ୱାମୀ ଦେହରେ ନିଆଁ ଲଗାଇ ସ୍ତ୍ରୀଙ୍କ ମୃତ୍ୟୁ

**କପ୍ତିପଦା,୧୯।୯(ଡି.ଏନ.ଏ):** ବାପ ଘରକୁ ଯିବା ପାଇଁ ସ୍ୱାମୀ ନ ଛାଡ଼ିବାରୁ ରାଗିଯାଇ ଜଣେ ମହିଳା ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ତେନ୍ତୁଳିବାଡ଼ି ଗ୍ରାମରେ ରବିବାର ରାତିରେ ଏହି ଘଟଣା ଘଟିଛି। ମୃତ ମହିଳା ଜଣକ ହେଲେ ମୁନା ସିଂଙ୍କ ସ୍ତ୍ରୀ ଚନ୍ଦ୍ରମଣୀ। ବାପ ଘରକୁ ଯିବା ପାଇଁ ଚନ୍ଦ୍ରମଣୀ କହୁଥିବା ବେଳେ ପାଖରେ ଟଙ୍କା ନ ଥିବାରୁ ସ୍ୱାମୀ ମୁନା ବାରଣ କରିଥିଲେ। ଏଥିରେ ରାଗିଯାଇ ଚନ୍ଦ୍ରମଣୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଘର ଭିତରୁ ଧୂଆଁ ବାହାରିବା ଓ ଚନ୍ଦ୍ରମଣୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ସେ ୭୦ ପ୍ରତିଶତ ପୋଡ଼ି ଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୪/୨୨) ରୁଜୁ ହୋଇଛି।

# କ୍ଲାସ୍ ସରିବା ପରେ କଲେଜରେ ରହିପାରିବେନି ପିଲା

### ଶୈକ୍ଷିକ ବାତାବରଣ ପାଇଁ ଗଣଶିକ୍ଷା ବିଭାଗର ପ୍ରୟାସ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

- **ଦୈନିକ ଉପସ୍ଥାନ ନିଆଯିବ**
- **ଗଠନ ହେବ ସ୍ୱତନ୍ତ୍ର ସୁରକ୍ଷା କମିଟି**
- **ନିୟମ ନ ମାନିଲେ ହେବ କାର୍ଯ୍ୟାନୁଷ୍ଠାନ**
- **ତିନିମାସରେ ଥରେ ବସିବ ଅଭିଭାବକ ବୈଠକ**

କଲେଜ କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ସୃଷ୍ଟି ଲାଗି କେତେକ ନୂଆ ପଦକ୍ଷେପ ନେଇଛି ଗଣଶିକ୍ଷା ବିଭାଗ। କ୍ଲାସ ସରିବା ପରେ ଆଉ କ୍ୟାମ୍ପସରେ ରହିପାରିବେନି ଛାତ୍ରୀଛାତ୍ର। ପୂର୍ବଭଳି ଆଉ କ୍ଲାସ୍ ପରବର୍ତ୍ତୀ ଖଟିଜମିବ ନାହିଁ। ଶେଷ କ୍ଲାସ ଘଣ୍ଟା ବାଜିବାର ସର୍ବାଧିକ ଅଧଘଣ୍ଟା ଭିତରେ ପିଲାଙ୍କୁ କ୍ୟାମ୍ପସ ଛାଡ଼ିବାକୁ ପଡ଼ିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। କରୋନା ସ୍ଥିତି ସୁଧୁରିଥିବାରୁ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ, ସୁରକ୍ଷା ଓ ଶୈକ୍ଷିକ ବାତାବରଣ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ବୈଠକରେ ଏନେଇ ଆଲୋଚନା କରାଯିବା ସହ ଆଉ କେତେକ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ☞ପୃଷ୍ଠା-୨

# ବିମାନରେ କାଚ ଭାଙ୍ଗିଲେ, ତଳେ ଗଡ଼ିଲେ

**ଇସ୍‌ଲାମାବାଦ୍,୧୯।୯**

### ପାକ୍ ଯୁବକଙ୍କ ଉନ୍ମତ୍ତକାଣ୍ଡ



ପାକିସ୍ତାନରୁ ଦୁବାଇ ଯାଉଥିବା ବିମାନରେ ଜଣେ ଯାତ୍ରୀ ବାଟକାମି କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ମଝି ଆକାଶରେ ବିମାନରୁ ଓହ୍ଲାଇବା ପାଇଁ ଜିଦ୍ କରିଥିଲେ ସମ୍ପୃକ୍ତ ଯୁବକ। ଯେତେ ବୁଝାସୁଝା କଲେ ସୁଦ୍ଧା ସେ କାହା କଥା ଶୁଣି ନ ଥିଲେ। ଯୁବକଙ୍କ ଏ ପ୍ରକାର ଅସ୍ୱାଭାବିକ ବ୍ୟବହାର ପାଇଁ ପାକିସ୍ତାନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ (ପିଆଇଏ) ଯୁବକଙ୍କୁ କଳା ତାଲିକାଭୁକ୍ତ କରିଦେଇଛି।

ପ୍ଲେନ୍‌ଟି ପେଶାୱରରୁ ଦୁବାଇ ଅଭିମୁଖେ ଯାଉଥିଲା। ଉଡ଼ାଣ ଭରିବା କିଛି ସମୟ ମଧ୍ୟରେ ହଠାତ୍ ଯୁବକ ଜଣକ ବିମାନରୁ ଓହ୍ଲାଇବାକୁ କହିଥିଲେ। ଖାଲି ସେତିକି ନୁହେଁ ନିଜ ସିଟ୍‌ରୁ ଉଠି ପାଖରେ ବସିଥିବା ଯାତ୍ରୀଙ୍କୁ ହଟାଇ ବିମାନ ଫ୍ଲୋର୍‌ରେ ଗଡ଼ିପଡ଼ିଥିଲେ। ଯୁବକଙ୍କ ଏ ପ୍ରକାର ବ୍ୟବହାରରେ ଅନ୍ୟ ଯାତ୍ରୀ ବିବ୍ରତ ହୋଇ ଏହାର ସୂଚନା ପ୍ଲେନ୍ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। କ୍ରିଉ ମେମ୍ବର ସେଠାରେ ପହଞ୍ଚି ଯୁବକଙ୍କୁ ଯେତେ ବୁଝାସୁଝା କରିଥିଲେ ହେଁ ସେ ବୁଝି ନ ଥିଲେ। ବିମାନ ଝରକାକୁ ଗୋଇଠା ମାରି ତା’ ସଟର ଭାଙ୍ଗିବା ସହ ସିଟ୍‌କୁ ମଧ୍ୟ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ତା’ ପରେ ସମ୍ପୃକ୍ତ ଯୁବକ ଜୋର୍ ପାଟିରେ ଆଜାନ୍ (ସାମୁହିକ ପ୍ରାର୍ଥନା) ପାଠ କରିଥିଲେ। ଅନ୍ୟ ଯାତ୍ରୀଙ୍କୁ ଅସୁବିଧା ହେବା ନେଇ ଯୁବକଙ୍କୁ କ୍ରିଉ ମେମ୍ବର ଏଭଳି ବ୍ୟବହାର ନ କରିବା ପାଇଁ କହିଥିଲେ ହେଁ ସେ କ୍ରିଉ ମେମ୍ବରଙ୍କ ଉପରକୁ ପାଲଟା ଆକ୍ରମଣ କରିଥିଲେ। ପରିଶେଷରେ ଅତିଷ୍ଠ ହୋଇ ବିମାନ କର୍ମଚାରୀ ଏଭିଏସନ୍ ଆଇନ ବଳରେ ଯୁବକଙ୍କୁ ତାଙ୍କ ସିଟ୍‌ରେ ବଳପୂର୍ବକ ବାନ୍ଧି ଦେଇଥିଲେ। ବିମାନଟି ଦୁବାଇରେ ଲ୍ୟାଣ୍ଡ୍ କରିବା ପରେ କର୍ତ୍ତୃପକ୍ଷ ତାଙ୍କୁ କାବୁ କରିନେଲେ। ପିଆଇଏ ସମ୍ପୃକ୍ତ ଯୁବକଙ୍କୁ କଳା ତାଲିକା ଭୁକ୍ତ କରିବା ସହ ତାଙ୍କୁ ପୁଣି ପାକିସ୍ତାନ ପଠାଇ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୧ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

**ନୂଆଦିଲ୍ଲୀ,୧୯।୯:** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗାମୀ ୨ ଦିନରେ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିବାକୁ ଯାଉଛି। ଏନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ମୌସୁମୀ ଫେରିଯିବା ନେଇ ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହା ଉତ୍ତରପଶ୍ଚିମ ଭାରତ ଏବଂ କଚ୍ଛ ଅଞ୍ଚଳରୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ଚଳିତ ବର୍ଷ ହାରାହାରିଠାରୁ ୭ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଛି। ତେବେ ଉତ୍ତରପ୍ରଦେଶ, ବିହାର ସମେତ ୮ ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଖରିଫ ଉତ୍ପାଦନ ହ୍ରାସ ପାଇବ ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୮୭୨.୭ ମି.ମି. ବର୍ଷା ହୋଇଛି, ଯାହାକି ହାରାହାରିଠାରୁ ୭ ପ୍ରତିଶତ ଅଧିକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂବ ଦୁଆରୀ ପନାସୀ ଟାଟି**
**ସୂର୍ଯ୍ୟ ଚନ୍ଦ୍ରଙ୍କ ଘର**
**ଖୁଦ ଦେବତା ଡାକୁ ଅଛନ୍ତି**
**ମଣିମା ବିଜେ କର।**

ଅଭାବ ଅନଟନରେ ରହିଥିବା ବ୍ୟକ୍ତି ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରିଥାନ୍ତି। ରହିବାକୁ ସେମାନଙ୍କ ପାଖରେ ଭଲ ଘର ଖଣ୍ଡିଏ ନ ଥାଏ କି ଖାଇବାକୁ ମୁଠେ ଦାନା ନ ଥାଏ। ଭଙ୍ଗା ଦଦରା ଘରେ ଭୋକ ଉପାସରେ ପଡ଼ି ରହିଥିବା ଦରିଦ୍ର ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦହି ସୁନ୍ଦର ଚୁଡ଼ାକୁ**
**ଫୁଲ ସୁନ୍ଦର ଜୁଡ଼ାକୁ।**

ଚୁଡା ସାଙ୍ଗରେ ଦହିର ମିଶ୍ରଣ ପାଟିକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ। ସେହିପରି ରମଣୀଙ୍କ ଜୁଡ଼ାରେ ଖୋସାଯାଉଥିବା ଫୁଲ ଆଖିକୁ ଖୁବ୍ ସୁନ୍ଦର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବଜ୍ରପାତରେ ଯୁବକ ମୃତ

**କଣ୍ଟାବାଞ୍ଜି,୧୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ କାଦୋବେଢା ଗାଁର ଜଣେ ଯୁବକଙ୍କର ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ପତି ଝାଙ୍କର(୩୫)। ପତି ନିଜ ଚାଷଜମିକୁ ଯାଇଥିବା ବେଳେ ଭୀଷଣ ବର୍ଷା ସହ ବଜ୍ରପାତ ହୋଇଥିଲା। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଚାଷଜମିକୁ ଖୋଜିବାକୁ ଯାଇଥିଲେ। ଜମିରୁ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରେକେଲା ଡାକ୍ତରଖାନା ଅଣା ଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୁଧାଦିତ୍ୟ ଯୋଗ ପ୍ରଭାବରୁ ଅଟକି ରହିଥିବା କାମ ପୁରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ପରିଜନ ସହ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ସାମାଜିକ ସ୍ତରରେ ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ସାହାଯ୍ୟ ଲାଭକରି ଆର୍ଥିକ ସମସ୍ୟା ସୁଧାରିନେବେ।

**ବୃଷ**
ସମୟ ଓ ପରିସ୍ଥିତିବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବ। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯିବ। ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ**
ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କାମଗୁଡ଼ିକ ନ ହୋଇପାରିବା କାରଣରୁ ବ୍ୟସ୍ତ ହେବେ। ଚନ୍ଦ୍ର ରାଶିରେ ରହିଥିବାରୁ ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି ଅବଶ୍ୟ ଘଟିବ। ହଠାତ୍ କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**କର୍କଟ**
ବୁଧ କ୍ଷେତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଅନ୍ୟମନସ୍କ ରହି ବିଭିନ୍ନ ସମସ୍ୟାକୁ ଡାକି ଆଣିପାରନ୍ତି। ଅବଶ୍ୟ ପଡ଼ୋଶୀଙ୍କ ସହାୟତାରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଘରର ବରାଦ ଜିନିଷ ଭୁଲ୍‌ବଶତଃ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିବ।

**ସିଂହ**
କୌଣସି ନୂତନ ଯୋଜନା କରି ସଫଳ ହେବେ। ବନ୍ଧୁଙ୍କ ସହ ଆଲୋଚନା, ଖେଳ, ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇପାରେ। ତୃତୀୟସ୍ଥ କେତୁ ହେତୁ ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ।

**କନ୍ୟା**
ଅନ୍ୟ ଦ୍ୱାରା ପରିଚାଳିତ ହୋଇ ସ୍ଥଗିତ କାମ କରିଚାଲିବେ, କିନ୍ତୁ ନିଜ ଇଚ୍ଛାରେ ନୁହେଁ। କେତେକ କ୍ଷେତ୍ରରେ ଅନ୍ୟ ଉପରେ ନିର୍ଭରଶୀଳ ହୋଇପାରନ୍ତି। ଆଜି ଏକ ଭିନ୍ନ ପରିସ୍ଥିତିରେ ବାନ୍ଧବୀଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ହସ୍ତା ନକ୍ଷତ୍ର ସକାଶେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ଯୋଗ ରହିଛି।

**ତୁଳା**
ରାଶିରେ କବନ୍ଧଗ୍ରହ ଥିବାରୁ ମନରେ ବିଭିନ୍ନ ପ୍ରକାର ଚିନ୍ତା ଉଙ୍କି ମାରିବ, କିନ୍ତୁ କିଛିବି ହୋଇପାରିବ ନାହିଁ। କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ବିଛା**
ରାଶ୍ୟାଧିପ ରାଶିକୁ ଦେଖୁଥିବାରୁ କୌଣସି କାମରେ ବ୍ୟସ୍ତତା ବଢ଼ିଯାଇପାରେ, କିନ୍ତୁ କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ଧନୁ**
ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମୂଳା ନକ୍ଷତ୍ର ସକାଶେ ଆଜି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି।

**ମକର**
ସ୍ୱଗୃହୀ ଶନି ହେତୁ ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ ଏବଂ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିବେ। ଶିଳ୍ପ,ବାଣିଜ୍ୟ. ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବ।

**କୁମ୍ଭ**
ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣକରି ଅନୁତାପ କରିବେ। ଶତଭିଷା ନକ୍ଷତ୍ରର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଗତକାଲିର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଆକସ୍ମିକ ଭାବରେ ଧାରକରଜ କରିବାକୁ ପଡ଼ିପାରେ।

**ମୀନ**
କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। ଉତ୍ତରଭାଦ୍ରପଦ ନକ୍ଷତ୍ର ପ୍ରକୃତ ଘଟଣାକୁ ନ ବୁଝି କାମ କଲେ ଅସୁବିଧାରେ ପଡ଼ିବେ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଆଜିର ତରବରିଆ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।


# classifieds

**Everyday**
**0674-2580101, 2549302**

### real estate

## SALE

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

C.V. Raman College ପାଖରେ 6000sqft. plot, 3000sqft. ଘରବାରି plot ବିକ୍ରିହେବ। Contact: 8260064453. D-70292

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1539

Residential plot for sale near Infosys-2 at Janla, Bhubaneswar, Infosys Office side plot, free Boundary Wall, Electric Pool available, Price1220 per sqft. 9178768651. D-1559

**Readymade 2/3 BHK flat sale at Acharyavihar. Contact: 7978209277.** D-1537

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**ଏବେ ପ୍ଲଟ୍ କିଣିବାଠାରୁ ଅଧିକ ସହଜ କିଛି ଆଉ ନାହିଁ। ଏକ ଲକ୍ଷ ଟଙ୍କାରେ 936/ ଟଙ୍କା ମାସକୁ 15 ବର୍ଷ ପାଇଁ 7.65% ହାରରେ, ଦୁଇ NH ମଝିରେ DP 40% ସବୁମିଶି, sqft.- 850/-. 9040045759.** D-74118

### construction

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297

### healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73969

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly open full body massage ladies and gents. 8327740003, 8093860513. D-73968

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73972

Hearbal full body relax massage by trend ledy therapist. 6371676208. D-73644

**One hour any therapy by expert therapist @999 only. 9078484455.** D-73645

Newly opened full body massage center by expert therapist. 7381172169. D-73643

### business

**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640

## LOST

I Sanjay Kumar Nanda, S/o-Late Sachidananda Nanda, R/o - Mission Road, Sundargarh declare that the original Registered deed of the landed property having Khatiyan No. 78/91 and plot No. 11/1347, 12, 13 and 15, Area 2.31 Acre has been lost on dt. 15.09.2022. I searched everywhere but could not found the same. D-1569

## AFFIDAVIT

I Debika Mohapatra, D/o- Nityananda Mohapatra have changed my name from DEBAKI MOHAPATRA to DEBIKA MOHAPATRA by virtue of an affidavit vide No.- 2103, dtd. 27.04.2021 sworn before the Court of Executive Magistrate, Balasore. Henceforth I shall be known as DEBIKA MOHAPATRA for all purposes. D-1567

I Mediboina Kurma Rao, S/o Late Guravaji, Katiki Street, Kashinagar, Gajapati, Odisha, PIN:761206. As per affidavit my name is wrongly recorded as Mediboyena Kurma Rao but my name is Mediboina Kurma Rao. D-1566

Bishnu Patra @Kalandi Patra aged about 41Years, S/o- Kasinath Patra, Vill-Dhaudiapada, P.O.- Chandia, PS.- Balichandrapur, Dist.- Jajpur do hereby solemnly affirm that I have an LIC policy bearing Policy No.- 586116006 where my name is Kalandi Patra. That in my name is mentioned as Bishnu Patra as per Aadhaar card. That I the deponent further declare that Bishnu Patra and Kalandi Patra S/o Kasinath Patra is same and one person. D-1565

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିପର୍ଯ୍ୟୟ ଭୟ: ଉପକୂଳ ପାଇଁ ୫ ବର୍ଷିଆ ଯୋଜନା

## ଆଇସିଜେଡ୍‌ଏମ୍‌ଏସ୍ ପାଇଁ ୨୬୧.୫୦ କୋଟି ବ୍ୟୟବରାଦ

- ଉଚ୍ଚସ୍ତରୀୟ କମିଟିର ଅନୁମୋଦନ
- ୪ ଜିଲାର ୩୧୯ ପଞ୍ଚାୟତ ସାମିଲ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ରାଜ୍ୟକୁ ସବୁ ସମୟରେ ପ୍ରାକୃତିକ ବିପତ୍ତିର ଭୟ ରହିଛି। ଅନେକ ସମୟରେ ବାତ୍ୟା, ବନ୍ୟା, ବଜ୍ରପାତ, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଉଛି। ଲୋକମାନଙ୍କୁ ଏପରି ବିପର୍ଯ୍ୟୟ ସମୟରେ ବଞ୍ଚାଇବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସୁନାମି ଆଉ ଏକ ବିପତ୍ତି ଭାବେ ଉଭା ହେଲାଣି। ସୁନାମି ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ସମୁଦ୍ରକୂଳିଆ ଲୋକମାନଙ୍କ ପାଇଁ ଏକ ବିଷମ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ବିଶେଷକରି ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କଟକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଆଦି ଜିଲା ଅତିଶୟ ବିପର୍ଯ୍ୟୟପ୍ରବଣ ଭାବେ ଚିହ୍ନଟ କରାଯାଇଛି। ବିପର୍ଯ୍ୟୟରୁ କିପରି ଉପକୂଳବର୍ତ୍ତୀ ଲୋକମାନଙ୍କୁ ରକ୍ଷା କରାଯାଇପାରିବ ଏବଂ ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ ରଖାଯାଇପାରିବ ସେନେଇ ରାଜ୍ୟ ସରକାର ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ଜୋନ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଆଇସିଜେଡ୍‌ଏମ୍‌ଏସ୍) କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ଯୋଜନା ଆସନ୍ତା ୫ ବର୍ଷ ଲାଗି କାର୍ଯ୍ୟକାରୀ ହେବ। ଏଥିପାଇଁ ୨୬୧.୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାକୁ ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱିତ ଉପକୂଳ ପରିଚାଳନା ସମିତି ଷ୍ଟିୟରିଂ କମିଟି ବୈଠକରେ ଅନୁମୋଦନ କରାଯାଇଛି।

ବୈଠକରେ ଯୋଗଦେଇ ସୋସାଇଟିର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ କହିଛନ୍ତି, ଏହି ଯୋଜନା ଚଳିତ ବର୍ଷରୁ ଆରମ୍ଭ ହୋଇ ୨୦୨୬-୨୭ରେ ଶେଷ ହେବ। ଏଥିରେ ମୁଖ୍ୟତଃ ବାଲେଶ୍ୱର ଜିଲାର ତଳସାରୀ, କେନ୍ଦ୍ରାପଡ଼ାର ଭିତରକନିକା, ଗଞ୍ଜାମର ବାହୁଡ଼ା ଓ ଚିଲିକା ଏବଂ ପୁରୀ ଜିଲାର ଦେବୀ ମୁହାଣ ଓ ଚିଲିକା ଆଦି ଅଞ୍ଚଳ ସାମିଲ କରାଯିବ। ୩୧୯ ଗ୍ରାମପଞ୍ଚାୟତ ଏବଂ ୫ ବନଖଣ୍ଡ ଅନ୍ତର୍ଗତ ପ୍ରାୟ ୩,୭୫,୩୨୧ ହେକ୍ଟର ଉପକୂଳ ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସକାଶେ ପ୍ରସ୍ତୁତ କରାଯିବ। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ସହନଶୀଳ କୃଷି ଏବଂ ନୂଆ ଜୀବିକା ପନ୍ଥା ସୃଷ୍ଟିକରି ଲୋକଙ୍କୁ ବାତ୍ୟା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ଲାଗି ପ୍ରସ୍ତୁତ କରାଯିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ନୂତନ ଯୋଜନା ଆରମ୍ଭ କରାଯାଇଛି। ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କାର୍ଯ୍ୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଉପକୂଳ ଅଞ୍ଚଳରେ ଜୈବବିବିଧତା ବଜାୟ ରଖିବା ସହ ବିପର୍ଯ୍ୟୟ ସହନଶୀଳ ଜୀବିକା ନିର୍ବାହ ପନ୍ଥାଗୁଡିକ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ଲକ୍ଷ୍ୟଭିତ୍ତିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଗ୍ରାମ୍ୟ ଗୋଷ୍ଠୀ ସହ ସିଧାସଳଖ ଆଲୋଚନା କରି ଲୋକଙ୍କ ଆବଶ୍ୟକତା ଓ ସମ୍ପୃକ୍ତ ଅଞ୍ଚଳର ନିରନ୍ତର ଜୀବିକା ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଗାତର ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଗ୍ରାମଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଏଥିରେ ସାମିଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଉପକୂଳ ଅଞ୍ଚଳଗୁଡ଼ିକରେ ମଙ୍ଗଳାଯୋଡ଼ି ଓ ଭିତରକନିକା ଭଳି ଇକୋ ପର୍ଯ୍ୟଟନ ସ୍ଥଳକୁ ଚିହ୍ନଟ କରି ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ସେଗୁଡ଼ିକର ବିକାଶ କରିବା ପାଇଁ ଜଙ୍ଗଲ ଓ ପରିବେଶ ଏବଂ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଉପକୂଳ ଅଞ୍ଚଳରେ ହେନ୍ତାଳ ବଣର ଘନତା ଏବଂ ସମୁଦ୍ର ଘାସ ଆଦି ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହା ବାତ୍ୟା ଓ ସୁନାମି ପ୍ରଭାବକୁ ପ୍ରତିହତ କରିବାରେ ସହାୟକ ହୋଇପାରିବ।

## ପୁଣି ନକଲି ଔଷଧ...

ପ୍ରଥମ ପୃଷ୍ଠାରୁ...

ପକ୍ଷରୁ ସମ୍ପୃକ୍ତ ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ଫେରାର ଥିବା ଅଭିଯୁକ୍ତ ସଞ୍ଜୟ ଓ ରାହୁଲ ୧୨ତାରିଖରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ସେମାନଙ୍କ ଜାମିନ ନାମଞ୍ଜୁର କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ପରେ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ୨ଦିନିଆ ରିମାଣ୍ଡରେ ଆଣି ଖୋଳତାଡ଼ କରିଥିଲା। ଏହି ତଦନ୍ତ ସମୟରେ ପୋଲିସକୁ ସୂଚନା ମିଳିଥିଲା ଯେ, ମହତାବ ରୋଡ୍‌ସ୍ଥିତ ଏକ ଟ୍ରାନ୍ସପୋର୍ଟ ସଂସ୍ଥାରେ ନକଲି ମେଡିସିନ ଗଚ୍ଛିତ ରହିଛି। ଉକ୍ତ ମେଡିସିନ୍ ଭି.ଆର୍. ଡ୍ରଗ୍ସ ଏଜେନ୍ସି ଦ୍ୱାରା କୋଲକାତାରୁ କ୍ରୟ କରି ଅଣାଯାଇଛି। ଏହାପରେ ପୋଲିସ ସମ୍ପୃକ୍ତ ଟ୍ରାନ୍ସପୋର୍ଟ ସଂସ୍ଥା ଉପରେ ଚଢ଼ାଉ କରିବାକୁ ଯୋଜନା କରିଥିଲା। ଏଥିପାଇଁ କଟକ ସର୍କଲ-୧ର ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ଉକ୍ତ ଚଢ଼ାଉରେ ସାମିଲ ହୋଇ ମେଡିସିନ ପରୀକ୍ଷା କରିବାକୁ ଚିଠି ଲେଖାଯାଇଥିଲା। ଯୋଜନାନୁସାରେ ସୋମବାର ଉକ୍ତ ଟ୍ରାନ୍ସପୋର୍ଟ ଏଜେନ୍ସିରେ ଚଢ଼ାଉ କରାଯାଇ ଟେଲ୍‌ମା-୪୦ ମେଡିସିନ ଜବତ କରାଯାଇଛି। ଉକ୍ତ ମେଡିସିନ୍‌କୁ ଡ୍ରଗ୍ସ କଣ୍ଟ୍ରୋଲର ଟିମ୍ ପରୀକ୍ଷା କରିବା ପରେ ସେଗୁଡ଼ିକ ନକଲି ବୋଲି ସ୍ପଷ୍ଟ ହୋଇଛି। ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଡିଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ନକଲି ଔଷଧ କାରବାର ନେଇ ପୁରୀଘାଟ ଥାନାରେ ଭି.ଆର୍. ଡ୍ରଗ୍ସ ଏଜେନ୍ସି ନାମରେ ୨୨୧/୨୨ ଓ ପୂଜା ଏଣ୍ଟରପ୍ରାଇଜେସ୍ ନାମରେ ୨୨୨/୨୨ରେ ମାମଲା ରୁଜୁ ହୋଇଥିଲା। ଉଭୟ ମାମଲାରେ ମୋଟ ୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। କାରବାର ସହ ସିଧାସଳଖ ସମ୍ପୃକ୍ତ ଥିବା ସଞ୍ଜୟ ଓ ରାହୁଲଙ୍କୁ ପୋଲିସ ଗିରଫ କରିଥିବା ବେଳେ ବ୍ୟବସାୟର ମାଲିକାନା ଥିବା ଦୁଇ ମହିଳାଙ୍କୁ ପୋଲିସ ତଦନ୍ତ ପରିସରକୁ ଏଯାଏ ଆଣିପାରିନାହିଁ। ତେବେ ଆଗାମୀ ଦିନରେ ପୋଲିସର ପଦକ୍ଷେପ ଓ ତଦନ୍ତର ଗତି କେଉଁଆଡ଼କୁ ଯିବ ତାହା ଉପରେ ସମସ୍ତଙ୍କର ନଜର ରହିଛି।

## ବିରୋଧୀ ଦଳ ଉପନେତା...

ଗଭୀର ଶୋକ ପ୍ରକାଶ କରିଛନ୍ତି। ବିଷ୍ଣୁଙ୍କ ମରଶରୀରକୁ ଏମ୍ସରୁ ବିଧାନସଭା ନିଆଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ, ମନ୍ତ୍ରିମଣ୍ଡଳ ସଦସ୍ୟ, ବିଧାନସଭା ସଚିବ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେଠାରୁ ତାଙ୍କ ମରଶରୀରକୁ ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କ ମରଶରୀର ଉପରେ ଭାଜପା ପତାକା ଘୋଡ଼ାଇ ଦିଆଯିବା ସହ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ଦଳର ବରିଷ୍ଠ ନେତା ଓ କର୍ମୀମାନେ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେଠାରୁ ତାଙ୍କ ମରଶରୀରକୁ ନିଜ ନିର୍ବାଚନମଣ୍ଡଳୀକୁ ନିଆଯାଇ ପୈତୃକ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ବିଷ୍ଣୁ ୧୯୬୧ରେ ଜନ୍ମଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଇଂଲିଶ ଓ ରାଜନୀତି ବିଜ୍ଞାନରେ ପିଜି କରିଥିଲେ। ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଚାକିରିରେ ଯୋଗ ନ ଦେଇ ସେ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। ରାଜନୈତିକ ଜୀବନ ପୂର୍ବରୁ ଆରଏସ୍‌ଏସ୍‌ରେ ସକ୍ରିୟ ସଦସ୍ୟ ଥିବା ବିଷ୍ଣୁ ପରବର୍ତ୍ତୀ ସମୟରେ ଭାଜପା ଯୁବମୋର୍ଚ୍ଚାରେ ସାମିଲ ହୋଇଥିଲେ। ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ସେ ସରକାରଙ୍କୁ ଗଠନମୂଳକ ସମାଲୋଚନା କରୁଥିଲେ। ତାଙ୍କ ଉପସ୍ଥାପନାଶୈଳୀ ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଥିଲା।

୨୦୦୦ରେ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଭାବେ ବିଷ୍ଣୁ ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ କାଜୁ ନିଗମର ଅଧ୍ୟକ୍ଷ ପଦରେ ରହିଥିଲେ। ୨୦୧୪ରେ ଭାଜପାର ରାଜ୍ୟ ଉପସଭାପତି ହୋଇଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ଧାମନଗର ବିଧାୟକ ଭାବେ ନିର୍ବାଚିତ ହେବା ପରେ ତାଙ୍କୁ ବିରୋଧୀ ଦଳ ଉପନେତା ପଦବୀ ଦିଆଯାଇଥିଲା। ସେ ଜଣେ ଭଲ ରାଜନୀତିଜ୍ଞ ସହ ବକ୍ତା, ବିଶିଷ୍ଟ ସାହିତ୍ୟିକ ଓ କବି ଥିଲେ। ଘାସଫୁଲ ସାହିତ୍ୟ ପତ୍ରିକାର ସମ୍ପାଦକ ଭାବେ ସାରା ଓଡ଼ିଶାରେ ସେ ପରିଚିତ। 'ନିରାମୟ ଆକାଶ ତଳେ' ଓ 'ନିଃସ୍ୱ ମାଟିର ସ୍ୱର' ନାମକ ୨ କାବ୍ୟ ପୁସ୍ତକର ମଧ୍ୟ ସେ ରଚୟିତା।

## କ୍ଲାସ ସରିବା ପରେ...

ଘରୋଇ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି କରାଯିବ ବୋଲି ସୂଚନା ଦିଆଯାଇଛି। ଉକ୍ତ ନିଷ୍ପତ୍ତି ଅନୁସାରେ, ଛାତ୍ରୀଛାତ୍ରମାନେ ଦୈନିକ ଶ୍ରେଣୀ ପାଠପଢ଼ା ବ୍ୟତୀତ ପାଠାଗାର ପାଇଁ କେତେ ସମୟ ଦେବେ ତାହା କଲେଜ ଅଧ୍ୟକ୍ଷ ନିଷ୍ପତ୍ତି ନେବେ। ତେଣୁ ପାଠାଗାର ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ହେବ। ସେହି ସମୟ ମଧ୍ୟରେ ଛାତ୍ରୀଛାତ୍ରମାନେ ପାଠାଗାରରେ ପଢ଼ିବା ସହ ଆବଶ୍ୟକ ପୁସ୍ତକ ନେଇପାରିବେ। ଏହା ବ୍ୟତୀତ ଦୈନିକ କ୍ଲାସ ଆରମ୍ଭ ହେବାର ଏକ ଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ରମାନେ କଲେଜ ଆସିବେ। ଅଧିକ ସମୟ ପୂର୍ବରୁ କଲେଜ ଆସିଲେ ବି କାର୍ଯ୍ୟାନୁଷ୍ଠାନ ହେବ। ପ୍ରାକ୍ଟିକାଲ ସରିବା ପରେ ଥିଓରି କ୍ଲାସ୍ ହେବ। ପୂର୍ବରୁ ପ୍ରଥମେ ଥିଓରି ଓ ପରେ ପ୍ରାକ୍ଟିକାଲ ହେଉଥିଲା। କିଛି ଛାତ୍ରୀଛାତ୍ର ପ୍ରାକ୍ଟିକାଲ ହେଉଥିବାର ମିଛ କହି କଲେଜରେ ଅଧିକ ସମୟ ରହି ଖଟି କରୁଥିଲେ ଓ ଘରକୁ ବିଳମ୍ବରେ ଯାଉଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ସୁରକ୍ଷାଜନିତ ବହୁ ସମସ୍ୟା ସୃଷ୍ଟି ହେବା ସହ କ୍ୟାମ୍ପସ ପରିବେଶ ନଷ୍ଟ ହେଉଥିଲା। ସେହିଭଳି ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପାଇଁ ଗିର୍ଟନ ଆଟେଣ୍ଡାନ୍ସ ବ୍ୟବସ୍ଥା ଲାଗୁ ହେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏଥିରେ ଏଣିକି କଲେଜରେ ଦୈନିକ ଶେଷ କ୍ଲାସ୍‌ରେ ପିଲାଙ୍କର ଉପସ୍ଥାନ ନିଆଯିବ। କେଉଁଦିନ କେତେବେଳେ କ୍ଲାସ ଶେଷ ହେଲା ତାହାର ତାରିଖ ଓ ସମୟ ସମ୍ପୃକ୍ତ ଆଟେଣ୍ଡାନ୍ସରେ ଉଲ୍ଲେଖ ରହିବ। ଏହାବ୍ୟତୀତ ପ୍ରତି ମାସରେ କେତେଦିନ କ୍ଲାସ ହୋଇଛି ଏବଂ କେତେବେଳେ କ୍ଲାସ ଶେଷ ହୋଇଛି, ତାହାର ସୂଚନା ସେହି ମାସରେ ଅଭିଭାବକଙ୍କୁ ମୋବାଇଲରେ ଦିଆଯିବ। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଲେଜରେ ଏକ ସ୍ୱତନ୍ତ୍ର ସୁରକ୍ଷା କମିଟି ଗଠନ ହେବ। ସେଥିରେ କଲେଜ ଅଧ୍ୟକ୍ଷ ମୁଖ୍ୟ ରହିବେ। ଏହାବ୍ୟତୀତ ଯୁକ୍ତ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ୩ଜଣ ସୁପରିଣ୍ଟେଣ୍ଡେଣ୍ଟ ରହିବେ। କଲେଜ ଛୁଟି ହେବା ପରେ ଯଦି କୌଣସି ଛାତ୍ରୀଛାତ୍ର ବିଳମ୍ବିତ ସମୟ ପର୍ଯ୍ୟନ୍ତ କ୍ୟାମ୍ପସରେ ରହିବେ, ତେବେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ କାରଣ ଦର୍ଶାଅ ନୋଟିସ ଜାରି କରିବେ। ଛାତ୍ରୀଛାତ୍ରମାନେ ଯେଉଁ ରିପୋର୍ଟ ଦାଖଲ କରିବେ, ସେଥିରେ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଦସ୍ତଖତ ରହିବ। ପ୍ରତି ୩ ମାସରେ କଲେଜରେ ଅଭିଭାବକ ବୈଠକ ଅନୁଷ୍ଠିତ ହେବ। ଉପରୋକ୍ତ ନିୟମକୁ କୌଣସି ଛାତ୍ରୀଛାତ୍ର ବାରମ୍ବାର ଅବମାନନା କଲେ ଅଭିଭାବକଙ୍କୁ ବୈଠକରେ ଅବଗତ କରାଯିବା ସହିତ ଚେତାବନୀ ମଧ୍ୟ ଦିଆଯିବ। ୩ଥର ନୋଟିସ ପରେ ଯଦି କୌଣସି ଛାତ୍ରୀଛାତ୍ର ନିୟମକୁ ନ ମାନନ୍ତି ତେବେ ତାଙ୍କୁ କଲେଜରୁ ବାହାର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଏହି ନିୟମ ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ଘରୋଇ କଲେଜରେ ଲାଗୁ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୭୩,୮୩,୮୬୬ | ୬୫,୩୧,୨୦୦ | ୫୯,୭୦,୭୪,୮୮୫ |
| ଭାରତ | ୪,୪୫,୩୯,୦୪୬ | ୫,୨୮,୩୫୫ | ୪,୩୯,୬୨,୬୬୪ |
| ଓଡ଼ିଶା | ୧୩,୩୧,୯୧୮ | ୯୧୮୬(+୫୩) | ୧୩,୨୧,୧୨୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଶିକ୍ଷକ କଲ୍ୟାଣ ପାଇଁ ବଜ୍ର ଯୋଜନା



ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଦ୍ୱାରା ନିର୍ମାଣ ହେବାକୁ ଯାଉଥିବା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ଫଳକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

■ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପ୍ରତିଷ୍ଠା ଉତ୍ସବ
■ ୫ ଶ୍ରେଷ୍ଠ ବିଦ୍ୟାଳୟ, ପାଞ୍ଚ ଶ୍ରେଷ୍ଠ ଛାତ୍ରୀଛାତ୍ର ପୁରସ୍କୃତ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ସାମନ୍ତ ବିହାରଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ର ପାଇଁ ୨୫ କୋଟି ଟଙ୍କା ବିନିଯୋଗ ହେବ। ଏଥିରେ ୩୦୦ ଶିକ୍ଷକଙ୍କ ତାଲିମ ପାଇଁ ଅଡିଟୋରିୟମ, ୧୦୦ ଶିକ୍ଷକ ରହିବା ପାଇଁ ବ୍ୟବସ୍ଥା ସହିତ ୧୦ଟି କର୍ମଶାଳା କେନ୍ଦ୍ର ନିର୍ମାଣ କରାଯିବ। ଶିକ୍ଷକମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ 'ବଜ୍ର' ଯୋଜନାର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି ଯୋଜନାରେ ଶିକ୍ଷକମାନେ ସେମାନଙ୍କ ଦିନକର ଦରମା ଏହି କଲ୍ୟାଣ ପାଣ୍ଠିକୁ ଦାନ କରିବେ ଏବଂ ଏହି ପାଣ୍ଠିରୁ ସେମାନଙ୍କ ବିଭିନ୍ନ ଆର୍ଥିକ ସମସ୍ୟା ସମୟରେ ସହାୟତା ଯୋଗାଇ ଦିଆଯିବ।

ଏହି ଅବସରରେ ୫ଟି ଶ୍ରେଷ୍ଠ ଆଦର୍ଶ ବିଦ୍ୟାଳୟ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପାଞ୍ଚ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା (ଶିକ୍ଷା) ଉପେନ୍ଦ୍ର ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ବିଭାଗୀୟ ସଚିବ ଅଶ୍ୱଥି ଏସ୍., ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।




## ୨ରୁ 'ହର୍ ଦିଲ୍ ମେ ଗାନ୍ଧୀ'

### ବର୍ଷବ୍ୟାପୀ ଚାଲିବ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯।୯(ବ୍ୟୁରୋ): ଗାନ୍ଧୀ ବିଚାରଧାରାର ପ୍ରସାର ପାଇଁ ଆସନ୍ତା ଗାନ୍ଧୀ ଜୟନ୍ତୀ ଅବସରରେ ଅକ୍ଟୋବର ୨ରୁ ସର୍ବଭାରତୀୟ ସ୍ତରରେ ବର୍ଷବ୍ୟାପୀ ଗାନ୍ଧୀଚେତନା ସମ୍ପର୍କିତ କାର୍ଯ୍ୟକ୍ରମ 'ହର୍ ଦିଲ୍ ମେ ଗାନ୍ଧୀ'ର ଶୁଭାରମ୍ଭ ହେବ। ୨୦୨୩ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଏହାର ଉଦ୍‌ଯାପନ ହେବ ବୋଲି କାର୍ଯ୍ୟକ୍ରମର ଆବାହକ ତଥା ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଙ୍ଗଠନ ସମ୍ପାଦକ ଶିବ ନାରାୟଣ ମିଶ୍ର କହିଛନ୍ତି। ସୋମବାର ରାଜ୍ୟର ବହୁ ଗାନ୍ଧୀପ୍ରେମୀ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ବୁଦ୍ଧ ମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏକବର୍ଷ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସହିତ ଅନ୍ୟ ରାଜ୍ୟର ଗାନ୍ଧୀପ୍ରେମୀ ଓ ବିଭିନ୍ନ ସଙ୍ଗଠନଗୁଡ଼ିକ ସାମିଲ ହେବେ। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଗାନ୍ଧୀଙ୍କ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ। ଏଥିସହିତ ପଦଯାତ୍ରା ଓ ରଚନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଯୁବପିଢ଼ିଙ୍କୁ ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଓ ଶାନ୍ତିର ମାର୍ଗରେ ଉଦ୍‌ବୁଦ୍ଧ କରିବା ପାଇଁ ବହୁ ସଂଖ୍ୟାର 'ଗାନ୍ଧୀ ସେବକ'ଙ୍କୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଥିବା ଗାନ୍ଧୀ ଗ୍ଲୋବାଲ ଫାଉଣ୍ଡେଶନର ରାଷ୍ଟ୍ରୀୟ ଅଧ୍ୟକ୍ଷ ମନୋଜ ଜେନା, ଗାନ୍ଧୀ ଓଡ଼ିଶା ଫାଉଣ୍ଡେଶନର ଅଧ୍ୟକ୍ଷା ରୀନା ରାଉତରାୟ ପ୍ରମୁଖ ସୂଚନା ଦେଇଛନ୍ତି।

# ତଦନ୍ତ କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍



ତଦନ୍ତ ପାଇଁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ।

### କେନ୍ଦୁଝର ମେଡିକାଲରେ ଶିଶୁମୃତ୍ୟୁ ଘଟଣା

#### ଚିକିତ୍ସା ଅବହେଳା ନେଇ ଥାନାରେ ଏତଲା

କେନ୍ଦୁଝର,୧୯।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁମୃତ୍ୟୁ ଘଟଣାର ତଦନ୍ତ ପାଇଁ ପହଞ୍ଚିଛନ୍ତି ସ୍ୱାସ୍ଥ୍ୟ ବିଭାଗର ୨ଜଣିଆ ଟିମ୍। ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ରଶ୍ମିରଞ୍ଜନ ଶତପଥୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଶିଶୁ ସ୍ୱାସ୍ଥ୍ୟ ପରାମର୍ଶଦାତା ଡା. ରବୀନ୍ଦ୍ର ନାଥ ପଣ୍ଡା ସୋମବାର ଡାକ୍ତରଖାନାର ସ୍ୱତନ୍ତ୍ର ନବଜାତ ଶିଶୁ କେନ୍ଦ୍ର(ଏସ୍‌ଏନ୍‌ସିୟୁ) ୱାର୍ଡକୁ ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ବିଭାଗର ଡାକ୍ତର, ନର୍ସ, ଅନ୍ୟାନ୍ୟ କର୍ମଚାରୀ ଏବଂ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ତଦନ୍ତ ରିପୋର୍ଟ ସେମାନେ ସରକାରଙ୍କ ନିକଟରେ ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୪ଘଣ୍ଟା ମଧ୍ୟରେ ଏହି ଡାକ୍ତରଖାନାର ଏସ୍‌ଏନ୍‌ସିୟୁରେ ଚିକିତ୍ସାଧୀନ ଥିବା ୪ ନବଜାତ ଶିଶୁଙ୍କ ସମେତ ଗତ ୧୮ ଦିନରେ ସମୁଦାୟ ୧୩ଜଣ ନବଜାତ ଶିଶୁଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠିନଂ. ୪୩୯୨/୧୯।୯।୨୦୨୨ ଅନୁଯାୟୀ ୨ ଜଣିଆ କମିଟି ଦ୍ୱାରା ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଚିକିତ୍ସାରେ ଅବହେଳା ଏବଂ ଡାକ୍ତର ଅନୁପସ୍ଥିତି କାରଣରୁ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା ବେଳେ ଯାଞ୍ଚ କମିଟି କେଉଁ ଆଧାରରେ ତଦନ୍ତ କରୁଛି ଏବଂ କ'ଣ ରିପୋର୍ଟ ଦାଖଲ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ତଦନ୍ତ ସମୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ଗିରିଶ ଚନ୍ଦ୍ର ରାଉତ, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ପୃଷ୍ଟି, ପ୍ରଦୀପ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି ଯେ, ଦୁଇଜଣିଆ କମିଟି ତଦନ୍ତ କରି ଫେରିଛନ୍ତି। ସେମାନେ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ରବିବାର ବାଂଶପାଳ ବ୍ଲକ୍ ଅଞ୍ଚଳର ଜଣେ ମୃତଶିଶୁଙ୍କ ବାପା କାମ ଦେହୁରୀ ଟାଉନ ଥାନାରେ ଏତଲା ଦେଇଛନ୍ତି। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଓ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ପୌରାଧ୍ୟକ୍ଷା ନିକୁ ସାହୁ ମେଡିକାଲର ବିଭିନ୍ନ ସମସ୍ୟା ନେଇ ଡାକ୍ତରଙ୍କ ସହ ଆଲୋଚନା କରିଥିବା ମଧ୍ୟ ସୂଚନା ମିଳିଛି।

## ଏନ୍‌ଏଚ୍‌ଆର୍‌ସିରେ ମାମଲା

ଭୁବନେଶ୍ୱର ୧୯।୯ (ବ୍ୟୁରୋ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୮ ଦିନରେ ୧୩ ନବଜାତ ଶିଶୁଙ୍କ ମୃତ୍ୟୁ ଘଟଣାକୁ ନେଇ ସୋମବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମିଶନ ତାଙ୍କ ଆବେଦନକୁ ଗ୍ରହଣ କରି ଡାଏରୀ (ନଂ.୧୫୬୨୦/ଆଇଏନ୍/୨୦୨୨) ରୁଜୁ କରିଛନ୍ତି। ହିମାଂଶୁ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଚିକିତ୍ସାରେ ଅବହେଳା କରାଯାଇଥିବାରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ୩ ସପ୍ତାହ ମଧ୍ୟରେ ମୁଖ୍ୟ ଶାସନ ସଚିବ ଏହାର ପ୍ରମାଣ କମିଶନଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ଏହି ଘଟଣାରେ ଚିକିତ୍ସା ସମ୍ବନ୍ଧିତ ତଥ୍ୟାବଳୀ ଦାଖଲ ସହ କର୍ତ୍ତବ୍ୟରେ ଅବହେଳା କରିଥିବା ଡାକ୍ତର, ନର୍ସ ଏବଂ ଅନ୍ୟ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ'ଣ ଗ୍ରହଣ କରାଯାଇଛି ସେ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଏସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ପୋଲିସ ଡିଜିଙ୍କୁ କମିଶନ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

## ଲଘୁଚାପ: ପ୍ରବଳ ବର୍ଷା ସମ୍ଭାବନା

### ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଉତ୍ତର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଉତ୍ତର ପଶ୍ଚିମ ଦିଗ ଦେଇ ଓଡ଼ିଶା ଉପକୂଳକୁ ଆସିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁ ସୋମବାରଠାରୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଛି। ମଙ୍ଗଳବାର ବର୍ଷାର ପରିମାଣ ଆହୁରି ବଢ଼ିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଶେଷକରି ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଦେବଗଡ଼, ବରଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ହୋଇପାରେ। ଏଥିଯୋଗୁ ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନ ହେବା ଆଶଙ୍କା ରହିଛି। ସେହିପରି ଏହି ସମୟରେ କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ନୟାଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ୨୧ ଓ ୨୨ ତାରିଖରେ ମଧ୍ୟ କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ବଲାଙ୍ଗୀର, ସୋନପୁର, ସମ୍ବଲପୁର, ନୂଆପଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଲଘୁଚାପ ପ୍ରଭାବରେ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ମଙ୍ଗଳବାର ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି।

ଘୂର୍ଣ୍ଣିବଳୟ ଯୋଗୁ ସୋମବାର ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ଲାଗିରହିଛି। ଚାନ୍ଦବାଲିରେ ୩୩.୯ ମି.ମି. ବର୍ଷା ହୋଇଥିବା ବେଳେ ପାରାଦୀପ ୫୦.୩, ଭୁବନେଶ୍ୱର ୩୪, ଭବାନୀପାଟଣା ୨୦.୬, ବଲାଙ୍ଗୀର ୪୨.୪, କୋରାପୁଟ ୨୮, ନୟାଗଡ଼ ୨୬ ଓ ତାଳଚେରରେ ୩୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




## 'ଦୂରଦୃଷ୍ଟି ନେତୃତ୍ୱ ମିଶନ ଶକ୍ତି ପ୍ରତିଭାର ବିକାଶ କରିଛି'

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୬ ଜିଲାର ମିଶନ ଶକ୍ତି ସଦସ୍ୟ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡ଼ା ଓ ଅନୁଗୋଳ ଜିଲାର ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟମାନେ ସୋମବାର ସନ୍ଧ୍ୟାରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଗତ ଅଗଷ୍ଟ ୧୫ ତଥା ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସଦସ୍ୟମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତି ସଦସ୍ୟମାନଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଖୁବ୍ କମ୍ ସମୟ ମଧ୍ୟରେ ଜାତୀୟ ପତାକା ପ୍ରସ୍ତୁତ କରିବା ଏକ ଗୁରୁଦାୟିତ୍ୱ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ଉପରେ ଭରସା ରଖି ଏହି ଦାୟିତ୍ୱ ଦେଇଥିଲେ। ଆପଣମାନେ ମଧ୍ୟ ଏହାକୁ ସଫଳତାର ସହ ନିର୍ବାହ କରି ମୁଖ୍ୟମନ୍ତ୍ରୀଙ୍କ ଭରସାକୁ ସାକାର କରିପାରିଛନ୍ତି। ଏପରି ଏକ ମର୍ଯ୍ୟାଦାପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରିଥିବାରୁ ମିଶନ ଶକ୍ତିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ମହିଳାମାନଙ୍କ ବିକାଶ ଓ କଲ୍ୟାଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ନେତୃତ୍ୱ ଯୋଗୁ ସେମାନେ ଆଜି ବିଭିନ୍ନ କ୍ଷେତ୍ରରେ ସକ୍ଷମ ହୋଇପାରିଛନ୍ତି ବୋଲି ମତ ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନ ଯୋଗୁ ସେମାନେ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ଅଛନ୍ତି ଓ ରହିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ଗୋଷ୍ଠୀଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ଏହାର ବଣ୍ଟନ ଦାୟିତ୍ୱ ଦେଇଥିଲେ।



“ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ହିଜାବ ଝଡ଼

ହିଜାବ ପ୍ରସଙ୍ଗ ପୁଣି ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ହେଡ୍‌ସ୍କାର୍ଫ ନ ପିନ୍ଧିବା ଓ ଡ୍ରେସ୍ କୋଡ୍‌କୁ ଅବମାନନା କରିବା ଅଭିଯୋଗରେ ୨୨ ବର୍ଷୀୟା ମହିଳା ମାହସା ଅମିନିଙ୍କୁ ଇରାନ୍ ପୋଲିସ ଅଟକ ରଖିବା ପରେ ସେ କୋମାକୁ ଚାଲିଯାଇଥିଲେ। ୧୬ ସେପ୍ଟେମ୍ବରରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ଯେ, ପୋଲିସ ମାହସାଙ୍କ ଉପରେ ଅତ୍ୟାଚାର କରିବା ପରେ ତାଙ୍କ ପ୍ରାଣ ଯାଇଛି। ଇରାନ୍‌ରେ କିଛି ମାସ ହେବ ସର୍ବସାଧାରଣ ସ୍ଥାନରେ ମହିଳାଙ୍କ ହିଜାବ ପିନ୍ଧା ଉପରେ କଡ଼ାକଡ଼ି ନିୟମ କରାଯିବାରୁ ତାହାକୁ ବିରୋଧ କରାଯାଇଆସୁଥିଲା। ପୋଲିସ ଉଲ୍ଲଂଘନକାରୀଙ୍କ ଉପରେ ଅତ୍ୟଧିକ ଦମନଲୀଳା ଚଳାଇବାରୁ ପ୍ରତିବାଦ ବଢ଼ିଥିଲା। ମାହସାଙ୍କ ମୃତ୍ୟୁ ଫଳରେ ଏହା ଏବେ ଅଧିକ ତେଜି ଉଠିଛି। କେଉଁଠାରେ ମହିଳାମାନେ ସେମାନଙ୍କ ଲମ୍ବା କେଶକୁ କାଟି ଛୋଟ କରି ଦେଉଥିବା ବେଳେ ଆଉ କେଉଁଠି ହିଜାବ ପୋଡ଼ି ଦିଆଯାଉଥିବା ଦେଖିବାକୁ ମିଳିଛି। ଚଳଚ୍ଚିତ୍ର ନିର୍ମାତା, କଳାକାର, ରାଜନୈତିକ ଓ ଏପରିକି ଧର୍ମଗୁରୁମାନେ ମଧ୍ୟ ପୋଲିସ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟି ଅନେକେ ଆହତ ହୋଇଛନ୍ତି। ମାହସାଙ୍କ ଅନ୍ତ୍ୟେଷ୍ଟି ପରେ ଦେଶର ଖବରକାଗଜଗୁଡ଼ିକ ପ୍ରଥମ ପୃଷ୍ଠାକୁ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଏକ ନୂଆ ବିପ୍ଳବକୁ ଜନ୍ମ ଦେଇଛି। ମାହସାଙ୍କ ନାମ ଏକ ପ୍ରତୀକ ପାଲଟି ଯାଇଛି ବୋଲି ଗଣମାଧ୍ୟମରେ ବର୍ଣ୍ଣନା କରାଯାଇଛି।

**ଧର୍ମ ସହିତ ପ୍ରଶାସନକୁ ଜଡ଼ିତ କରିଦେଲେ ଅନ୍ଧବିଶ୍ୱାସକୁ ନେଇ ଶାସନ ବ୍ୟବସ୍ଥା ସୃଷ୍ଟି ହୋଇଥାଏ। ସେଭଳି ସ୍ଥିତିରେ ସାଧାରଣ ଲୋକ ପାଇଁ ଅନ୍ୟାୟ ଓ ଅତ୍ୟାଚାର ବୃଦ୍ଧି ପାଇବାର ସମସ୍ତ ଲକ୍ଷଣ ବିଶ୍ୱବ୍ୟାପୀ ଦେଖାଯାଉଛି।**

ଆଜି ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ମଣିଷର ଜୀବନକୁ ଦୁର୍ବିଷହ କରି ପକାଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧଠାରୁ ଆରମ୍ଭକରି ବିଭିନ୍ନ ଦେଶ ମଧ୍ୟରେ ସଂଘର୍ଷ ଜାରି ରହିଛି। ଏପରି କି ସବୁ ରାଷ୍ଟ୍ର ଭିତରେ ଆଭ୍ୟନ୍ତରୀଣ ସମସ୍ୟା ଯେଭଳି ବଢ଼ି ଚାଲିଛି, ସେଥିରେ ଲୋକେ ସନ୍ତୁଳି ହେଉଛନ୍ତି। ଏଭଳି ସମୟରେ ମହିଳାମାନେ କ'ଣ ପିନ୍ଧିବା ଉଚିତ ତାହାକୁ ନେଇ କଠୋର ପଦକ୍ଷେପ ନିଆଯିବା ନିଶ୍ଚିତ ଭାବେ ପରିତାପର ବିଷୟ। ସେଥିପାଇଁ ହିଜାବକୁ ପ୍ରତିବାଦ କରୁଥିବା ଇରାନୀୟ ମହିଳା ଓ ସଂସ୍କାର ଚାହୁଁଥିବା ବ୍ୟକ୍ତିମାନେ ଲିଙ୍ଗଗତ ବୈଷମ୍ୟକୁ ଆଉ ସହ୍ୟ କରାଯିବ ନାହିଁ ବୋଲି କହି ସୋସିଆଲ୍ ମିଡିଆରେ ହାସ୍‌ଟ୍ୟାଗ୍ ଦେଇ ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ପୋଷାକ ପରିଚ୍ଛେଦକୁ ନେଇ ମହିଳାଙ୍କୁ ଚାପି ରଖାଯିବାର ମାନସିକତାକୁ ସାଧାରଣରେ ବିରୋଧ କରାଗଲାଣି। କିଛିମାସ ତଳେ ଭାରତର କର୍ନାଟକରେ ମୁସଲମାନ ଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ଅଡ଼ି ବସିଥିଲେ। ସେହି ଜିଦି ଯୋଗୁ ଆଜି ସୁପ୍ରିମକୋର୍ଟରେ ଏ ସମ୍ପର୍କିତ ମାମଲା ବିଚାରାଧୀନ ଅଛି। କେଉଁଠି କ'ଣ ହେଉଛି ତାହା ସମଗ୍ର ପୃଥିବୀବ୍ୟାପୀ ଆଜି ସୋସିଆଲ ମିଡିଆ ମାଧ୍ୟମରେ ଜାଣିପାରିବା କଥା। ଇରାନ୍ ଭଳି କଠୋର ଇସ୍‌ଲାମୀୟ ଦେଶରେ ମହିଳାମାନେ ହିଜାବ ବିରୋଧରେ ସ୍ୱର ଉତ୍ତୋଳନ କରି ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ବିଶ୍ୱର ଧାରାକୁ ନ ବୁଝି ଅଳ୍ପ କେତେକ ଛାତ୍ରୀ ଭ୍ରାନ୍ତପଥ ଧାରଣ କରିବା ଫଳରେ ତିକ୍ତତା ବୃଦ୍ଧି ପାଉଛି। ଆଜି ଯେତେବେଳେ ଇରାନ୍‌ରେ ହିଜାବକୁ ବିରୋଧ କରାଯାଇ ପୋଲିସ କାର୍ଯ୍ୟକୁ ନିନ୍ଦା କରାଯାଉଛି, ସେଥିରୁ ହୃଦ୍‌ବୋଧ ହେବା କଥା ଯେ ମହିଳାମାନେ ଏଭଳି ପଶ୍ଚାତ୍‌ପଦ ନିୟମକୁ ବିରୋଧ କଲେଣି। ଧର୍ମାନ୍ଧତା ମଣିଷର ଜୀବନକୁ ସୁସ୍ଥରେ ରହିବାକୁ ଦେଉ ନ ଥିବାରୁ ଏଥିପ୍ରତି ସମସ୍ତେ ବୀତସ୍ପୃହ ହେବା ସ୍ୱାଭାବିକ। କେବଳ ଇସ୍‌ଲାମ ଧର୍ମରେ ଏହି ଅନ୍ଧାର ଚିନ୍ତାଧାରା ସୀମିତ ରହିନାହିଁ, ଏପରି ନକାରାତ୍ମକ ଭାବନା ଅନ୍ୟ ଧର୍ମ ଓ ବିଶ୍ୱାସରେ ବୁଡ଼ି ରହିଛି। ଉଦାହରଣ ସ୍ୱରୂପ, ତଥାକଥିତ ବିକଶିତ ରାଷ୍ଟ୍ର ଆମେରିକାରେ ମହିଳାଙ୍କ ଗର୍ଭପାତ ଅଧିକାରକୁ ସେଠାକାର ଅନେକ ରାଜ୍ୟରେ ଛଡ଼ାଇ ନିଆଯାଉଛି। ଏଥିପାଇଁ ଖ୍ରୀଷ୍ଟିଆନ ଧର୍ମର ଦ୍ୱାହି ଦେଇ ଏଭଳି କରାଯାଉଛି, ଯାହାକି ଜଣେ ମହିଳାଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ପ୍ରବଳ ଆଞ୍ଚ ଆଣୁଛି। ସେହିଭଳି ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ଉଦାହରଣ ନିଆଯାଇପାରେ। ଆଶା କରାଯାଉଥିଲା ଦୀର୍ଘ ଦୁଇ ଦଶନ୍ଧି ପରେ କ୍ଷମତାକୁ ଫେରିଥିବା ତାଲିବାନ ମହିଳାଙ୍କ ପ୍ରତି ଅଭିମୁଖ୍ୟରେ ପରିବର୍ତ୍ତନ ଆଣିବ। ହେଲେ ତାହା ଦିନକୁ ଦିନ ଅଧିକ କଠୋର ଆଭିମୁଖ୍ୟ ପ୍ରଦର୍ଶନ କରୁଥିବା ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ନାରୀ ଶିକ୍ଷାରେ ବାଧା ସୃଷ୍ଟି କରାଯାଇଥିବା ବେଳେ ଅନେକାଂଶରେ ମହିଳାଙ୍କୁ ଚାକିରି କରିବାକୁ ଅନୁମତି ଦିଆଯାଉ ନାହିଁ। ଫଳରେ ସେଠାକାର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ମହିଳା ରୋଜଗାରରୁ ବଞ୍ଚିତ ହେଉଛନ୍ତି। ତାହା ଦ୍ୱାରା ଆଫଗାନିସ୍ତାନ ଅର୍ଥନୀତି ଦୁର୍ବଳ ହୋଇଯାଉଛି। ଏଥିରୁ ବୁଝାଯାଉଛି ଯେ, ଧର୍ମ ସହିତ ପ୍ରଶାସନକୁ ଜଡ଼ିତ କରିଦେଲେ ଅନ୍ଧବିଶ୍ୱାସକୁ ନେଇ ଶାସନ ବ୍ୟବସ୍ଥା ସୃଷ୍ଟି ହୋଇଥାଏ। ସେଭଳି ସ୍ଥିତିରେ ସାଧାରଣ ଲୋକ ପାଇଁ ଅନ୍ୟାୟ ଓ ଅତ୍ୟାଚାର ବୃଦ୍ଧି ପାଇବାର ସମସ୍ତ ଲକ୍ଷଣ ବିଶ୍ୱବ୍ୟାପୀ ଦେଖାଯାଉଛି। ଧର୍ମ ହେବା କଥା ନିଜର ବ୍ୟକ୍ତିଗତ ଜୀବନର ଧାରା। ପ୍ରଶାସନରେ ତାହାର କୌଣସି ସ୍ଥାନ ରହିବା ଉଚିତ ନୁହେଁ।

# ବଢ଼ୁଛି ମହିଳା ସୁରକ୍ଷା ଚିନ୍ତା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ କିଛିଦିନ ମଧ୍ୟରେ ଘଟିଥିବା ତିନୋଟି ଲଜ୍ଜାଜନକ ଘଟଣା, ଭାରତରେ ମହିଳାମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସମାଜରେ ମହିଳାମାନଙ୍କ ବିରୋଧରେ ରହିଥିବା ପୁରୁଷବାଦୀ ମାନସିକତାକୁ ଉଜାଗର କରିଛି। ପ୍ରଥମ ଘଟଣାଟି ଉତ୍ତର ପ୍ରଦେଶର ଲଖିମପୁର ଖେରି ଜିଲାରେ ଘଟିଛି। ୨ଜଣ ଦଳିତ ନାବାଳିକାଙ୍କୁ କେତେଜଣ ଯୁବକ ଅପହରଣକରି ନେଇ ସେମାନଙ୍କୁ ସାମୂହିକ ବଳାତ୍କାର ଓ ହତ୍ୟା କରିବା ସହିତ ଉଭୟଙ୍କ ମୃତଦେହକୁ ରାସ୍ତାକଡ଼ରେ ଥିବା ଏକ ଗଛରେ ଝୁଲାଇ ଦେଇଥିଲେ। ଦ୍ୱିତୀୟ ଘଟଣାଟି ପଡ଼ୋଶୀ ଝାଡ଼ଖଣ୍ଡର ଦୁମ୍‌କାଠାରେ ଘଟିଛି। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିବା ଜଣେ ଯୁବକ ନିଜର ଉଦ୍ଦେଶ୍ୟରେ ସଫଳ ନ ହୋଇ ଘରେ ଶୋଇଥିବା ଅବସ୍ଥାରେ ନାବାଳିକାଙ୍କ ଉପରେ ପେଟ୍ରୋଲ ଢାଳି ପୋଡ଼ି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ତୃତୀୟ ଘଟଣାଟି ଗତ ଅଗଷ୍ଟ ୧୫ରେ ଗୁଜରାଟରେ ଘଟିଛି। ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲାରେ କୋର୍ଟ ଦ୍ୱାରା ଆଜୀବନ ଜେଲଦଣ୍ଡରେ ଦଣ୍ଡିତ ହୋଇଥିବା ୧୧ ଜଣ ଅପରାଧୀଙ୍କୁ ସେମାନଙ୍କ ଦଣ୍ଡ ସମାପ୍ତି ପୂର୍ବରୁ ଗୁଜରାଟ ସରକାର ସ୍ୱାଧୀନତା ଦିବସ ଅବସରରେ ଜେଲରୁ ମୁକ୍ତ କରିଦେବା ଦେଖିବାକୁ ମିଳିଛି। ଉଦ୍‌ବେଗଜନକ ବିଷୟ ହେଲା, ଜେଲରୁ ମୁକୁଳିବା ପରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଭାଜପାର ସ୍ଥାନୀୟ ସମର୍ଥକମାନେ ଯେଉଁଭଳି ସମ୍ବର୍ଦ୍ଧନା ଜଣାଇଛନ୍ତି, ତାହା ଅମାନବୀୟତା ଓ ବିବେକବୋଧର ସମସ୍ତ ସୀମାକୁ ପାରକରିଛି। ବୋଧହୁଏ ପ୍ରଥମଥର ପାଇଁ ଏକ ଗଣବଳାତ୍କାର ଓ ଗଣହତ୍ୟା ମାମଲାର ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ କାର୍ଯ୍ୟକୁ ଘୃଣା କରିବା ପରିବର୍ତ୍ତେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇ ପରୋକ୍ଷ ଭାବେ ବଳାତ୍କାରକୁ ମହିମାମଣ୍ଡିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଆଜିକୁ ୨୦ ବର୍ଷ ତଳେ ଗୁଜରାଟର ଗୋଧ୍ରା ସହରରେ ଦଙ୍ଗାକାରୀମାନେ ବିଲ୍‌କିସ୍ ବାନୋଙ୍କ ପରିବାରର ୧୨ଜଣ ସଦସ୍ୟଙ୍କୁ ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିବା ସହିତ ତାଙ୍କ ସାମ୍ନାରେ ହିଁ ତାଙ୍କର ୩ବର୍ଷର ଝିଅର ମୁଣ୍ଡରେ ପଥର ଛେଚି ହତ୍ୟା କରିଥିଲେ। କେବଳ ବିଲ୍‌କିସ୍ ନୁହନ୍ତି, ତାଙ୍କ ପରିବାରର ଅନ୍ୟ ୩ଜଣ ମହିଳାଙ୍କୁ ବି ଦଙ୍ଗାକାରୀମାନେ ସାମୂହିକ ବଳାତ୍କାର କରିଥିଲେ। ପୀଡ଼ିତା ନ୍ୟାୟ ପାଇବା ପାଇଁ ବାଧ୍ୟହୋଇ କୋର୍ଟର ଆଶ୍ରୟ ନେବା ପରେ ଘଟଣାର ସିବିଆଇ ତଦନ୍ତ କରିବା ପାଇଁ ତଥା ଅପରାଧୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ମିଳିଥିଲା। ଏପରିକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ମାମଲାର ନିରପେକ୍ଷ ବିଚାର ପାଇଁ ରାଜ୍ୟ ବାହାରେ ମହାରାଷ୍ଟ୍ରରେ ଏହା କରାଯାଇଥିଲା। କୋର୍ଟର ଶକ୍ତ ଆଭିମୁଖ୍ୟ ଓ ସିବିଆଇର ନିରନ୍ତର ପ୍ରୟାସ ଏବଂ ସର୍ବୋପରି ବିଲ୍‌କିସ୍‌ଙ୍କ ନିରବଚ୍ଛିନ୍ନ ଲଢ଼େଇ ଫଳରେ ଅପରାଧୀମାନେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ନିଜର ସମଗ୍ର ପରିବାରକୁ ହରାଇ ସୁଦ୍ଧା ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଗଣ ବଳାତ୍କାରର ଶିକାର ଏହି ମହିଳାଙ୍କ ଦୀର୍ଘ ଓ ସାହସିକ ଲଢ଼େଇ ନିଶ୍ଚିତ ରୂପେ ଐତିହାସିକ ଥିଲା।



ବଳାତ୍କାର ଘଟଣାରେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ପରି କଠୋରଦଣ୍ଡ ଦେବାକୁ ଦାବିକରି ଆସିଥିବା ଭାଜପା ସରକାର ବିଲ୍‌କିସ୍‌ଙ୍କ କ୍ଷେତ୍ରରେ ବଳାତ୍କାରୀଙ୍କ ପ୍ରତି କୋହଳ ମନୋବୃତ୍ତି ଦେଖାଇ ସେମାନଙ୍କ ସଜା ସମାପ୍ତି ପୂର୍ବରୁ ଛାଡ଼ିଦେବା ଲଜ୍ଜାଜନକ ମନେହୁଏ। ପୁଣି ସେମାନଙ୍କ ସଜାମୁକ୍ତି ପାଇଁ ନିଷ୍ପତ୍ତି ନେଇଥିବା ସରକାରୀ କମିଟିର ଅନ୍ୟତମ ସଦସ୍ୟ ତଥା ସ୍ଥାନୀୟ ଭାଜପା ବିଧାୟକ ନିଜର ବକ୍ତବ୍ୟରେ ବିଲ୍‌କିସ୍‌ଙ୍କ ବଳାତ୍କାରୀମାନେ ସମସ୍ତେ ବ୍ରାହ୍ମଣ ଜାତିର ହୋଇଥିବାରୁ ସେମାନଙ୍କ ସଂସ୍କାରୀ ମନୋଭାବ ଲାଗି ତାଙ୍କୁ ମୁକ୍ତ କରାଗଲା ବୋଲି ଅତ୍ୟନ୍ତ ଲଜ୍ଜାଜନକ ଯୁକ୍ତି କରିଛନ୍ତି। ଉପରୋକ୍ତ ତିନୋଟି ଯାକ ଘଟଣା ଆମ ସମାଜର ପୁରୁଷ ପ୍ରଧାନତା ଓ ମହିଳା ବିରୋଧୀ ଚରିତ୍ରକୁ ସ୍ପଷ୍ଟ କରୁଛି। ବଳାତ୍କାରୀମାନଙ୍କୁ ଏଭଳି ସମ୍ବର୍ଦ୍ଧନା ଆମ ସମାଜରେ ରହିଥିବା ବଳାତ୍କାରୀ ମାନସିକତାକୁ ପ୍ରତିଫଳିତ କରୁଛି।

କେବଳ ଉପରୋକ୍ତ ଦୁଇଟି ଘଟଣା ନୁହେଁ, ଦେଶରେ ମହିଳାବିରୋଧୀ ହିଂସାର ଘଟଣା ଅବ୍ୟାହତ ରହିବା ସହ ପ୍ରତିବର୍ଷ ବୃଦ୍ଧି ପାଇବା ଦେଖିବାକୁ ମିଳିଛି। ନିକଟରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୨୦୨୧ର 'ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ'ର ତଥ୍ୟ ବି ସେହି କଥାକୁ ପ୍ରମାଣିତ କରୁଛି। ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ମହିଳାଙ୍କ ବିରୋଧରେ ଅପରାଧର ହାର ପୂର୍ବ ବର୍ଷର ୫୬.୫ ତୁଳନାରେ ୨୦୨୧ରେ ୬୪.୫କୁ ବୃଦ୍ଧି ପାଇଛି। ୨୦୨୦ରେ ମହିଳା ବିରୋଧୀ ଅପରାଧର ୩,୭୧,୫୦୩ ମାମଲା ଦାଏର ହୋଇଥିବା ବେଳେ ୨୦୨୧ରେ ତାହା ୧୫.୩% ବୃଦ୍ଧି ପାଇ ୪,୨୮,୨୭୮ରେ ପହଞ୍ଚିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହିଳାଙ୍କ ବିରୋଧରେ ଅପରାଧର ସର୍ବାଧିକ ଘଟଣା (୩୧.୮%) ପରିବାର ଓ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ସଂଗଠିତ ହୋଇଛି। ମହିଳାଙ୍କ ବିରୋଧରେ ମୋଟ ଅପରାଧର ୨୦.୮% ଅସଦାଚରଣ ହୋଇଥିବା ବେଳେ ୭.୪% ବଳାତ୍କାର ମାମଲା ରହିଛି।

ଭାଜପା ଶାସିତ ଆସାମରେ ମହିଳା ବିରୋଧୀ ଅପରାଧ ଘଟଣାରେ ସର୍ବାଧିକ ବୃଦ୍ଧି (୧୬୮.୩%) ଦେଖିବାକୁ ମିଳିଛି। କେବଳ ୨୦୨୧ରେ ମୋଟ୍ ୨୯,୦୦୦ ଅପରାଧ ଘଟିଛି। ଆସାମ ପରେ ଓଡ଼ିଶା, ହରିୟାଣା ଓ ତେଲଙ୍ଗାନା ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ୨୦୨୦ରେ ଓଡ଼ିଶାରେ ୨୫,୪୮୯ ମାମଲା ଦାଏର ହୋଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ୩୧,୩୫୨କୁ ବୃଦ୍ଧି ପାଇଛି। ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୧୩୭.୮ ମାମଲା ରୁଜୁକରି ଓଡ଼ିଶା ମହିଳାଙ୍କ ବିରୋଧୀ ଅପରାଧରେ ଆସାମ (୧୬୮.୩) ପରେ ଦ୍ୱିତୀୟ ସ୍ଥାନରେ ରହିଛି। ମହିଳାଙ୍କୁ ଅସଦାଚରଣ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୬୫.୩ ଅସଦାଚରଣର ଘଟଣା ଘଟିଥିବା ବେଳେ ୨୬.୧ଟି ଘଟଣା ସହ ଆସାମ ଦ୍ୱିତୀୟ ସ୍ଥାନରେ ରହିଛି।

ଦେଶରେ ମହିଳାଙ୍କ ବିରୋଧରେ ଅପରାଧ ହାର ଲଗାତର ବୃଦ୍ଧି ପାଉଥିବା ବେଳେ ଦଣ୍ଡବିଧାନ ହାର ବୃଦ୍ଧି ନ ଘଟିବା ଅତ୍ୟନ୍ତ ଉଦ୍‌ବେଗଜନକ। ଦେଶରେ ମହିଳା ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ହାର ୨୦୨୦ରେ ୨୯.୮% ଥିବା ବେଳେ ୨୦୨୧ରେ ତାହା ୨୫.୨%କୁ ହ୍ରାସ ପାଇଛି। କେବଳ ବଳାତ୍କାର ମାମଲାରେ ଦଣ୍ଡ ହାର ୨୦୨୦ରେ ୨୯.୮% ଥିବା ବେଳେ ୨୦୨୧ରେ ତାହା ୨୮.୬%କୁ ହ୍ରାସ ପାଇଛି। ଆମ ରାଜ୍ୟରେ ମଧ୍ୟ ମହିଳା ବିରୋଧୀ ଅପରାଧ ମାମଲାରେ ଦଣ୍ଡ ହାର ଅତ୍ୟନ୍ତ ଖରାପ ସ୍ଥାନରେ ଅର୍ଥାତ୍ ମାତ୍ର ୮.୩% ରହିଛି। ଗତବର୍ଷ ୨,୩୧୩ ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ମାତ୍ର ୧୯୩ ମାମଲାରେ ହିଁ ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ ହୋଇପାରିଛି। ତେବେ ଏଭଳି ସ୍ଥିତି ପାଇଁ ଖୋଦ୍ ସରକାର ହିଁ ଦାୟୀ। କାରଣ ଆମର ପରିବାର ପରି ଶାସନ ବ୍ୟବସ୍ଥାରେ ବି ଲିଙ୍ଗଗତ ଭେଦଭାବ ମହିଳାଙ୍କ ପ୍ରତି ସମ୍ବେଦନଶୀଳତାର ଅଭାବ ରହିଛି। ମହିଳା ବିରୋଧୀ ଅପରାଧର ତଦନ୍ତ ପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ତଥା ଲିଙ୍ଗ ସଚେତନ ଥିବା ତଦନ୍ତକାରୀ ପୋଲିସ କର୍ମଚାରୀଙ୍କ ଅଭାବ ଯୋଗୁ ତଦନ୍ତ ପ୍ରକ୍ରିୟା ବିଳମ୍ବିତ ଓ ତ୍ରୁଟିପୂର୍ଣ୍ଣ ହେଉଛି। ଫଳରେ ଅପରାଧୀମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି। ସେହିପରି କୋର୍ଟରେ ଆବଶ୍ୟକ ଅନୁସାରେ ବିଚାରପତି ନ ଥିବାରୁ ବିଚାର ପ୍ରକ୍ରିୟା ଅନାବଶ୍ୟକ ଭାବେ ବିଳମ୍ବିତ ହେଉଛି। ତେବେ ମହିଳାଙ୍କ ବିରୋଧରେ ଅପରାଧର ମୂଳ ହେଉଛି ଲିଙ୍ଗଗତ ଭେଦଭାବ ଓ ପୁରୁଷବାଦୀ ମାନସିକତା। ଆମ ପରିବାରଗୁଡ଼ିକରେ ଝିଅ ଓ ପୁଅଙ୍କୁ ଭିନ୍ନ ଭାବେ ଦେଖିବାର ପୁରୁଷବାଦୀ ମାନସିକତା ହିଁ ମହିଳାମାନଙ୍କ ଉପରୋକ୍ତ ସ୍ଥିତି ପାଇଁ ସବୁଠାରୁ ବେଶି ଦାୟୀ।

**ମୋ:୯୪୩୭୧୬୬୩୯୧**

# ଜୀବନ ପାଇଁ ଦିନଟିଏ



ଦ୍ୱିତୀ ଚନ୍ଦ୍ର ସାହୁ

ପିଲାଟି ଗଛରୁ ତୋଳିଦେଲା ଡାଳିମ୍ବଟିଏ। ବାକି ପିଲାଏ ଦେଖୁଥିଲେ। କଥା ପହଞ୍ଚିଲା ଶ୍ରେଣୀ ଶିକ୍ଷକ ନିକଟକୁ। ଶ୍ରେଣୀ ଶିକ୍ଷକ ରାଗରେ ପାଚିଗଲେ। ଗୁଡ଼ାଏ ବକିଲେ ପିଲାକୁ ଅପରାଧୀ ଭଳି। ସିଧା ଧରିଗଲେ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିକଟକୁ। ସମସ୍ତେ ଏଥର ବହୁତ ଖୁସି। ପିଲାଙ୍କୁ ଦଣ୍ଡ ମିଳିବ। ସମସ୍ତେ ଉପଭୋଗ କରିବେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଅଧ୍ୟକ୍ଷ ତୋଳିଥିବା ଡାଳିମ୍ବକୁ ପିଲାଟି ହାତକୁ ବଢ଼େଇ ଦେଲେ। କହିଲେ - ଏ ଡାଳିମ୍ବ ଖାଇବା ନେଇ ତୁମର ଲୋଭ ଅଛି ନିଶ୍ଚିତ। ସେଥିପାଇଁ ତୋଳିଥିବ। ଏଇଟା ତ ନେବ। କିନ୍ତୁ ଗୋଟେ କାମ କରିବାକୁ ପଡ଼ିବ। ତୁମେ ଘରେ ଗୋଟେ ଡାଳିମ୍ବ ଗଛ ଲଗେଇବ। ତାକୁ ଯତ୍ନ ନେବ। ଗଛରେ ଫଳ ଧରିଲେ ତାକୁ ତୋଳି ଖାଇଲେ ତୁମ ଭିତରେ କେମିତି ଅନୁଭବ ହେବ? ପିଲାଟି କହିଲା - ଖୁବ୍ ଖୁସି ଲାଗିବ। ଏମିତି ଖୁସିକୁ ସାଉଁଟିବାକୁ ହେଲେ ତୁମ ବାଡ଼ିରେ ଗଛ ଲଗେଇବ ଓ ତା'ର ଫଟୋ ଦେଖାଇବାକୁ ହେବ। ବାକି ପିଲାଏ ଓ ଶ୍ରେଣୀ ଶିକ୍ଷକ ଚକିତ ହୋଇଗଲେ। ଡାଳିମ୍ବ ଧରି ପିଲାଟି ଫେରିଗଲା ଖୁସିରେ। ଏଇ ଘଟଣା ପରେ ଅଧ୍ୟକ୍ଷଙ୍କ ତୃତୀୟ ନୟନ ଖୋଲିଗଲା। ସେଇ ଅନୁଷ୍ଠାନରେ ପଢୁଥିବା ଶହ ଶହ ପିଲାଙ୍କ କ୍ଷେତ୍ରରେ ଏଇ ଭାବକୁ ଉଜ୍ଜୀବିତ କରିବା ଲାଗି ପ୍ରୟୋଗ କଲେ ଆଉ ଏକ ଅଭିନବ ପଦକ୍ଷେପ। ପିଲାମାନେ ଜନ୍ମଦିନ ଅବସରରେ ପ୍ରାର୍ଥନା ସଭାରେ ପାଳନ କରୁଥିଲେ ଶୁଭ ଜନ୍ମ ଦିବସ। ବାଣ୍ଟୁଥିଲେ ଚକୋଲେଟ। ବର୍ଷର ଅଧିକାଂଶ ଦିନ ଏମିତି ଚକୋଲେଟ ଖାଇବା ଦ୍ୱାରା ପେଟ ରୋଗ ସହ ଦାନ୍ତ କ୍ଷୟ ବଢ଼ିଚାଲିଥିଲା। ଏଇ ସବୁର ସଫଳ ସମାଧାନ ପାଇଁ ଜନ୍ମଦିନରେ ଚକୋଲେଟ ବଣ୍ଟନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଲେ। ପ୍ରତିବଦଳରେ ଯିଏ ସକ୍ଷମ ସେ ନିଜ ଖୁସି ଅନୁସାରେ ବିଦ୍ୟାଳୟକୁ ଏକ ଫଳ ଗଛ ପ୍ରଦାନ ଲାଗି ଅନୁରୋଧ କଲେ। ତେଣିକି ଆସିଲା ହରେକ କିସମର ଗଛ। ପିଲା ନିଜ ଜନ୍ମ ଦିନରେ ଗଛ ଲଗାଇଲେ ବିଦ୍ୟାଳୟ ହତାରେ। ପ୍ରତିଦିନ ଆବେଗର ସହ ନିଜ ଗଛ ନିକଟକୁ ଯାଇ କିଛି ସମୟ ବିତେଇଲେ। ପ୍ରଚୁର ଖୁସି ମଧ୍ୟ ପାଇବାକୁ ଲାଗିଲେ। ଦିନେ ପଡ଼ିଆ ପଡ଼ି ରୁକ୍ଷ ଲାଗୁଥିବା ବିଦ୍ୟାଳୟ ହତା ସବୁଜ ସୁନ୍ଦର ହୋଇଗଲା। ନାନାଦି ପକ୍ଷୀଙ୍କ ଭିଡ଼ ଜମିଲା। ନିଜେ ଲଗାଇଥିବା ଗଛରୁ ଫଳ ଫଳିବା ଆରମ୍ଭ ପରେ ପିଲାମାନେ ହର୍ଷ ଗଦଗଦ ହୋଇପଡ଼ିଲେ। ବିଦ୍ୟାଳୟରେ ଥିବା ଶତାଧିକ ଉତ୍ପାଦିତ ନଡ଼ିଆ, ପଣସ ଆଦି ଫଳକୁ ବିକ୍ରି କରିବାକୁ ଏବେ ଯୋଜନା କରିଛନ୍ତି ଅଧ୍ୟକ୍ଷ। ସେଥିରୁ ମିଳିବାକୁ ଥିବା ଅର୍ଥରାଶି ଏକ ଆକାଉଣ୍ଟରେ ଗଚ୍ଛିତ ରହିବ। ସେଇ ଅର୍ଥରେ ମାସ ମାସ ଧରି ବିଦ୍ୟାଳୟ ଅର୍ଥ ଜମା କରିପାରୁ ନ ଥିବା ଗରିବ ପିଲାଙ୍କ ବିଦ୍ୟାଳୟ ଫି ଭରଣା କରାଯିବ। ବିଦ୍ୟାଳୟରେ କର୍ମରତ ଅସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଜରୁରିକାଳୀନ ଆବଶ୍ୟକତା ବେଳେ ବ୍ୟୟ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏସବୁ କାହାଣୀ ନୁହଁ। ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ବାସ୍ତବ କଥା।



ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ଗୋଟିଏ ପଦକ୍ଷେପରେ ଅନେକ ସମାଧାନ। ଗଛ ପାଇଁ ଦିନଟିଏ ଦେଲେ ପିଲାଏ ସତ, ତା'ର ପ୍ରତିବଦଳରେ ପ୍ରତିଦିନ ଗଛ ସମସ୍ତଙ୍କ ମନରେ ଖୁସି ଭରିଦେଲା। ଆଜି ଆମ ଚାରିପଟର ପୃଥିବୀ ଧ୍ୱଂସ ହେଉଛି। ସାଟେଲାଇଟ ଚିତ୍ରରେ ଓଡ଼ିଶାରେ ସବୁଜ ଅଂଶ ବୃଦ୍ଧି ପାଉଛି ବୋଲି ଦର୍ଶାଯାଉଛି। ଏହା ସତ୍ୟ, ହେଲେ ସୁଖଦ ଖବର। କିନ୍ତୁ ଆମ ଚାରିପଟର ପୃଥିବୀ କିଛି ଅଲଗା କହୁଛି। ଘରକୁ ଲାଗିଥିବା ଜଙ୍ଗଲ ଦୂର ଦୂର ଯାଏଁ ଘୁଞ୍ଚି ଗଲାଣି। ଆଦିବାସୀ ଅଧ୍ୟୁଷିତ ଇଲାକାରେ ବି ସାମାନ୍ୟ ଦାନ୍ତକାଠି ପାଇଁ ଅନେକ କିଲୋମିଟର ଯାଏ ଦୌଡ଼ିବାକୁ ପଡୁଛି। ଚାରିପଟେ ସୁନ୍ଦର ଭାବେ ପଦା ହୋଇପଡିଛି ଗଛ। ପାହାଡ଼ର ଚୂଡ଼ାରେ ଚୁଟି ଭଳି କିଛି ଅଂଶରେ ଗଛ ନିଜର ଉପସ୍ଥିତି ଜାହିର କରୁଛି। ଚାଷ ଜମିରେ ଅଟ୍ଟାଳିକା। ଉଜୁଡ଼ି ଗଲା ଚାଷ ବେଉଷା। କଂକ୍ରିଟ ଜଙ୍ଗଲରେ ଭରପୂର ଆମ ପରିବେଶ। ବର୍ଷତମାମ ବର୍ଷାରେ ଅନିୟମିତତା। ଶୀତ ଗାୟବ। ଶରତରେ ମରୁଡ଼ିର ପଦଧ୍ୱନି। ଏଭଳି ଅବସ୍ଥାରେ ବିକାଶ ପାଇଁ ଯେତେସବୁ ପ୍ରୟାସ କାହା ପାଇଁ।

ଜୀବଜଗତ ନାହିଁ ତ ମଣିଷ ନାହିଁ। ମଣିଷ ବଞ୍ଚିବାକୁ ହେଲେ ପୁଣି ପରିବେଶ ସବୁଜିମା ହେବା ଦରକାର। ବିକାଶ ଲାଗି ଆମେ ସବୁ ଯେତେ ବ୍ୟଥିତ, ଜୀବନ ପାଇଁ ବି ସେତିକି ଚିନ୍ତା ପ୍ରକଟ କରିବା ଆବଶ୍ୟକ। ଏବେ ସମୟ ଯାହା ଆମେ ଆମ ଜୀବନଶୈଳୀକୁ ସହଜରେ ବଦଳେଇ ପାରିବାନି କଦାପି। ଏହା ଏକ ଆଜିର ସମୟର ବଡ଼ ଆହ୍ୱାନ। କିନ୍ତୁ ଜୀବନକୁ ବଞ୍ଚେଇବାକୁ ଛୋଟିଆ ପ୍ରୟାସ କରିପାରିବା। କେବଳ ଜନ୍ମଦିନରେ ନୁହେଁ ଜୀବନର ବଡ଼ ବଡ଼ ଖୁସିରେ ଆମ ପରିବେଶର ମିତ ଗଛକୁ ବି ସାମିଲ କରିବା ଉଚିତ। ଗଛ ହିଁ ଏବେ ଜୀବନ। ଜୀବନର ଏଇ ଅନନ୍ୟ ସ୍ମୃତିକୁ ସତେଜ ରଖିବା ଲାଗି ଗଛଟିଏ ଲଗେଇବା ଆବଶ୍ୟକ। କେବଳ ଲଗେଇବା ନୁହେଁ, ତାକୁ ବଞ୍ଚେଇବା ଲାଗି କିଛି ମୁହୂର୍ତ୍ତ ଦେବା ଆବଶ୍ୟକ। ଏଇ ଅଳ୍ପ କ୍ଷଣ ବହୁଗୁଣିତ ହୋଇ ଚକ୍ରବୃଦ୍ଧି ସୁଧ ସହ ଆମକୁ ଫେରାଇବ ଗଛ। ଛାଇ, ଅମ୍ଳଜାନ ଓ ବର୍ଷାରେ ଭିଜେଇବ। ପୁଣି ଥରେ ଛଅ ଋତୁର ଅନୁଭବ ହୁଏତ ଆମକୁ ଫେରେଇଦେବ।

ସାମାନ୍ୟ ଛୋଟିଆ ପ୍ରୟାସରେ ଗୋଟେ ଅନୁଷ୍ଠାନର ପରିବେଶ ବଦଳିଗଲା। ତା' ଭିତରେ ଥିବା ଆଗାମୀ କାଲିର ଭବିଷ୍ୟତଙ୍କ ଭିତରେ ଗଛ ପ୍ରୀତି ବଢ଼ିଗଲା। ଡାଳିମ୍ବ ଚୋରାଇ ଖାଇବାର ଉଦ୍ୟମ କରୁଥିବା କୁନି ଛାତ୍ର ଜଣକ ପରବର୍ତ୍ତୀ ସମୟରେ ଘରେ ଡାଳିମ୍ବ ଗଛ ଲଗାଇ ନିଜ ଭିତରେ ଦୃଢ଼ ଆତ୍ମପ୍ରତ୍ୟୟ ଜାଗରିତ କରିପାରିଲା। ସେ ଦୃଢ଼ ନିଶ୍ଚିତ - ଡାଳିମ୍ବ ହେବ ଓ ସେ ନିଶ୍ଚୟ ଖାଇବ। ଆମେ ତ ବେଶ୍ ଜ୍ଞାନୀ, ଗୁଣୀ, କୁଶଳୀ ଓ ପାରଙ୍ଗମ। ଆମକୁ କେବଳ ଛୋଟ ଉଦ୍ୟମ କରିବାକୁ ହେବ। ଜୀବନ ପାଇଁ ଦିନଟିଏ ଦେଇ ଦେଖ। ସତରେ ଆମ ଜୀବନ ବଦଳିଯିବ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା, ମୋ-୯୪୩୭୯୦୯୬୭୧**

## ଏଇ ଭାରତରେ

ବହୁ ସମୟରେ ଗୋଟିଏ ଘଟଣା ଜଣଙ୍କ ଆଖି ଖୋଲିଦିଏ; ଯାହା ଘଟିଛି ଶ୍ରୀରାମ ଭି. ଆୟାରଙ୍କ ଜୀବନରେ। ଚେନ୍ନାଇରେ ଜନ୍ମିତ ଆୟାର ଉଚ୍ଚଶିକ୍ଷା ଲାଭ ପରେ କର୍ପୋରେଟ କମ୍ପାନୀରେ ଉଚ୍ଚ ଦରମାରେ ଚାକିରି କରିଥିଲେ। ଗୁଜରାଟ ଦଙ୍ଗା ପରେ ଦିନେ ରାସ୍ତାକଡ଼ରେ ଧୂପକାଠି ବିକ୍ରି କରୁଥିବା ପିଲାଟିକୁ ଦେଖି ତାଙ୍କ ଜୀବନର ଗତି ବଦଳିଯାଇଥିଲା। ପରେ ୨୦୦୩ରେ 'ନାଳନ୍ଦା ୱେ' ସଂସ୍ଥା ଗଠନକରି ରାସ୍ତାରେ ଜିନିଷ ବିକ୍ରି କରୁଥିବା ଏଭଳି ପିଲାଙ୍କ ସହ ଶିଶୁ ଶ୍ରମିକ, ହିଂସା ଓ ବିପର୍ଯ୍ୟୟ ପ୍ରପୀଡ଼ିତ, ଏଚ୍‌ଆଇଭି ସଂକ୍ରମିତ ପିଲାମାନଙ୍କୁ ଶିକ୍ଷା ଦେବାରେ ଲାଗିଛନ୍ତି। ତାଙ୍କ ସଂସ୍ଥା ମୁଖ୍ୟତଃ ତାମିଲନାଡୁ, ଦିଲ୍ଲୀ, ବିହାର ଏବଂ ଜମ୍ମୁ-କଶ୍ମୀରରେ ଏଭଳି ପିଲାମାନଙ୍କୁ ଶିକ୍ଷା ଦେଉଛି। ଆୟାର ଏବେ ସୁଦ୍ଧା ଲକ୍ଷାଧିକ ପିଲାଙ୍କୁ ଶିକ୍ଷା ଦେଇସାରିଛନ୍ତି। ଆର୍ଟ ମାଧ୍ୟମରେ ମଜାଳିଆ ଢଙ୍ଗରେ ଦିଆଯାଉଥିବା ଶିକ୍ଷା ପିଲାମାନଙ୍କ ପାଇଁ ଗ୍ରହଣୀୟ ହୋଇପାରିଛି। ଏଠାରେ ପଢୁଥିବା ପିଲାମାନେ ମଧ୍ୟ ନାଚ, ଗୀତ ଡ୍ରାମା, ଫଟୋଗ୍ରାଫି ଶିକ୍ଷା କରିପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ସେପ୍ଟେମ୍ବର ୧୯୯୭**

- ବାଂଲାଦେଶର କେନ୍ଦ୍ରାଞ୍ଚଳରେ ପ୍ରମୁଖ ବିରୋଧୀ ଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ଏବଂ ପୋଲିସ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ଘଟି ୧୦୦ ମୃତ।
- ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଜେ.ଏସ୍. ବର୍ମାଙ୍କ ବିରୁଦ୍ଧରେ ରାଜସ୍ଥାନ ହାଇକୋର୍ଟ ଦେଇଥିବା ରାୟର କାର୍ଯ୍ୟକାରିତା ଉପରେ ସୁପ୍ରିମ୍‌କୋର୍ଟ ରହିତାଦେଶ ଜାରି କରିଛନ୍ତି।
- ମଣିପୁରର ସେନାପତ ଜିଲାରେ ଥିବା ଏକ ଗ୍ରାମରେ କୁକି ଉଗ୍ରପନ୍ଥୀମାନେ ୨୦ ଘର ଜାଳିଦେବା ସହ ୨୦ ଜଣଙ୍କୁ ହତ୍ୟା କରିଛନ୍ତି।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | |
| 9 | | | | 3 | 7 | | 1 | 5 |
| 5 | | | 1 | | | | 3 | 4 |
| | 3 | | | | | | | 8 |
| | 6 | | | | | 9 | 7 | |
| 1 | | | 2 | | | | 5 | |
| 3 | | | | | 5 | 4 | | |
| 2 | 4 | | | | | | | |
| | | 7 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 4 | 3 | 8 | 1 | 2 | 7 |
| 8 | 7 | 2 | 5 | 9 | 1 | 3 | 4 | 6 |
| 3 | 1 | 4 | 7 | 2 | 6 | 8 | 5 | 9 |
| 2 | 4 | 3 | 9 | 1 | 7 | 6 | 8 | 5 |
| 7 | 5 | 9 | 8 | 6 | 4 | 2 | 3 | 1 |
| 6 | 8 | 1 | 2 | 5 | 3 | 9 | 7 | 4 |
| 1 | 6 | 7 | 3 | 4 | 2 | 5 | 9 | 8 |
| 9 | 2 | 8 | 6 | 7 | 5 | 4 | 1 | 3 |
| 4 | 3 | 5 | 1 | 8 | 9 | 7 | 6 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରତ୍ନଭଣ୍ଡାର ତଥ୍ୟ ପ୍ରକାଶ ନ ପାଉ

ମହାଶୟ,

କିଏ ଜାଣେ ଜଗନ୍ନାଥ ମହାପ୍ରଭୁଙ୍କର ରତ୍ନଭଣ୍ଡାରରେ କେତେ ଅଳଙ୍କାର ଅଛି ,କି କି ପ୍ରକାର ଅଳଙ୍କାର ଅଛି। ଖବର ପ୍ରକାଶ ପାଉଛି ପ୍ରଭୁଙ୍କର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଅସୁରକ୍ଷିତ । ତାହାର ପୁନଃ ମରାମତି ନିହାତି ଆବଶ୍ୟକ। ଏହାକୁ ଦେଖି ରତ୍ନ ଭଣ୍ଡାର ଖୋଲଯିବାର ନିଷ୍ପତ୍ତି ହୋଇଛି। ଯଦି ଏହା ସତ୍ୟ, ରତ୍ନଭଣ୍ଡାର ଖୋଲାଯିବା ପରେ ତାହାକୁ ମରାମତି କରାଯିବା ଉଚିତ। ଏଥିରେ ବିଳମ୍ବ ଆଦୌ ଗ୍ରହଣୀୟ ନୁହେଁ। ରତ୍ନଭଣ୍ଡାର ଖୋଲିଲେ ଲୋକ ବହୁତ ତଥ୍ୟ ଜାଣିପାରିବେ। କିନ୍ତୁ ତଥ୍ୟ ବିଷୟରେ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ସରକାରଙ୍କ ଭିତରେ ସୀମିତ ରହିଲେ ଭଲ ହେବ। ଏ ବିଷୟରେ ଖବରକାଗଜରେ ବ୍ୟାପକ ଆଲୋଚନା ରତ୍ନଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ନ ହେବା ଭଲ । ରତ୍ନ ତଥ୍ୟ ବାହାରକୁ ଆସିଲେ ଚୋରଙ୍କ ଲୋଲୁପ ଦୃଷ୍ଟିପଡ଼ିବ । ଅତୀତରେ ଶ୍ରୀମନ୍ଦିରରୁ ଚୋରି ମଧ୍ୟ ହୋଇଥିଲା। ରତ୍ନଭଣ୍ଡାର ଖୋଲାଗଲେ ଖୁବ୍ ଗୁପ୍ତରେ ହେଉ । ସମସ୍ତ ତଥ୍ୟ ବାହାରକୁ ପ୍ରକାଶ ନ ପାଉ ।

**- ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପବନ ସିରି ସିରି
ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି।
କି କଥା ତୁନି ତୁନି
କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି!

-(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଥଇଥାନ ହେବେ କ୍ୟାବିନ ବ୍ୟବସାୟୀ

**ଖୋର୍ଦ୍ଧା ଅଫିସ,୧୯।୯**

ଖୋର୍ଦ୍ଧା ପୌର ପରିଷଦ(କେଏମ୍‌ସି)ର ୫ମ ସାଧାରଣ ବୈଠକ ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିମଳ, ହୋଲ୍ଡିଙ୍ଗ୍ ଟ୍ୟାକ୍ସ ଆଦାୟ, ସ୍ୱଚ୍ଛତା, ଡ୍ରେନେଜ, ଖାଦ୍ୟ ନିରାପତ୍ତା, ଆବାସ ଯୋଜନା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୧ ଆର୍ଥିକ ବର୍ଷରେ ୧ କୋଟି ୪ ଲକ୍ଷ ଟଙ୍କା ହୋଲ୍ଡିଙ୍ଗ ଟ୍ୟାକ୍ସ ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହାକୁ ତ୍ୱରାନ୍ୱିତ କରାଯିବ। ବିଭିନ୍ନ ୱାର୍ଡରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବାକୁ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ପରାମର୍ଶ ଦେଇଥିଲେ। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଜୟୀ ରାଜଗୁରୁ ଭବନ ସମ୍ମୁଖ ଶହୀଦ ମାର୍କେଟ, ପୁରୁଣା ବସ୍‌ଷ୍ଟାଣ୍ଡ ଓ ହାବେଳି ପଡ଼ିଆରେ କ୍ୟାବିନ (ଉଠାଦୋକାନୀ) ବ୍ୟବସାୟଙ୍କୁ ଥଇଥାନ ଲାଗି ପ୍ରସ୍ତାବ ଆସିଥିଲା। ତେବେ କ୍ୟାବିନ ଥଇଥାନ ସବ୍‌କମିଟି ଏହାର ତର୍ଜମା କରି ରିପୋର୍ଟ ପ୍ରଦାନ କରିବାକୁ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପରାମର୍ଶ ଦେଇଥିଲେ। ଅନ୍ୟପଟେ ସହରରେ ବିପର୍ଯ୍ୟସ୍ତ ଡ୍ରେନେଜ, ପରିମଳ ବ୍ୟବସ୍ଥା ନେଇ ବୈଠକରେ କାଉନସିଲରମାନେ ହୋହଲ୍ଲା ହୋଇଥିଲା। ସହରର ୨୨ ୱାର୍ଡରୁ ୨୦ଟି ୱାର୍ଡର ଟେଣ୍ଡର କରାଯାଇଛି। ପୌର ଅଧୀନରେ ୨୫ ଏବଂ ଠିକାଦାର ଅଧୀନରେ ୧୭୪ ଜଣ ଠିକା କର୍ମଚାରୀ କାମ କରୁଛନ୍ତି। ହେଲେ ସହରରୁ ଅଳିଆ, ଆବର୍ଜନା ଠିକ୍ ଭାବେ ଉଠାଯାଉ ନାହିଁ। ପରିମଳ ବ୍ୟବସ୍ଥାରେ ସୁଧାର ଅଣାଯିବ ବୋଲି ପୌରାଧ୍ୟକ୍ଷା କହିଛନ୍ତି।

ପୂର୍ବରୁ ବର୍ଷାଦିନେ ସ୍ୱଳ୍ପ ସମୟ ପାଇଁ ଟେଣ୍ଡର କରାଯାଇ ଡ୍ରେନ୍ ସଫେଇ କରାଯାଇଥିଲା। ଉକ୍ତ ଟେଣ୍ଡର ଅବଧି ସରିଯାଇଛି। ଏବେ ପୁଣି ଡ୍ରେନ୍ ସଫେଇ ଏବଂ ମରାମତି ପାଇଁ ଟେଣ୍ଡର କରାଯିବ। ଅନେକ ଡ୍ରେନ୍ ମୁକୁଳା ପଡ଼ିଛି। ଫଳରେ ଦୁର୍ଘଟଣା ଘଟୁଛି। ଏହା ଉପରେ ସ୍ଲାବ୍ ପକାଯିବ। ପୌର କାର୍ଯ୍ୟାଳୟରେ ୪ଟି ଇ-ଅଟୋ ବନ୍ଦ ହୋଇ ପଡ଼ିଛି। ଏହାର ମରାମତି କରାଯାଇ ପୁନଃ କାର୍ଯ୍ୟକ୍ଷମ କରାଯିବ। ଖୋର୍ଦ୍ଧା ସହରରେ ଦୁର୍ଗାପୂଜା ଏବଂ ଗଜଲକ୍ଷ୍ମୀ ପୂଜାକୁ ଦୃଷ୍ଟିରେ ରଖି ପୌର ପରିଷଦ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବାକୁ କାଉନ୍‌ସିଲରମାନେ ପ୍ରସ୍ତାବ ଦେଇଥିଲେ। ପୂଜା ସମୟରେ ଯେପରି କୌଣସି ଅଘଟଣ ନ ଘଟିବ ସେଥିଲାଗି ତୁରନ୍ତ ରାସ୍ତା ମରାମତି, ଡ୍ରେନ୍‌ରେ ସ୍ଲାବ୍ ପକାଇବା, ଷ୍ଟ୍ରିଟ୍ ଲାଇଟ୍ ମରାମତି, ଅନାବଶ୍ୟକ ଗଛ କଟାଯିବ। ମୂର୍ତ୍ତି ବିସର୍ଜନ ଲାଗି ପୌର ପ୍ରଶାସନ ପକ୍ଷରୁ ଅସ୍ଥାୟୀ ପୋଖରୀ ଏବଂ ସେଠାରେ ଆଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି।

ସହରର ବିଭିନ୍ନ ଛକ, ମୁଖ୍ୟରାସ୍ତାରେ ଖାଲଖମା ରହିଛି। ବର୍ଷାଦିନ ପରେ ଡ୍ରେନ୍ ଏବଂ ରାସ୍ତା ମରାମତି କରାଯିବ। ବହୁ ଉଠାଦୋକାନୀ ରାସ୍ତା ଅବରୋଧ କରିଛନ୍ତି। ପୂର୍ବରୁ ରାସ୍ତା ଅବରୋଧ ହଟାଇବା ପାଇଁ ସେମାନଙ୍କୁ ତାଗିଦ୍ କରାଯାଇଥିଲା। ଏବେ ପୁଣି କେତେଜଣ ବ୍ୟବସାୟୀ ରାସ୍ତା ଅବରୋଧ କରି ରଖିଛନ୍ତି। ଅବରୋଧ ହଟାଇବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ସହରର ୬ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ରହିଛି। କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ଲକ୍‌ଡାଉନ, ଶଟ୍‌ଡାଉନ ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ତେଣୁ ପାର୍କିଂ ଟେଣ୍ଡର ନେଇଥିବା ଭେଣ୍ଡର କ୍ଷତି ସହିଥିବା ଏବଂ ଟଙ୍କା ଛାଡ଼ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଏହାକୁ କାର୍ଯ୍ୟକାରୀ କରାଯିବ। ସହରର ଏକାଧିକ ସ୍ଥାନରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଗୁରୁତ୍ୱ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନା ଲାଗି ହିତାଧିକାରୀ ଚୟନ କରାଯାଇ ଏହାକୁ ତ୍ୱରାନ୍ୱିତ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି। ପୌରାଧ୍ୟକ୍ଷା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ମିତ୍ର, କାର୍ଯ୍ୟନିର୍ବାହୀ ତଥା ତହସିଲଦାର ଈପ୍‌ସିତ ସାହୁ, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ୨୨ଟି ୱାର୍ଡର କାଉନ୍‌ସିଲର ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ କାଉନ୍‌ସିଲରମାନେ।

**କେଏମ୍‌ସିର ୫ମ ସାଧାରଣ ବୈଠକ**
- ୩ ସ୍ଥାନ ପାଇଁ ପ୍ରସ୍ତାବ ଆଗତ
- କ୍ୟାବିନ ଥଇଥାନ ସବ୍‌କମିଟି ତର୍ଜମା କରିବେ
- ନିର୍ମାଣାଧୀନ ପ୍ରକଳ୍ପ ଶୀଘ୍ର ଶେଷକର

## ସଂକ୍ଷେପରେ

### ୩ ହାଇୱେ ଲୁଟେରା ଗିରଫ

**ସାକ୍ଷୀଗୋପାଳ,୧୯।୯ (ଡି.ଏନ୍.ଏ.):** ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ପଥଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରୁଥିବା ଗ୍ୟାଙ୍ଗର ତିନିଜଣ ସଦସ୍ୟଙ୍କୁ ସତ୍ୟବାଦୀ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳର ସକିଲ୍ ସାହା, ଆଜାରୁଦ୍ଦିନ ସାହା ଓ ପୁରୀ ଜିଲା ଦିବ୍ୟସିଂହପୁର ଥାନା ଅଞ୍ଚଳର କୈଳାସ ବାରିକ। ଏମାନଙ୍କଠାରୁ ଗୋଟିଏ ବାଇକ୍, ୬୦୦ଟଙ୍କା, ରୁପା ଓ ମୋବାଇଲ ଫୋନ ଜବତ ହୋଇଛି। ଗତ ୪ତାରିଖରେ ଚନ୍ଦନପୁର ଥାନା ଅଞ୍ଚଳର ସନ୍ତୋଷ ସାହୁ ପରିବାର ସହ ବାଇକ୍‌ରେ ଘେରକୁ ଫେରୁଥିଲେ। ସତ୍ୟବାଦୀ ବ୍ଲକ ଛକ ନିକଟରେ ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ସନ୍ତୋଷଙ୍କ ପଛରେ ବସିଥିବା ସ୍ତ୍ରୀଙ୍କ ଭ୍ୟାନିଟି ବ୍ୟାଗ ଛଡାଇ ନେଇ ପଳାଇଯାଇଥିଲେ। ଏନେଇ ସନ୍ତୋଷ ଅଭିଯୋଗ କରିଥିଲେ। ସେହିଭଳି ୨୯ ତାରିଖରେ ଚନ୍ଦନପୁର ଅଞ୍ଚଳର ଲିଙ୍ଗରାଜ ମହାପାତ୍ର ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଯାଉଥିବା ବେଳେ ଦୁର୍ବୃତ୍ତ ବାଇକ୍‌ରେ ଏକା ଢଙ୍ଗରେ ଭ୍ୟାନିଟି ବ୍ୟାଗ ଛଡାଇ ନେଇ ପଳାଇଥିଲେ। ଏ ନେଇ ଲିଙ୍ଗରାଜଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଜଟଣୀ,୧୯।୯(ଡି.ଏନ୍.ଏ.):** ଜଟଣୀ ରୋଟାରୀ କ୍ଲବ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ୍‌ହଲ ସ୍ରଷ୍ଟା ନିକଟ ରୋଟାରୀ କ୍ଲବ ପରିସରରେ ହୃଦ୍‌ରୋଗ ପରୀକ୍ଷଣ କରାଯାଇଥିଲା। ଆପୋଲୋ ହସ୍ପିଟାଲ ଭୁବନେଶ୍ୱର ସହାୟତାରେ ଆୟୋଜିତ ଶିବିରରେ ୭୧ ଜଣ ବ୍ୟକ୍ତି ପଞ୍ଜୀକରଣ କରିବା ସହିତ ହୃଦ୍‌ରୋଗଜନିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ ଆପୋଲୋ ହସ୍ପିଟାଲର ଡା. ପ୍ରେମାନନ୍ଦ ପଟ୍ଟନାୟକ, ଡା. ଅନୁପମ ପାଢ଼ୀ ଏବଂ ଟେକ୍ନିକାଲ ସହାୟକ ଭାବେ ଦିବ୍ୟରଞ୍ଜନ ତ୍ରିପାଠୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଟାରୀ କ୍ଲବ ଜଟଣୀ ସଭାପତି ପଦାରବିନ୍ଦ ସାହୁ, ସମ୍ପାଦକ ପ୍ରସାଦ ଜଗଦେବ, ରାଧାମୋହନ ପଟ୍ଟନାୟକ, ସୁନୀଲ ଅଗ୍ରୱାଲ, ପି.କେ. ପଣ୍ଡା, ରସିକ ପଟେଲ, ଆଦିନାରାୟଣ ଖଣ୍ଡୁଆଲ, କେ.ଏମ୍. ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଆଗାମୀ ଦିନରେ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ପଦାରବିନ୍ଦ କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଉତ୍ସବ

**ଖୋର୍ଦ୍ଧା ଅଫିସ,୧୯।୯:** ଖୋର୍ଦ୍ଧା ଜାଗୁଲାଇପାଟଣା ମନ୍ଦିର ପରିସରରେ ସାମାଜିକ ଅନୁଷ୍ଠାନ ପ୍ରତିଶ୍ରୁତି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଓ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା, ଦିବ୍ୟାଙ୍ଗଙ୍କ ପାଇଁ ପ୍ରସାଦ ବଣ୍ଟନ, ହୋମ, ନାମ ସଂକୀର୍ତ୍ତନ, ବେଦ ପଠନ, ଦୀପ ଦାନ କରାଯାଇଥିଲା। ସନ୍ଧ୍ୟାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ସଜ୍ଜନ ଶର୍ମା, ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ଗୁଣନିଧି ମହାପାତ୍ର, ଶକ୍ତି ଶଙ୍କର ମିଶ୍ର, ରମେଶ ମଙ୍ଗରାଜ, ସୁଦୀପ୍ତ ରାୟ, ରଶ୍ମିମୟୀ ପଟ୍ଟନାୟକ ବୈକୁଣ୍ଠ ମହାପାତ୍ର, ନରେନ୍ଦ୍ର ଜଗଦେବ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଦୀପ ପ୍ରଜ୍ୱଳନ ସାଧୁ ଅନନ୍ତ ନାରାୟଣ ଦେବାଚାର୍ଯ୍ୟ କରିଥିଲେ। ସମରେନ୍ଦ୍ର ନାଥ ଶତପଥୀ ପରିଚୟ ପ୍ରଦାନ, ବ୍ରଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱେଶ୍ୱର ଦାସ, କମଳ ବାବା, ଶରତ ଚନ୍ଦ୍ର ମିଶ୍ର, ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ରବୀନ୍ଦ୍ର ନାଥ ଶତପଥୀ, ଦୟାନିଧି ରାଉତରାୟ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବସନ୍ତ ଦାସ ଉପସ୍ଥିତ ଥିଲେ। ସୁବାସ ଚନ୍ଦ୍ର ସାହୁ, ମୀନକେତନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା, ଗୁଣନିଧି ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଗ୍ରୀଲ୍ କାଟି ଘରେ ପଶି ଚୋରି
### ୧୦୦ ଗ୍ରାମ୍ ସୁନା ଅଳଙ୍କାର, ୫୦ ହଜାର ନେଇଗଲେ



**ବୋଲଗଡ଼,୧୯।୯(ଡି.ଏନ୍.ଏ.)**

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଆରିକମା ଗ୍ରାମର ନବକୁମାର ନାୟକଙ୍କ ଗ୍ରୀଲ୍ କାଟି ଘରେ ପଶିବା ସହ ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ନବକୁମାରଙ୍କ ସ୍ତ୍ରୀ କମଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ ଦାସ, ବୋଲଗଡ଼ ଆଇଆଇସି ରଶ୍ମିରଞ୍ଜନ ସାହୁ, ବାଙ୍କୋଇ ଫାଣ୍ଡି ଅଧିକାରୀ ଶ୍ରୀନିବାସ ପ୍ରଧାନଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ମୁତାବକ, କମଳା ନିଜ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୪ ଦିନ ହେବ ଭୁବନେଶ୍ୱର ଯାଇଥିଲେ। ସୋମବାର ଘରକୁ ଫେରି ଦେଖିଲାବେଳକୁ ଗ୍ରୀଲ ଓ କବାଟ ଭଙ୍ଗାଯାଇଥିଲା। ପରେ ଘରେ ଥିବା ଆଲମିରା ଭଙ୍ଗାଯାଇ ସେଥିରେ ଥିବା ୧୦୦ ଗ୍ରାମ୍ ସୁନା ଅଳଙ୍କାର, ୫୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

# 'ବିଦ୍ୟାଳୟରେ ଗୀତା ପାଠକୁ ଗୁରୁତ୍ୱ ଦିଆଯାଉ'

**ବେଗୁନିଆ,୧୯।୯(ଡିଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମା ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ସହ ସଂଯୋଜକ ଅର୍ନିବାଣ ନନ୍ଦଗିରି, ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ପୃଷ୍ଟି, ଶିକ୍ଷାବିତ୍ ଭାଗୀରଥି ପରିଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ମହାପାତ୍ର, ଅନିଲ କୁମାର ଦାସ ଯୋଗ ଦେଇଥିଲେ। ସମସ୍ତ ଉପନିଷଦର ସାରତତ୍ତ୍ୱ ଶ୍ରୀମଦ୍ ଭଗବତ ଗୀତାରେ ଉପଲବ୍ଧ ହୋଇ ରହିଛି। ସଂସ୍କୃତ ଭାଷା ଶିକ୍ଷା ଲାଭ କରିବାରେ ଏହା ସହାୟକ ହୋଇଥାଏ। ତେବେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶ୍ରୀମଦ୍ ଭଗବତ ଗୀତା ପଠନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୩୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶ୍ରୀମଦ୍ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟ (ସଂଖ୍ୟା ଯୋଗ) ବିଷୟରେ ଆବୃତ୍ତି ପ୍ରତିଯୋଗିତା ଓ ଜ୍ଞାନ ପରୀକ୍ଷା କରାଯାଇଥିଲ।(କ) ବିଭାଗରୁ ଅନ୍ୟାଶା ବିଶ୍ୱାସ ପ୍ରଥମ, ଜ୍ୟୋତି ପ୍ରକାଶ ସାହୁ ଦ୍ୱିତୀୟ ଓ ଆଦିତ୍ୟ ପ୍ରିୟଦର୍ଶୀ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।(ଖ) ବିଭାଗରୁ ସୁଶ୍ରୀ ସଙ୍ଗୀତା ଦାସ ଓ ପ୍ରାଚିରାଣୀ ସାହୁ ଉଭୟ ଯୁଗ୍ମ ପ୍ରଥମ, ରାଜଶ୍ରୀ ବାରିକ୍ ଦ୍ୱିତୀୟ,ରିହାନ ପରବିନ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି (ଗ) ବିଭାଗରୁ ସ୍ୱାଗତିକା ସାହୁ ପ୍ରଥମ, ଜ୍ୟୋତିର୍ମୟୀ ମହାପାତ୍ର ଦ୍ୱିତୀୟ ଏବଂ ଓମ୍ ପ୍ରକାଶ ପାଲ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।(ଘ)ବିଭାଗରୁ ଶ୍ରଦ୍ଧାଞ୍ଜଳି ବଳିୟାରସିଂ ପ୍ରଥମ, ପ୍ରିୟମ୍ବଦା ଦାସ ଦ୍ୱିତୀୟ ଏବଂ ଅଭିଜିତ୍ କୁମାର ମହାରଣା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନେ ସମସ୍ତେ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସସ୍ମିତା ପଣ୍ଡା, ଅଶୋକ ଦାସ, ଦୀନବନ୍ଧୁ ଦାଶ, ମଞ୍ଜୁବାଳା ପତି, ପ୍ରଭାତ ଦାଶ, ପ୍ରଦ୍ୟୁମ୍ନ ମହାପାତ୍ର, ବିଜୟ କୁମାର ରାଉଳ, ସନ୍ତୋଷ କୁମାର ମହାପାତ୍ର, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ପ୍ରମୁଖ ବିଚାରକଭାବେ ଯୋଗ ଦେଇଥିଲେ। ଏହି ଅବସରରେ କତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା। ବ୍ରହ୍ମଚାରୀ ତୃପ୍ତାନନ୍ଦ, ସନ୍ତୋଷ କୁମାର ଦଳେଇ, ପ୍ରତାପ ସାହୁ, ଶିବ କୁମାର ମୁନି, ବସନ୍ତ କୁମାର ପ୍ରହରାଜ, ଜ୍ୟୋତି ରଞ୍ଜନ ପୃଷ୍ଟି ରବୀନ୍ଦ୍ର ବେହେରା, ରାମମାନସ ପଣ୍ଡାଙ୍କ ସହିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଗୀତା ପାଠ କରାଯାଉଛି।

## ୬ ନିଶାବେପାରୀ ଗିରଫ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ଅପରେଶନ ହ୍ୱାଇଟ୍‌ସ୍ୱାଇଡର ଅଭିଯାନକୁ ଜୋର୍‌ଦାର କରାଯାଇଛି। ଗତ ୪ଦିନରେ ୫୦ରୁ ଊର୍ଦ୍ଧ୍ୱ ନିଶା ବେପାରୀଙ୍କୁ ଗିରଫ କରାଯିବା ସହ ବିପୁଳ ନିଶାଦ୍ରବ୍ୟ, ଟଙ୍କା ଜବତ କରାଯାଇଥିବାବେଳେ ୨୪ ଘଣ୍ଟା ମଧ୍ୟରେ ୫ ଥାନା ଅଞ୍ଚଳରୁ ଆଉ ୬ ଜଣଙ୍କୁ ଗିରଫ କରିଛି ପୋଲିସ। ମଞ୍ଚେଶ୍ୱର ଥାନା ପୋଲିସ କଳାରାହାଙ୍ଗ ହାଟ ରୋଡ଼ରେ ଚଢ଼ାଉ କରି କୃଷ୍ଣଚନ୍ଦ୍ର ନାଥଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗାର ସହ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି। ସେହିପରି ବେଆଇନ ଗଞ୍ଜେଇ ବିକ୍ରି ମାମଲାରେ ଲିଙ୍ଗରାଜ ଥାନା ପୋଲିସ ସରୋଜ କୁମାର ପାତ୍ରଙ୍କୁ ଗିରଫ କରିଛି। ବାଲିପାଟଣା ପୋଲିସ କାହ୍ନୁ ଦାସଙ୍କୁ ଗିରଫ କରିଥିବାବେଳେ ତାଙ୍କଠାରୁ ୧କେଜି ଗଞ୍ଜେଇ ଜବତ କରିଛି। ବାଲିଅନ୍ତା ପୋଲିସ ପ୍ରଭାତ ଭୋଇଙ୍କୁ ଗିରଫ କରିବା ସହ ତାଙ୍କଠାରୁ ମଧ୍ୟ ଗଞ୍ଜେଇ ଜବତ ହୋଇଛି। ଚନ୍ଦ୍ରଶେଖରପୁର ପୋଲିସ ପ୍ରଶାନ୍ତ ମହାନ୍ତ ଓ ବିଶ୍ୱନାଥ ସାହୁଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩ କେଜି ଗଞ୍ଜେଇ ଜବତ କରିଛି।

## ଫୁଟବଲ: ବଜରଙ୍ଗବାଲି ଚାମ୍ପିୟନ

**ଯାଁଳା,୧୯।୯(ଡିଏନ୍.ଏ.)**

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ କରଡ଼ାପଲ୍ଲୀର ପାୱାର କ୍ଲବକୁ ୩-୨ ଗୋଲରେ ହରାଇ ଘାଟିକିଆର ବଜରଙ୍ଗବାଲି ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମ୍ୟାଚର ୧୨ ମିନିଟରେ ପାୱାର କ୍ଲବର ବୁନା ଖାଁ ଏବଂ ୫୮ ମିନିଟରେ ଚିନ୍ମୟ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ବଜରଙ୍ଗବାଲିର ବିକାଶ ନାୟକ ୩୫ ମିନିଟ, ବବୁଲ ରାଉତ ୫୫ ମିନିଟ ଏବଂ ଚେତନ ନାୟକ ୭୭ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶ୍ରେଷ୍ଠ ଖେଳାଳିଭାବେ ବିକାଶ ନାୟକ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ନବରଞ୍ଜନ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ଦୁଃଶାସନ ସ୍ୱାଇଁ, ଡ.ମନ୍ମଥ ରାଉତ, ପ୍ରଦୋଷ କୁମାର ଜେନା, ତୁଷାର ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ଟ୍ରଫି ସହିତ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ରନର୍ସଅପ ଟିମକୁ ଟ୍ରଫି ସହ ୩ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଛେନୁ ଶେଖର ପଟ୍ଟନାୟକ ଏବଂ ପ୍ରଦୀପ କୁମାର ବଳିୟାରସିଂ ମଞ୍ଚ ପରିଚାଳନା କରିଥିଲେ। ଏମ୍.ଏସ ବେଗ୍, ଆନନ୍ଦ ନାୟକ, ମନୋରଞ୍ଜନ ଖୁଣ୍ଟିଆ, ଲଳିତ ବଳିୟାରସିଂ ଓ ନଜିବୁର ରେହେମାନ ମ୍ୟାଚ୍ ପରିଚାଳନା କରିଥିଲେ।


ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## କୃଷି ଅଧିକାରୀଙ୍କ ମୋ ସେବାକେନ୍ଦ୍ର ପରିଦର୍ଶନ

**ନିରାକାରପୁର,୧୯।୯(ଡି.ଏନ୍.ଏ.)**

କୃଷକଙ୍କ ସୁବିଧା ପାଇଁ ସରକାର ଏକ ନୂଆ ଯୋଜନା ମାଧ୍ୟମରେ କୃଷକମାନଙ୍କ ପଞ୍ଜୀକରଣ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏଥିସହ ପଞ୍ଚାୟତରେ ଥିବା ମୋ ସେବାକେନ୍ଦ୍ରଙ୍କୁ ଚାଷୀଙ୍କ ପଞ୍ଜୀକରଣ ପାଇଁ କୃଷକ ପୋର୍ଟାଲ ଆଇଡି ପ୍ରଦାନ କରିଛନ୍ତି। ଏହି ଯୋଜନାକୁ କିଭଳି ସମସ୍ତେ ଜାଣିପାରିବେ ସେଥିପାଇଁ ବିଭିନ୍ନ ପ୍ରକାର ପନ୍ଥା ଅବଲମ୍ବନ କରିଛନ୍ତି। ପଞ୍ଚାୟତର ଥିବା ସମସ୍ତ ସରକାରୀ, ବେସରକାରୀ ଏବଂ କୃଷକ ସାଥୀଙ୍କୁ ଅବଗତ କରିଛନ୍ତି । ପ୍ରଥମେ ଏହି ପୋର୍ଟାଲ କିଛିଦିନ ଠିକ୍‌ରେ ଚାଲିଥିବା ବେଳେ ଏବେ ଉକ୍ତ ସାଇଟ୍ ଠିକ୍ ଭାବେ ଖୋଲୁ ନ ଥିବା ଜଣାପଡ଼ିଛି। ଫଳରେ ଚାଷୀମାନେ ଭୋର ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ମୋ ସେବାକେନ୍ଦ୍ର ଆଗରେ ପ୍ରମାଣପତ୍ର ଧରି ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏହି ଖବର ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଓ ଅଞ୍ଚଳର କୃଷିକ୍ଷେତ୍ର ପରିଦର୍ଶକ ପ୍ରତାପ କୁମାର ସାହୁ ଜାଣିବା ପରେ ସୋମବାର ନିରାକାରପୁର ମୋ ସେବାକେନ୍ଦ୍ରରେ ପହଞ୍ଚି ସମସ୍ତ ସ୍ଥିତି ପରଖିଥିଲେ। ଜିଲା କୃଷି ଅଧିକାରୀ ମିଶ୍ର କୁହନ୍ତି, ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି । ଓକାକ୍ ଭୁବନେଶ୍ୱର ସହିତ ଯୋଗାଯୋଗ ହୋଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।


ଜିଲା କୃଷି ଅଧିକାରୀ ଓ ଅନ୍ୟମାନେ।

## 'ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**ଖୋର୍ଦ୍ଧା ଅଫିସ,୧୯।୯**

ଖୋର୍ଦ୍ଧା ଗାନ୍ଧୀପଡିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଜିଲାସ୍ତରୀୟ ଆଲୋଚନାଚକ୍ର ସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ୨୦ଟି ଶିକ୍ଷାକେନ୍ଦ୍ରର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାକେନ୍ଦ୍ରର ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଲ୍‌ଏଲ୍‌ବି ସିଟ୍ ସଂଖ୍ୟା ୧୮୦କୁ ବୃଦ୍ଧି

**ଖୋର୍ଦ୍ଧା ଅଫିସ,୧୯।୯**

ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ତିନିବର୍ଷିଆ ଡିଗ୍ରୀ କୋର୍ସ(ଏଲ୍‌ଏଲ୍‌ବି) ସିଟ୍ ସଂଖ୍ୟା ୬୦ରୁ ୧୮୦କୁ ବୃଦ୍ଧି ପାଇଛି। ସୋମବାର କଲେଜ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଲେଜର ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟ ଏହି ସୂଚନା ଦେଇଛନ୍ତି। ୨୦୧୬ ଜୁନରେ ୬୦ଟି ସିଟକୁ ନେଇ ଏହି କଲେଜ ଆରମ୍ଭ ହୋଇଥିଲା। ଏବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ନଂ. ୩୯୫୦୩ ତା ୧୬-୦୮-୨୦୨୨ ରିଖ ଅନୁଯାୟୀ ସ୍ଥାନ ସଂଖ୍ୟା ୧୮୦କୁ ବୃଦ୍ଧି ପାଇଛି। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅନ୍ୟତମ ପ୍ରତିଷ୍ଠାତା ସୁଧୀର କୁମାର ମାନସିଂହ, ଅଧ୍ୟକ୍ଷ ଡ.ସୁଜିତ କୁମାର ବିଶୋୟୀ, ଉପଦେଷ୍ଟା ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଜିଲାରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

**ଖୋର୍ଦ୍ଧା ଅଫିସ,୧୯।୯**

**ସଚେତନ କଲେ ସିଡିଏମ୍‌ଓ, ସ୍ୱଚ୍ଛତା ଉପରେ ଗୁରୁତ୍ୱ**



ଖୋର୍ଦ୍ଧା ଜିଲାରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଜିଲାରେ ୧୬୯୧ ଜଣ ଚିହ୍ନଟ ହୋଇଥିବା ବେଳେ ସେଥିରୁ ଭୁବନେଶ୍ୱର ମହାନଗର ନିଗମରେ କେବଳ ୧୬୦୫ ଜଣ ରହିଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨୯, ଖୋର୍ଦ୍ଧାରେ ୯ ଜଣଙ୍କ ସମେତ ଅନ୍ୟ ବ୍ଲକକୁ ମିଶାଇ ମୋଟ୍ ୮୬ ଜଣ ରହିଛନ୍ତି। ଏ ନେଇ ଖୋର୍ଦ୍ଧା ଜନସ୍ୱାସ୍ଥ୍ୟ ଓ ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ କୁହନ୍ତି, ଡେଙ୍ଗୁ ନିୟନ୍ତ୍ରଣ ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଜିଲାରେ ଇଣ୍ଟିଗ୍ରେଟେଡ୍ କ୍ୟାମ୍ପେନ ଆରମ୍ଭ ହୋଇଛି। ଆଶା ଓ ଅଙ୍ଗନୱାଡି ଏବଂ ଏଏନ୍‌ଏମ୍ କର୍ମୀମାନେ ଘର ଘର ବୁଲି ସଚେତନ କରୁଛନ୍ତି। ପରୀକ୍ଷାକୁ ବୃଦ୍ଧି କରାଯାଇଛି ବୋଲି ସିଡିଏମ୍‌ଓ ନାୟକ କହିଛନ୍ତି। ସେ ଆହୁରି କହିଥିଲେ, ସାଧାରଣତଃ ଜୁଲାଇ ଏବଂ ଅଗଷ୍ଟରେ ଡେଙ୍ଗୁ ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ। ଜଣେ ଡେଙ୍ଗୁ ରୋଗୀଙ୍କ ଠାରୁ ସୁସ୍ଥ ଲୋକଙ୍କୁ ଏହା ସଂକ୍ରମିତ ହୋଇଥାଏ। ପ୍ରାଥମିକ ଲକ୍ଷଣ ଦେଖାଗଲେ ବିଳମ୍ବ ନ କରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ପ୍ରାଥମିକ ଅବସ୍ଥାରେ ଜ୍ୱର, ଆଣ୍ଠୁଗଣ୍ଠି ବ୍ୟଥା, ଶରୀର ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଡେଙ୍ଗୁ ରୋଗର ଚିକିତ୍ସା ଲାଗି ଆରଏମ୍‌ଆରସି ଓ ଏମ୍‌ସ ଭୁବନେଶ୍ୱର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବସ୍ଥା ରହିଛି। ଖାଲୁଆ ଅଞ୍ଚଳରେ ପାଣି ଜମୁଥିବା ସ୍ଥାନରେ ସ୍ଥିର ଜଳରେ ଅଣ୍ଡାଦେବା ଯୋଗୁ ମଶାବଂଶ ବୃଦ୍ଧି ପାଇଥାଏ। ଏଥିସହିତ ଖୋଲାଜାଗାରେ ଦୀର୍ଘଦିନ ଧରି ପଡ଼ି ରହିଥିବା ଅଳିଆ ଆବର୍ଜନା ନ ହଟିଲେ ମଶାବଂଶ ବୃଦ୍ଧି ଘଟିଥାଏ। ତେଣୁ ପରିବେଶ ସ୍ୱଚ୍ଛତା ନିତାନ୍ତ ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ନିଜ ଘର ପରିବେଶ, ଅନୁଷ୍ଠାନ, କାର୍ଯ୍ୟାଳୟର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଅନ୍ତୁ। କୌଣସି ସ୍ଥାନରେ ଅଳିଆ ଆବର୍ଜନା ହେବାକୁ ଦିଅନ୍ତୁ ନାହିଁ। ଜ୍ୱର ହେଲେ ପାରାସିଟାମଲ ବଟିକା ଖାଆନ୍ତୁ। ସବୁ ଡେଙ୍ଗୁ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେବା ଆବଶ୍ୟକ ନାହିଁ। ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହେବାକୁ ସିଡିଏମ୍‌ଓ ନାୟକ କହିଛନ୍ତି।

# ୪୦ ଫୁଟ ରାସ୍ତା ସମ୍ପ୍ରସାରଣକୁ ବିରୋଧ

## ଦାବି ଜଣାଇବାକୁ ଏକାଠି ହେଲେ ସାହିବାସିନ୍ଦା

■ ଶ୍ରୀକ୍ଷେତ୍ର ବାଲିସାହି ଉନ୍ନୟନ ପରିଷଦ ଗଠିତ

■ ଅକ୍ଟୋବରରୁ ରେଭିନ୍ୟୁ ମାର୍କିଂ କରିବ ପ୍ରଶାସନ

ପୁରୀ ଅଫିସ,୧୯।୯:

ଶ୍ରୀମନ୍ଦିରରୁ ସ୍ୱର୍ଗଦ୍ୱାର ଦେଇ ଯିବା ରାସ୍ତାକୁ ୪୦ ଫୁଟ୍ ଓସାର କରିବା ନିଷ୍ପତ୍ତିକୁ ସାହି ବାସିନ୍ଦା ମାନିବାକୁ ପ୍ରସ୍ତୁତ ନାହାନ୍ତି। ପ୍ରଶାସନ ଲୋକଦେଖାଣିଆ ଭାବେ ଆଲୋଚନା କରିବା ସହ ମନମୁଖି ଭାବେ ରାସ୍ତା ସଂପ୍ରସାରଣ ଓ ଜମି ଅଧିଗ୍ରହଣ କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ସାହିବାସିନ୍ଦା ଏକ ପରିଷଦ ଗଠନ କରି ପ୍ରଶାସନକୁ ନିଜ ଦାବି ସମ୍ପର୍କରେ ଜଣାଇବା ପାଇଁ ପଦକ୍ଷେପ ନେଉଛନ୍ତି। ମୁଖ୍ୟତଃ ୪୦ ଫୁଟ୍ ଚଉଡ଼ା ରାସ୍ତା ସାହି ଭିତରେ କରିବା ସମ୍ଭବପର ନୁହେଁ। ପ୍ରଶାସନ ଯେତେ ଯାହା କଲେ ମଧ୍ୟ ଏନେଇ ସାହିବାସିନ୍ଦା ରାଜି ହେବେନାହିଁ। ଅଧିକାଂଶ ଘରର ଅଧା ସ୍ଥାନ ସମ୍ପୃକ୍ତ ୪୦ ଫୁଟ୍ ମଧ୍ୟରେ ଚାଲିଯିବ। ୩୦ ଫୁଟ୍ ପର୍ଯ୍ୟନ୍ତ ଚଉଡ଼ା ରାସ୍ତା ହେବା ଆମେ ମାନି ନେଇପାରିବୁ ବୋଲି ସାହିବାସିନ୍ଦା ଓ ଦୋକାନୀମାନେ କହିଛନ୍ତି। ବାଲିସାହି ଉଗ୍ରସର ମନ୍ଦିର ପ୍ରାଙ୍ଗଣରେ ବୈଠକ ଆୟୋଜନ କରାଯାଇ ସାହି ମୁରବିମାନଙ୍କୁ ନେଇ ଶ୍ରୀକ୍ଷେତ୍ର ବାଲିସାହି ଉନ୍ନୟନ ପରିଷଦ



ଗଠନ କରାଯାଇଛି। ଏହି ପରିଷଦର ସଭାପତି ଭାବେ ପୂର୍ବତନ ନଗରପାଳ ଗୌରହରି ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଗୋପବନ୍ଧୁ ରଣା, ମହାବୀର ପଡ଼ିହାରୀ, ଶ୍ରୀକାନ୍ତ ମିଶ୍ର ଏବଂ ନୃସିଂହ ପ୍ରସାଦ ସାହୁ ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ତେବେ ପ୍ରଶାସନ ସାହି ରାସ୍ତା ସମ୍ପ୍ରସାରଣ ନେଇ ଯେକୌଣସି ନିଷ୍ପତ୍ତି ନେଲେ ପରିଷଦ ସହ ପ୍ରଥମେ ଆଲୋଚନା କରିବାକୁ ପଡ଼ିବ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିରରୁ ସ୍ୱର୍ଗଦ୍ୱାର ସମ୍ପ୍ରସାରଣ କାର୍ଯ୍ୟ ଜୋରସୋରରେ ଆଗେଇଥିବାରୁ ସାହିବାସିନ୍ଦା ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି। ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଅକ୍ଟୋବର ପହିଲାରୁ ପ୍ରଥମେ ରେଭିନ୍ୟୁ ମାର୍କିଂ ହେବ। ଏହା ପରେ ଜିପିଆର୍ ସର୍ଭେ ଆରମ୍ଭ କରାଯିବ। ସର୍ଭେ ପାଇଁ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ସାହି ମଠମନ୍ଦିର ପାଖାପାଖି ହୋଇଥିବାରୁ ଅନେକ ଐତିହ୍ୟ କୀର୍ତ୍ତିରାଜି ମିଳିବାର ସମ୍ଭାବନା ରହିଛି। ତାହାକୁ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ଜିପିଆର୍ ସର୍ଭେ କରାଯିବ। ଉଲ୍ଲେଖଯୋଗ୍ୟ, ବାଲିସାହି ରାସ୍ତା ସମ୍ପ୍ରସାରଣକୁ ପ୍ରଶାସନ ପରିକ୍ରମା ପ୍ରକଳ୍ପରେ ସାମିଲ କରି କାର୍ଯ୍ୟ କରିବ। ମୁଖ୍ୟତଃ ଅତି ଅଣଓସାରିଆ ରାସ୍ତା ହେତୁ ଲୋକେ ସଂପୃକ୍ତ ରାସ୍ତାରେ ଚାଲିକରି ଯିବାରେ ମଧ୍ୟ ସମସ୍ୟା ହେଉଛି। ସ୍ୱର୍ଗଦ୍ୱାରରୁ ଶ୍ରୀମନ୍ଦିର ସିଧାସଳଖ ଦେଖାଯିବା ଭଳି ରାସ୍ତା ପ୍ରଶସ୍ତୀକରଣ ହେବ ବୋଲି ପ୍ରଶାସନ ସ୍ପଷ୍ଟ କରିସାରିଛି। ମାତ୍ର ଏହାଦ୍ୱାରା ସାହିବାସିନ୍ଦା ବ୍ୟାପକ ଭାବେ ପ୍ରଭାବିତ ହେବେ। ତେବେ ସେମାନେ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରୁନାହାନ୍ତି, ରାସ୍ତାକୁ ସର୍ବାଧିକ ୩୦ ଫୁଟ୍ ଚଉଡ଼ା କରାଯାଉ ବୋଲି ଦାବି କରୁଛନ୍ତି।



ପୁରୀର ବାଙ୍କମୁହାଣଠାରେ ସୋମବାର ମା' ରାମଚଣ୍ଡୀଙ୍କ ସନ୍ଧ୍ୟାବେଶ ।

## ସଂକ୍ଷେପରେ

### ଏଜେଣ୍ଟଙ୍କଠାରୁ ୯୮ ହଜାର ଲୁଟିନେଲେ

ନିମାପଡ଼ା,୧୯।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ବଜାରରେ ସୋମବାର ପୂର୍ବାହ୍ନ ସମୟରେ ଜଣେ ଏଜେଣ୍ଟଙ୍କ ବାଇକ୍ ଡିକି ଭାଙ୍ଗି ୯୮ ହଜାର ଟଙ୍କା ଲୁଟି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୧୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏୟାରଟେଲ୍‌ର ମାର୍କେଟିଂ ଏଜେଣ୍ଟ ଭାବେ କାର୍ଯ୍ୟରତ ଥିବା ସ୍ଥାନୀୟ ଥାନା ଅନ୍ତର୍ଗତ ଧିରପୁର ଗ୍ରାମର ପୃଥ୍ୱୀରାଜ ମିଶ୍ର(୪୦) ରେଘାଂଲୋ, ବସନ୍ତମାଳ ଅଞ୍ଚଳରୁ ଟଙ୍କା କଲେକ୍ସନ୍ କରି ଖେଲାର ବଜାରକୁ ଆସିଥିଲେ। ସେଠାରେ ଗାଡି ଥୋଇ ଏକ ମୋବାଇଲ ରିଚାର୍ଜ ଦୋକାନକୁ ଯାଇଥିଲେ। କିଛି ସମୟ ପରେ ସେ ଗାଡି ପାଖକୁ ଆସିବାବେଳେ ୨ ଦୁର୍ବୃତ୍ତ ତାଙ୍କ ଗାଡି ନେଇଯାଉଥିବା ଦେଖିଥିଲେ। ହେଲେ ସେ ସେମାନଙ୍କୁ ଧରିପାରି ନ ଥିଲେ। ଘଟଣା ବାବଦରେ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ମିଶ୍ର ପୋଲିସ ନିକଟରେ ଦାବି କରିଛନ୍ତି।

### ବାପଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୯।୯(ଡି.ଏନ୍.ଏ.): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ୭ନଂ. ୱାର୍ଡର ଗୋପୀନାଥପାଟଣା ଗ୍ରାମରେ ସୋମବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଅମ୍ରିତା ସାହୁ(୩୦)। ବ୍ୟବଚ୍ଛେଦ ପାଇଁ ପୋଲିସ ମୃତଦେହକୁ ଚାରିଛକ ମେଡିକାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୮/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ସୂଚନା ମୁତାବକ, ଗତ କିଛିଦିନ ତଳେ ଅମ୍ରିତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା। ତେବେ କିଛି ଦିନ ହେବ ସେ ଆସି ତାଙ୍କ ବାପଘରକୁ ଆସିଥିଲେ। ସୋମବାର ସକାଳୁ ଅମ୍ରିତା ଘରର କବାଟ ଖୋଲିବାକୁ ବିଳମ୍ବ ହେବାରୁ ପରିବାର ଲୋକେ କବାଟ ବାଡେଇଥିଲେ। ଅମ୍ରିତା ବେକରେ ଶାଢ଼ିବାନ୍ଧି ଫ୍ୟାନରେ ଝୁଲୁଥିବା ପରିବାର ଲୋକେ ଝରକା ଫାଙ୍କରେ ଦେଖିଥିଲେ। ପରିବାର ଲୋକ ଏନେଇ ପୋଲିସକୁ ଖବର ଦେଇଥିଲେ। ଏଥିସହ ଖବରପାଇ ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ଘରର କବାଟ ଭଙ୍ଗାଯାଇଥିଲା। ଏ ସମ୍ପର୍କରେ ମହିଳାଙ୍କ ବଡ଼ବାପା ଯଦୁମଣି ସାହୁ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଅମ୍ରିତା ଦୁଃଖରେ ଭାଙ୍ଗିପଡି ମାନସିକ ଦୁଶ୍ଚିନ୍ତାରେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

### କୁମାର ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

ପୁରୀ ଅଫିସ, ୧୯।୯: କୁମାର ଉତ୍ସବ ସମିତି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ପୁରୀ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଗବତ ଗୀତାରୁ ଆରମ୍ଭ ହୋଇ ଦେଖି ପଢ଼, ପ୍ରବନ୍ଧ, ଚିତ୍ରାଙ୍କନ, ଝୋଟି, ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାକୁ ଅନୁଷ୍ଠାନର ସଭାପତି ବିଭୁ ପ୍ରସାଦ ତ୍ରିପାଠୀ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଚକ୍ରଧର ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ଭରତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବିଚାରକ ଭାବେ ପ୍ରଦୀପ ଆଚାର୍ଯ୍ୟ ଓ ନନ୍ଦିଘୋଷ ମହାପାତ୍ର ଯୋଗଦେଇ ଭଗବତ ଗୀତା ଅଧ୍ୟୟନ ଦ୍ୱାରା ଘରେ ଶାନ୍ତି, ମନୋବଳ ଦୃଢ଼ ହେବା ସହ ଧାର୍ମିକ ଚେତନା ଜାଗ୍ରତ ହୋଇଥାଏ ବୋଲି କହିଥିଲେ। ଅକ୍ଟୋବର ୧୦,୧୧ ଓ ୧୨ ତାରିଖରେ ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା ୫୫ତମ କୁମାର ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି। ଗୌରୀଶଙ୍କର ସାମନ୍ତରା, ବିକାଶ ଦତ୍ତ, ଅମରେନ୍ଦ୍ର ପାଇକରାୟ, ସାଧନା ମହାନ୍ତି, ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ଶୁଭଶ୍ରୀ ଜୟସିଂ, ପ୍ରମୋଦ ପଟ୍ଟନାୟକ, ଶୁଭେନ୍ଦୁ ମହାପାତ୍ର, ଲିନୁ ନାୟକ, ବିଶ୍ୱଜିତ୍ ରାଜ, କ୍ଷୀରୋଦ ଦାଶ, ଅସୀମା ରାଉଳ, ସନ୍ଧ୍ୟାରାଣୀ ସାହୁ, ସୌମ୍ୟାରଞ୍ଜନ ସାହୁ ଏବଂ ଓମ୍ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୭୬ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ, ୧୯।୯: ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ସୋମବାର ଭାଜପା ଯୁବ ମୋର୍ଚ୍ଚା ପୁରୀ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସମର୍ପଣ ଏବଂ ଯୁବମୋର୍ଚ୍ଚାର ମିଳିତ ସହଯୋଗରେ ୭୬ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଯୁବ ମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶ, ମଧୁସୂଦନ ସମର୍ପଣ ସଭାପତି ଅଭିମନ୍ୟୁ ଭୂୟାଁ, ସମ୍ପାଦକ ଜୟନ୍ତୀ ମହାପାତ୍ର, କୋଷାଧ୍ୟକ୍ଷ ଗୋବିନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀଠାରେ ଅନୁଷ୍ଠିତ ୬ଷ୍ଠ ଓଡ଼ିଶା ବାଟାଲିଅନ୍ ପକ୍ଷରୁ ବାର୍ଷିକ ଟ୍ରେନିଂ କ୍ୟାମ୍ପରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର କୃତୀ ଏନ୍‌ସିସି କ୍ୟାଡେଟ୍‌ମାନେ ।

# ନିମାପଡ଼ା ଉଚ୍ଚ ବିଦ୍ୟାଳୟକୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

## ୬ଷ୍ଠ ଓଡ଼ିଶା ବାଟାଲିଅନ୍ ପକ୍ଷରୁ ବାର୍ଷିକ ଟ୍ରେନିଂ କ୍ୟାମ୍ପ

ନିମାପଡ଼ା,୧୯।୯(ଡି.ଏନ୍.ଏ.):

ପୁରୀଠାରେ ୬ଷ୍ଠ ଓଡ଼ିଶା ବାଟାଲିଅନ୍ ପକ୍ଷରୁ ଗତ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ୮ ଦିନିଆ ବାର୍ଷିକ ଟ୍ରେନିଂ କ୍ୟାମ୍ପ ଆୟୋଜିତ ହୋଇଥିଲା। ଏଥିରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ବେଶ୍ ସଫଳତା ହାସଲ କରିଛି। ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ପ୍ୟାରେଡ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟ ପାଇଁ ୩ ପଦକ ହାସଲ କରିଛନ୍ତି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଦିଆଯାଇଛି। କ୍ୟାମ୍ପରେ ଯୋଗଦେଇଥିବା ସମସ୍ତ କ୍ୟାଡେଟ୍‌ଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବକ୍ତୃତାରେ କ୍ୟାଡେଟ୍ ଅୟସ୍କାନ୍ତ ବରାଳ ସ୍ୱର୍ଣ୍ଣ ପଦକ, ରଚନାରେ ଶୁଭ୍ରାଂଶୁ ଶେଖର ସାହୁ ଏବଂ ଅମିତ୍ ମିଶ୍ର ରୌପ୍ୟ ପଦକ ଜିଣିଛନ୍ତି। ଏନେଇ ବିଦ୍ୟାଳୟ ଏନ୍‌ସିସି ଅଫିସର ପ୍ରଦୀପ୍ତ ବେହେରା, ସର୍ଜେଣ୍ଟ ଧନଞ୍ଜୟ ମିଶ୍ର କହିଛନ୍ତି। ସମ୍ବର୍ଦ୍ଧନା ସମାରୋହରେ ଅତିଥି ଭାବେ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ୍‌ର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଏନ୍‌ସିସି ଅଫିସର ପ୍ରଦୀପ୍ତ ବେହେରା, କ୍ରୀଡାବିତ୍ ବିଶ୍ୱଜିତ୍ ମଲ୍ଲିକ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ବାରିକ୍, କ୍ରୀଡ଼ା ଶିକ୍ଷକ ରଣଜିତ୍ କେଶରୀ ନାୟକ, ବରିଷ୍ଠ ନାଗରିକ ଗୋବିନ୍ଦଚନ୍ଦ୍ର ଚିନରା ପ୍ରମୁଖ ଯୋଗଦେଇଥିଲେ। ଏହି କ୍ୟାମ୍ପରେ ବିଦ୍ୟାଳୟର ୨୩ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ଟଙ୍କା ଫେରସ୍ତ ମାଗିବାରୁ ମାଡ଼, ଏସ୍‌ପିଙ୍କ ଦ୍ୱାରସ୍ଥ

■ ଫନୀ ସହାୟତା କରାଇଦେବାକୁ କହି ନେଇଥିଲେ ୩୦ ହଜାର

■ ମାମଲା ରୁଜୁ ପରେ ବି କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ

କଣାସ,୧୯।୯(ସ୍ୱ.ପ୍ର.):

ଫନୀ ଘରଭଙ୍ଗା ସହାୟତା କରାଇଦେବାକୁ କହି ମହିଳାଙ୍କଠୁ ଜଣେ ବ୍ୟକ୍ତି ୩୦ ହଜାର ଟଙ୍କା ନେଇଥିଲେ। ସହାୟତା ନ କରିବାରୁ ମହିଳାଙ୍କ ସ୍ୱାମୀ ତାଙ୍କୁ ଟଙ୍କା ଫେରସ୍ତ ମାଗିବାରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କୁ ମାଡ ମାରିବା ସହ ସ୍ତ୍ରୀଙ୍କୁ ଟଣାଓଟରା କରିଥିଲେ। ଏନେଇ ମହିଳା ଜଣଙ୍କ ଗତ ୧୪ତାରିଖରେ କଣାସ ଥାନାରେ ଏତଲା ଦେଇଥିଲେ। ଇତିମଧ୍ୟରେ ୬ ଦିନ ବିତିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମହିଳା ସୋମବାର ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି ଘଟଣା ନେଇ ଅନେକ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ୨୦୧୯ରେ ହୋଇଥିବା ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟା ଫନୀରେ କଣାସ ବ୍ଲକର ବହୁ ଘରଦ୍ୱାର ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ ପରେ ଅନେକ ପରିବାରଙ୍କୁ ସହାୟତା ମିଳିଥିବାବେଳେ କେତେକ ଏଥିରୁ ବଞ୍ଚିତ ହୋଇଥିଲେ। ସେହିସମୟରେ ବ୍ଲକ ଅନ୍ତର୍ଗତ ଅଣ୍ଡାଳସିଂହ ଗ୍ରାମର ବାଦଲ ଚମ୍ପତି ଘରଭଙ୍ଗା ସହାୟତା ୯୮ ହଜାର ଟଙ୍କା କରାଇଦେବା ପାଇଁ ଉକ୍ତ ଗ୍ରାମର କୁମତୀ ବେହେରାଙ୍କଠାରୁ ୩୦ହଜାର ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଘରଭଙ୍ଗା ସହାୟତା ନ ମିଳିବାରୁ ବାଦଲଙ୍କୁ କୁମତୀଙ୍କ ସ୍ୱାମୀ ଗୌତମ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ଏଥିରେ ଗୌତମଙ୍କୁ ବାଦଲ ମାଡ ମାରିଛନ୍ତି। କୁମତୀ ବିରୋଧ କରିବାରୁ ବାଦଲ ତାଙ୍କୁ ଟଣାଓଟରା କରିଥିଲେ। ଏ ଘଟଣାରେ ଆଇଆଇସି ସୁଜିତ ଦାସଙ୍କୁ ପଚାରିବାରେ, ଥାନାରେ ଏନେଇ ଦଫା ୩୨୩, ୨୯୪, ୩୫୪, ଆଇପିସି ୫୦୬ରେ ଏକ ମାମଲା(ନଂ. ୧୭୪/୨୨) ରୁଜୁ ହୋଇଛି। କୁମତୀ ହରିଜନ ହୋଇଥିବାରୁ ଏହାର ତଦନ୍ତ ଏସ୍‌ଡିପିଓ କରିବେ। ଏସ୍‌ଡିପିଓଙ୍କ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ସ୍ମୃତି ସେ ଯେ ଭୁଲିବାର ନୁହେଁର ଅଡିଓ କ୍ୟାସେଟ ରିଲିଜ

ପୁରୀ ଅଫିସ, ୧୯।୯:

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ପୁରୀ ରାଜଭବନ ପରିସରରେ ଗୀତିକାର ବଦ୍ରି ମିଶ୍ରଙ୍କ ଗୀତିକବିତା ସଙ୍କଳନ 'ସ୍ମୃତି ସେ ଯେ ଭୁଲିବାର ନୁହେଁର ଅଡିଓ କ୍ୟାସେଟ ଉନ୍ମୋଚିତ ହୋଇଛି। ଏହି ଅବସରରେ ଉତ୍କଳୀୟ ସଂସ୍କୃତିର ବିକାଶ ପାଇଁ ଅଧିକରୁ ଅଧିକ ଗୀତିକବିତା ସୃଷ୍ଟି ଲାଗି ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ରକ୍ଷକ ନାୟକ, କବି ହରିହର ମିଶ୍ର, ଦିଲ୍ଲୀପ ସ୍ୱାଇଁ, ମାନସ ରଞ୍ଜନ ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି, ଚକ୍ରଧର ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ମଞ୍ଜୁଶ୍ରୀ ମିଶ୍ର, କ୍ରିଷ୍ଣା ମହାପାତ୍ର, ଉମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ବଦ୍ରିଙ୍କ ଗୀତିକବିତା ସଙ୍କଳନ 'ଶବ୍ଦବ୍ରହ୍ମ' ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିଲା।

### ଦିବ୍ୟାଙ୍ଗ ପିଲାଙ୍କୁ ମିଳିବ ଉପକରଣ

କଣାସ,୧୯।୯(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ଦିବ୍ୟାଙ୍ଗ ପିଲାମାନଙ୍କ ଅଭିଭାବକଙ୍କୁ ନେଇ ସୋମବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୁନର୍ବାସ ଥଇଥାନ ଏବଂ ଚିକିତ୍ସା ସେବା କେନ୍ଦ୍ର ପରିସରରେ ଆୟୋଜିତ ଏହି ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତା ଅକ୍ଷୟ ବଳିୟାରସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରକଳ୍ପ ସଂଯୋଜକ କିଶୋରଚନ୍ଦ୍ର ହାତୀ, ଫିଜିଓଥେରାପିଷ୍ଟ ସୁଚରିତା ରାଉତ, ମାମାଲି ପରିଡା, ତପନ ଦାସ ପ୍ରମୁଖ ଯୋଗଦେଇଥିଲେ। ଭାରତ ସରକାରଙ୍କ ଏଡିଆଇପି ସ୍କିମ୍ ଜରିଆରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଆବଶ୍ୟକ ଉପକରଣ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ଗାଇଡ୍‌ଲାଇନ୍ ଅନୁସାରେ ଆବ୍ୟଶକ ଉପକରଣ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଯେପରି କୌଣସି ଦିବ୍ୟାଙ୍ଗ ପିଲା ସେହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେ ନେଇ ସଭାରେ ଆଲୋଚନା ହୋଇଥିଲା। ଏନେଇ ଆଲୋଚନା ପରେ ଦିବ୍ୟାଙ୍ଗ ପିଲାଙ୍କୁ କେଉଁ ଜିନିଷ ଦିଆଯିବ ତାହାର ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତ କରାଯାଇଥିଲା।

# ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ଡେଲାଙ୍ଗ,୧୯।୯(ଡି.ଏନ୍.ଏ.)

ହରିରାଜପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଅପହୃତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ଟାଙ୍ଗିଆପଡା ଅଞ୍ଚଳର ସୁମନ୍ତ ମହାପାତ୍ର (୨୧)। ସୂଚନାଯୋଗ୍ୟ, ଗତ ୫ ତାରିଖରେ ୧୬ ବର୍ଷୀୟ ବାଳିକା ଜଣକ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ କେହି ଝିଅକୁ ଅପହରଣ କରି ନେଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ନେଇ ଡେଲାଙ୍ଗ ଥାନାରେ ପୋଲିସ ଏକ ମାମଲା(ନଂ.୨୫୩/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଡେଲାଙ୍ଗ ଆଇଆଇସିଙ୍କ ନେତୃତ୍ୱରେ ଏସ୍ଆଇ ପ୍ରଭୁଦତ୍ତ ବିଶ୍ୱାଳ, ଲିଜା ମଲ୍ଲିକ, ଏଏସ୍ଆଇ ଗୋପବନ୍ଧୁ ରାଉତ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଏକ ଟିମ୍ କରି ବିଭିନ୍ନ ଅଞ୍ଚଳରେ ତଦନ୍ତ କରିଥିଲେ। ପରେ ମୋବାଇଲ ଲୋକେଶନ ଟ୍ରେସ କରି ଅପହୃତ ନାବାଳିକାର ସନ୍ଧାନ ମିଳିଥିଲା। ନାବାଳିକା ଜଣକ ଖୋର୍ଦ୍ଧା ଅଞ୍ଚଳରେ ଥିବା ପୋଲିସ ଜାଣିପାରି ସୋମବାର ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କୁ ଡାକ୍ତରି ମାଇନା କରାଯିବା ପରେ ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମହାନ୍ତି କହିଛନ୍ତି।

# ବକୁ ପଞ୍ଚାୟତକୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଘୋଷଣା ଦାବି

## ନୂଆ ଜଗନ୍ନାଥ ସଡ଼କ ଅବରୋଧ

କଣାସ,୧୯।୯(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ବକୁ ପଞ୍ଚାୟତକୁ ସମ୍ପୂର୍ଣ୍ଣ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ରୂପେ ଘୋଷଣା କରାଯାଉ। ଏହି ଦାବିରେ ସୋମବାର ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ନୂଆଜଗନ୍ନାଥ ସଡ଼କର ମଇନ୍ଦିପୁରଠାରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବିଡିଓ ଲୋଚନ ଦାସ, କଣାସ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଗଡିଶାଗୋଦା ଥାନା ଆଇଆଇସି ସଞ୍ଜୟ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଅବରୋଧକାରୀଙ୍କଠୁ ସମସ୍ୟା ବାବଦରେ ବୁଝାଶୁଝା କରିଥିଲେ। ଘଟଣା ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ।

# 'କମଳପୁର ଓ ପ୍ରଭୁ କପଟେଶ୍ୱର' ଉନ୍ମୋଚିତ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ 'କମଳପୁର ଓ ପ୍ରଭୁ କପଟେଶ୍ୱର'ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ/କଣାସ,୧୯।୯(ସ୍ୱ.ପ୍ର.):

ପୁରୀ ରାଜଭବନଠାରେ ଗବେଷକ ସତ୍ୟରଞ୍ଜନ ମିଶ୍ରଙ୍କ ରଚିତ ପୁସ୍ତକ 'କମଳପୁର ଓ ପ୍ରଭୁ କପଟେଶ୍ୱର'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସୋମବାର ଉନ୍ମୋଚନ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି, ୧୯୧୦ ମସିହାରେ ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ବର୍ତ୍ତମାନର ଚନ୍ଦନପୁର ସେହି ସମୟରେ କମଳପୁର ଥିଲା। ଶ୍ରୀଚୈତନ୍ୟଙ୍କ ଦଣ୍ଡକୁ ତାଙ୍କର ଶିଷ୍ୟ ତିନି ଖଣ୍ଡ କରି ଭାର୍ଗବୀ ନଦୀରେ ଭସାଇ ଦେଇଥିଲେ। ସେଥିପାଇଁ ଭାର୍ଗବୀ ନଦୀର ନାମ ଚନ୍ଦନପୁରଠାରେ ଦଣ୍ଡଭଙ୍ଗା ନଦୀ ନାମରେ ପରିଚିତ ହୋଇଛି। ଚୈତନ୍ୟ ମହାପ୍ରଭୁ କପଟେଶ୍ୱରଙ୍କୁ ଦର୍ଶନ କରିବାକୁ ଆସି ନଦୀ ପାରି ହେବା ପରେ ନାବିକ ତା'ର ପ୍ରାପ୍ୟ ମାଗିଥିଲେ। ହେଲେ ଚୈତନ୍ୟ, ସେ ସାଧୁସନ୍ଥ ପଇସା କେଉଁଠୁ ଆଣିବେ କହି ତାଙ୍କ ଷଡ଼ଭୁଜ ରୂପ ଦେଖାଇଥିବା ଏଥିରେ ବର୍ଣ୍ଣିତ ହୋଇଛି। କାର୍ଯ୍ୟକ୍ରମରେ କବି ରକ୍ଷକ ନାୟକ, ନାଟ୍ୟକାର ଅଜୟ ସେଠୀ, ବ୍ରହ୍ମଗିରି ଯୁବ ପ୍ରତିଭା ଆଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟକାର ସେଠୀଙ୍କ ରଚିତ ନିର୍ବାଣପଥ ଓ ୬ଟି ଶିଶୁ ନାଟକ ପୁସ୍ତକକୁ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ।



ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ସୋମବାର ପୁରୀ ଭାଜପା ଯୁବ ମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର ।



ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ବାସଗୃହରେ ସୋମବାର ଆୟୋଜିତ ମିଶ୍ରଣ ପର୍ବ ।

## ସଂକ୍ଷେପରେ

### ତାଳଦଣ୍ଡା କେନାଲରୁ ବୃଦ୍ଧାଙ୍କ ମୃତଦେହ ଜବତ

**କଟକ ସଦର,୧୯।୯(ଡି.ଏନ.ଏ.):** ତାଳଦଣ୍ଡା କେନାଲର କନ୍ଦରପୁର ନିକଟରେ ସୋମବାର ସକାଳେ ଜଣେ ବୃଦ୍ଧାଙ୍କ ମୃତଦେହ ନୂଆ ପୋଲ ନିକଟରେ ଭାସୁଥିବା ଦେଖା ଯାଇଥିଲା। ଖବରପାଇ କନ୍ଦରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତା ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଙ୍ଗଳା ସାହିର ସତ୍ୟବତୀ ସାହୁ(୭୫)। ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ଏ ନେଇ ଥାନାରେ ନଂ.୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ରବିବାର ସତ୍ୟବତୀ ଶୌଚ ହେବା ପାଇଁ କେନାଲକୁ ଯାଇଥିବାବେଳେ ଭାସି ଯାଇଥିଲେ।

### ଶ୍ରୀରାମ ମନ୍ଦିରରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଫୁଲନଖରା,୧୯।୯(ଡି.ଏନ୍.ଏ.):** ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ମା' ଦୁର୍ଗାଦେବୀଙ୍କ ନବ ଦିନାତ୍ମକ ପୂଜା ବିଧି ବିଷୟରେ ଆଲୋଚନା ହୋଇଥିଲା। ମା'ଦୁର୍ଗା ଦେବୀଙ୍କ ପୂଜା ଚଳିତ ମାସ ୨୫ତାରିଖ ରବିବାର ସନ୍ଧ୍ୟାରେ ଶୁଭାଧିବାସ କଳସ ସ୍ଥାପନ ସହ ପୂଜା ଆରମ୍ଭ ହୋଇ ଅକ୍ଟୋବର ୪ରେ ଶେଷ ହେବ। ପୂଜାର ସମସ୍ତ ନୀତିକାନ୍ତି ସହ କର୍ତ୍ତା ଭାବେ ଆଇନଜୀବୀ ମନୋରଞ୍ଜନ ମହାନ୍ତି ଦାୟିତ୍ୱ ତୁଲାଇବେ। ନବଦିନାତ୍ମକ ପୂଜାରେ ଭକ୍ତଙ୍କ ପାଇଁ ଦିବାରାତ୍ର ପ୍ରସାଦ ବ୍ୟବସ୍ଥା କରାଯିବ ସହ ପୂଜା ସୁଚାରୁ ରୂପେ ପରିଚାଳନା କରିବା ପାଇଁ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଗୁଣନିଧି ପଟ୍ଟନାୟକ, କିଶୋରଚନ୍ଦ୍ର ବରାଳ, ବିଚିତ୍ରାନନ୍ଦ ଦଳାଇ, ଗଣେଶ ଚନ୍ଦ୍ର ମହାନ୍ତି, ଗନ୍ଧର୍ବ ଗିରି, କୃଷ୍ଣଚନ୍ଦ୍ର ବାରିକ, ସୁଧାକର ସ୍ୱାଇଁ, ମନ୍ଦିର ପୂଜକ ତ୍ରିନାଥ ମହାପାତ୍ର, ଦିଲୀପ ମିଶ୍ର, ସୋମନାଥ ମହାପାତ୍ର ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

**କଣ୍ଟାପଡା,୧୯।୯(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଧରିତ୍ରୀ ପ୍ରତିନିଧି ସୁରନାରାୟଣ ସାହୁଙ୍କ



ମା' ତିଳୋତ୍ତମା ସାହୁ(ଝୁମୁ)ଙ୍କର ସୋମବାର ସକାଳେ ଶିଶୁଆସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ସେ ଅବସରପ୍ରାପ୍ତ ଡାକ ବିଭାଗ ଅଧିକାରୀ ଦ୍ୱିଜବର ସାହୁଙ୍କ ଧର୍ମପତ୍ନୀ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ରବି ନାରାୟଣ ମୁଖାଗ୍ନି ଦେଇଥିଲେ।

# କାର୍ଯ୍ୟ ସମ୍ପର୍କରେ ତଥ୍ୟ ଦେବାକୁ ସୂଚନା ଆୟୁକ୍ତଙ୍କ ନିର୍ଦ୍ଦେଶ

**କଟକ ସଦର,୧୯।୯(ଡି.ଏନ.ଏ.)**

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

୨୦୧୮ମସିହାରୁ ରାଜ୍ୟର ସମସ୍ତ ବ୍ଲକ ଓ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତତ୍ତ୍ୱାବଧାନରେ କରାଯାଉଛି। ବିଭାଗୀୟ କାର୍ଯ୍ୟ ସମ୍ପର୍କିତ ଥିବା ଏକ ଆବେଦନର ଶୁଣାଣି କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଓ ଯନ୍ତ୍ରୀମାନଙ୍କ ଦ୍ୱାରା ସମ୍ପାଦନ କରାଯାଉଥିବା କାର୍ଯ୍ୟର ନିୟମ ସମ୍ପର୍କିତ ସୂଚନା ୩୦ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ରାଜ୍ୟ ସୂଚନା ଆୟୁକ୍ତ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ସ୍ୱଳ୍ପ ବେତନର ସରକାରୀ କର୍ମଚାରୀ ବିଭାଗୀୟ କାମ କରିବାବେଳେ ବ୍ଲକରୁ ଅଗ୍ରିମ ଟଙ୍କା ନ ନେଇ ପ୍ରଥମେ କାମ ଶେଷ କରୁଛନ୍ତି। ତା'ପରେ ବିଲ୍ ବାବଦ ଅର୍ଥ ସେମାନଙ୍କ ଆକାଉଣ୍ଟକୁ ବିଡିଓ ପଠାଉଛନ୍ତି। ସ୍ୱଳ୍ପ ଦରମାରେ ବହୁ ଟଙ୍କାର କାମ ସମ୍ପନ୍ନ ହେଉଥିବାରୁ ସତ୍ୟ ଜାଣିବା ପାଇଁ ଜଣେ ସୂଚନା ଅଧିକାର କର୍ମୀ ୨୦୧୭ ଏପ୍ରିଲ ୪ରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କୁ ଆବେଦନ କରିଥିଲେ। ମାତ୍ର ସମ୍ପୃକ୍ତ ଅଧିକାରୀ ଏହି ଆବେଦନ ପତ୍ରକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ହେଲେ ସମ୍ପୃକ୍ତ ଅଧିକାରୀ କୌଣସି ସୂଚନା ଦେଇ ନ ଥିଲେ। ପରେ ଏହି ମାମଲାଟି ରାଜ୍ୟ ସୂଚନା ଆୟୁକ୍ତଙ୍କ ଦ୍ୱାରା ମାମଲା ସଂଖ୍ୟା ନଂ.୨୨୨୩/୨୦୧୭ରେ ପଞ୍ଜୀକୃତ ହୋଇ ଶୁଣାଣି ହୋଇଥିଲା। ଶେଷରେ ଆବେଦନକାରୀଙ୍କୁ ନିର୍ଭୁଲ ତଥ୍ୟ ଦେବାକୁ ଆୟୁକ୍ତ ପତ୍ର ସଂଖ୍ୟା ୪୨୩୦୪/୧୫।୯।୨୦୨୨ରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବିଭାଗୀୟ କାର୍ଯ୍ୟ ସମ୍ପାଦନବେଳେ କର୍ମଚାରୀ କେଉଁ ପ୍ରକାରର କୌଶଳ ଦ୍ୱାରା ବହୁ କୋଟି ଟଙ୍କାର କାର୍ଯ୍ୟ କରିପାରୁଛନ୍ତି ତା'ର ରହସ୍ୟ ଜଣାପଡ଼ିବ।





କରୋନା ପୂର୍ବରୁ ଚାଲୁଥିବା ଯାତ୍ରୀବାହୀ ରେଳକୁ ସ୍ୱାଭାବିକ କରିବା ଦାବିରେ ସୋମବାର ସିପିଆଇଏମ୍ ପକ୍ଷରୁ କଟକ ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସମାଜ ବିଧିବ୍ୟବସ୍ଥା ପରିବର୍ତ୍ତନର ଉଦ୍ୟୋଗୀ ଥିଲେ ମନୋରମା

**କଟକ ଅଫିସ,୧୯।୯**

## ଡ. ମନୋରମା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଡ. ମନୋରମା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସାରଳା ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଥିଲେ, ସମାଜ ବିଧିବ୍ୟବସ୍ଥା ପରିବର୍ତ୍ତନର ଉଦ୍ୟୋଗୀ ଥିଲେ ମନୋରମା। ସମାଜ ଗଠନ ଦିଗରେ ତାଙ୍କ ଅବଦାନ ସ୍ମରଣୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଲେଖିକା ଅର୍ଚ୍ଚନା ନାୟକ ଯୋଗଦେଇ ଡ.ମନୋରମାଙ୍କ ଜୀବନ ଉପରେ ବ୍ୟାଖ୍ୟାନ କରିଥିଲେ। ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ ମନୋରମା ଦୃଢ ଇଚ୍ଛାଶକ୍ତି ବଳରେ ନିଜକୁ ପରିଚିତ କରାଇ ପାରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସମାଜର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ ଯୋଗଦେଇ ନିଜର ସାଧନା ଓ ପିତାଙ୍କ ଆଶୀର୍ବାଦ ଯୋଗୁ ମନୋରମା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ ବୋଲି କହିଥିଲେ। ମେୟର ସୁବାସ ସିଂହ ଯୋଗଦେଇ କହିଥିଲେ, ମହାପାତ୍ରଙ୍କ କବିତା ସମାଜର ପ୍ରଗତି ପାଇଁ ରହୁଥିଲା। ସେ ମହିଳା ସଶକ୍ତୀକରଣର ବିନ୍ଧାଣୀ ଥିଲେ ବୋଲି ସିଂ କହିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଇଂ.ପ୍ରଭାକର ସ୍ୱାଇଁ ଯୋଗଦେଇ ସହରର ଏକ ମାର୍ଗ ମନୋରମାଙ୍କ ନାମରେ କରାଯିବା ଓ ତାଙ୍କ ପୂର୍ଣ୍ଣ ବୟବ ପ୍ରତିମୂର୍ତ୍ତି ସହରରେ ସ୍ଥାପନା କରାଯିବା ଲାଗି ଦାବି କରିଥିଲେ। ଏହି ଅବସରରେ ମହାପାତ୍ରଙ୍କ ସ୍ମୃତିକୁ ନେଇ ବୃତ୍ତଚିତ୍ର ପ୍ରଦର୍ଶନ କରାଯିବା ସହ ଗ୍ରନ୍ଥାବଳୀ ଓ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିରେ ବଡ଼ପୁଅ ପ୍ରଦୀପ ମହାପାତ୍ର, ବୋହୂ ସଂଞ୍ଜୁକ୍ତା ମହାପାତ୍ର, ସାନପୁଅ ସନ୍ଦୀପ ମହାପାତ୍ର, ବୋହୂ ଡ. ଜ୍ୟୋତ୍ସ୍ନା କର, ଝିଅ ଶ୍ୱେତପଦ୍ମା ଦାସ, ଜ୍ୱାଇଁ ଜ୍ଞାନରଞ୍ଜନ ଦାଶ, ସାନଝିଅ ସୁଚିସ୍ମିତା ମିଶ୍ର, ଜ୍ୱାଇଁ ଅରୁଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ସୋମବାର ଡ. ମନୋରମା ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

### ୬ ବାଇକ୍, ୩ ମୋବାଇଲ ଜବତ: ୩ ଗିରଫ

**କଟକ ଅଫିସ,୧୯।୯**

କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ଏକ ବାଇକ ଲୁଟେରା ଦଳକୁ ସୋମବାର ଧରିଛନ୍ତି। କଟକ ସେସନ୍ସ ଜଜ୍ କୋର୍ଟରେ ଚପରାଶି ଭାବେ କାର୍ଯ୍ୟରତ ଭକ୍ତ ଚରଣ ପତିଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୬ଟି ବାଇକ ଓ ୩ଟି ମୋବାଇଲ ଜବତ କରିଛି। ସେମାନେ ହେଲେ ଲାଲବାଗ ଥାନା ଅନ୍ତର୍ଗତ ସେକବଜାରର ଜବୁଲା ଖାନ (୪୨), କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳର ସେକ ସବିର(୨୪) ଓ ବିଡ଼ାନାସୀ ଥାନା ତୁଳସୀପୁର ଗୋରାକବର ଅଞ୍ଚଳର ସେକ ଉଜିର (୨୪)। ଏ ନେଇ ପୋଲିସ ନଂ. ୧୩୪/୨୦୨୨ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କ୍ରୀଡ଼ାବିତ୍ ରବିନାରାୟଣ ସିହ୍ନାଙ୍କ ବିୟୋଗରେ ଶୋକ

**କଟକ ଅଫିସ,୧୯।୯**

ମଙ୍ଗଳାବାଗ ଯୁବକ ସଂଘର ପୂର୍ବତନ ସଭାପତି, ଇଣ୍ଟରନ୍ୟାଶନାଲ କ୍ଲବର ଉପଦେଷ୍ଟା ତଥା କ୍ରୀଡ଼ାବିତ୍‌ରବିନାରାୟଣ ସିହ୍ନା(୭୪)ଙ୍କ ବିୟୋଗରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ସ୍ଥାନୀୟ ନୀଳକଣ୍ଠେଶ୍ୱର ଉ.ପ୍ରା. ବିଦ୍ୟାଳୟ ସଭାଗୃହରେ ଆୟୋଜିତ ସଭାରେ କ୍ଲବର ଆବାହକ ସୁବାସ ଦାସ ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ସିହ୍ନା ଜଣେ ବିଶିଷ୍ଟ ଫୁଟବଲ ଓ କବାଡ଼ି କ୍ରୀଡ଼ାବିତ ଭାବେ ଜିଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେଇ କଟକ ତଥା ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି ବୋଲି ବକ୍ତାମାନେ କହିଥିଲେ। ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ମହାରଣା, କିଶୋରଚନ୍ଦ୍ର ସେଠୀ, ପ୍ରଶାନ୍ତ ଦାସ, ସଞ୍ଜୟ ଦାସ, ଅଶୋକ ପାତ୍ର, ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସିହ୍ନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୨୧ରୁ ରାଜ୍ୟସ୍ତରୀୟ ଭାଗବତ ମହୋତ୍ସବ



ରାଜ୍ୟସ୍ତରୀୟ ଭାଗବତ ମହୋତ୍ସବ ପାଇଁ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**କଟକ ସଦର,୧୯।୯(ଡି.ଏନ୍.ଏ.)**

ପ୍ରଥମଥର ପାଇଁ ଓଡ଼ିଶାରେ ରାଜ୍ୟସ୍ତରୀୟ ଭାଗବତ ମହୋତ୍ସବ - ୨୦୨୨ କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତ କୋଟୁଆଁ ଗ୍ରାମ ଭାଗବତ ମେଲଣ ପଡ଼ିଆରେ ସେପ୍ଟେମ୍ବର ୨୧ରୁ ୨୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୨୨ଟି ଜିଲାର ପ୍ରବଚକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରବଚକ ଯୋଗଦେଇ ଅତିବଡ଼ୀ ଜଗନ୍ନାଥ ଦାସଙ୍କର ରଚିତ ଭାଗବତ ଉପରେ ଆଲୋଚନା କରି ଏହି ଅଞ୍ଚଳରେ ଧାର୍ମିକ ବାତାବରଣ ସୃଷ୍ଟି କରିବେ। ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ସାଧାରଣ ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସୋମବାର କନ୍ଦରପୁରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ମାନ୍ୟତାପ୍ରାପ୍ତ ପ୍ରବକ୍ତା ପରିଷଦ ଏହି କାର୍ଯ୍ୟକ୍ରମ ଆୟୋଜନ କରି ପ୍ରତ୍ୟେକ ଦିନ ବିଭିନ୍ନ ଜିଲାର ୩ ଜଣ ପ୍ରବକ୍ତା ପ୍ରବଚନ ଦେଇ ଭାଗବତକୁ ଶେଷ କରିବେ। ସରକାରଙ୍କ ଅନୁମୋଦନକ୍ରମେ ୨୧ଜଣ ପ୍ରବଚକଙ୍କୁ ଭାଗବତ ବାଣୀ ଭୂଷଣ ଉପାଧିରେ ଭୂଷିତ କରାଯିବ। ଏହାବ୍ୟତୀତ ଭାଗବତ ସେବା ଓ ସହଯୋଗ ପାଇଁ ମଧ୍ୟ ଭାଗବତ ସେବା ସୌରଭ ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମିଳନୀରେ ରାମାୟଣ ପଣ୍ଡିତ ଅଭୟ କୁମାର ଦାଶ, ଗ୍ରାମର ମୂରବୀ ଅଜୟ କୁମାର ପଟ୍ଟନାୟକ ଓ ବିଦ୍ୟାଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

## ୧୭ ଅଭିଯୋଗର ତ୍ୱରିତ ସମାଧାନ

**କଟକ ଅଫିସ,୧୯।୯**

ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୪୫ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ସମୂହ ଅଭିଯୋଗ ୪ଟି, ବ୍ୟକ୍ତିଗତ ୪୧ଟି ଥିଲା। ଜିଲାପାଳ ଚୟନୀ ୧୭ଟି ଅଭିଯୋଗକୁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ତ୍ୱରିତ ସମାଧାନ କରିଥିଲେ। ସେହିପରି ଜିଲା ରେଡ୍‌କ୍ରସ ପାଣ୍ଠିରୁ କର୍କଟ ରୋଗର ଚିକିତ୍ସା ପାଇଁ ଗଣେଶ୍ୱର ସ୍ୱାଇଁ ଏବଂ ସୁଶାନ୍ତ କୁମାର ପଣ୍ଡାଙ୍କୁ ୩୦୦୦ ଟଙ୍କା ଲେଖାଏ ଏବଂ ସ୍ୱର୍ଣ୍ଣପ୍ରଭା ସ୍ୱାଇଁଙ୍କ ଅସ୍ତ୍ରୋପଚାର ପାଇଁ ୩୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ଅନ୍ୟ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରି ରିପୋର୍ଟ ଦେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଡିଆରଡିଏ ପିଡି ଅମ୍ବର କର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଯୋଗଦେଇ ସହାୟତା କରିଥିଲେ।

# ବସ୍ତି ଉଚ୍ଛେଦ ଘୋଷଣା ପ୍ରତିବାଦରେ ବିକ୍ଷୋଭ

**କଟକ ଅଫିସ, ୧୯।୯**

## ପେଟାନାଳ ମଙ୍ଗଳା ବସ୍ତି

ଥଇଥାନ ବିନା ବସ୍ତି ଉଚ୍ଛେଦ ଘୋଷଣା ପ୍ରତିବାଦରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସୋମବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ପରେ ମଞ୍ଚ ପକ୍ଷରୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ସିଏମ୍‌ସି ମେୟରଙ୍କୁ ଦିଆଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୩୦ ବର୍ଷର ପୁରୁଣା ପେଟାନାଳ ମଙ୍ଗଳା ବସ୍ତି ରହିଛି। ଏହି ବସ୍ତିର ବାସିନ୍ଦାମାନେ ମୂଲ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କର ପିଲା ସ୍ଥାନୀୟ ସରକାରୀ ସ୍କୁଲରେ ପାଠ ପଢୁଛନ୍ତି। ନିକଟରେ ନିଗମ କର୍ମଚାରୀମାନେ ଉକ୍ତ ବସ୍ତିର ଘର ତାଲିକା କରିଛନ୍ତି। ପେଟାନାଳ ସୌନ୍ଦର୍ଯ୍ୟକରଣ ଉଦ୍ଦେଶ୍ୟରେ ବସ୍ତି ଆଗାମୀ ୧୫ ଦିନ ମଧ୍ୟରେ ଉଚ୍ଛେଦ ହେବ ବୋଲି ବସ୍ତିବାସିନ୍ଦାଙ୍କୁ ସିଏମ୍‌ସି କର୍ମଚାରୀ କହିଥିଲେ। ବସ୍ତିରେ ୮୩ ପରିବାର ରହୁଥିବାସ୍ଥଳେ ତାଲିକାରୁ ଅନେକ ପରିବାର ବାଦ୍ ପଡ଼ିଛନ୍ତି। ଏହା ଦ୍ୱାରା ବାସସ୍ଥାନ ହରାଇବା ଓ କର୍ମଚ୍ୟୁତ ହେବାର ଆଶଙ୍କା ମଧ୍ୟରେ ବସ୍ତିବାସିନ୍ଦା ରହିଛନ୍ତି। ଏଣୁ ପେଟାନାଳ ମଙ୍ଗଳା ବସ୍ତିକୁ ଆଇନ ଅନୁମୋଦିତ ଥଇଥାନ ନ କରି ଉଚ୍ଛେଦ ବନ୍ଦ କରିବା, ବସ୍ତିବାସିନ୍ଦାଙ୍କୁ ଥଇଥାନ କରି ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି। ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ସାମ୍ୟବାଦୀ ନେତା ବିଶ୍ୱାବସୁ ଦାସ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା।

# 'ସଫଳତା ଲାଗି ଲକ୍ଷ୍ୟ କେନ୍ଦ୍ରିତ ହେବା ଆବଶ୍ୟକ'

**କଟକ ଅଫିସ, ୧୯।୯**





ଡ୍ରିମ୍‌ସ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

- ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ
- ୫ ଜଣ ପାଇଲେ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କର୍ମଯୋଗୀ ଧନେଶ୍ୱର ରଥଙ୍କ ୨୮ତମ ପୁଣ୍ୟତିଥି ଅବସରରେ ସୋମବାର ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମ୍‌ରେ 'ପୂଜ୍ୟପୂଜା ସମାରୋହ-୨୦୨୨' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସନ୍ଥ ଡ. ଶ୍ରୁତିସାଗର ସରସ୍ୱତୀ ଯୋଗଦେଇ କହିଥିଲେ, ମନରୁ ନକାରାତ୍ମକ ଭାବନା ପରିହାର କରି ବ୍ୟକ୍ତି ଇଚ୍ଛାଶକ୍ତିକୁ ଦୃଢୀଭୂତ କରିବା ଦରକାର। ସଫଳତା ହାସଲ ନିମନ୍ତେ ଲକ୍ଷ୍ୟ କେନ୍ଦ୍ରିତ କରି ସାଧନା ଜାରି ରଖିବାକୁ ହେବ। ବ୍ୟକ୍ତିତ୍ୱ ବିକାଶ ଲାଗି କେବଳ ଶ୍ରେଣୀକକ୍ଷରେ ପୁସ୍ତକ ଅଧ୍ୟୟନରେ ନିଜକୁ ସୀମିତ ନ ରଖି ବ୍ୟବହାରିକ ଓ ଆଧ୍ୟାତ୍ମିକ ଜ୍ଞାନ ଆହରଣ ସହିତ ଗୁରୁ ଓ ପିତାମାତାଙ୍କ ଆଶୀର୍ବାଦ ନିତାନ୍ତ ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ବାଡଗ୍ରାହୀ ତଥା ସେବକ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ଶିକ୍ଷାବିତ୍ ପ୍ରଫେସର ଡ. କମଳାକାନ୍ତ ମିଶ୍ର, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତିଙ୍କୁ ଚଳିତ ବର୍ଷର 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଶିଷ୍ଟ ଘୋଡ଼ାନାଚ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ସିଦ୍ଧଗିରି ମଠର ବାବା ବିଶ୍ୱନାଥ ଦାଶ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ଶାନ୍ତନୁ କୁମାର ଶତପଥୀ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ ଓ ପ୍ରାଧ୍ୟାପିକା ଡ. କ୍ରିଷ୍ଣାପ୍ରଦା ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରୟୋଗାତ୍ମକ ଉଦ୍ଭାବନରେ ବିଦ୍ୟାର୍ଥୀ ବ୍ରତୀ ହୁଅନ୍ତୁ'

**କଟକ ଅଫିସ,୧୯।୯**



ଜଣେ ଛାତ୍ର ପ୍ରକଳ୍ପ ବିଷୟରେ ମନ୍ତ୍ରୀଙ୍କ ସମେତ ଅତିଥିମାନଙ୍କୁ ବୁଝାଉଛନ୍ତି।

## ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଘାଟିତ

ବିଜ୍ଞାନର ପ୍ରୟୋଗ ମନୁଷ୍ୟର ଅସ୍ଥିମଜ୍ଜାଗତ ହୋଇଯାଇଛି। ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନଜନିତ ଉଦ୍ଭାବନ ଓ ଆବିଷ୍କାରର ନୂତନ କ୍ଷେତ୍ରକୁ ନେଇ ସମାଜ ଆଗକୁ ବଢ଼ିଚାଲିଛି। ଛାତ୍ରୀଛାତ୍ରମାନେ ନିଜ ଧୀଶକ୍ତି ବଳରେ ବିଜ୍ଞାନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଶୀଳନକୁ ସମୀକ୍ଷା ପୂର୍ବକ ପ୍ରୟୋଗ କରିବା ଆବଶ୍ୟକ। ନିଜର ଜିଜ୍ଞାସା ଓ ଅନ୍ତର୍ନିହିତ ମେଧା ଶକ୍ତିର ପ୍ରୟୋଗରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସମାଜରେ ଗଠନମୂଳକ ଆବିଷ୍କାରକୁ ସ୍ୱାଗତ କରିବାର ସମୟ ଉପନୀତ। ସେଥିପାଇଁ ଛାତ୍ରୀଛାତ୍ରମାନେ ପ୍ରୟୋଗାତ୍ମକ ଉଦ୍ଭାବନରେ ବ୍ରତୀ ହୁଅନ୍ତୁ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି।

କଟକସ୍ଥିତ ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନିଆ ୪୮ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଦର୍ଶନୀକୁ ମନ୍ତ୍ରୀ ଦାସ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଉତ୍ସବରେ ସମ୍ମାନିତ ଅତିଥି ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଜ୍ଞାନ ଜନସାଧାରଣଙ୍କ ପ୍ରତିକ୍ରିୟାକୁ ଅତି ସରଳ କରିଦେଇଛି ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଭବିଷ୍ୟତରେ ଛାତ୍ରୀଛାତ୍ର ରାଜ୍ୟ ତଥା ରାଷ୍ଟ୍ରର ଉନ୍ନତିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ ପୂର୍ବକ ସମଗ୍ର ବିଶ୍ୱକୁ ଆଲୋକବର୍ତ୍ତିକା ପ୍ରଦର୍ଶନ କରନ୍ତୁ ବୋଲି କହିଥିଲେ।ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ବିଧାୟକ ସୌଭିକ ବିଶ୍ୱାଳ ବୋଲି କହିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରତି ଥିବା ଅଭିରୁଚି ଏହି ପ୍ରଦର୍ଶନୀ ମାଧ୍ୟମରେ ପ୍ରଦର୍ଶିତ ହୋଇପାରିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରେଭେନ୍‌ଶା କଲିଜିଏଟ ସ୍କୁଲର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅତିରିକ୍ତ ଶିକ୍ଷାଧିକାରୀ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ପ୍ରଦର୍ଶନୀରେ ୧୫୫ଟି ଷ୍ଟଲରେ ୩୦ଟି ଜିଲାର ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

## ସଂକ୍ଷେପରେ

### ଏଜେଣ୍ଟଙ୍କଠାରୁ ୯୮ ହଜାର ଲୁଟିନେଲେ

ନିମାପଡ଼ା,୧୯।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ବଜାରରେ ସୋମବାର ପୂର୍ବାହ୍ନ ସମୟରେ ଜଣେ ଏଜେଣ୍ଟଙ୍କ ବାଇକ୍ ଡିକି ଭାଙ୍ଗି ୯୮ ହଜାର ଟଙ୍କା ଲୁଟି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୧୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏୟାରଟେଲ୍‌ର ମାର୍କେଟିଂ ଏଜେଣ୍ଟ ଭାବେ କାର୍ଯ୍ୟରତ ଥିବା ସ୍ଥାନୀୟ ଥାନା ଅନ୍ତର୍ଗତ ଧିରପୁର ଗ୍ରାମର ପୃଥ୍ୱୀରାଜ ମିଶ୍ର(୪୦) ରେଘାଂଲୋ, ବସନ୍ତମାଳ ଅଞ୍ଚଳରୁ ଟଙ୍କା କଲେକ୍ସନ୍ କରି ଖେଲାର ବଜାରକୁ ଆସିଥିଲେ। ସେଠାରେ ଗାଡି ଥୋଇ ଏକ ମୋବାଇଲ ରିଚାର୍ଜ ଦୋକାନକୁ ଯାଇଥିଲେ। କିଛି ସମୟ ପରେ ସେ ଗାଡି ପାଖକୁ ଆସିବାବେଳେ ୨ ଦୁର୍ବୃତ୍ତ ତାଙ୍କ ଗାଡି ନେଇଯାଉଥିବା ଦେଖିଥିଲେ। ହେଲେ ସେ ସେମାନଙ୍କୁ ଧରିପାରି ନ ଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ବାପଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୯।୯(ଡି.ଏନ୍.ଏ.): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ୭ନଂ. ୱାର୍ଡର ଗୋପୀନାଥପାଟଣା ଗ୍ରାମରେ ସୋମବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଅମ୍ରିତା ସାହୁ(୩୦)। ବ୍ୟବଚ୍ଛେଦ ପାଇଁ ପୋଲିସ ମୃତଦେହକୁ ଚାରିଛକ ମେଡିକାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୮/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ସୂଚନା ମୁତାବକ, ଗତ କିଛିଦିନ ତଳେ ଅମ୍ରିତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା। ତେବେ କିଛି ଦିନ ହେବ ସେ ଆସି ତାଙ୍କ ବାପଘରକୁ ଆସିଥିଲେ। ସୋମବାର ସକାଳୁ ଅମ୍ରିତା ଘରର କବାଟ ଖୋଲିବାକୁ ବିଳମ୍ବ ହେବାରୁ ପରିବାର ଲୋକେ କବାଟ ବାଡେଇଥିଲେ। ଅମ୍ରିତା ବେକରେ ଶାଢ଼ିବାନ୍ଧି ଫ୍ୟାନରେ ଝୁଲୁଥିବା ପରିବାର ଲୋକେ ଝରକା ଫାଙ୍କରେ ଦେଖିଥିଲେ। ପରିବାର ଲୋକ ଏନେଇ ପୋଲିସକୁ ଖବର ଦେଇଥିଲେ। ଏଥିସହ ଖବରପାଇ ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ଘରର କବାଟ ଭଙ୍ଗାଯାଇଥିଲା। ଏ ସମ୍ପର୍କରେ ମହିଳାଙ୍କ ବଡ଼ବାପା ଯଦୁମଣି ସାହୁ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଅମ୍ରିତା ଦୁଃଖରେ ଭାଙ୍ଗିପଡି ମାନସିକ ଦୁଶ୍ଚିନ୍ତାରେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ଡେଲାଙ୍ଗ,୧୯।୯(ଡି.ଏନ୍.ଏ.) ହରିରାଜପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଅପହୃତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ଟାଙ୍ଗିଆପଡା ଅଞ୍ଚଳର ସୁମନ୍ତ ମହାପାତ୍ର (୨୧)। ସୂଚନାଯୋଗ୍ୟ, ଗତ ୫ ତାରିଖରେ ୧୬ ବର୍ଷୀୟ ବାଳିକା ଜଣକ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ କେହି ଝିଅକୁ ଅପହରଣ କରି ନେଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ନେଇ ଡେଲାଙ୍ଗ ଥାନାରେ ପୋଲିସ ଏକ ମାମଲା(ନଂ.୨୫୩/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଡେଲାଙ୍ଗ ଆଇଆଇସିଙ୍କ ନେତୃତ୍ୱରେ ଏସ୍ଆଇ ପ୍ରଭୁଦତ୍ତ ବିଶ୍ୱାଳ, ଲିଜା ମଲ୍ଲିକ, ଏଏସ୍ଆଇ ଗୋପବନ୍ଧୁ ରାଉତ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଏକ ଟିମ୍ କରି ବିଭିନ୍ନ ଅଞ୍ଚଳରେ ତଦନ୍ତ କରିଥିଲେ। ପରେ ମୋବାଇଲ ଲୋକେଶନ ଟ୍ରେସ କରି ଅପହୃତ ନାବାଳିକାର ସନ୍ଧାନ ମିଳିଥିଲା। ଉଭୟଙ୍କୁ ଡାକ୍ତରି ମାଇନା କରାଯିବା ପରେ ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମହାନ୍ତି କହିଛନ୍ତି।

### ଗ୍ରୀଲ୍ କାଟି ଘରୁ ଚୋରି

ବୋଲଗଡ଼,୧୯।୯(ଡି.ଏନ୍.ଏ.): ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଆରିକମା ଗ୍ରାମର ନବକୁମାର ନାୟକଙ୍କ ଗ୍ରୀଲ୍ କାଟି ଘରେ ପଶିବା ସହ ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ନବକୁମାରଙ୍କ ସ୍ତ୍ରୀ କମଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ ଦାସ, ବୋଲଗଡ଼ ଆଇଆଇସି ରଶ୍ମିରଞ୍ଜନ ସାହୁ, ବାଙ୍କୋଇ ଫାଣ୍ଡି ଅଧିକାରୀ ଶ୍ରୀନିବାସ ପ୍ରଧାନଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ମୁତାବକ, କମଳା ନିଜ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୪ ଦିନ ହେବ ଭୁବନେଶ୍ୱର ଯାଇଥିଲେ। ସୋମବାର ଘରକୁ ଫେରି ଗ୍ରୀଲ, କବାଟ, ଆଲମିରା ଭଙ୍ଗାଯାଇ ୧୦୦ ଗ୍ରାମ୍ ସୁନା ଅଳଙ୍କାର, ୫୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ପୋଲିସ ପାଇଁ ପାର୍ବଣ ଭିଡ଼ ଚ୍ୟାଲେଞ୍ଜ

ଭୁବନେଶ୍ୱର ୧୯।୯ (ବ୍ୟୁରୋ)

ଦୁର୍ଗା ପୂଜା ପାଇଁ ରାଜଧାନୀ ଭୁବନେଶ୍ୱରରେ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଧୁମ୍‌ଧାମ୍‌ରେ ପୂଜା କରିବାକୁ ଆୟୋଜକମାନେ ଲାଗି ପଡିଥିବାବେଳେ ପୂଜା ବୁଲିବାକୁ ସହରବାସୀ ଉତ୍ସାହର ସହ ଚାହିଁ ରହିଛନ୍ତି। ଦୁଇବର୍ଷ ପରେ ଏଥର ବିନା କଟକଣାରେ, ଭକ୍ତଙ୍କ ମେଳରେ ଦୁର୍ଗାପୂଜା ହେଉଥିବାରୁ ଅଧିକ ଭିଡ଼ ହେବାର ସମ୍ଭାବନା ରହିଛି। ବିଶେଷକରି ପୂଜାମଣ୍ଡପ ନିକଟରେ ପାର୍କିଂ ଓ ଟ୍ରାଫିକ୍ ଜାମ୍ ଲୋକଙ୍କ ପାଇଁ ବଡ଼ ସମସ୍ୟା ଆଣିବ। ତେଣୁ ପାର୍ବଣ ଭିଡ଼ ପରିଚାଳନା କମିଶନରେଟ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଏବେଠୁ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ପୂଜା ବୁଲିବାକୁ ଆସି ଲୋକେ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଫସିବା ଆଶଙ୍କା ରହିଛି। ରାଜଧାନୀରେ ଏଥର ୧୭୦ରୁ ଅଧିକ ମଣ୍ଡପରେ ଦୁର୍ଗାପୂଜା ଆୟୋଜନ କରାଯାଉଛି। ଏଥିମଧ୍ୟରୁ ଜାତୀୟ ରାଜପଥ ପାର୍ଶ୍ୱ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଅଧିକାଂଶ ମଣ୍ଡପ ରହିଛି। ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପରେ ଏଥର ଦିଲ୍ଲୀ ଅକ୍ଷରଧାମ ମନ୍ଦିର ତୋରଣ ନିର୍ମାଣ କରାଯାଉଛି। ଜାତୀୟ ରାଜପଥ ପାର୍ଶ୍ୱ ତଥା ସହରର ପ୍ରମୁଖ ଛକରେ ପୂଜା ହେଉଥିବାରୁ ଏଠାରେ ଅଧିକ ଗହଳି ହୋଇଥାଏ। କିନ୍ତୁ ଏଠାରେ ସେପରି ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ନାହିଁ। ଏଥିସହ ଓଭରବ୍ରିଜ ତଳ ସର୍ଭିସ ରୋଡ୍‌ରେ ଗାଡ଼ି ଚଳାଚଳ ଏବଂ ମଣ୍ଡପକୁ ଯିବାକୁ ବିଭିନ୍ନ ପାର୍ଶ୍ୱରୁ ଲୋକମାନେ ରାସ୍ତା ପାର ହେବେ। ଏସବୁ କାରଣ ପାଇଁ ଏଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେବ। ଭିଡ଼ ନିୟନ୍ତ୍ରଣ କରିବା ପୋଲିସ ପାଇଁ ବଡ଼ କଷ୍ଟକର ହେବ। ସେହିଭଳି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସହରର ଅନ୍ୟତମ ନୟାପଲ୍ଲୀ ଦୁର୍ଗା ପୂଜାମଣ୍ଡପ ନିକଟରେ ମଧ ପାର୍କିଂ ବ୍ୟବସ୍ଥା ନାହିଁ। ଏଠାରେ ମଧ ସମାନ ସମସ୍ୟା ଉପୁଜିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ କଟକ ରୋଡ୍‌ରେ ଅଧିକାଂଶ ପୂଜା ମଣ୍ଡପ ରହିଛି। ଅନ୍ୟ ଦିନଗୁଡ଼ିକରେ କଟକ ରୋଡ଼ରେ ପ୍ରବଳ ଭିଡ଼ ସୃଷ୍ଟି ହୁଏ। ବମିଖାଲ ଓ ଷ୍ଟେଶନ ବଜାର ଭଳି ବଡ଼ ପୂଜା ମଣ୍ଡପ ରହିଥିଲେ ମଧ ଏସବୁ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇନାହିଁ। ପୂଜା ବୁଲିବାକୁ



**ଏଥର ୧୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଦୁର୍ଗାପୂଜା**

- ଅଧିକାଂଶ ପୂଜାମଣ୍ଡପ ନିକଟରେ ପାର୍କିଂସ୍ଥଳ ନାହିଁ
- ପୂଜା ବୁଲିବାକୁ ଆସି ଲୋକେ ଫସିବା ଆଶଙ୍କା

ଆସିବାକୁ ଥିବା ଲୋକେ ନିଜ ବାଇକ ଓ କାର ପାର୍କିଂ କରିବା ବଡ଼ ସମସ୍ୟା ହେବ। ତେବେ ରାଜଧାନୀରେ ପୂର୍ବ ଅପେକ୍ଷା ଜନସଂଖ୍ୟା ସହ ଗାଡ଼ି ସଂଖ୍ୟା ମଧ ବୃଦ୍ଧି ହୋଇଛି। ବିଭିନ୍ନ ଛକଗୁଡ଼ିକରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ପାର୍ବଣରେ ଏହି ସମସ୍ୟା ଦୁଇଗୁଣ ହେବାର ଆଶଙ୍କା ଥିବାରୁ କମିଶନରେଟ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଏନେଇ ଦ୍ୱୈତନଗରୀ ସିଟି ଟ୍ରାଫିକ୍ ଡିସିପି ଠାକୁର ପ୍ରସାଦ ପାତ୍ର କହିଛନ୍ତି, ରାସ୍ତାଘାଟରେ ପାର୍କିଂ ନ କରିବାକୁ ଲୋକଙ୍କୁ ଆମେ ଅନୁରୋଧ କରିବୁ। ଯେଉଁ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ସେଠାରେ ପାର୍କିଂ କରି ମଣ୍ଡପ ନିକଟକୁ ଆସିବାକୁ କୁହାଯିବ। ପ୍ରତ୍ୟେକ ମେଢ଼ ପାଇଁ ପୋଲିସ ମୁତୟନ କରାଯିବ। ଟ୍ରାଫିକ୍ ପାଇଁ ଯେଉଁ ସ୍ଥାନରେ ୱାନ୍ ୱେ ଦରକାର ସେନେଇ ବ୍ୟବସ୍ଥା କରାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ଲୋକଙ୍କୁ ବାଟ କଢ଼େଇ ନିଆଯିବ ବୋଲି ଡିସିପି ପାତ୍ର କହିଛନ୍ତି।

## ଆପରାଧିକ କାର୍ଯ୍ୟ ଉପରେ କଡ଼ା ନଜର

ଭୁବନେଶ୍ୱର,୧୯।୯ (ବ୍ୟୁରୋ)

**ଶୃଙ୍ଖଳିତ, ସୁରକ୍ଷିତ ଦୁର୍ଗାପୂଜା ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି**

**ସବୁ ପୂଜା ମଣ୍ଡପରେ ସିସିଟିଭି ଲଗାଇବାକୁ ଅନୁରୋଧ**

ଶୃଙ୍ଖଳିତ, ସୁରକ୍ଷିତ ଦୁର୍ଗାପୂଜା ପାଇଁ କମିଶନରେଟ ପୋଲିସ ଅଣ୍ଟା ଭିଡିଛି। ଏବେଠାରୁ ଚଢ଼ାଉ ସହ ଅପରାଧୀଙ୍କୁ ଗିରଫଦାରି ଜାରି ରହିଥିବାବେଳେ ହତ୍ୟା, ଲୁଟ୍, ଛିନ୍‌ତାଇ ଆଦି ଅପରାଧ ଏଡ଼ାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ସୋମବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦୁଇବର୍ଷ ବ୍ୟବଧାନ ପରେ ଦୁର୍ଗାପୂଜାକୁ ବଡ଼ ଧରଣର ଉତ୍ସବ ଭାବେ ପାଳନ କରିବାକୁ ଲୋକେ ବେଶ୍ ଉତ୍ସାହିତ ଅଛନ୍ତି। ବଡ଼ ବଡ଼ ତୋରଣ, ଆଲୋକ ସଜ୍ଜା ଓ ମେଳା ଦେଖିବା ପାଇଁ ସହର ଓ ବାହାରୁ ମଧ ଲୋକ ଏଠାକୁ ଆସିବେ। ଏହି ସମୟରେ ମଧ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତି ସହରକୁ ପ୍ରବେଶ କରି ଅପରାଧ ଘଟାଇବାର ଆଶଙ୍କା ରହିଛି। ତେଣୁ ଆମେ ସେମାନଙ୍କ ଉପରେ ନଜର ରଖିଛୁ। ଥାନାଗୁଡ଼ିକରେ ଥିବା 'ଟିମ୍ ୬୦' ଏବଂ ପିଓପିଡି ଦଳ ସ୍ୱତନ୍ତ୍ର ଭାବେ ସହରରେ ତାଲିକାଭୁକ୍ତ ଅପରାଧୀଙ୍କ ଉପରେ କଡା ନଜର ରଖିବା ସହ ବାହାର ଅପରାଧୀଙ୍କ ଗତିବିଧି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିଜ ନିଜ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ କୁହାଯାଇଛି। ସମଗ୍ର ସହର ସିସିଟିଭି ନଜରରେ ରହିଛି। ଏଥିସହ ପୂଜା ଆୟୋଜକ କମିଟିର ସଦସ୍ୟମାନଙ୍କୁ ମଣ୍ଡପରେ ସିସିଟିଭି ଲଗାଇବାକୁ କହିଛୁ। ଏବେଠୁ ରାଜଧାନୀର ପ୍ରବେଶ ଏବଂ ପ୍ରସ୍ଥାନ ମାର୍ଗରେ ଯାଞ୍ଚ କରାଯାଉଛି। ସନ୍ଦେହଜନକ ଗତିବିଧି ଉପରେ ବିଶେଷ ନଜର ରଖିବାକୁ ଯୋଜନା କରୁଛୁ। ଏଥିସହ ଭିଡ ନିୟନ୍ତ୍ରଣ ଲାଗି ପୂଜା ମଣ୍ଡପ ନିକଟରେ ସାମାଜିକ କର୍ମୀଙ୍କୁ ନିୟୋଜିତ କରିବାକୁ କୁହାଯାଇଛି। ସେମାନଙ୍କୁ ପୋଲିସ ଦ୍ୱାରା ତାଲିମ ଦିଆଯିବ। ସେହିପରି ଛିନ୍‌ତାଇ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଏଥିସହ ଆପରାଧିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସମସ୍ତ ସ୍ଥାନରେ ସାଦା ପୋଷାକରେ ପୋଲିସ ମୁତୟନ ରହିବେ। ଫଳରେ ଅପରାଧୀଙ୍କୁ ସହଜରେ ଦମନ କରିବାରେ ସଫଳ ହୋଇପାରିବ ଟିମ୍। ସେହିଭଳି ପେସାଦାର ଅପରାଧୀଙ୍କଙ୍କ ଉପରେ କଡା ନଜର ରଖିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିସିପି ସିଂ କହିଛନ୍ତି।



ଖଣ୍ଡଗିରି ଥାନା ଅନ୍ତର୍ଗତ ଶ୍ୟାମପୁରଠାରେ ଥିବା ଏକ ବେଆଇନ ଘରକୁ ବିଡିଏ ପକ୍ଷରୁ ଭଙ୍ଗାଯାଉଛି।

## ଜନତା ଲଜ ସାଇଡ୍ ବସ୍ତିରୁ ଉଚ୍ଛେଦ

**ଭଙ୍ଗାଗଲା ୧୮ ଘର**

ଭୁବନେଶ୍ୱର, ୧୯।୯ (ବ୍ୟୁରୋ)

ୱାର୍ଡ ନଂ. ୪୧ ଖାରବେଳ ନଗର ମୌଜା ଅନ୍ତର୍ଗତ ଜନତା ଲଜ୍ ସାଇଡ୍ ବସ୍ତିରେ ଗଢି ଉଠିଥିବା ୧୮ଟି ଘରକୁ ଭଙ୍ଗାଯାଇଛି। ସମ୍ପୃକ୍ତ ପରିବାରକୁ ରଙ୍ଗମାଟିଆସ୍ଥିତ ରାଜୀବ ଆବାସ ଯୋଜନା (ଆର୍ଏୱାଇ) ଅଧୀନରେ ଘର ଆବଣ୍ଟିତ ହୋଇଛି। ସୋମବାର ବିଡିଏ ପକ୍ଷରୁ ଏହି ଉଚ୍ଛେଦ କରିବା ସହ ସମ୍ପୃକ୍ତ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଥିବା ଏକ ବଡ଼ କବାଡ଼ିଆ ଗୋଦାମକୁ ଭଙ୍ଗା ଯାଇଛି। ଉଚ୍ଛେଦ କରାଯାଇଥିବା ପ୍ଲଟ ନଂ.୧୪୭୨ରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ



ସେକ୍ସନ ମହିଳା ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଶ୍ୟାମପୁର ମୌଜାରେ ମଧ ଏକ ବେଆଇନ ଘରକୁ ଉଚ୍ଛେଦ କରାଯାଇ ଥିଲା। ପ୍ଲଟ ନଂ.୧୦୪୯ରେ ଥିବା ଗୋଟିଏ ଛାତ ଘର ଏବଂ ୫୦ଫୁଟର ଏକ ପାଚେରିକୁ ବିଡିଏ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ବିଭାଗ ସହକାରୀ ନିର୍ଦ୍ଦେଶକ (ପ୍ରବର୍ତ୍ତନ) ଅମିୟ କୁମାର ଦାସଙ୍କ ସହ ଖାରବେଳ ଆଇଆଇସି ରଜନୀକାନ୍ତ ମିଶ୍ର ଓ ଭରତପୁର ଆଇଆଇସି ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରୁ ଆଉ ୬ ନିଶାବେପାରୀ ଗିରଫ

**ଅପରେଶନ ହ୍ୱାଇଟ୍ ସ୍ୱାଇଡର**

**୧୦ ଗ୍ରାମ ବ୍ରାଉନସୁଗାର, ୧୦ ହଜାର ଟଙ୍କା, ସାଢେ ୧୧ କେଜି ଗଞ୍ଜେଇ ଜବତ**

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ଅପରେଶନ ହ୍ୱାଇଟ୍ ସ୍ୱାଇଡର ଅଭିଯାନରେ ଗତ ୨୪ ଘଣ୍ଟା ମଧ୍ୟରେ ୫ ଥାନା ଅଞ୍ଚଳରୁ ଆଉ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର, ନଗଦ ୧୦ ହଜାର ୨୦୦ ଟଙ୍କା ଓ ୧୧ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ମଞ୍ଚେଶ୍ୱର ଥାନା ପୋଲିସ କଳାରାହାଙ୍ଗ ହାଟ ରୋଡ଼ରେ ଚଢାଉ କରି କୃଷ୍ଣଚନ୍ଦ୍ର ନାଥଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗାର ସହ ୧୦ ହଜାର ୨୦୦ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେହିପରି ବେଆଇନ ଗଞ୍ଜେଇ ବିକ୍ରି ମାମଲାରେ ଲିଙ୍ଗରାଜ ଥାନା ପୋଲିସ ଗ୍ୟାରେଜ ଛକ, କେନାଲ ବନ୍ଧ ନିକଟରେ ଚଢାଉ କରି ଗଞ୍ଜେଇ ବେପାରୀ ସରୋଜ କୁମାର ପାତ୍ରଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ମୋଟ ୫କେଜି ୫୦୦ ଗ୍ରାମ୍‌ର ଗଞ୍ଜେଇ ଜବତ କରିଛି। ବାଲିପାଟଣା ଥାନା ପୋଲିସ ଗାରେଡ଼ିପାଞ୍ଚଣ ଛକ ନିକଟରେ ଚଢାଉ କରି କାହ୍ନୁ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବାବେଳେ ତାଙ୍କଠାରୁ ୧କେଜି ୪୦୦ ଗ୍ରାମ୍‌ର ଗଞ୍ଜେଇ ଜବତ କରିଛି। ବାଲିଅନ୍ତା ଥାନା ପୋଲିସ ପ୍ରଭାତ ଭୋଇ ନାମକ ଜଣେ ନିଶା ବେପାରୀଙ୍କୁ ଗିରଫ କରି ତାଙ୍କଠାରୁ ୧କେଜି ୬୫୦ ଗ୍ରାମ୍‌ର ଗଞ୍ଜେଇ ଜବତ କରିଛି। ଚନ୍ଦ୍ରଶେଖରପୁର ଥାନା ପୋଲିସ ବିଡିଏ କଲୋନୀ ଅଞ୍ଚଳରେ ଥିବା ନୀଳମାଧବ ବସ୍ତିରେ ଚଢାଉ କରି ଅଭିଯୁକ୍ତ ପ୍ରଶାନ୍ତ ମହାନ୍ତ ଓ ବିଶ୍ୱନାଥ ସାହୁଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୩ କେଜି ଗଞ୍ଜେଇ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଜମି ଠକେଇରେ ବିଡିଏ କର୍ମଚାରୀଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼

**୩୩ ଲକ୍ଷ ଚଳୁ, ମଧ୍ୟସ୍ଥ ଗିରଫ**

ଭୁବନେଶ୍ୱର,୧୯।୯ (ବ୍ୟୁରୋ)

ରାଜଧାନୀରେ ହେଉଥିବା ଜମି ଠକେଇ ଘଟଣାରେ ବିଡିଏ କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି। ୩୩ଲକ୍ଷ ଠକେଇ ମାମଲାର ତଦନ୍ତବେଳେ ଖାରବେଳନଗର ଥାନା ପୋଲିସକୁ ଏନେଇ ସୂଚନା ମିଳିଛି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ କଟକ ଲାଲବାଗ ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଏବେ ଚୌଦ୍ୱାର ଜେଲ୍‌ରେ ଅଛନ୍ତି। ସୋମବାର ଖାରବେଳନଗର ଥାନା ପୋଲିସ ଜଣେ ମଧ୍ୟସ୍ଥଙ୍କୁ ଗିରଫ କରିଥିବାବେଳେ ଆଉଜଣେ ମହିଳା ଫେରାର ଥିବା ଜଣାପଡିଛି। ଗିରଫ ମଧ୍ୟସ୍ଥ ହେଲେ ପଟିଆ ଅଞ୍ଚଳରେ ରହୁଥିବା ଭଦ୍ରକର ସୁଶାନ୍ତ କୁମାର ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ଜଣେ ବିଡିଏ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଓ ବିଡିଏରୁ ବ୍ୟକ୍ତିଗତ କାଗଜପତ୍ର ଲିକ୍ ହେଉଥିବା ଜଣାପଡିବା ପରେ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଏଥିସହ ସମ୍ପୃକ୍ତ କର୍ମଚାରୀଙ୍କୁ ଥାନାରେ ପଚରାଉଚରା ପରେ ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି। ସୂଚନାନୁସାରେ, ନନ୍ଦନକାନନ ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ସୂର୍ଯ୍ୟକାନ୍ତ ମହାନ୍ତି ଜାଗା କିଣିବା ଲାଗି ଏକ ଇଣ୍ଟରନେଟ୍‌ରେ ସର୍ଚ୍ଚ କରୁଥିବାବେଳେ ଅଭିଯୁକ୍ତ ତଥା ମଧ୍ୟସ୍ଥ ସୁଶାନ୍ତଙ୍କ ଫୋନ୍ ନମ୍ବର ପାଇ ତାଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କ ପରାମର୍ଶ ଅନୁସାରେ ସୂର୍ଯ୍ୟକାନ୍ତ ଖାରବେଳନଗର ଅଞ୍ଚଳରେ ଥିବା ଅଫିସକୁ ଆସିବା ପରେ ସୁଶାନ୍ତ ତାଙ୍କୁ ଅନ୍ୟତମ ଅଭିଯୁକ୍ତ ବିଭୂତି ଭୂଷଣ ବେହେରାଙ୍କ ସହ ପରିଚିତ କରାଇଥିଲେ। ନିଳାଦ୍ରିବିହାରରେ ଆଶାଲତା ନାୟକ ନାମରେ ଥିବା ଜାଗା ବିକ୍ରି ହେବ ବୋଲି କହି କିଛି କାଗଜପତ୍ର ଦେଖାଇଥିଲେ। ୧ କୋଟି ୩୦ ଲକ୍ଷ ଟଙ୍କାରେ ବିକ୍ରି ପାଇଁ କଥା ଛିଡ଼ିବା ପରେ ଅଗ୍ରୀମ ବାବଦକୁ ମାଲିକାଣୀଙ୍କୁ ୨୭ ଲକ୍ଷ ଓ କାଗଜପତ୍ର ପାଇଁ ୧୮ ଲକ୍ଷ ଦେବାକୁ ବିଭୂତି କହିଥିଲେ। ହେଲେ ସନ୍ଦେହ ହେବାରୁ ସୂର୍ଯ୍ୟକାନ୍ତ ବିଡିଏ ଅଫିସ ଯାଇଥିଲେ। ସେଠାରେ ବିଡିଏର ଜଣେ ଡିଲିଙ୍ଗ୍ ଆସିଷ୍ଟାଣ୍ଟ ସୂର୍ଯ୍ୟକାନ୍ତଙ୍କୁ ବିଭୂତିଙ୍କ ବିଷୟରେ ଭଲ କଥା କହିବା ସହ ତାଙ୍କଠାରୁ ଜାଗା ନେବାକୁ ପ୍ରବର୍ତ୍ତାଇଥିଲେ। ମନରେ ସନ୍ଦେହ ଥିବାରୁ ସୂର୍ଯ୍ୟକାନ୍ତ ଜମି ମାଲିକାଣୀ ଆଶାଲତାଙ୍କୁ ଦେଖା କରିବାକୁ କହିଥିଲେ। ହେଲେ ଅଭିଯୁକ୍ତ ଦ୍ୱୟ ଜଣେ ମହିଳାଙ୍କୁ ଅଫିସକୁ ଡାକି ଆଶାଲତା ବୋଲି ପରିଚୟ ଦେଇ ବିଶ୍ୱାସ ଜନ୍ମାଇଥିଲେ। ପରେ ସୂର୍ଯ୍ୟକାନ୍ତ ଡିଡି ମାଧ୍ୟମରେ ବିଭୂତିଙ୍କ ଆକାଉଣ୍ଟକୁ ୩ଟି ପର୍ଯ୍ୟାୟରେ ୩୩ ଲକ୍ଷ ଟଙ୍କା ପଠାଇଥିଲେ। କିନ୍ତୁ ପ୍ରକୃତ ମାଲିକାଣୀଙ୍କ ଆକାଉଣ୍ଟକୁ ଡିଡି ମାଧ୍ୟମରେ ଟଙ୍କା ପଠାଇଥିଲେ ମଧ ତାହା ଯାଇ ନ ଥିଲା। ପରେ ଠକାମିର ଶିକାର ହୋଇଥିବା ଜାଣିବା ପରେ ସୂର୍ଯ୍ୟକାନ୍ତ ଥାନାରେ ଅଭିଯୋଗ କରିଥିଲେ।





ବିରୋଧୀ ଦଳ ଉପନେତା ତଥା ଧାମନଗରର ଭାଜପା ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ସୋମବାର ସକାଳେ ପରଲୋକ ଘଟିବା ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟମାନେ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି (ବାମ)। ବିଧାନସଭା ପରିସରରେ ଶେଷ ଦର୍ଶନ ସମୟରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ବହୁ ନେତା, ମନ୍ତ୍ରୀ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

## ଅଙ୍ଗାଳି ଜଗନ୍ନାଥ ମନ୍ଦିର ସୁରକ୍ଷା ଦାବି

ଆଠଗଡ଼ (ସ୍ୱ.ପ୍ର.): ଅଙ୍ଗାଳି ଜଗନ୍ନାଥ ମନ୍ଦିର ସୁରକ୍ଷା ଏବଂ ସ୍ୱଚ୍ଛତା ବାବଦରେ ଜଗନ୍ନାଥ ବଜାର କମିଟି ପକ୍ଷରୁ ଉପଜିଲାପାଳ ହେମନ୍ତ ସ୍ୱାଇଁଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି, ପାର୍ବଣ ଋତୁ ପରେ କାର୍ତ୍ତିକ ମାସ ଯୋଗୁ ଜଗନ୍ନାଥ ମନ୍ଦିରରେ ବହୁ ସଂଖ୍ୟାରେ ଭିଡ଼ ହେବାର ଆଶା ରହିଛି। କିନ୍ତୁ ମନ୍ଦିରର ସୁରକ୍ଷା ଏବଂ ସ୍ୱଚ୍ଛତା ସମ୍ବନ୍ଧରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ମନ୍ଦିରର ଅଁଳା ବେଢ଼ାରେ ଅନେକ ବଡ଼ ବଡ଼ ଗଛ ମନ୍ଦିର ପ୍ରତି ବିପଦ ସୃଷ୍ଟି କରିଛି। ମନ୍ଦିରର ରୋଷଶାଳା ମରାମତି ସହିତ ମନ୍ଦିରର ସ୍ୱଚ୍ଛତା ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ଆଠଗଡ଼ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳଙ୍କୁ ବଜାର କମିଟି ପକ୍ଷରୁ ଦାବି ହୋଇଛି। କମିଟି ସଭାପତି ହେମନ୍ତ ମହାନ୍ତିଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି।


ମା' ଚର୍ଚ୍ଚିକାଙ୍କ ପୀଠରେ ଷୋଳ ପୂଜାର ତୃତୀୟ ଦିନ


ମା' କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ।


ମା' ଗଡ଼ ଚଣ୍ଡୀଙ୍କ ହର ଚଣ୍ଡି ବେଶ।


ମା' ଝଞ୍ଜିରୀ ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ।


ପିଠାପୁର ମା' ଆକୁଳେଇଙ୍କ ଭୁବନେଶ୍ୱରୀ ବେଶ।

## ସଂକ୍ଷେପରେ

### ମନ୍ଦିର ଚୋରି ଘଟଣା, ୨ ଗିରଫ

ନିଶ୍ଚିନ୍ତକୋଇଲି,୧୯।୯(ସ୍ୱ.ପ୍ର.)-କଟକ ଜିଲା ସାଲେପୁର ଥାନା ପୋଲିସ ୨ ମନ୍ଦିର ଚୋରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ଟଙ୍କା ଓ ଏକ ବାଇକ୍ ଜବତ କରାଯାଇଛି। ରବିବାର ବିଳମ୍ବିତ ରାତିରେ ସାଲେପୁର ଥାନା ସିମଲପଡା ଗ୍ରାମର ୨ ଯୁବକ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ଶକ୍ତିଶ୍ୱର ନିକଟରେ ତ୍ରିନାଥ ମନ୍ଦିର ରାମକୃଷ୍ଣପୁର ରାମେଶ୍ୱରୀ ଠାକୁରାଣୀଙ୍କ ହୁଣ୍ଡି ଭାଙ୍ଗି ଅର୍ଥ ଲୁଟ୍ ହୋଇଥିଲା। ଉଭୟେ ରାମକୃଷ୍ଣପୁର ଅର୍ଜୁନ ମାହାରା ନିକଟରେ ଥିବା ଅନନ୍ତ ଗୋସାଇଁ ମନ୍ଦିରରୁ ଚୋରି ପାଇଁ ଉଦ୍ୟମ କରୁଥିଲେ। ଜଣେ ବ୍ୟବସାୟୀ ଏ ସଂକ୍ରାନ୍ତରେ ସିସିଟିଭିରେ ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମର ଯୁବକମାନେ ଉଭୟଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ।

### ଅପହରଣ ଘଟଣାରେ ବାଳସୁଧାର ଗୃହକୁ ଗଲେ ନାବାଳକ

ତିଗିରିଆ,୧୯।୯(ଡି.ଏନ୍.ଏ.)

ତିଗିରିଆ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରିବା ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଧରିଛି। ତାଙ୍କ ଘର ନୂଆପାଟଣା ଅଞ୍ଚଳରେ। ସେ ଗତ ଜୁଲାଇରେ ଜଣେ ୧୫ ବର୍ଷର ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ଏକ ମାମଲା (ନଂ.୧୪୭/୨୦୨୨) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ରବିବାର ଉଭୟଙ୍କୁ ପୋଲିସ ମାଲକାନଗିରିରୁ ଧରିଥିଲା। ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନାବାଳକଙ୍କୁ ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି।

### ବାଇକ୍ ଦୁର୍ଘଟଣାରେ ୨ ଆଇନଜୀବୀ ଗୁରୁତର

ନିଶ୍ଚିନ୍ତକୋଇଲି,୧୯।୯(ସ୍ୱ.ପ୍ର)-କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ନିକଟ କଟକ-ଚାନ୍ଦବାଲି ରାସ୍ତାରେ ସୋମବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣା ଘଟି ସାଲେପୁର ବାରଆସୋସିଏଶନର ୨ ଜଣ ଆଇନଜୀବୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପ୍ରବୋଧ କୁମାର ଜେନା(୫୦) ଓ ପ୍ରତାପ କୁମାର ଖୁଣ୍ଟିଆ(୪୦)। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରବୋଧଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଉଭୟେ ଏକ ବାଇକ୍ ଯୋଗେ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ଆସୁଥିବାବେଳେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ସାମନାକୁ ଚାଲି ଆସିଥିଲେ। ମହିଳାଙ୍କୁ ରକ୍ଷା କରିବାକୁ ଯାଇ ସେମାନେ ଗୁରୁତର ହୋଇଥିଲେ।

# ବକେୟା ରାଶନ ପ୍ରଦାନ ପାଇଁ ଦାବି

## ଯୋଗାଣ ବିଭାଗ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାଙ୍କୀ,୧୯।୯(ସ୍ୱ.ପ୍ର.):

ହିତାଧିକାରୀଙ୍କୁ ବକେୟା ରାଶନ ଚାଉଳ ନ ମିଳିଲେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦିଆଯିବ। ଏନେଇ ହିତାଧିକାରୀ ସୋମବାର ବାଙ୍କୀ ଯୋଗାଣ ବିଭାଗ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସୂଚନା ମୁତାବକ, ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରୀ ଗ୍ରାମ ପଞ୍ଚାୟତ କୁରମୁ ଚଇନୀ ଗ୍ରାମର ଖାଉଟି ଡିଲର ଭାବେ ହେମନ୍ତ ଖଟୁଆ କାର୍ଯ୍ୟରତ ଅଛନ୍ତି। ସେ ଲୋକଙ୍କୁ ରାଶନ ସାମଗ୍ରୀ ନ ଦେଇ ଗାଳିଗୁଲଜ କରୁଥିବା ଖାଉଟିମାନେ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରୁଛନ୍ତି। ଏନେଇ ଗତ ଅଗଷ୍ଟ ୨୬ରେ ଗ୍ରାମବାସୀ ୪ ମାସର ବକେୟା ଚାଉଳ ଓ ୨ ମାସର ମାଗଣା ଚାଉଳ ପାଇଁ ବାଙ୍କୀ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଯୋଗାଣ ବିଭାଗ ଇନ୍ସ୍ପେକ୍ଟରଙ୍କ ହସ୍ତକ୍ଷେପ ପରେ ଡିଲର ସେମାନଙ୍କୁ କେବଳ ରିଲିଫ ଚାଉଳ ପ୍ରଦାନ କରିଥିଲେ। ହେଲେ ବର୍ତ୍ତମାନ ସୁଧା ୪ ମାସର ବକେୟା ଚାଉଳ ହିତାଧିକାରୀ ପାଇନାହାନ୍ତି। ତୁରନ୍ତ ସେମାନଙ୍କୁ ଯଦି ୪ମାସର ବକେୟା ଚାଉଳ ପ୍ରଦାନ କରା ନ ଯାଏ, ତେବେ ଆସନ୍ତା ୨୬ରେ ହିତାଧିକାରୀ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦେବେ। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମର କେଶବ ଖଟୁଆ, ଧୋଇ ବେହେରା, ମଙ୍ଗୁଳି ଦଳେଇ, ରୀନା ବେହେରା, ଶରତଚନ୍ଦ୍ର ବେହେରା, ବର୍ଷାରାଣୀ ବେହେରା ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ।


ଯୋଗାଣ ବିଭାଗ ଅଧିକାରୀଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ହିତାଧିକାରୀ।

# ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

## ଗଣବଦଳି ନୀତିକୁ ବିରୋଧ

କଟକ ଅଫିସ, ୧୯।୯

ଗଣବଦଳି ନୀତି ପ୍ରତିବାଦରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ଏନେଇ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓଡ଼ିଶାର ସମସ୍ତ ଶାଖା ଓ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ସୋମବାର ଧର୍ମଘଟରେ ସାମିଲ ହୋଇଛନ୍ତି। ଏହି ଧର୍ମଘଟ ଦ୍ୱାରା ବ୍ୟାଙ୍କ ସେବା ବ୍ୟାହତ ହୋଇଛି। ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ୟୁନିୟନ ସଭାପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ କହିଛନ୍ତି, ଗତ ମେ ୨୪ ତାରିଖରେ ବ୍ୟାଙ୍କ କର୍ତ୍ତୃପକ୍ଷ ଦ୍ୱିପାକ୍ଷିକ ଆଲୋଚନା କରି ବଦଳି ସଂକ୍ରାନ୍ତରେ ପୁର୍ନବିବେଚନା କରିବେ ବୋଲି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ବୁଝାମଣାକୁ କାର୍ଯ୍ୟକାରୀ ନ କରି ଏକତରଫା ଭାବେ ଗଣବଦଳି କରିଛନ୍ତି। ଏହା ପ୍ରତିବାଦରେ ଏଆଇବିଇଏ, ବିଇଏଫ୍ଆଇ, ଆଇଏନ୍ବିଇଏଫ୍ ଆଦି ୫ଟି ସଙ୍ଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ଏହି ଧର୍ମଘଟ ମଙ୍ଗଳବାର ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି। ଏଥିସହ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ବୁଝାମଣାପତ୍ରକୁ କାର୍ଯ୍ୟକାରୀ କରିବା ପାଇଁ ସେ ଦାବି କରିଛନ୍ତି।

# ଦୁର୍ଗାପୂଜା: ୯ରେ ସାମୂହିକ ଭସାଣି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଆଠଗଡ, ୧୯।୯(ସ୍ୱ.ପ୍ର.)

ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ସୋମବାର ପ୍ରଶାସନ ପକ୍ଷରୁ ଆଠଗଡ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ସହରର ଚାନ୍ଦବାଲି ଛକ, ଦୁର୍ଗାବଜାର ଏବଂ ରାସରଶିକପୁରରେ ଷଷ୍ଠୀଠାରୁ ପୂଜା ଆରମ୍ଭ ହେବ। ଏଥିସହ ଲକ୍ଷ୍ମୀ ବଜାର, ରଘୁନାଥ ବଜାର ଓ ଜଗନ୍ନାଥ ବଜାରରେ ଅଷ୍ଟମୀରୁ ରୀତିନୀତି ଅନୁଯାୟୀ ପୂଜା କରାଯିବ ବୋଲି ସୂଚନା ମିଳିଛି। ଦଶହରା ପରେ ଅକ୍ଟୋବର ୯ରେ ସାମୂହିକ ଭସାଣି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଆଉ ଗୋଟେ ଦିନ ଧାର୍ଯ୍ୟ କରି କନ୍ତୋଲରେ ହୋଇଥିବା ମେଢ଼ଗୁଡିକୁ ବିସର୍ଜନ କରାଯିବ। ଅନ୍ୟ ମେଢ଼ଗୁଡିକୁ ଅକ୍ଟୋବର୧୫ରେ ବିସର୍ଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଭସାଣିବେଳେ ଶବ୍ଦ ୬୦ରୁ ୭୦ ଡେସିବିଲ ମଧ୍ୟରେ ରହିବା ପାଇଁ ସମସ୍ତ ପୂଜା କମିଟିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାମୂହିକ ଭସାଣି ଶୋଭାଯାତ୍ରା ଭାୟା ଚାନ୍ଦବାଲି ଛକ ହୋଇ ବୀରକିଶୋରପୁର ପର୍ଯ୍ୟନ୍ତ ଯିବ। ସେଠାରୁ ଫେରିବା ପରେ ଶାସନ ଛକ ଠାରୁ ରାସରଶିକପୁର, ଝରଣଛକ ଓ ଗଦାସାହି ବାଟ ଦେଇ ସାପୁଆ ନଦୀରେ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ସାପୁଆ ନଦୀରେ ଏକ ଅସ୍ଥାୟୀ ପୁଷ୍କରିଣୀ କରିବାକୁ ଆଠଗଡ ଏନ୍ଏସିକୁ ଦାୟିତ୍ୱ ଦିଆଯାଇଛି। କରୋନା ମହାମାରୀ ଯୋଗୁ ୨ବର୍ଷ ହେବ ପାର୍ବଣ ଋତୁ ଫିକା ପଡ଼ିଥିବାବେଳେ ଚଳିତବର୍ଷ ଅଧିକ ଜନସମାଗମ ହେବ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ କମିଟିଗୁଡ଼ିକୁ କୁହାଯାଇଛି। ବଜାର ମେଢ଼କୁ ଛାଡିଦେଲେ ସାହିଗୁଡ଼ିକରେ ହେଉଥିବା ମେଢ଼ର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ କରିବାକୁ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ପରିମଳ ଏବଂ ପାନୀୟ ଜଳ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ୬୫ ନମ୍ବର ରାଜ୍ୟ ରାଜପଥ ସାପୁଆ ବ୍ରିଜଠାରୁ ବୀରକିଶୋରପୁର ପର୍ଯ୍ୟନ୍ତ ରାସ୍ତା ମରାମତି କରିବା ପାଇଁ ଗୃହ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ଦିନରେ ନୀରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ଅରୁଣ କୁମାର ଦାସ, ତହସିଲଦାର ପ୍ରିୟବ୍ରତ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବଜାର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ଦମ୍ପତିଙ୍କୁ ତାଲା ପକାଇ ଘରୁ ସୁନାଗହଣା ଲୁଟ୍

ନିଶ୍ଚିନ୍ତକୋଇଲି,୧୯।୯(ସ୍ୱ.ପ୍ର.)

କିଶନନଗର ଥାନା ଅନ୍ତର୍ଗତ ନିଶ୍ଚନ୍ତକୋଇଲି ବ୍ଲକର ବାବୁଜଙ୍ଗ ପଞ୍ଚାୟତର ଦୁଲୁପୁର ଗ୍ରାମରେ ରବିବାର ରାତିରେ ଡକାୟତି ହୋଇଛି। ଏକ ଦମ୍ପତିଙ୍କୁ ଦୁର୍ବୃତ୍ତମାନେ ଘରେ ତାଲା ପକାଇ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ମାମଲା (ନଂ. ୧୬୭/୨୨) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଦୁଲୁପୁର ଗ୍ରାମର ନିରଞ୍ଜନ ଦାସଙ୍କ ପୁତ୍ର ବାହାରେ ରୁହନ୍ତି। ଘରେ ନିରଞ୍ଜନ ଓ ସ୍ତ୍ରୀ ରୁହନ୍ତି। ରବିବାର ରାତିରେ ସ୍ୱାମୀ ସ୍ତ୍ରୀ ଘରେ ଖାଇପିଇ ଶୋଇଥିଲେ। ଯୋଜନାବଦ୍ଧଭାବେ କେତେଜଣ ଦୁର୍ବୃତ୍ତ ଭିତରେ ପଶି ଦମ୍ପତି ଶୋଇଥିବା ଘରେ ତାଲା ପକାଇ ଦେଇଥିଲେ। ଏହାପରେ ଭିତରେ ପଶି ଗଡରେଜ ଆଲମିରା ଭାଙ୍ଗିବା ସହ ସେଥିରୁ ଗୋଟିଏ ମଙ୍ଗଳସୂତ୍ର, ସୁନାଚେନ, ୫ ସୁନାମୁଦି, ସୁନା କାନ ଫୁଲ ଦୁଇହଳ, ସୁନା ଲକେଟ ୧ଟି, ନଗଦ ୯ହଜାର ୭ଶହ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ନେଇ ନିରଞ୍ଜନ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଏକାଡେମିକ୍ ବ୍ଲକର ଶିଳାନ୍ୟାସ କଲେ ମନ୍ତ୍ରୀ


ଆୟୋଜିତ ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟଅତିଥି।

## ୨କୋଟି ୯୧ଲକ୍ଷ ୪୬ହଜାର ୯୫୫ଟଙ୍କା ବ୍ୟୟରେ ଗୃହ ନିର୍ମାଣ

ଚୌଦ୍ୱାର,୧୯।୯(ଡି.ଏନ୍.ଏ.)

ଚୌଦ୍ୱାର ମହାବିଦ୍ୟାଳୟରେ ବିଶ୍ୱ ବ୍ୟାଙ୍କ ଋଣ ଅର୍ଥରେ ନିର୍ମିତ ହେବାକୁ ଥିବା ଏକାଡେମିକ ବ୍ଲକ ନୂତନ ଗୃହର ଶିଳାନ୍ୟାସ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨କୋଟି ୯୧ଲକ୍ଷ ୪୬ହଜାର ୯୫୫ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଉମେଶ ଚନ୍ଦ୍ର ଦେବତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଲେଜର ବିଭିନ୍ନ ସମସ୍ୟା ଉପରେ ପୂର୍ବରୁ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ। ଯଥାଶୀଘ୍ର ସମସ୍ତ ସମସ୍ୟା ଉପରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କଲେଜରେ ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଲାଗୁ କରାଯାଇଥିବା 'ମୋ କଲେଜ ଅଭିଯାନ'ରେ ପୂର୍ବତନ ଛାତ୍ରୀଛାତ୍ରମାନେ ଆଗେଇ ଆସି କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ବିଜେଡି ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁଚରଣ ପରିଡା, ଯୁବ ସଭାପତି ଅର୍ଜୁନ ପଣ୍ଡା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ସାହୁ, ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଉନସିଲର ସୁବ୍ରତ ସାମଲ ମଞ୍ଚ ପରିଚାଳନା କରିଥିଲେ।

# ସଫଳତା ଅର୍ଜନ କରି ବିଦ୍ୟାଳୟର ଗୌରବ ବଢ଼ାଅ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ସାଲେପୁର/ ତିଗିରିଆ,୧୯।୯(ଡି.ଏନ୍.ଏ.)

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ପ୍ରତିଷ୍ଠା ଦିବସ ସୋମବାର ସାଲେପୁର ଆଦର୍ଶ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସାଲେପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅଶୋକ ପତି ଯୋଗଦେଇ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗଣିତ ଶିକ୍ଷକ ଦୀପ୍ତିମୟୀ ବେହେରାଙ୍କ ପରିଚାଳନାରେ ହୋଇଥିବା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାମାଜିକ ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀଧର ଦାଶ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ କିରିକିଚାସ୍ଥିତ ଓଡ଼ିଆ ଆଦର୍ଶ ବିଦ୍ୟାଳୟର ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଚ୍ୟୁତାନନ୍ଦ ମହାଳିକଙ୍କ ପୌରୋହିତ୍ୟରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରିଛନ୍ତି। ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ମହାନ୍ତି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମାଣିଆବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଜୟ ଶତପଥୀ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ମଉଗଜ ସିଂ, ସାମାଜିକ କର୍ମୀ ସୁଶାନ୍ତ ଜେନା, ମନୋଜ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା କମିଟିର ସଦସ୍ୟ ଶିକ୍ଷାବିତ ପ୍ରସନ୍ନ ଶତପଥୀ, ଘନଶ୍ୟାମ ମହାନ୍ତି, ଶିକ୍ଷୟିତ୍ରୀ ସୁନାମଣି ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।



ସାଲେପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ।

# ରାସ୍ତାରୁ ଗୋରୁ ହଟାଇବାକୁ ଦାବି

ବାଙ୍କୀ,୧୯।୯(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହୋଇଥିବା ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ କରବର ଗ୍ରାମ୍ୟରାସ୍ତା ଏବଂ ମନ୍ଦିରର କୂଅ ପାଖରେ କିଛି ଅସାମାଜିକ ବ୍ୟକ୍ତି ଗୋରୁ ବାନ୍ଧୁଛନ୍ତି। ଫଳରେ ସେହି ଅଞ୍ଚଳ ଦୂଷିତ ହୋଇ ବିଭିନ୍ନ ରୋଗ ସୃଷ୍ଟି ହେଉଛି। ଏନେଇ ଗ୍ରାମବାସୀ ସୋମବାର ବାଙ୍କୀ ଉପଜିଲାପାଳଙ୍କୁ ସରକାରୀ କାର୍ଯ୍ୟାଳୟରେ ସାକ୍ଷାତ୍ କରି ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଘଟଣାର ସମାଧାନ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

ସୂଚନା ମୁତାବକ, କରବର ଗ୍ରାମ ୨୦୧୮ ମସିହାରୁ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହୋଇଛି। ହେଲେ ଗ୍ରାମର କେତେକ ଅସାମାଜିକ ବ୍ୟକ୍ତି ନିୟମକୁ ଉଲ୍ଲଂଘନ କରୁଛନ୍ତି। ଗ୍ରାମର ସର୍ବସାଧାରଣ ରାସ୍ତାରେ ଗାଈ ବାନ୍ଧିବାରୁ ଗୋବରଗଦା ହୋଇ ପରିବେଶ ଦୂଷିତ ହେଉଛି। ସେହି ବାଟଦେଇ ଗ୍ରାମବାସୀ ଯାତାୟାତ କରୁଥିବାରୁ ଝାଡା, ବାନ୍ତି, ଜ୍ୱର, ମ୍ୟାଲେରିଆ, ଡେଙ୍ଗୁ ଇତ୍ୟାଦି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଯାହା ଫଳରେ ଗ୍ରାମବାସୀ ଓ ଛୋଟ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଗ୍ରାମର ଜଗନ୍ନାଥ ମନ୍ଦିର କୂଅରୁ ଗ୍ରାମବାସୀ ପାନୀୟ ଜଳ ବ୍ୟବହାର କରୁଥିଲେ। କିନ୍ତୁ ସେହି କୂଅମୂଳରେ କେତେଜଣ ଅସାମାଜିକ ବ୍ୟକ୍ତି ଗୋବର ଗଦାଇବା ଦ୍ୱାରା କୂଅର ଦୂଷିତ ଜଳକୁ ଗ୍ରାମବାସୀ ପିଉଛନ୍ତି। ଏହି ଘଟଣାର ସମାଧାନ ପାଇଁ ପଦକ୍ଷେପ ନ ନେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଉପଜିଲାପାଳଙ୍କୁ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ଏହାର ନକଲ ବାଙ୍କୀ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେଠାରେ ସ୍ଥାନୀୟ ସରପଞ୍ଚ ସୁକାନ୍ତ ବେହେରା, ନିରଞ୍ଜନ ବସନ୍ତରାୟ, ସୂର୍ଯ୍ୟମଣି ବେହେରା, ଚଗଲା ବେହେରା, ରମେଶ ଦଳେଇ, ସରୋଜ ଦଳେଇଙ୍କ ସମେତ ବହୁବ୍ୟକ୍ତି ଉପସ୍ଥିତ ଥିଲେ।


କରବର ଗ୍ରାମବାସୀ ଉପଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଏଜେଣ୍ଟଙ୍କଠାରୁ ୯୮ ହଜାର ଲୁଟିନେଲେ

ନିମାପଡ଼ା,୧୯।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ବଜାରରେ ସୋମବାର ପୂର୍ବାହ୍ନ ସମୟରେ ଜଣେ ଏଜେଣ୍ଟଙ୍କ ବାଇକ୍ ଡିକି ଭାଙ୍ଗି ୯୮ ହଜାର ଟଙ୍କା ଲୁଟି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୧୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏୟାରଟେଲ୍‌ର ମାର୍କେଟିଂ ଏଜେଣ୍ଟ ଭାବେ କାର୍ଯ୍ୟରତ ଥିବା ସ୍ଥାନୀୟ ଥାନା ଅନ୍ତର୍ଗତ ଧିରପୁର ଗ୍ରାମର ପୃଥ୍ୱୀରାଜ ମିଶ୍ର(୪୦) ରେଘାଂଲୋ, ବସନ୍ତମାଳ ଅଞ୍ଚଳରୁ ଟଙ୍କା କଲେକ୍‌ଶନ୍ କରି ଖେଲାର ବଜାରକୁ ଆସିଥିଲେ। ସେଠାରେ ଗାଡି ଥୋଇ ଏକ ମୋବାଇଲ ରିଚାର୍ଜ ଦୋକାନକୁ ଯାଇଥିଲେ। କିଛି ସମୟ ପରେ ସେ ଗାଡି ପାଖକୁ ଆସିବାବେଳେ ୨ ଦୁର୍ବୃତ୍ତ ତାଙ୍କ ଗାଡି ନେଇଯାଉଥିବା ଦେଖିଥିଲେ। ହେଲେ ସେ ସେମାନଙ୍କୁ ଧରିପାରି ନ ଥିଲେ। ଘଟଣା ବାବଦରେ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ମିଶ୍ର ପୋଲିସ ନିକଟରେ ଦାବି କରିଛନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୯।୯(ଡି.ଏନ୍.ଏ.): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ୭ନଂ. ୱାର୍ଡର ଗୋପୀନାଥପାଟଣା ଗ୍ରାମରେ ସୋମବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଅମ୍ରିତା ସାହୁ(୩୦)। ବ୍ୟବଚ୍ଛେଦ ପାଇଁ ପୋଲିସ ମୃତଦେହକୁ ଚାରିଛକ ମେଡିକାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୮/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ସୂଚନା ମୁତାବକ, ଗତ କିଛିଦିନ ତଳେ ଅମ୍ରିତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା। ତେବେ କିଛି ଦିନ ହେବ ସେ ଆସି ତାଙ୍କ ବାପଘରକୁ ଆସିଥିଲେ। ସୋମବାର ସକାଳୁ ଅମ୍ରିତା ଘରର କବାଟ ଖୋଲିବାକୁ ବିଳମ୍ବ ହେବାରୁ ପରିବାର ଲୋକେ କବାଟ ବାଡେଇଥିଲେ। ଅମ୍ରିତା ବେକରେ ଶାଢିବାନ୍ଧି ଫ୍ୟାନରେ ଝୁଲୁଥିବା ପରିବାର ଲୋକେ ଝରକା ଫାଙ୍କରେ ଦେଖିଥିଲେ। ପରିବାର ଲୋକ ଏନେଇ ପୋଲିସକୁ ଖବର ଦେଇଥିଲେ। ଏଥିସହ ଖବରପାଇ ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ଘରର କବାଟ ଭଙ୍ଗାଯାଇଥିଲା। ଏ ସମ୍ପର୍କରେ ମହିଳାଙ୍କ ବଡ଼ବାପା ଯଦୁମଣି ସାହୁ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଅମ୍ରିତା ଦୁଃଖରେ ମାନସିକ ଦୁଶ୍ଚିନ୍ତାରେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

### କୁମାର ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

ପୁରୀ ଅଫିସ, ୧୯।୯: କୁମାର ଉତ୍ସବ ସମିତି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ପୁରୀ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଗବତ ଗୀତାରୁ ଆରମ୍ଭ ହୋଇ ଦେଖି ପଢ଼, ପ୍ରବନ୍ଧ, ଚିତ୍ରାଙ୍କନ, ଝୋଟି, ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାକୁ ଅନୁଷ୍ଠାନର ସଭାପତି ବିଭୁ ପ୍ରସାଦ ତ୍ରିପାଠୀ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଚକ୍ରଧର ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ଭରତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବିଚାରକ ଭାବେ ପ୍ରଦୀପ ଆଚାର୍ଯ୍ୟ ଓ ନନ୍ଦିଘୋଷ ମହାପାତ୍ର ଯୋଗଦେଇ ଭଗବତ ଗୀତା ଅଧ୍ୟୟନ ଦ୍ୱାରା ଘରେ ଶାନ୍ତି, ମନୋବଳ ଦୃଢ଼ ହେବା ସହ ଧାର୍ମିକ ଚେତନା ଜାଗ୍ରତ ହୋଇଥାଏ ବୋଲି କହିଥିଲେ। ଅକ୍ଟୋବର ୧୦,୧୧ ଓ ୧୨ ତାରିଖରେ ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା ୫୨ତମ କୁମାର ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି। ଗୌରୀଶଙ୍କର ସାମନ୍ତରା, ବିକାଶ ଦତ୍ତ, ଅମରେନ୍ଦ୍ର ପାଇକରାୟ, ସାଧନା ମହାନ୍ତି, ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ଶୁଭଶ୍ରୀ ଜୟସିଂ, ପ୍ରମୋଦ ପଟ୍ଟନାୟକ, ଶୁଭେନ୍ଦୁ ମହାପାତ୍ର, ଲିନୁ ନାୟକ, ବିଶ୍ୱଜିତ୍ ରାଜ, କ୍ଷୀରୋଦ ଦାଶ, ଅସୀମା ରାଉଳ, ସନ୍ଧ୍ୟାରାଣୀ ସାହୁ, ସୌମ୍ୟାରଞ୍ଜନ ସାହୁ ଏବଂ ଓମ୍ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୭୬ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ, ୧୯।୯: ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ସୋମବାର ଭାଜପା ଯୁବ ମୋର୍ଚ୍ଚା ପୁରୀ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସମର୍ପଣ ଏବଂ ଯୁବମୋର୍ଚ୍ଚାର ମିଳିତ ସହଯୋଗରେ ୭୬ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଯୁବ ମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶ, ମଧୁସୂଦନ ସମର୍ପଣ ସଭାପତି ଅଭିମନ୍ୟୁ ଭୂୟାଁ, ସମ୍ପାଦକ ଜୟନ୍ତୀ ମହାପାତ୍ର, କୋଷାଧ୍ୟକ୍ଷ ଗୋବିନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୪୦ ଫୁଟ ରାସ୍ତା ସମ୍ପ୍ରସାରଣକୁ ବିରୋଧ

**ଦାବି ଜଣାଇବାକୁ ଏକାଠି ହେଲେ ସାହିବାସିନ୍ଦା**

- ଶ୍ରୀକ୍ଷେତ୍ର ବାଲିସାହି ଉନ୍ନୟନ ପରିଷଦ ଗଠିତ
- ଅକ୍ଟୋବରରୁ ରେଭିନ୍ୟୁ ମାର୍କିଂ କରିବ ପ୍ରଶାସନ

ପୁରୀ ଅଫିସ,୧୯।୯:



ଶ୍ରୀମନ୍ଦିରରୁ ସ୍ୱର୍ଗଦ୍ୱାର ଦେଇ ଯିବା ରାସ୍ତାକୁ ୪୦ ଫୁଟ୍ ଓସାର କରିବା ନିଷ୍ପତ୍ତିକୁ ସାହି ବାସିନ୍ଦା ମାନିବାକୁ ପ୍ରସ୍ତୁତ ନାହାନ୍ତି। ପ୍ରଶାସନ ଲୋକଦେଖାଣିଆ ଭାବେ ଆଲୋଚନା କରିବା ସହ ମନମୁଖି ଭାବେ ରାସ୍ତା ସଂପ୍ରସାରଣ ଓ ଜମି ଅଧିଗ୍ରହଣ କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ସାହିବାସିନ୍ଦା ଏକ ପରିଷଦ ଗଠନ କରି ପ୍ରଶାସନକୁ ନିଜ ଦାବି ସମ୍ପର୍କରେ ଜଣାଇବା ପାଇଁ ପଦକ୍ଷେପ ନେଉଛନ୍ତି। ମୁଖ୍ୟତଃ ୪୦ ଫୁଟ୍ ଚଉଡ଼ା ରାସ୍ତା ସାହି ଭିତରେ କରିବା ସମ୍ଭବପର ନୁହେଁ। ପ୍ରଶାସନ ଯେତେ ଯାହା କଲେ ମଧ୍ୟ ଏନେଇ ସାହିବାସିନ୍ଦା ରାଜି ହେବେନାହିଁ। ଅଧିକାଂଶ ଘରର ଅଧା ସ୍ଥାନ ସମ୍ପୃକ୍ତ ୪୦ ଫୁଟ୍ ମଧ୍ୟରେ ଚାଲିଯିବ। ୩୦ ଫୁଟ୍ ପର୍ଯ୍ୟନ୍ତ ଚଉଡ଼ା ରାସ୍ତା ହେବା ଆମେ ମାନି ନେଇପାରିବୁ ବୋଲି ସାହିବାସିନ୍ଦା ଓ ଦୋକାନୀମାନେ କହିଛନ୍ତି। ବାଲିସାହି ଉଗ୍ରସର ମନ୍ଦିର ପ୍ରାଙ୍ଗଣରେ ବୈଠକ ଆୟୋଜନ କରାଯାଇ ସାହି ମୁରବିମାନଙ୍କୁ ନେଇ ଶ୍ରୀକ୍ଷେତ୍ର ବାଲିସାହି ଉନ୍ନୟନ ପରିଷଦ ଗଠନ କରାଯାଇଛି। ଏହି ପରିଷଦର ସଭାପତି ଭାବେ ପୂର୍ବତନ ନଗରପାଳ ଗୌରହରି ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଗୋପବନ୍ଧୁ ରଣା, ମହାବୀର ପଡ଼ିହାରୀ, ଶ୍ରୀକାନ୍ତ ମିଶ୍ର ଏବଂ ନୃସିଂହ ପ୍ରସାଦ ସାହୁ ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ତେବେ ପ୍ରଶାସନ ସାହି ରାସ୍ତା ସମ୍ପ୍ରସାରଣ ନେଇ ଯେକୌଣସି ନିଷ୍ପତ୍ତି ନେଲେ ପରିଷଦ ସହ ପ୍ରଥମେ ଆଲୋଚନା କରିବାକୁ ପଡ଼ିବ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିରରୁ ସ୍ୱର୍ଗଦ୍ୱାର ସମ୍ପ୍ରସାରଣ କାର୍ଯ୍ୟ ଜୋରସୋରରେ ଆଗେଇଥିବାରୁ ସାହିବାସିନ୍ଦା ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି। ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଅକ୍ଟୋବର ପହିଲାରୁ ପ୍ରଥମେ ରେଭିନ୍ୟୁ ମାର୍କିଂ ହେବ। ଏହା ପରେ ଜିପିଆର୍ ସର୍ଭେ ଆରମ୍ଭ କରାଯିବ। ସର୍ଭେ ପାଇଁ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ସାହି ମଠମନ୍ଦିର ପାଖାପାଖି ହୋଇଥିବାରୁ ଅନେକ ଐତିହ୍ୟ କୀର୍ତ୍ତିରାଜି ମିଳିବାର ସମ୍ଭାବନା ରହିଛି। ତାହାକୁ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ଜିପିଆର୍ ସର୍ଭେ କରାଯିବ। ଉଲ୍ଲେଖଯୋଗ୍ୟ, ବାଲିସାହି ରାସ୍ତା ସମ୍ପ୍ରସାରଣକୁ ପ୍ରଶାସନ ପରିକ୍ରମା ପ୍ରକଳ୍ପରେ ସାମିଲ କରି କାର୍ଯ୍ୟ କରିବ। ମୁଖ୍ୟତଃ ଅତି ଅଣଓସାରିଆ ରାସ୍ତା ହେତୁ ଲୋକେ ସଂପୃକ୍ତ ରାସ୍ତାରେ ଚାଲିକରି ଯିବାରେ ମଧ୍ୟ ସମସ୍ୟା ହେଉଛି। ସ୍ୱର୍ଗଦ୍ୱାରରୁ ଶ୍ରୀମନ୍ଦିର ସିଧାସଳଖ ଦେଖାଯିବା ଭଳି ରାସ୍ତା ପ୍ରଶସ୍ତୀକରଣ ହେବ ବୋଲି ପ୍ରଶାସନ ସ୍ପଷ୍ଟ କରିସାରିଛି। ମାତ୍ର ଏହାଦ୍ୱାରା ସାହିବାସିନ୍ଦା ବ୍ୟାପକ ଭାବେ ପ୍ରଭାବିତ ହେବେ। ତେବେ ସେମାନେ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରୁନାହାନ୍ତି, ରାସ୍ତାକୁ ସର୍ବାଧିକ ୩୦ ଫୁଟ୍ ଚଉଡ଼ା କରାଯାଉ ବୋଲି ଦାବି କରୁଛନ୍ତି।



ପୁରୀର ବାଙ୍କମୁହାଣଠାରେ ସୋମବାର ମା' ରାମଚଣ୍ଡୀଙ୍କ ସନ୍ଧ୍ୟାବେଶ ।



ପୁରୀଠାରେ ଅନୁଷ୍ଠିତ ୬ଷ୍ଠ ଓଡ଼ିଶା ବାଟାଲିଅନ୍ ପକ୍ଷରୁ ବାର୍ଷିକ ଟ୍ରେନିଂ କ୍ୟାମ୍ପରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର କୃତୀ ଏନ୍‌ସିସି କ୍ୟାଡେଟ୍‌ମାନେ ।

# ନିମାପଡ଼ା ଉଚ୍ଚ ବିଦ୍ୟାଳୟକୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

**୬ଷ୍ଠ ଓଡ଼ିଶା ବାଟାଲିଅନ୍ ପକ୍ଷରୁ ବାର୍ଷିକ ଟ୍ରେନିଂ କ୍ୟାମ୍ପ**

ନିମାପଡ଼ା,୧୯।୯(ଡି.ଏନ୍.ଏ.):

ପୁରୀଠାରେ ୬ଷ୍ଠ ଓଡ଼ିଶା ବାଟାଲିଅନ୍ ପକ୍ଷରୁ ଗତ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ୮ ଦିନିଆ ବାର୍ଷିକ ଟ୍ରେନିଂ କ୍ୟାମ୍ପ ଆୟୋଜିତ ହୋଇଥିଲା। ଏଥିରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ବେଶ୍ ସଫଳତା ହାସଲ କରିଛି। ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ପ୍ୟାରେଡ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟ ପାଇଁ ୩ ପଦକ ହାସଲ କରିଛନ୍ତି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଦିଆଯାଇଛି। କ୍ୟାମ୍ପରେ ଯୋଗଦେଇଥିବା ସମସ୍ତ କ୍ୟାଡେଟ୍‌ଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବକ୍ତୃତାରେ କ୍ୟାଡେଟ୍ ଅୟସ୍‌କାନ୍ତ ବରାଳ ସ୍ୱର୍ଣ୍ଣ ପଦକ, ରଚନାରେ ଶୁଭ୍ରାଂଶୁ ଶେଖର ସାହୁ ଏବଂ ଅମିତ୍ ମିଶ୍ର ରୌପ୍ୟ ପଦକ ଜିଣିଛନ୍ତି। ଏନେଇ ବିଦ୍ୟାଳୟ ଏନ୍‌ସିସି ଅଫିସର ପ୍ରଦୀପ୍ତ ବେହେରା, ସର୍ଜେଣ୍ଟ ଧନଞ୍ଜୟ ମିଶ୍ର କହିଛନ୍ତି। ସମ୍ବର୍ଦ୍ଧନା ସମାରୋହରେ ଅତିଥି ଭାବେ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ୍‌ର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଏନ୍‌ସିସି ଅଫିସର ପ୍ରଦୀପ୍ତ ବେହେରା, କ୍ରୀଡାବିତ୍ ବିଶ୍ୱଜିତ୍ ମଲ୍ଲିକ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ବାରିକ୍, କ୍ରୀଡା ଶିକ୍ଷକ ରଣଜିତ୍ କେଶରୀ ନାୟକ, ବରିଷ୍ଠ ନାଗରିକ ଗୋବିନ୍ଦଚନ୍ଦ୍ର ଚିନରା ପ୍ରମୁଖ ଯୋଗଦେଇଥିଲେ। ଏହି କ୍ୟାମ୍ପରେ ବିଦ୍ୟାଳୟର ୨୩ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ଟଙ୍କା ଫେରସ୍ତ ମାଗିବାରୁ ମାଡ଼, ଏସ୍‌ପିଙ୍କ ଦ୍ୱାରସ୍ଥ

- ଫନୀ ସହାୟତା କରାଇଦେବାକୁ କହି ନେଇଥିଲେ ୩୦ ହଜାର
- ମାମଲା ରୁଜୁ ପରେ ବି କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ

କଣାସ,୧୯।୯(ସ୍ୱ.ପ୍ର.):

ଫନୀ ଘରଭଙ୍ଗା ସହାୟତା କରାଇଦେବାକୁ କହି ମହିଳାଙ୍କଠୁ ଜଣେ ବ୍ୟକ୍ତି ୩୦ ହଜାର ଟଙ୍କା ନେଇଥିଲେ। ସହାୟତା ନ କରିବାରୁ ମହିଳାଙ୍କ ସ୍ୱାମୀ ତାଙ୍କୁ ଟଙ୍କା ଫେରସ୍ତ ମାଗିବାରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କୁ ମାଡ ମାରିବା ସହ ସ୍ତ୍ରୀଙ୍କୁ ଟଣାଓଟରା କରିଥିଲେ। ଏନେଇ ମହିଳା ଜଣଙ୍କ ଗତ ୧୪ତାରିଖରେ କଣାସ ଥାନାରେ ଏତଲା ଦେଇଥିଲେ। ଇତିମଧ୍ୟରେ ୬ ଦିନ ବିତିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମହିଳା ସୋମବାର ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି ଘଟଣା ନେଇ ଅନେକ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ୨୦୧୯ରେ ହୋଇଥିବା ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟା ଫନୀରେ କଣାସ ବ୍ଲକର ବହୁ ଘରଦ୍ୱାର ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ ପରେ ଅନେକ ପରିବାରଙ୍କୁ ସହାୟତା ମିଳିଥିବାବେଳେ କେତେକ ଏଥିରୁ ବଞ୍ଚିତ ହୋଇଥିଲେ। ସେହିସମୟରେ ବ୍ଲକ ଅନ୍ତର୍ଗତ ଅଣ୍ଡାଳସିଂହ ଗ୍ରାମର ବାଦଲ ଚମ୍ପତି ଘରଭଙ୍ଗା ସହାୟତା ୯୮ ହଜାର ଟଙ୍କା କରାଇଦେବା ପାଇଁ ଉକ୍ତ ଗ୍ରାମର କୁମତୀ ବେହେରାଙ୍କଠାରୁ ୩୦ହଜାର ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଘରଭଙ୍ଗା ସହାୟତା ନ ମିଳିବାରୁ ବାଦଲଙ୍କୁ କୁମତୀଙ୍କ ସ୍ୱାମୀ ଗୌତମ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ଏଥିରେ ଗୌତମଙ୍କୁ ବାଦଲ ମାଡ ମାରିଛନ୍ତି। କୁମତୀ ବିରୋଧ କରିବାରୁ ବାଦଲ ତାଙ୍କୁ ଟଣାଓଟରା କରିଥିଲେ। ଏ ଘଟଣାରେ ଆଇଆଇସି ସୁଜିତ ଦାସଙ୍କୁ ପଚାରିବାରେ, ଥାନାରେ ଏନେଇ ଦଫା ୩୨୩, ୨୯୪, ୩୫୪, ଆଇପିସି ୫୦୬ରେ ଏକ ମାମଲା(ନଂ. ୧୭୪/୨୨) ରୁଜୁ ହୋଇଛି। କୁମତୀ ହରିଜନ ହୋଇଥିବାରୁ ଏହାର ତଦନ୍ତ ଏସ୍‌ଡିପିଓ କରିବେ। ଏସ୍‌ଡିପିଓଙ୍କ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ସ୍ମୃତି ସେ ଯେ ଭୁଲିବାର ନୁହେଁ'ର ଅଡିଓ କ୍ୟାସେଟ ରିଲିଜ

ପୁରୀ ଅଫିସ, ୧୯।୯:

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ପୁରୀ ରାଜଭବନ ପରିସରରେ ଗୀତିକାର ବଦ୍ରି ମିଶ୍ରଙ୍କ ଗୀତିକବିତା ସଙ୍କଳନ 'ସ୍ମୃତି ସେ ଯେ ଭୁଲିବାର ନୁହେଁ'ର ଅଡିଓ କ୍ୟାସେଟ ଉନ୍ମୋଚିତ ହୋଇଛି। ଏହି ଅବସରରେ ଉତ୍କଳୀୟ ସଂସ୍କୃତିର ବିକାଶ ପାଇଁ ଅଧିକରୁ ଅଧିକ ଗୀତିକବିତା ସୃଷ୍ଟି ଲାଗି ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ରକ୍ଷକ ନାୟକ, କବି ହରିହର ମିଶ୍ର, ଦିଲ୍ଲୀପ ସ୍ୱାଇଁ, ମାନସ ରଞ୍ଜନ ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି, ଚକ୍ରଧର ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ମଞ୍ଜୁଶ୍ରୀ ମିଶ୍ର, କ୍ରିଷ୍ଣା ମହାପାତ୍ର, ଉମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ବଦ୍ରିଙ୍କ ଗୀତିକବିତା ସଙ୍କଳନ 'ଶବ୍ଦବ୍ରହ୍ମ' ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିଲା।

## ଦିବ୍ୟାଙ୍ଗ ପିଲାଙ୍କୁ ମିଳିବ ଉପକରଣ

କଣାସ,୧୯।୯(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ଦିବ୍ୟାଙ୍ଗ ପିଲାମାନଙ୍କ ଅଭିଭାବକଙ୍କୁ ନେଇ ସୋମବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୁନର୍ବାସ ଥଇଥାନ ଏବଂ ଚିକିତ୍ସା ସେବା କେନ୍ଦ୍ର ପରିସରରେ ଆୟୋଜିତ ଏହି ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତା ଅକ୍ଷୟ ବଳିୟାରସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରକଳ୍ପ ସଂଯୋଜକ କିଶୋରଚନ୍ଦ୍ର ହାତୀ, ଫିଜିଓଥେରାପିଷ୍ଟ ସୁଚରିତା ରାଉତ, ମାମାଲି ପରିଡା, ତପନ ଦାସ ପ୍ରମୁଖ ଯୋଗଦେଇଥିଲେ। ଭାରତ ସରକାରଙ୍କ ଏଡିଆଇପି ସ୍କିମ୍ ଜରିଆରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଆବଶ୍ୟକ ଉପକରଣ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ଗାଇଡ୍‌ଲାଇନ୍ ଅନୁସାରେ ଆବ୍ୟଶକ ଉପକରଣ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଯେପରି କୌଣସି ଦିବ୍ୟାଙ୍ଗ ପିଲା ସେହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେ ନେଇ ସଭାରେ ଆଲୋଚନା ହୋଇଥିଲା। ଏନେଇ ଆଲୋଚନା ପରେ ଦିବ୍ୟାଙ୍ଗ ପିଲାଙ୍କୁ କେଉଁ ଜିନିଷ ଦିଆଯିବ ତାହାର ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତ କରାଯାଇଥିଲା।

# ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ଡେଲାଙ୍ଗ,୧୯।୯(ଡି.ଏନ୍.ଏ.)

ହରିରାଜପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଅପହୃତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ଟାଙ୍ଗିଆପଡା ଅଞ୍ଚଳର ସୁମନ୍ତ ମହାପାତ୍ର (୨୧)। ସୂଚନାଯୋଗ୍ୟ, ଗତ ୫ ତାରିଖରେ ୧୬ ବର୍ଷୀୟ ବାଳିକା ଜଣକ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ କେହି ଝିଅକୁ ଅପହରଣ କରି ନେଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ନେଇ ଡେଲାଙ୍ଗ ଥାନାରେ ପୋଲିସ ଏକ ମାମଲା(ନଂ.୨୫୩/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଡେଲାଙ୍ଗ ଆଇଆଇସିଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଭୁଦତ୍ତ ବିଶ୍ୱାଳ, ଲିଜା ମଲ୍ଲିକ, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଏକ ଟିମ୍ କରି ବିଭିନ୍ନ ଅଞ୍ଚଳରେ ତଦନ୍ତ କରିଥିଲେ। ପରେ ମୋବାଇଲ ଲୋକେଶନ ଟ୍ରେସ କରି ଅପହୃତ ନାବାଳିକାର ସନ୍ଧାନ ମିଳିଥିଲା। ନାବାଳିକା ଜଣକ ଖୋର୍ଦ୍ଧା ଅଞ୍ଚଳରେ ଥିବା ପୋଲିସ ଜାଣିପାରି ସୋମବାର ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କୁ ଡାକ୍ତରି ମାଇନା କରାଯିବା ପରେ ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମହାନ୍ତି କହିଛନ୍ତି।

## ବକୁ ପଞ୍ଚାୟତକୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଘୋଷଣା ଦାବି

**ନୂଆ ଜଗନ୍ନାଥ ସଡ଼କ ଅବରୋଧ**

କଣାସ,୧୯।୯(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ବକୁ ପଞ୍ଚାୟତକୁ ସମ୍ପୂର୍ଣ୍ଣ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ରୂପେ ଘୋଷଣା କରାଯାଉ। ଏହି ଦାବିରେ ସୋମବାର ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ନୂଆଜଗନ୍ନାଥ ସଡ଼କର ମଇଁଦିପୁରଠାରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବିଡିଓ ଲୋଚନ ଦାସ, କଣାସ ତହସିଲଦାର ସ୍ମିତିରଞ୍ଜନ ଶତପଥୀ, ଗଡିଶାଗୋଡା ଥାନା ଆଇଆଇସି ସଞ୍ଜୟ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଅବରୋଧକାରୀଙ୍କଠୁ ସମସ୍ୟା ବାବଦରେ ବୁଝାଶୁଝା କରିଥିଲେ। ଘଟଣା ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ।

# 'କମଳପୁର ଓ ପ୍ରଭୁ କପଟେଶ୍ୱର' ଉନ୍ମୋଚିତ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ 'କମଳପୁର ଓ ପ୍ରଭୁ କପଟେଶ୍ୱର'ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ/କଣାସ,୧୯।୯(ସ୍ୱ.ପ୍ର.):

ପୁରୀ ରାଜଭବନଠାରେ ଗବେଷକ ସତ୍ୟରଞ୍ଜନ ମିଶ୍ରଙ୍କ ରଚିତ ପୁସ୍ତକ 'କମଳପୁର ଓ ପ୍ରଭୁ କପଟେଶ୍ୱର'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସୋମବାର ଉନ୍ମୋଚନ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି, ୧୯୧୦ ମସିହାରେ ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ବର୍ତ୍ତମାନର ଚନ୍ଦନପୁର ସେହି ସମୟରେ କମଳପୁର ଥିଲା। ଶ୍ରୀଚୈତନ୍ୟଙ୍କ ଦଣ୍ଡକୁ ତାଙ୍କର ଶିଷ୍ୟ ତିନି ଖଣ୍ଡ କରି ଭାର୍ଗବୀ ନଦୀରେ ଭସାଇ ଦେଇଥିଲେ। ସେଥିପାଇଁ ଭାର୍ଗବୀ ନଦୀର ନାମ ଚନ୍ଦନପୁରଠାରେ ଦଣ୍ଡଭଙ୍ଗା ନଦୀ ନାମରେ ପରିଚିତ ହୋଇଛି। ଚୈତନ୍ୟ ମହାପ୍ରଭୁ କପଟେଶ୍ୱରଙ୍କୁ ଦର୍ଶନ କରିବାକୁ ଆସି ନଦୀ ପାରି ହେବା ପରେ ନାବିକ ତା'ର ପ୍ରାପ୍ୟ ମାଗିଥିଲେ। ହେଲେ ଚୈତନ୍ୟ, ସେ ସାଧୁସନ୍ଥ ପଇସା କେଉଁଠୁ ଆଣିବେ କହି ତାଙ୍କ ଷଡ଼ଭୁଜ ରୂପ ଦେଖାଇଥିବା ଏଥିରେ ବର୍ଣ୍ଣିତ ହୋଇଛି। କାର୍ଯ୍ୟକ୍ରମରେ କବି ରକ୍ଷକ ନାୟକ, ନାଟ୍ୟକାର ଅଜୟ ସେଠୀ, ବ୍ରହ୍ମଗିରି ଯୁବ ପ୍ରତିଭା ଆଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟକାର ସେଠୀଙ୍କ ରଚିତ ନିର୍ବାଣପଥ ଓ ୬ଟି ଶିଶୁ ନାଟକ ପୁସ୍ତକକୁ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ।



ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ସୋମବାର ପୁରୀ ଭାଜପା ଯୁବ ମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର ।



ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ବାସଗୃହରେ ସୋମବାର ଆୟୋଜିତ ମିଶ୍ରଣ ପର୍ବ ।

# ନୂଆ ରୂପ ପାଇବ ଶ୍ରୀଲୋକନାଥ ମନ୍ଦିର

**ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କଲେ ୫-ଟି ସଚିବ**

- ମନ୍ଦିର ବୁଲିଲେ, ସେବାୟତଙ୍କ ସହ ଆଲୋଚନା କଲେ
- ଝଲସିବ ପାର୍ବତୀ ସାଗର, ସମ୍ପ୍ରସାରଣ ହେବ ବେଢ଼ା

ପୁରୀ ଅଫିସ,୧୯।୯:

୫-ଟି ସଚିବ ଭି.କେ. ପାଣ୍ଡିଆନ୍ ସୋମବାର ପୁରୀ ଆସି ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ଉନ୍ନତିମୂଳକ କାର୍ଯ୍ୟ ରୂପରେଖର ସମୀକ୍ଷା କରିଛନ୍ତି। ଶ୍ରୀଲୋକନାଥ ମନ୍ଦିରର ସେବାୟତମାନେ ଦୀର୍ଘଦିନ ଧରି ମନ୍ଦିରର ନବକଳେବର ପାଇଁ ଦାବି କରୁଥିବାବେଳେ ସୋମବାର ୫-ଟି ସଚିବ ପାଣ୍ଡିଆନ୍ ଜିଲାପାଳ ସମର୍ଥ ବର୍ମା ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ଉପସ୍ଥିତିରେ ପ୍ରସ୍ତାବିତ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ୫-ଟି ସଚିବ ଶ୍ରୀଲୋକନାଥଙ୍କୁ ଦର୍ଶନ କରିବା ସହ ମନ୍ଦିର ବେଢାରେ ସେବାୟତଙ୍କ ସହିତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳଙ୍କ ତତ୍ତ୍ୱାବଧାନରେ ତାଙ୍କୁ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟର ନକ୍ସା ଦେଖାଯାଇଥିଲା। ଭକ୍ତଙ୍କ ଦର୍ଶନ ପାଇଁ ବେଢ଼ା ସମ୍ପ୍ରସାରଣ କରାଯିବ, ସିଂହଦ୍ୱାର ଦେଇ ଦର୍ଶନ ହେବ ଏବଂ ବ୍ୟବସ୍ଥିତ ଢଙ୍ଗରେ ଶ୍ରୀଲୋକନାଥ ମନ୍ଦିର ପରିଚାଳିତ ହେବ ବୋଲି ୫-ଟି ସଚିବ କହିଥିଲେ। ପ୍ରକଳ୍ପରେ ସାମିଲ ଥିବା ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଯୋଜନା ଅନୁଯାୟୀ, ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଥାୟୀ ଧାଡ଼ି ଦର୍ଶନ ବ୍ୟବସ୍ଥା, ପିଣ୍ଡି, ସ୍ୱତନ୍ତ୍ର ବ୍ଲକ୍, ଶୌଚାଳୟ,ଗୋଶାଳା, ଭେଣ୍ଡିଙ୍ଗ ଜୋନ୍ ଇତ୍ୟାଦି ନିର୍ମାଣ ସହ ବିଦ୍ୟୁତୀକରଣ କରାଯିବ। ମନ୍ଦିର ଭିତର ଓ ବାହାର ବେଢ଼ା ସମେତ ପାର୍ବତୀ ସାଗରକୁ ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସେବାୟତମାନେ ଏହି ପ୍ରକଳ୍ପ କାର୍ଯ୍ୟକୁ ସ୍ୱାଗତ କରିବା ସହ ଶ୍ରୀଲୋକନାଥଙ୍କୁ ଅଧିକ ଭକ୍ତ ଆସିବେ ବୋଲି ମତବ୍ୟକ୍ତ କରିଛନ୍ତି। ଶ୍ରୀଲୋକନାଥ ମନ୍ଦିରର ଉନ୍ନତୀକରଣ ପାଇଁ ସେବାୟତ ବର୍ଗ ଓ ଜନସାଧାରଣ ଦୀର୍ଘ ଦିନ ଧରି ଦାବି କରିଆସୁଥିଲେ। ଫଳରେ ବିଗତ ଦିନରେ ଜିଲାପାଳ ସମର୍ଥ ବର୍ମା ଏବଂ ଉପଜିଲାପାଳ ଭବତାରଣ ସାହୁ ପର୍ଯ୍ୟାୟକ୍ରମେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଏକ ନକ୍ସା ପ୍ରସ୍ତୁତ କରିଥିଲେ। ଲୋକନାଥ ମନ୍ଦିରର ବିକାଶ ପାଇଁ କ'ଣ ସବୁ ନିର୍ମାଣ ହେବା ଦରକାର ସେ ସଂକ୍ରାନ୍ତରେ ପ୍ରସ୍ତାବିତ ନକ୍ସାକୁ ନେଇ ସୋମବାର ୫-ଟି ସଚିବଙ୍କ ସହିତ ଅଧିକାରୀମାନେ ଆଲୋଚନା କରିଥିଲେ। ୫-ଟି ସଚିବ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ମୋହର ମାରିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକୁ ୫-ଟି ସଚିବ ସମୀକ୍ଷା କରିବା ଆମ ପାଇଁ ଖୁସିର ଖବର। ଗତ ୩ରୁ ୪ ଦଶନ୍ଧି ମଧ୍ୟରେ ଶ୍ରୀଲୋକନାଥ ମନ୍ଦିରର କୌଣସି ଉନ୍ନତି କାର୍ଯ୍ୟ ହୋଇନାହିଁ। ଏହି ପ୍ରସିଦ୍ଧ ଶୈବପୀଠ ଅବହେଳିତ ହୋଇଆସୁଥିଲା। ସମ୍ପ୍ରତି ସରକାର ଏହାର ଉନ୍ନତି ନିମନ୍ତେ ପ୍ରଚେଷ୍ଟା କରିବା ସ୍ୱାଗତଯୋଗ୍ୟ। ଜିଲା ପ୍ରଶାସନକୁ ମନ୍ଦିରର ବିକାଶ ନେଇ ଯେଉଁ ସବୁ ପ୍ରସ୍ତାବ ସେବାୟତମାନଙ୍କ ପକ୍ଷରୁ ଦିଆଯାଇଥିଲା, ସେହି ସମସ୍ତ ସୁବିଧା ପ୍ରସ୍ତାବିତ ପ୍ରକଳ୍ପରେ ସାମିଲ ହୋଇଛି।


୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ ଜିଲାପାଳ ସମର୍ଥ ବର୍ମା ପ୍ରସ୍ତାବିତ ପ୍ରକଳ୍ପର ନକ୍ସା ଦେଖାଉଛନ୍ତି।

## ସଂକ୍ଷେପରେ

### ୫ ଜଣଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ ଅଫିସ, ୧୯।୯: କର୍ମଯୋଗୀ ଧନେଶ୍ୱର ରଥଙ୍କ ୨୮ତମ ପୁଣ୍ୟତିଥି ଅବସରରେ ସୋମବାର ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମ୍‌ରେ 'ପୂଜ୍ୟପୂଜା ସମାରୋହ-୨୦୨୨' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସନ୍ଥ ଡ. ଶ୍ରୁତିସାଗର ସରସ୍ୱତୀ ଯୋଗଦେଇ କହିଥିଲେ, ମନରୁ ନକାରାତ୍ମକ ଭାବନା ପରିହାର କରି ବ୍ୟକ୍ତି ଇଚ୍ଛାଶକ୍ତିକୁ ଦୃଢ଼ୀଭୂତ କରିବା ଦରକାର। ସଫଳତା ହାସଲ ନିମନ୍ତେ ଲକ୍ଷ୍ୟ କେନ୍ଦ୍ରୀତ କରି ସାଧନା ଜାରି ରଖିବାକୁ ହେବ। ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ବାଡଗ୍ରାହୀ ତଥା ସେବକ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ଶିକ୍ଷାବିତ୍ ପ୍ରଫେସର ଡ. କମଳାକାନ୍ତ ମିଶ୍ର, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତିଙ୍କୁ ଚଳିତ ବର୍ଷର 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଅଧକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଶିଷ୍ଟ ଘୋଡ଼ାନାଚ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ସିଦ୍ଧଗିରି ମଠର ବାବା ବିଶ୍ୱନାଥ ଦାଶ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ଶାନ୍ତନୁ କୁମାର ଶତପଥୀ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରାଧାପିକା ଡ. ଲୀନା ପଟ୍ଟନାୟକ ଓ ପ୍ରାଧାପିକା ଡ. କ୍ରିଷ୍ଣାପ୍ରଦା ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହାପ୍ରଭୁଙ୍କୁ ଦର୍ଶନ କଲେ ଭାଜପା ସାଧାରଣ ସମ୍ପାଦକ

ପୁରୀ ଅଫିସ, ୧୯।୯: ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ଗୌତମ ସୋମବାର ଅପରାହ୍ଣରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତାଙ୍କୁ ସେବାୟତ ଓ ଭାଜପା ନେତାମାନେ ସିଂହଦ୍ୱାର ନିକଟରେ ସ୍ୱାଗତ ଜଣାଇଥିଲେ। ସେ ବାଇଶ ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ମା' ବିମଳା, ମା' ମହାଲକ୍ଷ୍ମୀ, ବାଟ ଗଣେଶ ଏବଂ ଭିତରବେଢ଼ାରେ ଥିବା ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରି ଫେରିଥିଲେ। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ଜିଲା ସମ୍ପାଦକ ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କୁ ଦର୍ଶନ ସାରି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ଗୌତମ ଫେରୁଛନ୍ତି।

### ବିଦାୟ ନେଲେ ବିଶ୍ୱକର୍ମା

କାକଟପୁର/ ଅସ୍ତରଙ୍ଗ, ୧୯।୯ (ଡି.ଏନ୍.ଏ.)

ଦୁଇ ବର୍ଷ ଧରି କରୋନା ମହାମାରୀ ଯୋଗୁ ପୂଜା ପାର୍ବଣ ନିରାଡମ୍ବରରେ ହେଉଥିବା ବେଳେ ଚଳିତବର୍ଷ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷ କାକଟପୁର ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନର ଦେବଶିଳ୍ପୀ ବିଶକର୍ମା ପୂଜା ଆଲୋକମାଳା, ଆଧୁନିକ ତୋରଣ ବିଭିନ୍ନ ସାଜସଜ୍ଜାରେ ପାଳିତ ହୋଇଯାଇଛି। ମା' ମଙ୍ଗଳା ଅଟୋ ଆସୋସିଏଶନ ପକ୍ଷରୁ କାକଟପୁର ଅଟୋ ଷ୍ଟାଣ୍ଡରେ ୧୪ତମ ବିଶ୍ୱକର୍ମା ପୂଜା ପାଳିତ ହୋଇଥିବାବେଳେ କର୍ତ୍ତା ଭାବେ ପ୍ରଶାନ୍ତ ଦାଶ ଯୋଗଦେଇ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଶେଷଦିନରେ ଖ୍ୟାତନାମା କଣ୍ଠଶିଳ୍ପୀ ମାନସ କୁମାର ଓ ସାଥୀ ଭଜନ ପରିବେଷଣ କରିଥିଲେ। ସଭାପତି ଶେଖ ଗୟାସଙ୍କ ତତ୍ତ୍ୱାବଧାନରେ ଭସାଣି ସମାପନ ହୋଇଥିଲା। ପରିଚାଳନାରେ ରମେଶ (ଛବି), ଭାସିଆ, ଜାକିର, ଗୁଡ୍ଡୁ, ଉଲ୍ଲାସ, ଭରତ, ଦୀପୁ, ନୀର, ଦିଲୀପ, ନବୀନ, ଅନୱାର, ବସୁଆ,ହାପି, ରାମ, ଜଗା,କାଳିଆ ପ୍ରମୁଖ ସହଯୋଗ କରିଥିଲେ। ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯାଳୟ, ବିଦ୍ୟୁତ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି।

## ପୀଡ଼ିତା କ୍ଷତିପୂରଣ ବ୍ୟବସ୍ଥା ସଂକ୍ରାନ୍ତ ସଚେତନତା

ପୁରୀ ଅଫିସ, ୧୯।୯:

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶାନୁସାରେ ବାଲିଗୁଆଳିସ୍ଥିତ ପ୍ରିୟଙ୍କା ଦେବୀ ନର୍ସିଂ ସ୍କୁଲ ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଦେବାଶିଷ ଦାଶ ଅଧ୍ୟକ୍ଷତା କରିଥିଲେ। ପୀଡ଼ିତା କ୍ଷତିପୂରଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଏସିଡ ଆକ୍ରମଣରେ ଶିକାର ହୋଇଥିବା ପୀଡ଼ିତା ଆଇନ ସହାୟତା ଅଧିନିୟମ ୨୦୧୬ ଫୌଜଦାରୀ ଦଣ୍ଡବିଧି ଆଇନର ବିଭିନ୍ନ ଧାରା ଓ ନିୟମାବଳୀ, ପୀଡ଼ିତା କ୍ଷତିପୂରଣ ଯୋଜନା ଅଧିନିୟମ ୨୦୧୭, ପୋକ୍ସୋ ଆଇନ ଏବଂ ପୀଡ଼ିତା କ୍ଷତିପୂରଣ ଯୋଜନା ଅଧିନିୟମ ୨୦୧୮ ଅନୁଯାୟୀ ଯୌନ ନିର୍ଯାତନାର ଶିକାର ମହିଳା ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ବିଚାରପତି କୃଷ୍ଣା ସୁବୁଦ୍ଧି ଏସିଡ୍ ଆକ୍ରମଣରେ ଶିକାର ହୋଇଥିବା ପୀଡ଼ିତା ଆଇନ ସହାୟତା ଅଧିନିୟମ ୨୦୧୬ ଓ ଭାରତୀୟ ଦଣ୍ଡବିଧି ଆଇନର ବିଭିନ୍ନ ଧାରା ଓ ନିୟମାବଳୀ ବିଷୟରେ ଆଲୋଚନା କରିଥିଲେ। ବିଚାର ବିଭାଗୀୟ ବିଚାରପତି ପଲ୍ଲବୀ ଦାଶ ଉପସ୍ଥିତ ରହି ପୀଡ଼ିତା କ୍ଷତିପୂରଣ ଯୋଜନା ଅଧିନିୟମ ୨୦୧୮ ଅନୁଯାୟୀ ଯୌନ ନିର୍ଯାତନାର ଶିକାର ହୋଇଥିବା ମହିଳା ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ନିୟମ ବିଷୟରେ ଅବଗତ କରାଇଥିଲେ। ଶିବିରରେ ପ୍ରିୟଙ୍କା ଦେବୀ ନର୍ସିଂ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ଧନ୍ୟବାଦ ଦେବା ସହିତ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ଆଇନ ସେବା ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

## ୩ ହାଇୱେ ଲୁଟେରା ଗିରଫ

**ବାଇକ୍, ଟଙ୍କା, ରୁପା ଜବତ**

ସାକ୍ଷୀଗୋପାଳ, ୧୯।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ପଥଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରୁଥିବା ଗ୍ୟାଙ୍ଗର ତିନିଜଣ ସଦସ୍ୟଙ୍କୁ ସତ୍ୟବାଦୀ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳର ସକିଲି ସାହା, ଆଜାରୁଦ୍ଦିନ ସାହା(ଚୁନୁ) ଓ ପୁରୀ ଜିଲା ଦିବ୍ୟସିଂହପୁର ଥାନା ଅଞ୍ଚଳର କୈଳାସ ବାରିକ। ପୋଲିସ ସେମାନଙ୍କଠାରୁ ଗୋଟିଏ ବାଇକ୍ (ଓ୩୩ ଡବ୍ଲ୍ୟୁ ୭୨୦୨), ୬୦୦ଟଙ୍କା, ରୁପା ଓ ମୋବାଇଲ ଫୋନ ଜବତ କରିଛି।

ସୂଚନା ଅନୁଯାୟୀ, ଗତ ୪ତାରିଖରେ ଚନ୍ଦନପୁର ଥାନା ଅଞ୍ଚଳର ସନ୍ତୋଷ କୁମାର ସାହୁ, ସ୍ତ୍ରୀ ଓ ପିଲାଙ୍କୁ ନେଇ ବାଇକ୍‌ରେ ଘରକୁ ଫେରୁଥିଲେ। ସତ୍ୟବାଦୀ ବ୍ଲକ ଛକ ନିକଟରେ ଏକ ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ସନ୍ତୋଷଙ୍କ ପଛରେ ବସିଥିବା ସ୍ତ୍ରୀଙ୍କ ଭ୍ୟାନିଟିକୁ ଛଡାଇ ନେଇ ପଳାଇଯାଇଥିଲେ। ଏହି ଭ୍ୟାନିଟ୍‌ରେ ଏକ ସୁନାହାର, କିଛି ଟଙ୍କା ରହିଥିଲା। ଏହି ସମୟରେ ମହିଳା ଗାଡିରୁ ପଡି ଆହତ ହୋଇଥିଲେ। ଏନେଇ ସନ୍ତୋଷ ସତ୍ୟବାଦୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୬୪/୨୨ ରେ ଅଭିଯୋଗ କରିଥିଲେ।

ସେହିଭଳି ୨୯ ତାରିଖରେ ଚନ୍ଦନପୁର ଥାନା ଅଞ୍ଚଳର ଲିଙ୍ଗରାଜ ମହାପାତ୍ର ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଯାଉଥିବା ବେଳେ ୩୧୬ ନମ୍ବର ଜାତୀୟ ରାଜପଥର ବିରଗୋବନ୍ଦପୁର ରାସ୍ତାରେ ୨ ଦୁର୍ବୃତ୍ତ ଏକ ପଲ୍‌ସର ବାଇକ୍‌ରେ ଏକା ଢଙ୍ଗରେ ଭ୍ୟାନିଟି ଛଡାଇ ପଳାଇଥିଲେ। ଭ୍ୟାନିଟିରେ ଏକ ମୋବାଇଲ, ସୁନା ଓ ରୁପା ସହିତ ଟଙ୍କା ଥିଲା। ଏ ନେଇ ଲିଙ୍ଗରାଜ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ନଂ.୧୩୫/୨୨ ରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ଅନୁଯାୟୀ ତଦନ୍ତ କରୁଥିବା ବେଳେ ଦୁର୍ବୃତ୍ତମାନେ ସାକ୍ଷୀଗୋପାଳରେ ଥିବା ଜାଣିବାକୁ ପାଇଥିଲେ। ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବରପାଇ ଟିମ୍ ସଦସ୍ୟମାନେ ସୋମବାର ସତ୍ୟବାଦୀର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୩ ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ପରେ ଦୁର୍ବୃତ୍ତମାନେ ବ୍ୟବହାର କରୁଥିବା ବାଇକ୍ ଓ ଚୋରି ସାମଗ୍ରୀ ସହିତ କିଛି ଟଙ୍କା ପୋଲିସ ଜବତ କରିଛନ୍ତି। ୩ ଅଭିଯୁକ୍ତଙ୍କ ନାମରେ ଥାନାରେ ପୂର୍ବରୁ ଏକାଧିକ ଆପରାଧିକ ମାମଲା ରହିଥିବା ସହ ଜେଲ ମଧ୍ୟ ଯାଇଛନ୍ତି ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା କହିଛନ୍ତି।



ଗିରଫ ଅଭିଯୁକ୍ତମାନେ ଓ ଜବତ ସାମଗ୍ରୀ।

## ବିଶ୍ୱାମିତ୍ର ଘାଟର ଉନ୍ନତୀକରଣ ଦାବି

କାକଟପୁର,୧୯।୯(ଡି.ଏନ୍.ଏ.)

କାକଟପୁରର ପ୍ରାଚୀନଦୀ ଅବବାହିକାରେ ଅବସ୍ଥିତ କଣ୍ଟାପଡା ପଞ୍ଚାୟତ ଅଧୀନ ବିଶ୍ୱାମିତ୍ର ମୁନିଙ୍କ ଆଶ୍ରମ ଘାଟରେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ କରାଯାଇଥାଏ। ବିଶେଷ କରି ଆଶ୍ୱିନ ମାସର ପ୍ରଥମ ପକ୍ଷକୁ ପିତୃପକ୍ଷ ଭାବେ ଗ୍ରହଣ କରାଯାଉଥିବାରୁ, ଏହି ପକ୍ଷରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପରିବାର ଏହି ଘାଟରେ ପିଣ୍ଡଦାନ କରିବାକୁ ଆସିଥାନ୍ତି। ହେଲେ ଏହି ଘାଟର ବହୁଳ ବ୍ୟବହାର ହେଉଥିଲେ ମଧ୍ୟ ଉନ୍ନତୀକରଣ କରାଯାଉ ନ ଥିବାରୁ ଆବର୍ଜନାପୂର୍ଣ୍ଣ ତଥା ଅବହେଳିତ ଅବସ୍ଥାରେ ପଡ଼ିଛି। ଏପରିକି ଏହି ଘାଟକୁ ଯିବା ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ପ୍ରଶାସନ ଏହି ଘାଟର ଉନ୍ନତୀକରଣ ସହ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଘାଟଟି ବହୁ ପୁରାତନ ଥିବାରୁ ବର୍ଷ ତମାମ ଏଠାରେ ଅସ୍ଥି ବିସର୍ଜନ, ପିଣ୍ଡଦାନ, ଶ୍ରାବଣ ମାସରେ କାଉଡିଆଙ୍କର ଜଳତୋଳା, ଫଗୁଣ ମାସରେ ଦୋଳ ମେଳଣ, କାର୍ତ୍ତିକ ପୂର୍ଣ୍ଣିମାରେ ଏ ଅଞ୍ଚଳ ଅଧିବାସୀଙ୍କ ବୁଡ଼ ପକାଇବା ସହ ୧୨ମାସରେ ତେର ପର୍ବ ପାଳନ କରାଯାଉଛି। ହେଲେ ଘାଟର ଉନ୍ନତୀକରଣ କରାଯାଉ ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ଘାଟଟି ସମ୍ପୂର୍ଣ୍ଣ ଭାବେ କଟକି ଦଳରେ ପରିପୂର୍ଣ୍ଣ ହେତୁ ଧର୍ମୀୟ ଭାବନା ଯୋଗୁ ଦଳକୁ ଆଡେଇ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ପାଇଁ ବାଧ ହେଉଛନ୍ତି। ଏହା ଏକ ପୌରାଣିକସ୍ଥଳ ସହ କାକଟପୁର ବ୍ଲକ ସାଧାରଣ ଲୋକଙ୍କ ଆର୍ଥିକ ଉନ୍ନତିରେ ଭାଗୀଦାରି ହେଇପାରୁଛି। ତେଣୁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରୀୟ ପ୍ରଶାସକମାନେ ଏଥିପ୍ରତି ଦୃଷ୍ଟି ଦେଇ ମଠର ଉନ୍ନତୀକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ରାଜ୍ୟପାଳଙ୍କ ଦ୍ୱାରା 'କବିତାରେ ପୁରୀ' ଉନ୍ମୋଚିତ

ପୁରୀ ଅଫିସ ୧୯।୯:

ଶ୍ରୀକ୍ଷେତ୍ରକୁ କେନ୍ଦ୍ରକରି ଓଡ଼ିଆ କାବ୍ୟ-କବିତା ହଜାରେ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସମୃଦ୍ଧ ହୋଇଚାଲିଛି। ଏହି ଭାବାବେଗ, ଭକ୍ତିମୟ ଓ ଜଗନ୍ନାଥ ତତ୍ତ୍ୱାଶ୍ରୟୀ କବିତାଗୁଡ଼ିକୁ ଏକତ୍ର କରି ରଚିତ କବିତା ସଙ୍କଳନ 'କବିତାରେ ପୁରୀ'କୁ ସୋମବାର ପୁରୀ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରିଛନ୍ତି। ଦିଲୀପ କୁମାର ସ୍ୱାଇଁ ଓ ଶ୍ୟାମପ୍ରକାଶ ସେନାପତିଙ୍କ ସମ୍ପାଦନାରେ ପ୍ରସ୍ତୁତ ଏହି ପୁସ୍ତକ ବିଜୟିନୀ ପବ୍ଲିକେଶନ କଟକ ଦ୍ୱାରା ପ୍ରକାଶ ପାଇଛି। ଏହି ଗ୍ରନ୍ଥର ଆଦିପର୍ବରେ ଶଙ୍କରାଚାର୍ଯ୍ୟଙ୍କ ଶ୍ରୀଜଗନ୍ନାଥାଷ୍ଟକମ୍ ଠାରୁ ଆରମ୍ଭ କରି ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଶ୍ରୀ ଶ୍ରୀ ବିମଳାଷ୍ଟକମ୍ ସ୍ଥାନ ପାଇଛି। ଏଥିରେ ସୁର ଦାସ, କବୀର ଦାସ, ଜୟଦେବ ଆଦି କବିଙ୍କ ଶ୍ରୀଜଗନ୍ନାଥ କେନ୍ଦ୍ରିକ ରଚନା ସହ ପୁରୁଷୋତ୍ତମ ମାହାତ୍ମ୍ୟ ଓ ନୀଳାଦ୍ରି ମହୋଦୟଃର ଅନୁବାଦ ରହିଛି। ପୁସ୍ତକର ମଧ୍ୟପର୍ବରେ ସାରଳା ଦାସଙ୍କଠାରୁ ଆରମ୍ଭ କରି ପ୍ରାଚୀନ ଓ ମଧ୍ୟଯୁଗର କବିମାନଙ୍କ ଜଗନ୍ନାଥଧର୍ମୀ କବିତା ସ୍ଥାନ ପାଇଛି। ଆଧୁନିକ ପର୍ବରେ କବି ଭୀମଭୋଇଙ୍କ ଠାରୁ ଆରମ୍ଭ କରି ଶତାଧିକ କବିଙ୍କ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ଆଧାରିତ କବିତା ଏଥିରେ ସ୍ଥାନିତ ହୋଇଛି। ପୁସ୍ତକର ଗୀତିପର୍ବରେ ଠାକୁର ଅଭିରାମ ପରମହଂସ, ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଠାରୁ କୁମାର କବି ଅରକ୍ଷିତ ପ୍ରଧାନଙ୍କ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଗୀତିକବିତାଗୁଡ଼ିକୁ ଚୟନ କରାଯାଇଛି। ଶେଷପର୍ବରେ ସମକାଳରେ କବିତା ରଚନା କରୁଥିବା କବିମାନଙ୍କର ପୁରୀ କେନ୍ଦ୍ରିକ କବିତାକୁ ସ୍ଥାନ ଦିଆଯାଇଛି। ରାଜ୍ୟପାଳ ଏପରି ଉଦ୍ୟମର ପ୍ରଶଂସା କରିବା ସହିତ ଜଗନ୍ନାଥ ସଂସ୍କୃତି ପ୍ରଚାରରେ ଏହା ସହାୟକ ହେବ ବୋଲି ମତ ଦେଇଛନ୍ତି। କବି ହରିହର ମିଶ୍ର ଓ କବି ରକ୍ଷକ ନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ 'କବିତାରେ ପୁରୀ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଘେରିଲେ ମହିଳା

- ୩ ଘଣ୍ଟା ଧରି ବ୍ୟାଙ୍କ କାର୍ଯ୍ୟ ବନ୍ଦ
- ୪୨୦ ଏସ୍ଏଚ୍‌ଜି ମହିଳାଙ୍କୁ ମିଳୁନି ବ୍ୟାଙ୍କ ସେବା

ଗୋପ,୧୯।୯(ଡି.ଏନ୍.ଏ.)

ଗୋପ ବ୍ଲକରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଗତ ଗୋଟିଏ ବର୍ଷ ଧରି ଏହି ବ୍ୟାଙ୍କରେ ଥିବା ୪୨୦ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ବାରମ୍ବାର ଏସ୍ଏଚ୍‌ଜିର ମହିଳାମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଶେଷରେ ଉତ୍ତ୍ୟକ୍ତ ହୋଇ ସୋମବାର ହଜାରରୁ ଉର୍ଦ୍ଧ୍ୱ ମହିଳା ପୂର୍ବାହ୍ଣରେ ବ୍ୟାଙ୍କକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଥିଲେ। ପରେ ବ୍ୟାଙ୍କର ଶାଖା ପରିଚାଳକ ସବ୍ୟସାଚୀ ସେଠୀଙ୍କୁ ବ୍ୟାଙ୍କ ବାହାରେ ମହିଳାମାନେ ଘେରିଯାଇ ପ୍ରାୟ ୨ ଘଣ୍ଟା ଧରି ଅଟକ ରଖିଥିଲେ। ପରେ ଗୋଟିଏ ସପ୍ତାହ ମଧ୍ୟରେ ସମସ୍ତ କାର୍ଯ୍ୟ କରାଯିବ ବୋଲି ପରିଚାଳକ ଲିଖିତ ପ୍ରତିଶ୍ରୁତି ଦେବା ପରେ ବ୍ୟାଙ୍କ ଅବସ୍ଥା ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଗୋପ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ୪୨୦ ଏସ୍ଏଚ୍‌ଜି ମହିଳାଙ୍କର ପ୍ରାୟ ୫୦୦୦ରୁ ଅଧିକ ଜମାଖାତା ରହିଛି। କିନ୍ତୁ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେଉଥିବା ବେଳେ ଏହି ବ୍ୟାଙ୍କ ଶାଖା ପରିଚାଳକ ତାହାକୁ ଗୁରୁତ୍ୱ ଦେଉ ନାହାନ୍ତି। ଏ ପ୍ରସଙ୍ଗରେ ଗୋପ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ବାରମ୍ବାର ବିଭିନ୍ନ ଅଧିକାରୀଙ୍କୁ ଅଭିଯୋଗ କରି ବିଫଳ ହୋଇଥିଲେ। ସୋମବାର ଏ ନେଇ ଉକ୍ତ ବ୍ୟାଙ୍କରେ ଏସ୍ଏଚ୍‌ଜି ମହିଳାମାନେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ୟାଙ୍କ ପରିଚାଳକଙ୍କୁ ଘେରିଯାଇଥିଲେ। ପରେ ଦୀର୍ଘ ୩ ଘଣ୍ଟା ଧରି ବ୍ୟାଙ୍କ କାର୍ଯ୍ୟ ଅଚଳ କରି ଦେଇଥିଲେ। ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସମସ୍ତ କାର୍ଯ୍ୟ କରିବେ ବୋଲି କହିବା ସହ ଏକ ୮ ଦଫା ଦାବିରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ବ୍ୟାଙ୍କ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି କୁହନ୍ତି, ବ୍ୟାଙ୍କ ଶାଖା ପରିଚାଳକ ଜାଣିଶୁଣି ମହିଳା ଗୋଷ୍ଠୀର କାର୍ଯ୍ୟ ବାରମ୍ବାର ନ କରିବା ଯୋଗୁ ଏପରି ପଦକ୍ଷେପ ନେଇଥିଲୁ। ବ୍ୟାଙ୍କ ଶାଖା ପରିଚାଳକ ସବ୍ୟସାଚୀ ସେଠୀଙ୍କୁ ପଚାରିବାରେ ବ୍ୟାଙ୍କରେ ଷ୍ଟାଫ ଅଭାବକୁ ନେଇ ଏପରି ଘଟିଥିଲା। ପର୍ଯ୍ୟାୟକ୍ରମେ ମହିଳା ଗୋଷ୍ଠୀର ସମସ୍ତ କାର୍ଯ୍ୟ କରାଯିବ ବୋଲି କହିଥିଲେ।


ବ୍ୟାଙ୍କ ଶାଖା ପରିଚାଳକଙ୍କୁ ମହିଳାମାନେ ଘେରାଉ କରିଛନ୍ତି।




୧୯।୯।୨୦୨୨

| ୪,୦୮,୯୧୨ ଟଙ୍କା | |
|---|---|
| ସୁନା | ୮ ଗ୍ରାମ |
| ରୁପା | ୧୨୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ୟୁନିଭର୍ସିଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ଉତ୍କଳ ୟୁନିଭର୍ସିଟି ହେଲ୍‌ଥ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ଏନ୍‌ଆଇଇଏଲ୍‌ଆଇଟିର ଉଦ୍‌ଘାଟନ ସମାରୋହ, ଓକାକ୍ ବିଲ୍ଡିଂ, ଆଚାର୍ଯ୍ୟ ବିହାର, ଅପରାହ୍ନ ୨ଟା ୩୦।
- ୬୪ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୫ଟା ୩୦।

କଟକ

- ପିଲାଙ୍କ ପାଇଁ ଦିନଟିଏ ଜିଲାସ୍ତରୀୟ ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

ବଡ଼ମ୍ବା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସକାଳ ୭ଟା।
- ବ୍ୟାଙ୍କ ସମନ୍ୱୟ ଋଣ ମେଳା ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ରାଶି ପ୍ରଦାନ, ବୈକୁଣ୍ଠ ସଦନ, ପୂର୍ବାହ୍ନ ୧୦ଟା।

# ଧାର୍ଯ୍ୟ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

## ଏସ୍‌ସିବି ମେଡିକାଲ, ତାଳଦଣ୍ଡା କେନାଲ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କଲେ ୫-ଟି ସଚିବ

କଟକ ଅଫିସ,୧୯।୯

ଚିକିତ୍ସା ସେବା, ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ ଚାଲିଥିବା ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ। ୫-ଟି ସଚିବ ସୋମବାର ସକାଳେ ଏସ୍‌ସିବି ମେଡିକାଲ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ଗୁଣାତ୍ମକ ମାନ ବଜାୟ ରଖି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। କ୍ଲିନିକାଲ ବ୍ଲକ ୧ ଓ ୪ର ନିର୍ମାଣ କାର୍ଯ୍ୟ ୨୦୨୩ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେବା ସହ ଅନ୍ୟ ବ୍ଲକଗୁଡିକର ନିର୍ମାଣ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ରୋଗୀଙ୍କ ସମ୍ପର୍କୀୟମାନଙ୍କ ରହିବା ନିମନ୍ତେ ଧର୍ମଶାଳା ଓ ବଜେଟ ହୋଟେଲ କାର୍ଯ୍ୟ, ରାଣୀହାଟ ଛକ ନିକଟରେ କମର୍ସିଆଲ କମ୍ପ୍ଲେକ୍ସ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ସିବି ମେଡିକାଲରେ ଅଧ୍ୟାପକ, ଚିକିତ୍ସକ ଓ ଅନ୍ୟ କର୍ମଚାରୀମାନଙ୍କ ରହଣି ନିମନ୍ତେ ୧୩ଟି ଆବାସିକ ବ୍ଲକ ନିର୍ମାଣ କରାଯିବ। ବର୍ତ୍ତମାନ ସୁଦ୍ଧା ୫ଟି ବ୍ଲକର କାମ ଆରମ୍ଭ ହୋଇଛି। ତୁରନ୍ତ ସମସ୍ତ ଆବାସିକ ବ୍ଲକର କାମ ଆରମ୍ଭ କରି ଡିସେମ୍ବର ୨୦୨୩ ସୁଦ୍ଧା ସଂପୂର୍ଣ୍ଣ କରିବା ଏବଂ ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର କାମ ମାର୍ଚ୍ଚ ୨୦୨୩ ସୁଦ୍ଧା ଶେଷ କରିବାକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ।

୫-ଟି ସଚିବ ତାଳଦଣ୍ଡା କେନାଲ ପରିଦର୍ଶନ କରି ଏହାର ରୂପାନ୍ତରଣ କାର୍ଯ୍ୟ ଦେଖିଥିଲେ। କେନାଲ ପାର୍ଶ୍ୱରେ ବସୁଥିବା ବୁଲା ବିକାଳିଙ୍କ ପାଇଁ ମହାନଗର ନିଗମ ପକ୍ଷରୁ ଅର୍ବାନ ହାଟ ନିର୍ମାଣ କରାଯାଉଛି। ଏହି କାମ ୨୦୨୨ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ୫-ଟି ସଚିବ ନିର୍ଦ୍ଦେଶ ଦେଇଥିଲେ। ମାଲ ପରିବହନ କରୁଥିବା ବଡ଼ ବଡ଼ ଯାନଗୁଡ଼ିକର ପାର୍କିଂ ପାଇଁ ରେଲୱେ ଠାରୁ ଅଧିକ ଜମି ନେବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଲୋକ ତଥା ବୁଲା ବିକାଳିମାନେ ତାଳଦଣ୍ଡା କେନାଲରେ ଆବର୍ଜନା ନ ପକାଇବା ନିମନ୍ତେ ସେମାନଙ୍କୁ ସଚେତନ କରିବା ଓ କେନାଲ ରାସ୍ତାରେ ଥିବା ସମସ୍ତ ବିଦ୍ୟୁତ୍ ସବ୍‌ଷ୍ଟେଶନ, ପାଣିପାଇପ ତଥା ନର୍ଦ୍ଦମା ପାଇପ ତୁରନ୍ତ ସ୍ଥାନାନ୍ତର କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ସ୍ଥାନରେ ତାଳଦଣ୍ଡା କେନାଲ ଉପରେ ନିର୍ମିତ ସେତୁ ନିକଟସ୍ଥ ସଂଯୋଗକାରୀ ରାସ୍ତା ପ୍ରଶସ୍ତ କରିବା ପାଇଁ ମଧ୍ୟ ପାଣ୍ଡିଆନ ପରାମର୍ଶ ଦେଇଥିଲେ। ୫-ଟି ସଚିବଙ୍କ ଗସ୍ତ ଅବସରରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ଦାୟିତ୍ୱରେ ଥିବା ବିଶାଳ ଦେବ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଏବଂ କଟକ ମ୍ୟୁନିସିପାଲଟି କମିଶନର, ଏସ୍‌ସିବି ମେଡିକାଲ କଲେଜର ଅଧ୍ୟକ୍ଷ, ଅଧୀକ୍ଷକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



### କ୍ଲିନିକାଲ ବ୍ଲକ, ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, ସହରାଞ୍ଚଳ ହାଟ କାମ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

# ଅଧ୍ୟକ୍ଷ, ଆକାଉଣ୍ଟ୍ସ ମେମ୍ବର ନିଯୁକ୍ତ

## ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲରେ ତ୍ୱରାନ୍ୱିତ ହେବ ବିଚାର ପ୍ରକ୍ରିୟା

**ଧରିତ୍ରୀ ପ୍ରଭାବ**

**କଟକ ଅଫିସ, ୧୯।୯:** ସଦସ୍ୟ ଅଭାବରୁ ରାଜ୍ୟର ଏକମାତ୍ର ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲ ଠିକ୍ ଭାବେ ଚାଲିପାରୁ ନ ଥିଲା। ଫଳରେ ୩ ହଜାରରୁ ଅଧିକ ମାମଲା ବିଚାର ନ ହୋଇ ପଡ଼ିରହିଥିଲା। ଏ ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅଗଷ୍ଟ ୨୩ ତାରିଖରୁ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବାବେଳେ ଚଳିତ ମାସ ୧୪ ତାରିଖରେ ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ଗୋପାଳ ଚନ୍ଦ୍ର ବେହେରାଙ୍କୁ ନିଯୁକ୍ତି ମିଳିଛି। ଇତିମଧ୍ୟରେ ବେହେରା କାର୍ଯ୍ୟରେ ଯୋଗଦେଇଥିବା ଜଣାପଡ଼ିଛି। ସେହିପରି ତିନିଜଣ ଆକାଉଣ୍ଟ୍ସ ମେମ୍ବରଙ୍କ ମଧ୍ୟରୁ ଦୁଇଟି ପଦବୀ ଖାଲି ରହିଥିଲା। ସେଥିମଧ୍ୟରୁ ୧୬ତାରିଖରେ ଅନ୍ୟତମ ଆକାଉଣ୍ଟ୍ସ ମେମ୍ବର ଭାବେ ସୌର୍ଯ୍ୟରଞ୍ଜନ ମିଶ୍ରଙ୍କୁ ନିଯୁକ୍ତି ମିଳିଥିବାବେଳେ ସେ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହାଫଳରେ ସୋମବାରଠାରୁ ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲ ସ୍ୱାଭାବିକ ଭାବେ ଚାଲିବା ସହ ପଡ଼ିରହିଥିବା ମାମଲାଗୁଡ଼ିକର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ରେଜିଷ୍ଟ୍ରାର ମମତା ସାହୁ କହିଛନ୍ତି। ଖାଲିଥିବା ଅନ୍ୟ ଜୁନିୟର ଆସିଷ୍ଟାଣ୍ଟ ପଦବୀ ମଧ୍ୟ ଖୁବଶୀଘ୍ର ପୂରଣ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିବା ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲ ଚାଲିପାରୁ ନ ଥିବାରୁ ମାମଲା ସଂଖ୍ୟା ବଢ଼ିବା ସହ ରାଜ୍ୟ ସରକାର ରାଜସ୍ୱ ହରାଉଥିଲେ।




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ସୋମବାର ଅନୁଷ୍ଠିତ ନାଟ୍ୟଧାରା କାର୍ଯ୍ୟକ୍ରମରେ ଗଜପତିର କ୍ରିଏଟିଭ୍ ଆର୍ଟର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଭୋକ'ର ଏକ ଦୃଶ୍ୟ।

### କର୍ମଚାରୀ ମଦ ପିଉଥିବା ଭିଡିଓ ଭାଇରାଲ ଘଟଣା

# ଏସ୍‌ସିବି ମେଡିକାଲ ଲିଫ୍ଟ ଚାଳକ ନିଲମ୍ବିତ

କଟକ ଅଫିସ,୧୯।୯

ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲିଟି ଟିକେଟ କାଉଣ୍ଟରରେ ଜଣେ କର୍ମଚାରୀ ମଦ ପିଉଥିବା ଭିଡିଓ ଭାଇରାଲ ଘଟଣାରେ ସୋମବାର ଲିଫ୍ଟ ଚାଳକ ସନ୍ତୋଷ ନାୟକଙ୍କୁ ନିଲମ୍ବିତ କରାଯାଇଛି। ସନ୍ତୋଷ ଜଣେ ଠିକା କର୍ମଚାରୀ। ସୂଚନାଯୋଗ୍ୟ, ଏସ୍‌ସିବି ଟ୍ରମା କାଜୁଆଲିଟି ଟିକେଟ କାଉଣ୍ଟରରେ ଜଣେ ମହିଳା ବସିଥିବାବେଳେ ଜଣେ ଯୁବକ ମଦ ପିଉଥିବା ଭିଡିଓ ରବିବାର ଭାଇରାଲ ହୋଇଥିଲା। ମେଡିକାଲ ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯିବା ପରେ ସନ୍ତୋଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ନବନିଯୁକ୍ତ ୩୦ ଓପିଏସ୍ ଅଧିକାରୀଙ୍କୁ ଗୁରୁମନ୍ତ୍ର

## ଭିଜିଲାନ୍ସ ଏକାଡେମୀରେ ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର ୧୯।୯ (ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ରାଜ୍ୟ ଭିଜିଲାନ୍ସ ଏକାଡେମୀଠାରେ ନବନିଯୁକ୍ତ ୩୦ଜଣ ଓପିଏସ୍ (ଗ୍ରୁପ-ଏ) ଅଧିକାରୀଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ପୋଲିସ ଡିଜି ସୁନୀଲ ବଂଶଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ସମାନ ଆଭିମୁଖ୍ୟ ନେଇ ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନକୁ ସରକାର ସମ୍ପୂର୍ଣ୍ଣ ରୂପେ ସମର୍ଥନ କରୁଛନ୍ତି। ଏହି ପ୍ରଶିକ୍ଷଣରୁ ନବନିଯୁକ୍ତ ଓପିଏସ୍ ଅଧିକାରୀମାନେ କିପରି ଦୁର୍ନୀତି ବିରୋଧରେ ମୁକାବିଲା, ସମସ୍ତ ବିଭାଗରେ ସ୍ୱଚ୍ଛତା ଏବଂ ପାରଦର୍ଶିତା ରକ୍ଷା କରିବେ ସେନେଇ ଡିଜିପି ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶ୍ୱବନ୍ତ ଜେଠୱା ଯୋଗଦେଇ କହିଲେ, ୫-ଟି କାର୍ଯ୍ୟପନ୍ଥାରେ ସ୍ୱଚ୍ଛତା ଓ ସୁଶାସନ ଗୁରୁତ୍ୱପୂର୍ଣ୍ଣ ଅଂଶ। ନିଜ କାର୍ଯ୍ୟକଳାପରେ ସାଧୁତା ଅବଲମ୍ବନ କରିବାକୁ ସେ ଅଧିକାରୀଙ୍କୁ ପରାମର୍ଶ ଦେବା ସହ ଲୋକମାନଙ୍କୁ କିପରି ଦୁର୍ନୀତି ବିରୋଧୀ ସେବା ଯୋଗାଇ ଦିଆଯିବ ସେନେଇ ମତ ରଖିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦୁର୍ନୀତି ବିରୋଧୀ ନିୟମ, ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ଲାଞ୍ଚ କାରବାର ମାମଲାରେ ଏତଲା ଓ ତଦନ୍ତ, ଆୟ ବହିର୍ଭୂତ ସମ୍ପତ୍ତି ନେଇ ସରକାରୀ କର୍ମଚାରୀଙ୍କ ବିରୋଧରେ ଚଢ଼ାଉ ଆଦି ବିଭିନ୍ନ ପ୍ରସଙ୍ଗରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।



## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ତିଳୋତ୍ତମା



@ ରବିକାନ୍ତ



@ ପ୍ରିୟା



@ ପଞ୍ଚାନନ



@ ଶିବକାନ୍ତ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ।




ଭୁବନେଶ୍ୱର ସୂଚନା ଭବନରେ ସୋମବାର ନାଟ୍ୟ ପତ୍ରିକା 'ନାଟ୍ୟ ଚର୍ଚ୍ଚା'ର ପଞ୍ଚଦଶତମ ସ୍ୱନକ୍ଷତ୍ର ଦିବସ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତକ 'ନାଟ୍ୟ ପ୍ରବନ୍ଧ ମାନସ'କୁ ଉନ୍ମୋଚନ କରୁଛନ୍ତି।



ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଲୁପ୍ତପ୍ରାୟ ଲୋକକଳା କାର୍ଯ୍ୟକ୍ରମରେ ସୋମବାର ଭୁବନେଶ୍ୱରସ୍ଥିତ ବିଦ୍ୟାଭବନ ପରିସରରେ ପରିବେଷିତ ଛାୟା କଣ୍ଢେଇ ନାଚ।



ବାରିଷ୍ଟର ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ରଙ୍କ ଶ୍ରାଦ୍ଧ ଦିବସରେ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବିଭିନ୍ନ ସଂଗଠନ ପକ୍ଷରୁ ରାଜଭବନ ସମ୍ମୁଖ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### ମନ୍ତ୍ରୀ ଫେରିବା ପରେ ଭାଙ୍ଗିଦେଲେ ଉଦ୍‌ଘାଟନୀ ଫଳକ

**ରାୟଗଡ଼ା ଅଫିସ,୧୯।୯:** ଉପାନ୍ତ ରାୟଗଡ଼ା ଜିଲାର ଅନେକ ଗାଁକୁ ଏବେ ବି ମୋବାଇଲ ଟାୱାର ଅପହଞ୍ଚ ରହିଛି। ସଦର ବ୍ଲକ ଡାଙ୍ଗଲୋଡି ପଞ୍ଚାୟତର ପେନିକଣାଠାରେ ମୋବାଇଲ ଟାୱାର ସ୍ଥାପନ ହୋଇଥିବାବେଳେ ସୋମବାର ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏହାର ଉଦ୍‌ଘାଟନ କରିଥିଲେ। ତେବେ ମନ୍ତ୍ରୀ ଟାୱାର ଉଦ୍‌ଘାଟନ କରି ଫେରିବାର ମାତ୍ର ଅଧଘଣ୍ଟା ମଧ୍ୟରେ କେହି ଦୁର୍ବୃତ୍ତ ଉଦ୍‌ଘାଟନୀ ଫଳକକୁ ଭାଙ୍ଗି ଦେଇଛନ୍ତି। ଜିଲାରେ ମୋବାଇଲ ଟାୱାର ସ୍ଥାପନ ନିମନ୍ତେ କଂଗ୍ରେସ ଏମ୍‌ପି ପାର୍ଲାମେଣ୍ଟରେ ଦାବି ଉଠାଇଥିବାବେଳେ ବିଜେଡି ନେତା ତଥା ମନ୍ତ୍ରୀ ରାଜନୈତିକ ଲାଭ ଉଦ୍ଦେଶ୍ୟରେ ଦଳୀୟ କାର୍ଯ୍ୟକ୍ରମ ଭଳି ମୋବାଇଲ ଟାୱାର ଉଦ୍‌ଘାଟନ କରୁଥିବାରୁ ବିରୋଧୀ ଅସନ୍ତୁଷ୍ଟ ଗୋଷ୍ଠୀ ଏଭଳି କାଣ୍ଡ ଘଟାଇଥିବା ଗାଁରେ ଚର୍ଚ୍ଚା ହେଉଛି। ତେବେ ଫଳକ କିଏ ଭାଙ୍ଗିଲା ତାହା କେହି ଦେଖି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଫଳକ ଭଙ୍ଗାଯାଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ କଂଗ୍ରେସ ଏଭଳି ଛୋଟ କାମ କରେନାହିଁ। ଏମ୍‌ପି ସପ୍ତଗିରି ଉଲାକାଙ୍କ ବାରମ୍ବାର ପାର୍ଲାମେଣ୍ଟରେ ଦାବି ପରେ ଟାୱାର ବସିବା ସମ୍ଭବ ହୋଇପାରିଛି ବୋଲି କଂଗ୍ରେସ ଜିଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡା କହିଛନ୍ତି।

### ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ ଆରମ୍ଭ

**ଆରୁହା କଳାପଥର ଖଣି ଦୁର୍ନୀତି**

**ଧର୍ମଶାଳା,୧୯।୯(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ହୋଇଥିବା ଅନେକ କୋଟି ଟଙ୍କାର ଦୁର୍ନୀତିର ତଦନ୍ତ ପାଇଁ ସୋମବାର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଲୋକାଯୁକ୍ତଙ୍କ ନିର୍ଦ୍ଦେଶ ମୁତାବକ ସୋମବାର ଅର୍ଥନୈତିକ ଅପରାଧ ଶାଖା ଏସ୍‌ପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟ ପରିବେଶ, ଖଣିଜ,ଜିଓଲୋଜି ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ମାପଚୁପ୍ କରିଥିଲେ। ଏହି ତଦନ୍ତ ସମୟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଆରୁହା ଆରଆଇ ମନୋଜ ସାମଲ ପ୍ରମୁଖ ଉପସ୍ଥିତ ରହି ଲିଜ୍‌ଧାରୀ କେତେ ଅଞ୍ଚଳରୁ କଳାପଥର ଲୁଟ୍ କରିଛନ୍ତି ତାର ତଦନ୍ତ କରାଯାଇଥିଲା। ସୂଚନା ଅନୁଯାୟୀ, ଆରୁହା କଳାପଥର ଖାଦାନର ୩ ଏକର ଅଞ୍ଚଳକୁ ଆରୁହାର ତ୍ରିନାଥ ଜେନା ତା୧୪।୧୨।୨୦୧୭ରେ ୫ ବର୍ଷ ପାଇଁ ଲିଜ୍ ନେଇଥିଲେ। ମାତ୍ର ଲିଜ୍‌ଧାରୀ ଜେନା ୩ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରୁ ବ୍ୟାପକ ଖନନ କରି କଳାପଥର ଲୁଟ କରିନେଇଥିଲେ। ଏ ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାଯୁକ୍ତରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ଲୋକାଯୁକ୍ତରେ ଏକ ମାମଲା(ନଂ.୩୫୫/୨୦)ରୁଜୁ ହୋଇଥିଲା। ଏହି ମାମଲାରେ ଏକ ମିଳିତ ତଦନ୍ତ କରିବାକୁ ଲୋକାଯୁକ୍ତ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ଲିଜ୍ ଅଞ୍ଚଳ ବାହାରୁ ବ୍ୟାପକ କଳାପଥର ଲୁଟ ହୋଇଥିବା ଜଣାପଡିଥିଲା। ଏଥିରେ ଲିଜ୍‌ଧାରୀଙ୍କ ସମେତ ତତ୍କାଳୀନ ଆରଆଇ, ତହସିଲଦାର ଓ ପୋଲିସ ସହଯୋଗରେ ଏହି ଲୁଟ ହୋଇଥିବା ଜଣାପଡିବା ପରେ ତଦନ୍ତ ପାଇଁ ଲୋକାଯୁକ୍ତ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ।

# ରାଜ୍ୟ ସରକାର ପ୍ରସ୍ତାବ ଦେଲେ

**ବଦଳିବ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ନାଁ**

**■ ରତ୍ନଗିରି ରୋଡ୍ ନାଁ ବଦଳରେ ଉଦୟଗିରି-ରତ୍ନଗିରି ରୋଡ୍ ହେବ**

ଯାଜପୁର ଅଫିସ,୧୯।୯

ପୂର୍ବତଟ ରେଳପଥ ଅଧୀନ ହାଓଡା-ଚେନ୍ନାଇ ରେଳଲାଇନରେ ଥିବା ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର ନାମ ପରିବର୍ତ୍ତନ ପ୍ରସ୍ତାବକୁ ରାଜ୍ୟ ସରକାର ଚୂଡାନ୍ତ କରିଛନ୍ତି। ଏହି ମର୍ମରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଉପସଚିବ କଳ୍ପତରୁ ସାମନ୍ତରାୟ ୧୭।୯।୨୦୨୨ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବଙ୍କୁ ପ୍ରସ୍ତାବ ଦେଇଛନ୍ତି। ଯାଜପୁର ଜିଲାପାଳ ୧୮।୩।୨୦୨୦ରେ ଜଷ୍ଟିଫିକେଶନ ରିପୋର୍ଟ ଦେବା ପରେ ରାଜ୍ୟ ସରକାର ଉକ୍ତ ପ୍ରସ୍ତାବ ଦେବାକୁ ଅଢେଇ ବର୍ଷ ସମୟ ନେଇଛନ୍ତି। ଏହାବାଦ୍ ହରିଦାସପୁର-ପାରାଦୀପ ରେଳଲାଇନରେ ଥିବା ରତ୍ନଗିରି ରୋଡ୍ ରେଳଷ୍ଟେଶନ ନାଁକୁ ପରିବର୍ତ୍ତନ କରି ଉଦୟଗିରି-ରତ୍ନଗିରି ରୋଡ୍ ନାଁରେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ବ୍ୟାସନଗର ସହରରେ ଥିବା ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନକୁ ନାମ ପରିବର୍ତ୍ତନ କରି ଯାଜପୁର ରେଳ ଷ୍ଟେଶନ ନାମରେ ନାମିତ କରିବାକୁ ୩୦।୧୦।୨୦୧୮ ଓ ୩୦।୧୧।୨୦୧୮ରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଦିଲ୍ଲୀ ବାରଡ଼ପୁରରେ ରହୁଥିବା ହରିଶ୍ଚନ୍ଦ୍ର ସାହୁ ପତ୍ର ମାଧ୍ୟମରେ ଦାବି କରିଥିଲେ। ଏପରିକି ସେ ଏନେଇ ୨୨।୭।୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବିପତ୍ରରେ ସେ ଦର୍ଶାଇଥିଲେ ଯେ, ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନର ନାଁ ସମ୍ପୂର୍ଣ୍ଣ ଭୁଲ୍। କେନ୍ଦୁଝର ଜିଲାକୁ ପୂର୍ବରୁ ରେଳଲାଇନ ଯାଇଛି ଓ କେନ୍ଦୁଝର ରୋଡ୍ ରେଳଷ୍ଟେଶନ ନାମ ରହିଛି, ଯାହାକି କେନ୍ଦୁଝର ଜିଲା ଅନ୍ତର୍ଗତ। ଇଂରେଜ ଶାସନ କାଳରେ ଏହି ଷ୍ଟେଶନ ସ୍ଥାପିତ ହୋଇଥିଲା। ଯାଜପୁର ଓ କେନ୍ଦୁଝର ଜିଲା ସମ୍ପୂର୍ଣ୍ଣ ଅଲଗା। ଯାଜପୁର-କେନ୍ଦୁଝର ରୋଡ୍




ନାମ କେନ୍ଦୁଝର ଜିଲା ଅନ୍ତର୍ଗତ ବୋଲି ମନେହେଉଛି। ଯେହେତୁ ଯାଜପୁର ଜିଲା ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇ ସାରିଛି, ତେଣୁ ଏହି ଷ୍ଟେଶନ ନାଁରେ କେନ୍ଦୁଝର ଯୋଡ଼ିବାର ଆଉ ଆବଶ୍ୟକତା ନାହିଁ। ତେଣୁ ଜିଲା ଅନୁସାରେ ଏହି ଷ୍ଟେଶନର ନାଁ ଯାଜପୁର ନାମରେ ନାମିତ କରିବାକୁ ସାହୁ ଦାବି କରିଥିଲେ। ଏହି ଦାବି ଉପରେ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଯାଜପୁର ଜିଲାପାଳ ଏବଂ ସ୍ଥାନୀୟ ଲୋକଙ୍କ ମତାମତ ଲୋଡ଼ା ଯାଇଥିଲା। ଜିଲାପାଳ ଯାଜପୁର ରୋଡ୍‌ର କେତେଜଣ ବୁଦ୍ଧିଜୀବୀଙ୍କ ସହ ବୈଠକ କରି ଏହି ନାମ ପରିବର୍ତ୍ତନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକେ ଏହି ଷ୍ଟେଶନର ନାମ ଯାଜପୁର ରୋଡ୍ କରିବାକୁ ଦାବି କରିଥିଲେ, ଅନ୍ୟଥା ନାମ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ ବୋଲି ମତ ଦେଇଥିଲେ। ତଦନୁସାରେ ଯାଜପୁର ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୯୫୨/ଜିଏମ୍/୧୮।୩।୨୦୨୦ରେ ପରିବହନ ବିଭାଗରେ ଜଷ୍ଟିଫିକେଶନ ରିପୋର୍ଟ ଦାଖଲ କରିଥିଲେ।

ଯାଜପୁର ଜିଲାରେ ଭାରତ ବର୍ଷର ବୌଦ୍ଧ କୀର୍ତ୍ତିରାଜିର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ତଥା ହୀରକ ତ୍ରିଭୁଜ ବଳୟ ରତ୍ନଗିରି-ଉଦୟଗିରି-ଲଳିତଗିରି ରହିଛି। ନିକଟରେ ଏହି ପର୍ଯ୍ୟଟନସ୍ଥଳ ଦେଇ ହରିଦାସପୁର-ପାରାଦୀପ ରେଳଲାଇନ କାର୍ଯ୍ୟକାରୀ ହୋଇଛି। ଏହି ରେଳଲାଇନରେ ରତ୍ନଗିରି ରୋଡ୍ ରେଳଷ୍ଟେଶନ ରହିଛି। ତେଣୁ ଲୋକଙ୍କ ଦାବି ଅନୁସାରେ ଏହି ଷ୍ଟେଶନର ନାମ ପରିବର୍ତ୍ତନ କରି ଉଦୟଗିରି-ରତ୍ନଗିରି ରୋଡ ରେଳଷ୍ଟେଶନ ନାଁରେ ନାମିତ କରିବାକୁ ପରିବହନ ବିଭାଗ ପ୍ରସ୍ତାବ ଦେଇଛି।

# ‘ମୋଦି ସାହେବ, ତୁମେ କେବଳ ନିଜ କଥା ଚିନ୍ତା କରୁଛ’

**ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରି ଚାଷୀଙ୍କ ଆତ୍ମହତ୍ୟା**

ପୁଣେ,୧୯।୯

ମହାରାଷ୍ଟ୍ରର ପୁଣେରେ ଜଣେ ଚାଷୀ ପୋଖରୀକୁ ଡେଇଁ ଶନିବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପୁଣେ ଜିଲା ଜୁନ୍ନାର ତାଲୁକାର ଦଶରଥ ଲକ୍ଷ୍ମଣ କେଦାର (୪୫)। ତାଙ୍କ ମୃତ୍ୟୁ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରି ଏକ ସୁଇସାଇଡ୍ ନୋଟ୍ ଛାଡ଼ିଯାଇଛନ୍ତି। ତାଙ୍କ ଫସଲର ସର୍ବନିମ୍ନ ସହାୟକ ରାଶି (ଏମ୍‌ଏସ୍‌ପି) ନ ପାଇବା ଏବଂ ଋଣ ଦେଇଥିବା ସଂସ୍ଥାଗୁଡ଼ିକ ବାରମ୍ବାର ତାଙ୍କୁ ଟଙ୍କା ଫେରାଇବାକୁ କହିବାରୁ ସେ ଏହି ପଦକ୍ଷେପ ନେଇଥିବା ନୋଟ୍‌ରେ ଲେଖିଛନ୍ତି। ଏଥିସହ ମହାରାଷ୍ଟ୍ର ସରକାର ମଧ୍ୟ ତାଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ସେ ଦର୍ଶାଇଛନ୍ତି।

ହାତଲେଖା ଚିଠିରେ କେଦାର ଲେଖିଛନ୍ତି, ‘ଆମ ପାଖରେ ଅର୍ଥ ନାହିଁ। ଋଣ ଦେଇଥିବା ସଂସ୍ଥା ଅପେକ୍ଷା କରିବାକୁ ନାରାଜ। ଆମେ କ’ଣ କରିବୁ। ଜମିରୁ ଅମଳ ପିଆଜକୁ ବଜାରକୁ ନେବା ପାଇଁ ମଧ୍ୟ ଟଙ୍କା ନାହିଁ। ମୋଦି ସାହେବ, ତୁମେ କେବଳ ନିଜ କଥା ଚିନ୍ତା କରୁଛ। ଆମ ଫସଲ ପାଇଁ ଆମକୁ ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଦିଆଯିବା ଜରୁରୀ। ଚାଷ ଉପରେ ତୁମର କୌଣସି ନିୟନ୍ତ୍ରଣ ନାହିଁ। ଚାଷୀମାନେ କ’ଣ କରିପାରିବେ। ଋଣ ଏଜେନ୍ସି, ସମବାୟ ସଂସ୍ଥାରୁ ଧମକ ମିଳୁଛି। ନ୍ୟାୟ ପାଇଁ କାହା ପାଖକୁ ଯିବୁ। ତୁମ ନିଷ୍କ୍ରିୟତା ପାଇଁ ମୁଁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ଦୟାକରି ଚାଷୀଙ୍କୁ ଫସଲର ଏମ୍‌ଏସପି ଦିଆଯାଉ, ଯାହାକି ଆମ ଅଧିକାର’। କରୋନା ମହାମାରୀ ଏବଂ ବର୍ଷା ବିପ୍ୟାତ ଯୋଗୁ ହୋଇଥିବା


ଦଶରଥ ଲକ୍ଷ୍ମଣ କେଦାର

**■ ସୁଇସାଇଡ ନୋଟରେ ଜନ୍ମଦିନ ଶୁଭେଚ୍ଛା**

ଫସଲ ନଷ୍ଟ ବାବଦରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଆତ୍ମହତ୍ୟା ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜନ୍ମଦିନ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ତାଙ୍କ ସ୍ତ୍ରୀ ଓ ୨ ପିଲା ଅଛନ୍ତି। ପୋଲିସ ଏକ ଆକସ୍ମିକ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ରାତିରେ ତାଙ୍କ ଶେଷକୃତ୍ୟ କରାଯାଇଛି।

ଚାଷୀଙ୍କ ଆତ୍ମହତ୍ୟାକୁ କେନ୍ଦ୍ର କରି ରାଜନୀତି ଆରମ୍ଭ ହୋଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖପାତ୍ର ମହେଶ ତାପ୍‌ସେ ଏଥିପାଇଁ ମହାରାଷ୍ଟ୍ର ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ଅନ୍ନଦାତା ଆତ୍ମହତ୍ୟା କଲେ ଏଥିପାଇଁ ସରକାର ଉତ୍ତରଦାୟୀ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ତୁରନ୍ତ କେଦାରଙ୍କ ପରିବାରକୁ ଭେଟିବା ସହ ଚାଷୀଙ୍କ ସମସ୍ୟା ସମାଧାନ କରନ୍ତୁ ବୋଲି ଶିବସେନା ମୁଖପାତ୍ର କିଶୋର ତିୱାରୀ ଏବଂ ମନୀଷା କାୟାନ୍ଦେ କହିଛନ୍ତି।

# ରାଜପଥରେ ବସିଲେ ଚାଷୀ


ରାଜପଥ ଉପରେ ବସିରହିଛନ୍ତି ଚାଷୀ।

**ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି**

ଜମନକିରା, ୧୯।୯(ଡି.ଏନ.ଏ.)

ବାରମ୍ବାର ଦାବି, ଆନ୍ଦୋଳନ ପରେ ମଧ୍ୟ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ମିଳିପାରୁ ନାହିଁ। ଏହାର ପ୍ରତିବାଦରେ ସୋମବାର ଉପଖଣ୍ଡ ମିଳିତ କୃଷକ ସଂଗଠନ ନେତୃତ୍ୱରେ ଶତାଧିକ ଚାଷୀ ଜମନକିରା ନିକଟ ଷଣ୍ଢପଥରଠାରେ ୫୩ନଂ. ଜାତୀୟ ରାଜପଥ ଉପରେ ବସିରହି ଆନ୍ଦୋଳନ କରିଥିଲେ।

ସଂଗଠନ କର୍ମକର୍ତ୍ତା ଦର୍ଶାଇଥିଲେ, ୨୦୨୧ରେ ଜମନକିରା ଅଞ୍ଚଳରେ ଖରିଫ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ଏହାକୁ ନେଇ ଗତ ଅଗଷ୍ଟ ୩ରେ ବ୍ଲକ କୃଷକ ସଂଗଠନ ସଭାଗୃହରେ ଉପଖଣ୍ଡସ୍ତରୀୟ ଚାଷୀଙ୍କ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚିଣ୍ଡା, ଜମନକିରା ଓ ବାମରା ଅଞ୍ଚଳର ଚାଷୀମାନେ ଏକତ୍ରିତ ହୋଇ ଅଗଷ୍ଟ ୧୦ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପ୍ରଶାସନର ଅନୁରୋଧକ୍ରମେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। କୃଷକ ସଂଗଠନ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଶାସନ ଓ ବୀମା କମ୍ପାନୀକୁ ସମୟ ଦେଇଥିଲା। ହେଲେ ସମୟସୀମା ମଧ୍ୟରେ ଦାବି ପୂରଣ ନ ହେବାରୁ ଅଗଷ୍ଟ ୨୩ରେ ଚାଷୀମାନେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରଶାସନ ଓ ବୀମା କମ୍ପାନୀର ଟାଳଟୁଳ ନୀତି ଯୋଗୁ ଚାଷୀମାନେ ବୀମାରାଶି ପାଇପାରି ନାହାନ୍ତି। ତେଣୁ ସେମାନେ ପୁଣି ୫୩ନଂ ଜାତୀୟ ରାଜପଥ ଅବରୋଧ କରିଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ଜମନକିରା ତହସିଲଦାର ଡ. ସୌମ୍ୟାରୂପା ରଥ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା ଚାଷୀମାନେ ଅଟଳ ଥିଲେ। ପରେ ଅପରାହ୍ନ ୪ଟାରେ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ଡିପିଓ ରାଜକିଶୋର ମିଶ୍ର, ତହସିଲଦାର ଡ. ରଥ, ଜମନକିରା ଥାନା ଅଧିକାରୀ ପ୍ରେମଜିତ ଦାସ ଆସି ଚାଷୀ ସଂଗଠନ ସହ ଆଲୋଚନା କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ରାସ୍ତାରୋକୋ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକିଥିବା ବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଶ୍ରୀଲକ୍ଷ୍ମୀ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ହେଉଥିବା ରାସ୍ତାରୋକୋରେ ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକ, ସୁନୀଲ ମୁଦୁଲି, ଦୁଷ୍ମନ୍ତ ନାୟକ, ବିପିନ ବିହାରୀ ପଟେଲ, ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ରାଜୀବ ନାୟକ, କିଶୋର ମହାପାତ୍ର, ନୃପଲାଲ ପଲେଇ, ଦିଲୀପ ପଟେଲ, ଗୁରୁଚରଣ ପଟେଲ, ମନୋଜ ମାଝି, ଶ୍ରୀକାନ୍ତ ପଟେଲଙ୍କ ସମେତ ଚାଷୀମାନେ ସାମିଲ ହୋଇଛନ୍ତି। ଆନ୍ଦୋଳନରେ ଜମନକିରା ବ୍ଲକ ବିଜେଡି ସାମିଲ ହୋଇ ନ ଥିବାବେଳେ ଚାଷୀଙ୍କ ସମସ୍ୟା ସହ ଦଳ ରହିଛି ବୋଲି ନେତାମାନେ ପ୍ରକାଶ କରିଛନ୍ତି। ତେବେ ସନ୍ଧ୍ୟା ୭ଟାରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପାଇଁ ପ୍ରୟାସ କରିଥିଲା।

## ସୀମାନ୍ତରେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କଲେ ମାଓବାଦୀ

**ମାଲବାହୀ ଟ୍ରେନ୍ ଅଟକାଇ ମାରିଲେ ପୋଷ୍ଟର, ବ୍ୟାନର**

ମାଲକାନଗିରି,୧୯।୯ (ଡି.ଏନ.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ଜଣେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଛନ୍ତି। ତାଙ୍କ ନାମ ନୋହର ସିଂ ତୁଲାଭି। ସେ ଖଣିରୁ ଖଣିଜ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ଛତିଶଗଡ଼ର କାଙ୍କେର ଜିଲାରେ ଥିବା ମୋନେଟ ଇସ୍ପାତ ଏବଂ ଏନର୍ଜି ଲିମିଟେଡର ଖଣିରେ ସୋମବାର ସକାଳେ ୩ଜଣ ସଶସ୍ତ୍ର ମାଓବାଦୀ ଖଣି ଭିତରକୁ ପଶି କାର୍ଯ୍ୟ କରୁଥିବା ତୁଲାଭିଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ଖଣିରେ କାମ କରୁଥିବା ଲୋକମାନେ ତାଙ୍କୁ ଦୁର୍ଗୁକୋଣ୍ଡାଲ କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତୁଲାଭିଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ଖଣି ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ରବିବାର ରାତିରେ ମାଲକାନଗିରି ସୀମାନ୍ତରେ ମାଓବାଦୀମାନେ ଏକ ମାଲବାହୀ ଟ୍ରେନ ଅଟକାଇ ଚାଳକ ଓ ଗାର୍ଡଙ୍କଠାରୁ ୱାକିଟକି ଲୁଟି ନେଇ ଟ୍ରେନରେ ପୋଷ୍ଟର ବ୍ୟାନର ଲଗାଇଥିବା ଜଣାପଡିଛି। ଛତିଶଗଡ଼ର ଦାନ୍ତେୱାଡା ଜିଲା ବଚେଲି-ଭାନସି ମଧ୍ୟରେ ଏହି ଘଟଣା ଘଟିଛି। ୫୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଏକ ମାଲବାହୀ ଟ୍ରେନ ଅଟକାଇ ଡ୍ରାଇଭର ଓ ଗାର୍ଡଙ୍କଠାରୁ ଦୁଇ ସେଟ ୱାକିଟକି ଲୁଟି ନେଇଥିଲେ। ପରେ ସାଙ୍ଗରେ ଆଣିଥିବା ବ୍ୟାନର, ପୋଷ୍ଟର ଓ ପାମ୍ଫ୍ଲେଟ ବାଣ୍ଟି ଦେବାକୁ ଚାଳକ ଏବଂ ଅନ୍ୟମାନଙ୍କୁ ଦେଇଥିଲେ। ସୂଚନାଯୋଗ୍ୟ, ନିକଟରେ ଛତିଶଗଡ଼ରେ ୪ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩ଟି ବନ୍ଧୁକ, ବିସ୍ଫୋରକ ଦ୍ରବ୍ୟ ଓ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଏଲକନୁର ଓ ଗାଜଲକୋଣ୍ଡା ନିକଟସ୍ଥ ଜଙ୍ଗଲରେ କୋମ୍ବିଂ ଅପରେଶନ ଚାଲିଥିବାବେଳେ ଏହି ମାଓବାଦୀମାନେ ଧରାପଡିଥିଲେ।

# ଏଲାୟନ୍ସ ଏୟାର ସିଇଓଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ


ଏଲାୟନ୍ସ ଏୟାର ସିଇଓଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି।

**ଝାରସୁଗୁଡ଼ାରୁ ନୂତନ ବିମାନ ଚଳାଚଳ ଦାବି**

ଝାରସୁଗୁଡ଼ା ଅଫିସ,୧୯।୯

ଝାରସୁଗୁଡ଼ା ବିମାନବନ୍ଦରରୁ ଦେଶର ବିଭିନ୍ନ ସହରକୁ ନୂତନ ବିମାନ ଚଳାଚଳ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଦାବି କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ସୋମବାର ଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ଏଲାୟନ୍ସ ଏୟାର ସିଇଓ ବିନୀତ ଶୋଦଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରି ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଝାରସୁଗୁଡ଼ାରୁ ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ ବିଶାଖାପାଟଣା ଭଳି ପ୍ରମୁଖ ସହରକୁ ଆଉ ଗୋଟିଏ ଲେଖାଏ ବିମାନ ଚଳାଚଳ କରାଯାଉ। ସେହିପରି ରାଜ୍ୟର ବିମାନ ପାର୍କିଂ ପାଇଁ ନନ୍‌ଷ୍ଟାଣ୍ଡାର୍ଡ ପାର୍କିଂ ବ୍ୟବସ୍ଥା, କର୍ପୋରେଟ୍ ସେକ୍ଟରକୁ ରାତିରେ ବିମାନରେ ଯାତାୟାତ ପାଇଁ ଭିଆଇପି ଅନୁମତି ପ୍ରଦାନ, ନୂତନ ବିମାନ ଚଳାଚଳକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନବନ୍ଦରରେ ମ୍ୟାନ୍‌ପାୱାର ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି।

# ମହିଳା କମିଶନରେ ହାଜର ହେଲେ ଦୀପିକା

**ବ୍ରହ୍ମପୁର ଦୀପିକା-ଦୀନେଶ ବିବାଦ ମାମଲା**

**■ ଦୀନେଶ ନ ଆସିବାରୁ ହୋଇ ପାରିଲାନି ସମାଧାନ**

**■ ଅକ୍ଟୋବର ୧୪ରେ ହାଜର ହେବାକୁ ନୋଟିସ**

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ବ୍ରହ୍ମପୁର ବଡ଼ବଜାର ଦେଶୀ ବେହେରାସାହିର ଦୀପିକା-ଦୀନେଶ ବିବାଦ ମାମଲାରେ ଏଯାଏ କୌଣସି ସମାଧାନର ବାଟ ବାହାରି ପାରି ନାହିଁ। ସ୍ତ୍ରୀର ମାନ୍ୟତା ଦାବିରେ ଖରା, ବର୍ଷା, ଶୀତକୁ ଖାତିର ନ କରି ଦୀର୍ଘ ୪୮ଦିନ ଧରି ଶ୍ୱଶୁରଘର ଆଗରେ ଧାରଣାରେ ବସି ରହିଛନ୍ତି କେ. ଦୀପିକା। ବିବାଦର ଆପୋଷ ସମାଧାନ ପାଇଁ ମହିଳା କମିଶନରେ ହାଜର ହେବାକୁ ଦୀପିକା ଓ କେ. ଦୀନେଶଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନୋଟିସ ପାଇ ଦୀପିକା ପରିବାରବର୍ଗ ଓ ସ୍ୱେଚ୍ଛାସେବୀ ପ୍ରମିଳା ତ୍ରିପାଠୀଙ୍କ ସହ ମହିଳା କମିଶନଙ୍କ ନିକଟରେ ହାଜର ହୋଇଥିଲେ ମଧ୍ୟ ଦୀନେଶ ଆସି ନ ଥିଲେ। ଫଳରେ ଏହି ବିବାଦର ସମାଧାନ ନେଇ କୌଣସି ଅଗ୍ରଗତି ହୋଇପାରି ନାହିଁ।

ମହିଳା କମିଶନ ସଦସ୍ୟା ଆରତି ସିଂହ କହିଛନ୍ତି, ସୋମବାର ଦୀପିକା ଓ ଦୀନେଶଙ୍କ ତାରିଖ ରହିଥିଲା। ଦୀପିକା ମହିଳା କମିଶନଙ୍କ ନିକଟରେ ହାଜର ହୋଇଥିଲେ। ହେଲେ ଦୀନେଶ ଆସି ନ ଥିବାରୁ ଥାନା ମାଧ୍ୟମରେ ତାଙ୍କୁ ପୁଣି ଥରେ ନୋଟିସ କରାଯାଇଛି। ଉଭୟ ପକ୍ଷ ଆସିଲେ ସମସ୍ୟାର ସମାଧାନ ହୋଇପାରିବ। ଅକ୍ଟୋବର ୧୪ରେ ହାଜର ହେବାକୁ କୁହାଯାଇଛି। ସେହିପରି ଘଟଣା ସମ୍ପର୍କରେ ଗଞ୍ଜାମ ଏସ୍‌ପିଙ୍କୁ ରିପୋର୍ଟ ମଗାଯିବା ସହ ଦୀପିକାଙ୍କୁ ସୁରକ୍ଷା ଦେବା ପାଇଁ ଜିଲା ପ୍ରୋଟେକ୍ସନ ଅଫିସରଙ୍କୁ ଚିଠି ଲେଖାଯାଇଥିବା ସେ କହିଛନ୍ତି। ଅପରପକ୍ଷରେ ଦୀପିକା କହିଛନ୍ତି, ମହିଳା କମିଶନଙ୍କୁ ସମସ୍ତ ପ୍ରମାଣ ଦିଆଯାଇଛି। ଆଶା ରହିଛି ମହିଳା କମିଶନ ନ୍ୟାୟ ଦେବେ। ଏପଟେ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀ କହିଛନ୍ତି, ସେମାନେ ଚୋର ଭାବରେ ଲୁଚିଛନ୍ତି। ମହିଳା କମିଶନ ଡାକିଥିଲେ, କିନ୍ତୁ ଦୀନେଶ ଆସିଲେ ନାହିଁ। ଯେପର୍ଯ୍ୟନ୍ତ ଦୀପିକାଙ୍କୁ ନ୍ୟାୟ ମିଳିନାହିଁ ସେ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ସେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଦୀପିକା-ଦୀନେଶଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ଏପରିସ୍ଥିତିରେ ଦୀନେଶ ଅନ୍ୟଜଣେ ଯୁବତୀଙ୍କୁ ବିବାହ କରୁଥିବା ଦୀପିକା ଖବର ପାଇଥିଲେ। ତେଣୁ ସ୍ତ୍ରୀର ମାନ୍ୟତା ସହ ନିଜ ୧୯ ମାସର ଛୁଆର ପରିଚୟ ଦାବିରେ ଦୀନେଶଙ୍କ ଘର ଆଗରେ ଧାରଣାରେ ବସି ରହିଛନ୍ତି ଦୀପିକା। କିଛିଦିନ ତଳେ ଦୀପିକା ନ୍ୟାୟ ପାଇଁ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

## ‘ବିଦ୍ୟୁତ୍ ଶୁଳ୍କ ପଡ଼ୋଶୀ ରାଜ୍ୟଠାରୁ ଅଧିକ ରହିବା ଗ୍ରହଣୀୟ ନୁହେଁ’

**ଭୁବନେଶ୍ୱର,୧୯।୯(ବ୍ୟୁରୋ):** ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ଏକ ବଳକା ରାଜ୍ୟ। ତେଣୁ ବିଦ୍ୟୁତ୍ ଶୁଳ୍କ ପଡ଼ୋଶୀ ରାଜ୍ୟଙ୍କଠାରୁ ଅଧିକ ରହିବା ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବ ଓ କୁ-ପରିଚାଳନା ଯୋଗୁ ବିଦ୍ୟୁତ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ବିଦ୍ୟୁତ୍ ଯୋଗାଣକ୍ଷେତ୍ର ଯେଉଁଦିନଠାରୁ ଘରୋଇ କମ୍ପାନୀ ହାତକୁ ଟେକିଦେଲେ ସେହି ଦିନଠାରୁ ରାଜ୍ୟରେ ବିଜୁଳି ସମସ୍ୟା ଉତ୍କଟ ରୂପ ଧାରଣ କରିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଓଡ଼ିଶାରେ ବିଦ୍ୟୁତ ଶୁଳ୍କ ଘରୋଇ ଗ୍ରାହକଙ୍କଠାରୁ ୟୁନିଟ୍ ପିଛା ୫ ଟଙ୍କା ୨୨ ପଇସା ଆଦାୟ କରାଯାଉଛି। ଜାତୀୟ ହାର ହେଉଛି ୫ ଟଙ୍କା ୧୧ ପଇସା। ତେଣୁ ରାଜ୍ୟ ସରକାର ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଜୁଳି ଶୁଳ୍କ ହ୍ରାସ କରାଯିବାକୁ ଦାବି କରାଯାଇଛି।

# ଏମ୍‌କେସିଜିରୁ ପୁଣି ଖସିଲା ସିଲିଂ

ବ୍ରହ୍ମପୁର ଅଫିସ,୧୯।୯

ବ୍ରହ୍ମପୁର ବଡ଼ ମେଡିକାଲ ପରିସରରେ ଥିବା ସୁପରସ୍ପେସାଲିଟି ବିଭାଗରୁ ସୋମବାର ପୁଣି ଥରେ ସିଲିଂ ଖସିଛି। ବର୍ତ୍ତମାନ ଉକ୍ତ କୋଠା ଏବେ ଅସୁରକ୍ଷିତ ହୋଇପଡିଛି। ବାରମ୍ବାର ଏହି ବ୍ଲକରୁ ସିଲିଂ ଖସୁଥିବାରୁ ଏହା ରୋଗୀଙ୍କ ପାଇଁ ବିପଦ ସାଜିଥିବା ଅଭିଯୋଗ ଉଠିଛି। ବ୍ଲକର ଡାଏଲିସିସ୍ ୟୁନିଟ ଛାତ ହଲରୁ ସିଲିଂ ଖସିଛି। ସେପଟେ ପଞ୍ଚମ ମହଲାରୁ ମଧ୍ୟ ସିଲିଂ ଖସିଥିବା ଅଭିଯୋଗ ହୋଇଛି। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ମରାମତି ପାଇଁ ତାହା ବାହାର କରାଯାଇଥିବା ଉପଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକ କହିଛନ୍ତି।

ଓଡ଼ିଶା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ ସିଲିଂ ଖସିଥିବା ନେଇ ଅଭିଯୋଗ ଆଣିଛନ୍ତି। ସୁପରସ୍ପେସାଲିଟି ବ୍ଲକରେ ବାରମ୍ବାର ସିଲିଂ ଖସୁଛି। ସିଲିଂ ଖସିବା ପରେ ତାହା ମେଡିକାଲ ତରଫରୁ ସଫା କରି ଦିଆଯାଇଥିବା ସେ କହିଛନ୍ତି। ଏମ୍‌କେସିଜି



ସୁପରସ୍ପେସାଲିଟି ବ୍ଲକରୁ ଖସିଥିବା ସିଲିଂ।

ପରିସରରେ କେନ୍ଦ୍ର ସରକାରଙ୍କ ପିଏମ୍‌ଏସ୍‌ଏସ୍‌ୱାଇରେ ସୁପରସ୍ପେସାଲିଟି ବ୍ଲକ୍ ତିଆରି କରାଯାଇଛି। କିନ୍ତୁ ଏହି କୋଠା ରୋଗୀଙ୍କ ପାଇଁ ଏବେ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଛି। ବାରମ୍ବାର ସିଲିଂ ଖସୁଥିବା ବେଳେ ଅଗ୍ନିକାଣ୍ଡ ମଧ୍ୟ ଘଟିଛି। ଗତ ୨୬ ତାରିଖରେ ଓଟି କମ୍ପ୍ଲେକ୍ସ ୟୁରୋଲୋଜି ବିଭାଗ ଓଟିରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ସେହିଦିନଠାରୁ ଓଟି କମ୍ପ୍ଲେକ୍ସ ବନ୍ଦ ରହିଛି। ଗତ ୮ତାରିଖ ଭୋରୁ ସେହି ବିଭାଗର ଛାତରୁ ସିଲିଂ ଖସି ପଡ଼ିଥିଲା। ଏପରିକି ୯ ତାରିଖରେ ମଧ୍ୟ ଏଣ୍ଡୋକ୍ରିନୋଲୋଜି ବିଭାଗ ଇନ୍‌ଡୋର୍ ଛାତରୁ ସିଲିଂ ଖସିଥିଲା। ଏହି ଘଟଣାକୁ ନେଇ ୧୦ ତାରିଖରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ଟେକ୍ନିକାଲ୍ ଟିମ୍ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ଓ ଏହାପରେ କୋଠା ତିଆରି କରିଥିବା ସଂସ୍ଥାକୁ ନୋଟିସ୍ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଟେକ୍ନିକାଲ୍ ଟିମ୍ ତାଙ୍କର ରିପୋର୍ଟ ଦେଇ ସାରିଛନ୍ତି। ସେପଟେ କୋଠା ନିର୍ମାଣ କରିଥିବା ସଂସ୍ଥାକୁ ନୋଟିସ୍ ମଧ୍ୟ କରାଯାଇଛି।

## ବ୍ରିଟେନ୍‌ରେ ହିନ୍ଦୁ ବିରୋଧୀ ହିଂସାକୁ ଭାରତର ନିନ୍ଦା

ବ୍ରିଟେନର ଲିସେଷ୍ଟରରେ ହିନ୍ଦୁଙ୍କ ପ୍ରତି ହିଂସାତ୍ମକ ଅପରାଧ ଘଟଣାକୁ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସୋମବାର ଦୃଢ଼ ନିନ୍ଦା କରିଛି। ହିନ୍ଦୁ ଧର୍ମସ୍ଥଳୀରେ ହିଂସା ଓ ଭଙ୍ଗାରୁଜା ଘଟଣାର ଦୃଢ଼ ପ୍ରତିବାଦ କରାଯାଉଛି ବୋଲି ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବ୍ରିଟେନ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ଲିସେଷ୍ଟରଶାୟାର ପୋଲିସ କହିଛି।

**ସଂକ୍ଷେପରେ**

### ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଭିଡିଓ ଲିକ୍ ମାମଲା

## ତଦନ୍ତ ପାଇଁ ଏସ୍ଆଇଟି ଗଠିତ

**ଚଣ୍ଡିଗଡ଼,୧୯।୯:** ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ହଷ୍ଟେଲ୍ ୱାଶ୍‌ରୁମ୍‌ରୁ କେତେଜଣ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ହେବା ଅଭିଯୋଗର ତଦନ୍ତ ପାଇଁ ପଞ୍ଜାବ ପୋଲିସ ସୋମବାର ୩ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛି। ବରିଷ୍ଠ ଆଇପିଏସ୍ ଅଫିସର ଗୁରପ୍ରୀତ୍ କୌର ଦେଓଙ୍କ ତତ୍ତ୍ୱାବଧାନରେ ଗଠିତ ଟିମ୍‌ରେ ସବୁ ସଦସ୍ୟ ମହିଳା ଅଛନ୍ତି। ଭିଡିଓ ଭାଇରାଲ ଘଟଣାରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି ପଞ୍ଜାବ ପୋଲିସ ଡିଜି ଗୌରବ ଯାଦବ କହିଛନ୍ତି। ଆପତ୍ତିଜନକ ଭିଡିଓ ଭାଇରାଲ ଏବଂ କେତେଜଣ ଛାତ୍ରୀ ଆତ୍ମହତ୍ୟା କରିବା ଖବର ପ୍ରକାଶ ପରେ ଶନିବାର ରାତିରେ ୟୁନିଭର୍ସିଟି କ୍ୟାମ୍ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ତେଜନା ଲାଗିରହିଥିବାରୁ ବିଶ୍ୱବିଦ୍ୟାଳୟକୁ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଭିଡିଓ ଭାଇରାଲ କରିଥିବା ଛାତ୍ରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯିବା ପରେ ସେମାନଙ୍କୁ ୭ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ଭିଡିଓ ଲିକ୍ ପରେ ୟୁନିଭର୍ସିଟିର ଛାତ୍ରୀମାନେ ୱାଶ୍‌ରୁମ୍ ବ୍ୟବହାର କରିବାକୁ ଭୟ କରୁଛନ୍ତି। ଅନେକ ଛାତ୍ରୀ ହଷ୍ଟେଲ ଛାଡ଼ି ଘରକୁ ପଳାଇଛନ୍ତି।

## କୋଭିଡ୍ ମହାମାରୀ ଶେଷ ହୋଇଛି: ବାଇଡେନ୍

**ୱାଶିଂଟନ,୧୯।୯:** ଆମେରିକାରେ କୋଭିଡ୍ ମହାମାରୀ ଶେଷ ହୋଇଥିବା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିଛି। ଆଗାମୀ ଦିନରେ ଆମେରିକା ଅର୍ଥନୀତିରେ ଉନ୍ନତି ଆସିବାକୁ ଯାଉଛି ବୋଲି ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀ ନିର୍ବାଚନର ୨ ମାସ ପୂର୍ବରୁ ବାଇଡେନ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଦରବୃଦ୍ଧି ରୋକିବା ପାଇଁ ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରିଥିବାରୁ ଆର୍ଥିକ ଅଭିବୃଦ୍ଧିରେ ଦେଖାଦେଇଥିବା ଶିଥିଳତା ଦୂର ହେବାକୁ ଯାଉଛି ବୋଲି ସିବିଏସ୍‌କୁ ସାକ୍ଷାତ୍‌କାର ଦେଇ ବାଇଡେନ୍ କହିଛନ୍ତି।

## ସିବିଆଇ, ଇଡିର ଦୁରୁପଯୋଗ ପଛରେ ମୋଦିଙ୍କ ହାତ ଥିବା ବିଶ୍ୱାସ ହେଉନି: ମମତା

**କୋଲକାତା,୧୯।୯:** ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୁରୁପଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟୀ ବୋଲି ସେ ବିଶ୍ୱାସ କରୁ ନ ଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କହିଛନ୍ତି। ତେବେ କେତେଜଣ ଭାଜପା ନେତା ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ଲାଗି ସିବିଆଇ,



ଇଡି ଭଳି ସଂସ୍ଥାର ଅପବ୍ୟବହାର କରୁଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଜେଣ୍ଡା ସହ ନିଜ ଦଳର ସ୍ୱାର୍ଥ ଯେପରି ଯୋଡ଼ି ନ ହୁଏ, ତାହା ପ୍ରଧାନମନ୍ତ୍ରୀ ସୁନିଶ୍ଚିତ କରାଇବାକୁ ମମତା ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ଇଡି ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କର ୪୬ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଥିବାବେଳେ ମମତାଙ୍କ ଏଭଳି ମନ୍ତବ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅତିରିକ୍ତ ବ୍ୟବହାର ଉପରେ ବିଧାନସଭାରେ ଅଣାଯାଇଥିବା ପ୍ରସ୍ତାବର ଆଲୋଚନା ବେଳେ ଟିଏମ୍‌ସି ନେତ୍ରୀ ଉପରୋକ୍ତ ମତ ଦେଇଛନ୍ତି।

## ଶିବକୁମାରଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୧୯।୯:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନ୍ୟ ଏକ ମନିଲଣ୍ଡରିଂ ମାମଲାରେ କର୍ନାଟକ ପ୍ରଦେଶ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କୁ ସୋମବାର ଜେରା କରିଛି। ଜେରା ପାଇଁ ୬୦ ବର୍ଷୀୟ କଂଗ୍ରେସ ନେତା ଦିଲ୍ଲୀର ଏ.ପି.ଜେ ଅବଦୁଲ କଲାମ ରୋଡ୍‌ରେ ଥିବା ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ସିବିଆଇ ୨୦୨୦ରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହାର ମନିଲଣ୍ଡରିଂ ଦିଗକୁ ନେଇ ଇଡି ତଦନ୍ତ ଚଳାଇଛି। ଶିବକୁମାର ଓ ତାଙ୍କ ପରିବାର ସଦସ୍ୟଙ୍କ ପାଖରେ ୭୪.୯୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ନେଇ ସିବିଆଇ ମାମଲା ରୁଜୁ କରିଥିଲା। ଏହା ଉପରେ ଜେରା ପାଇଁ ଇଡି କଂଗ୍ରେସ ନେତାଙ୍କୁ ସମନ ଜାରି କରିଥିଲା।

# ଟାଇୱାନ୍‌କୁ ସୁରକ୍ଷା ଦେବ ଆମେରିକା ସେନା

## ଚାଇନାକୁ ସ୍ପଷ୍ଟ ଶୁଣାଇଲେ ବାଇଡେନ୍



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍



ଜୋ ବାଇଡେନ୍

**ୱାଶିଂଟନ୍/ବେଜିଂ,୧୯।୯**

ଟାଇୱାନ୍ ପ୍ରସଙ୍ଗରେ ଆମେରିକା–ଚାଇନା ସମ୍ପର୍କ ବିଗିଡ଼ିବାରେ ଲାଗିଛି। ୱାନ୍ ଚାଇନା ପଲିସିକୁ ମାନୁଥିବା ଆମେରିକା ଚାଇନା–ତାଇୱାନ ପ୍ରସଙ୍ଗରେ ଆଭିମୁଖ୍ୟ ବଦଳାଉଥିବା ଦେଖିବାକୁ ମିଳୁଛି। ଗତ ଅଗଷ୍ଟ ୩ରେ ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରଠାରୁ ଚାଇନା ରାଗିପାଚି ନିଆଁ ହୋଇଛି। ଏହି ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ରକୁ ବେଜିଂ ନିଜର କହିବା ସହ ଆକ୍ରମଣ କରି ତାହାକୁ ମୂଳ ଭୂଖଣ୍ଡରେ ମିଶାଇବାକୁ ଯଥାର୍ଥ ବୋଲି ଦାବି କରିଆସୁଛି। ଗଣତନ୍ତ୍ରର ଦେଶ ତାଇୱାନ ପ୍ରଣାଳୀରେ ଚାଇନା କ୍ରମାଗତ ସମରାଭ୍ୟାସ କରି ଡରାଇବାକୁ ଚେଷ୍ଟା କରୁଥିବାବେଳେ ଆମେରିକା ପୁଣି ତାଇପେଇ ସପକ୍ଷରେ ବାହାରିଛି। ଚାଇନା ତାଇୱାନ ଉପରେ ଆକ୍ରମଣ କଲେ ଆମେରିକା ସେନା ଏହି ଦ୍ୱୀପକୁ ରକ୍ଷା କରିବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ସ୍ପଷ୍ଟ କରିଛନ୍ତି।

ଆମେରିକୀୟ ମିଡିଆ ସିବିଏସ୍‌କୁ ଏକ ସାକ୍ଷାତକାର ଦେବା ବେଳେ ବାଇଡେନ୍‌ଙ୍କୁ ତାଇୱାନ ପ୍ରସଙ୍ଗରେ ପ୍ରଶ୍ନ କରାଯାଇଥିଲା। ଯଦି ଚାଇନା ଆକ୍ରମଣ କରେ, ତେବେ ଆମେରିକା କ'ଣ ତାଇୱାନ୍‌କୁ ରକ୍ଷା କରିବ କି ବୋଲି ପଚରାଯାଇଥିଲା। ଉତ୍ତରରେ ବାଇଡେନ୍ କହିଥିଲେ, ହଁ, ନିଶ୍ଚିତ। ଯଦି ଅପ୍ରତ୍ୟାଶିତ ଭାବେ ତାଇୱାନ ଉପରେ ଆକ୍ରମଣ ହୁଏ ତେବେ ଆମେରିକା ସେନା ଏହି ଦ୍ୱୀପର ସୁରକ୍ଷା ପାଇଁ ବାହାରିବ। ତାଇୱାନକୁ ସୁରକ୍ଷା ଦେବା ପାଇଁ ସୈନ୍ୟଙ୍କ ସମେତ ଆମେରିକା ନାଗରିକମାନେ ମଧ୍ୟ ବାହାରିବେ। ୟୁକ୍ରେନ୍‌କୁ ରୁଷିଆ ଆକ୍ରମଣରୁ ରକ୍ଷା କରିବା ପାଇଁ ଆମେରିକା ଏହାର ସୈନ୍ୟ ପଠାଇବାକୁ ମନା କରିଥିଲା। ତାଇୱାନ କ୍ଷେତ୍ରରେ ମଧ୍ୟ ୱାଶିଂଟନ୍ ସାମରିକ ସହାୟତା ପାଇଁ ନିଜ ସୈନ୍ୟ ପଠାଇବା ଉପରେ ପ୍ରଶ୍ନ ସୃଷ୍ଟି ହୋଇଥିଲା। ତେବେ ବାଇଡେନ୍ ତାଇୱାନ ପ୍ରସଙ୍ଗରେ ଅଦ୍ୟାବଧି ସବୁଠୁ ସ୍ପଷ୍ଟ ମତ ରଖିଥିବା କୁହାଯାଉଛି। ତାଇପେଇ ପ୍ରତି ଆମେରିକା ନୀତିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ହ୍ୱାଇଟ୍‌ହାଉସ୍‌ର ଜଣେ ମୁଖପାତ୍ର କହିଛନ୍ତି। ତାଇପେଇକୁ ବାଇଡେନ୍‌ଙ୍କ ଖୋଲା ସମର୍ଥନ ଏବଂ ମଜଭୁତ ସୁରକ୍ଷା ପ୍ରତିବଦ୍ଧତା ପାଇଁ ତାଇୱାନ ଧନ୍ୟବାଦ ଦେଇଛି।

### ହସ୍ତକ୍ଷେପକୁ ବରଦାସ୍ତ କରିବୁନି

ୱାନ୍ ଚାଇନା ପଲିସିକୁ ବିଦେଶ ନୀତିର ମୂଳ ଆଧାର ମାନୁଥିବା ଏହି କମ୍ୟୁନିଷ୍ଟ ରାଷ୍ଟ୍ର ବାଇଡେନ୍‌ଙ୍କ ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ରଖିଛି। ଚାଇନା ସହ ତାଇୱାନର ଶାନ୍ତିପୂର୍ଣ୍ଣ ପୁନଃଏକୀକରଣ ପାଇଁ ବେଜିଂ ସଚ୍ଚୋଟତାର ସହ ପ୍ରୟାସ କରିବ। ଦେଶକୁ ବିଭାଜନ କରିବା ଉଦ୍ଦେଶ୍ୟରେ କୌଣସି ବାହ୍ୟ ଗତିବିଧି ବା ହସ୍ତକ୍ଷେପକୁ ଚାଇନା ସହିବ ନାହିଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି। ବାଇଡେନ୍‌ଙ୍କ ଏପରି ମନ୍ତବ୍ୟ ସିଧାସଳଖ ଭାବେ ୱାନ୍ ଚାଇନା ପଲିସିର ଉଲ୍ଲଂଘନ। ତାଇୱାନ ସ୍ୱାଧୀନତାକୁ ସମର୍ଥନ ନ କରିବା ପାଇଁ ଆମେରିକା ସହ ହୋଇଥିବା ସର୍ତ୍ତକୁ ବାଇଡେନ୍ ସମ୍ମାନ ଦେଇନାହାନ୍ତି। ଏହାଦ୍ୱାରା ତାଇୱାନ ସ୍ୱତନ୍ତ୍ରତା ଦାବି କରୁଥିବା ବିଚ୍ଛିନ୍ନତାବାଦୀଙ୍କୁ ଏକ ଭୁଲ୍ ସଙ୍କେତ ଯାଇଛି। କେବଳ ଗୋଟିଏ ଚାଇନା ରହିଛି ଏବଂ ତାଇୱାନ ଏହାର ଅଂଶ। ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା (ପିଆର୍‌ସି) ହିଁ ସମ୍ପୂର୍ଣ୍ଣ ଚାଇନାର ଏକମାତ୍ର ସରକାର। ସାର୍ବଭୌମତ୍ୱ ରକ୍ଷା ପାଇଁ ଚାଇନାର ଦକ୍ଷତାକୁ କେହି ଅଣଦେଖା କରିବା ଉଚିତ ନୁହେଁ। ୧୪୦ କୋଟି ଚାଇନା ନାଗରିକଙ୍କ ବିରୋଧରେ ସେମାନେ ଛିଡ଼ା ହେବା କଥା ନୁହେଁ ବୋଲି ମାଓ କହିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆମେରିକା ବୁଝିବା ସହ ୱାନ ଚାଇନା ପଲିସିକୁ ସମ୍ମାନ ଦେଉ ବୋଲି ସେ ଅନୁରୋଧ କରିଛନ୍ତି।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଗଲା

**ଚଣ୍ଡିଗଡ଼,୧୯।୯**

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଫ୍ରାଙ୍କଫର୍ଟରୁ ଦିଲ୍ଲୀ ଫେରିବାକୁ ଥିବାବେଳେ ସେ ମଦ ପିଇଥିବାରୁ ତାଙ୍କୁ ଲୁଫଥାନ୍ସା ବିମାନରୁ ଓହ୍ଲାଇ ଦିଆଯାଇଥିବା ଖବର ପ୍ରକାଶ ପାଇଛି। ଏହାକୁ ରାଜ୍ୟର ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ପଞ୍ଜାବୀମାନଙ୍କୁ ସାରା ବିଶ୍ୱରେ ଲଜ୍ଜିତ କରିଥିବା ସେମାନେ କହିଛନ୍ତି। ଖବର ଅନୁଯାୟୀ ମାନ୍ ରବିବାର ଅପରାହ୍ଣ ୧.୪୦ ଫ୍ଲାଇଟ୍‌ରେ ଫ୍ରାଙ୍କଫର୍ଟରୁ ଦିଲ୍ଲୀ ଫେରିବାକୁ ଥିଲା। ମାନ୍‌ଙ୍କ ପାଇଁ ଉକ୍ତ ବିମାନ ପ୍ରାୟ ୩ ଘଣ୍ଟା ବିଳମ୍ବରେ ଫ୍ରାଙ୍କଫର୍ଟ ଛାଡ଼ିଥିଲା। ମାନ୍ ଅନ୍ୟ ଏକ ବିମାନରେ ସୋମବାର ଭୋର ସମୟରେ ନୂଆଦିଲ୍ଲୀ ଫେରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମଦ୍ୟପାନ ଯୋଗୁ ଫେରିବା ବିଳମ୍ବ ହେବା ଅଭିଯୋଗକୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଖଣ୍ଡନ କରାଯାଇଛି। ସେ ଅସୁସ୍ଥ ଅନୁଭବ କରିବାରୁ ବିଳମ୍ବରେ ଫେରିଲେ ବୋଲି ମାନ୍‌ଙ୍କ ସହଯୋଗୀମାନେ ସଫେଇ ଦେଇଛନ୍ତି। ତେବେ ମଦ ପିଇଥିବାରୁ ମାନ୍‌ଙ୍କୁ ବିମାନରୁ ଓହ୍ଲାଇ ଦିଆଗଲା ବୋଲି ସହଯାତ୍ରୀମାନେ କହିଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ବିଳମ୍ବରେ ଫେରିବାରୁ ସେ ଏଏପିର ଜାତୀୟ ସମ୍ମିଳନୀରେ ଯୋଗଦେଇ ପାରି ନ ଥିଲେ। ଏହି ଘଟଣା ସମସ୍ତ ପଞ୍ଜାବୀଙ୍କୁ ବିଶ୍ୱରେ ଲଜ୍ଜିତ କରିଛି ବୋଲି ଅକାଳୀ ଦଳ ନେତା ସୁଖବୀର ସିଂ ବାଦଲ ଟୁଇଟ୍ କରିଛନ୍ତି।

## ଚୁଟି କାଟିଲେ, ହିଜାବ ଜାଳିଲେ ମହିଳା



ଆନ୍ଦୋଳନକାରୀ ଇରାନୀୟ ମହିଳା।



ମାହ୍‌ସା ଆମିନି

**ତେହରାନ୍,୧୯।୯**

ହିଜାବ ନ ପିନ୍ଧିବାରୁ ମୁସ୍‌ଲିମ୍ ଦେଶ ଇରାନର ୨୨ ବର୍ଷୀୟା ଯୁବତୀ ମାହ୍‌ସା ଆମିନିଙ୍କ ମୃତ୍ୟୁ ଘଟଣାରେ ଆନ୍ଦୋଳନ ତୀବ୍ର ହୋଇଛି। ଶତାଧିକ ମହିଳା ରାସ୍ତାକୁ ଓହ୍ଲାଇ ଆମିନିଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ଏପରିକି ଆନ୍ଦୋଳନକାରୀ ସେମାନଙ୍କ ଚୁଟି କାଟିବା ସହ ସର୍ବସମ୍ମୁଖରେ ହିଜାବକୁ ଜାଳିଛନ୍ତି। କୌଣସି ମୁସ୍‌ଲିମ ଦେଶରେ ଏପରି ହିଜାବକୁ ଜାଳିବା ଘଟଣା ବିରଳ। ଏପରି କରି ମୁସ୍‌ଲିମ ମହିଳାଙ୍କ ଉପରେ ହେଉଥିବା ଦମନ ଲୀଳାକୁ ସେମାନେ ସାମ୍ନାକୁ ଆଣିଛନ୍ତି।

ଇରାନୀୟ ଆଇନରେ ମହିଳାମାନେ ସର୍ବସାଧାରଣ ସ୍ଥାନରେ ହିଜାବ ପିନ୍ଧିବା ବାଧ୍ୟତାମୂଳକ। ଉକ୍ତ ଆଇନକୁ କାର୍ଯ୍ୟକାରୀ କରୁଥିବା ପୋଲିସ ଗତ ମଙ୍ଗଳବାର

### ମାହ୍‌ସା ଆମିନିଙ୍କ ମୃତ୍ୟୁକୁ ନେଇ ଇରାନରେ ନିଆଁ

ତେହରାନରେ ମାହସା ଅମିନିଙ୍କୁ ଗିରଫ କରିଥିଲା। ତାଙ୍କୁ ବଳପୂର୍ବକ ଗାଡ଼ିରେ ବସାଇ ନିଆଯାଉଥିବାର ଭିଡିଓ ସାମ୍ନାକୁ ଆସିଥିଲା। ଏହା ପରେ ସେ କୋମାକୁ ଚାଲିଯାଇଥିଲେ। ପୋଲିସ ହେପାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଇରାନ୍‌ରେ ଆନ୍ଦୋଳନ ମୁଣ୍ଡ ଟେକିଛି। ମହିଳାମାନେ ସରକାର ବିରୋଧୀ ନାରା ଦେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀଙ୍କୁ ରୋକିବା ଲାଗି ସୋମନଙ୍କ ଉପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଉଛି। ଏହାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି।

## ମୃତ୍ୟୁଦଣ୍ଡ: ଗାଇଡ୍‌ଲାଇନ ପାଇଁ ସାମ୍ବିଧାନିକ ପୀଠକୁ ଗଲା ମାମଲା

**ନୂଆଦିଲ୍ଲୀ,୧୯।୯(ପି.ଟି.)**

କୌଣସି ମାମଲାର ବିଚାର ବେଳେ କେଉଁ ପରିସ୍ଥିତିରେ ଅଦାଲତଗୁଡ଼ିକ ସର୍ବାଧିକ ଦଣ୍ଡ ସ୍ୱରୂପ ମୃତ୍ୟୁ ଦଣ୍ଡାଦେଶ ଦେଇପାରିବେ, ତାହା ଉପରେ ଗାଇଡ୍‌ଲାଇନ ପ୍ରସ୍ତୁତି ଲାଗି ସୁପ୍ରିମକୋର୍ଟ ନିଜଆଡୁ ନେଇଥିବା ଏକ ମାମଲାକୁ ସୋମବାର ୫ ଜଣିଆ ସାମ୍ବିଧାନିକ ପୀଠକୁ ପଠାଇଛନ୍ତି। ଏହି ମାମଲା ବୃହତ୍ତର ପୀଠରେ ଶୁଣାଣି ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିବା ପ୍ରଧାନ ବିଚାରପତି ଉଦୟ ଉମେଶ ଲଲିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ମୃତ୍ୟୁଦଣ୍ଡ ଅପରିବର୍ତ୍ତନୀୟ ହୋଇଥିବାରୁ ଏ ସମ୍ପର୍କରେ ବିଚାର କଲାବେଳେ ପରିସ୍ଥିତିକୁ ଚାହିଁ ଏହାକୁ କେତେଦୂର ସମ୍ଭବ କମ୍ କରାଯାଇପାରିବ, ସେଥିପାଇଁ ଅଭିଯୁକ୍ତଙ୍କୁ ସମସ୍ତ ସୁଯୋଗ ଦିଆଯିବା ଆବଶ୍ୟକ। ଗତ ମାସ ୧୭ରେ ସୁପ୍ରିମକୋର୍ଟ ଏଭଳି ଏକ ରାୟକୁ ଖାରଜ କରିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଥିଲେ। ମୃତ୍ୟୁଦଣ୍ଡ ଦେବା ପୂର୍ବରୁ ସମ୍ଭାବ୍ୟ ଉପଶମ ସ୍ଥିତିକୁ ବିଚାରକୁ ନେବା ପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତି ନିମନ୍ତେ ବୃହତ୍ତର ଖଣ୍ଡପୀଠକୁ ମାମଲା ପଠାଯାଇଛି।



ମହାରାଣୀ ଏଲିଜାବେଥ୍‌ଙ୍କ ଶେଷକୃତ୍ୟରେ ସାମିଲ ହେବାକୁ ଯାଇଥିବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବକିଂହାମ୍ ପ୍ୟାଲେସ୍‌ରେ ବ୍ରିଟେନ୍ ରାଜା ଚାର୍ଲସ ୩ୟଙ୍କୁ ଭେଟୁଛନ୍ତି।

## ପାର୍ଥ ଚାଟାର୍ଜୀଙ୍କ ୪୬ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**କୋଲକାତା,୧୯।୯**

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋମବାର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କର ୪୬.୪୨ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ଫାର୍ମହାଉସ୍, ଫ୍ଲାଟ୍, କୋଲକାତାର ପ୍ରମୁଖ ସ୍ଥାନରେ ଥିବା ଜମି ଆଦି ୪୦ଟି ସ୍ଥାବର ସମ୍ପତ୍ତି ରହିଛି, ଯାହାର ମୂଲ୍ୟ ୪୦.୩୩ କୋଟି ଟଙ୍କା। ଏହା ବ୍ୟତୀତ ୩୫ଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୭.୮୯ କୋଟି ଟଙ୍କାକୁ ମଧ୍ୟ ଇଡି ଜବତ କରିଛି। ଜବତ ସମ୍ପତ୍ତି ମଧ୍ୟରୁ ଅଧିକାଂଶ ସେଲ୍ କମ୍ପାନୀ ଏବଂ ପାର୍ଥଙ୍କ ପ୍ରକ୍ସି ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଇଡି ଜୁଲାଇରେ ପାର୍ଥ ଓ ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କୁ ଗିରଫ କରିଥିଲା। ସେତେବେଳେ ଅର୍ପିତାଙ୍କ ଘରୁ ୪୯.୮୦ କୋଟି ନଗଦ ଟଙ୍କା ଏବଂ ୫୫ କୋଟି ଟଙ୍କାର ସୁନା ଅଳଙ୍କାର ଜବତ ହୋଇଥିଲା।

ଏହି ଦୁର୍ନୀତି ମାମଲାର ତଦନ୍ତ ଚଳାଇଥିବା ସିବିଆଇ ସୋମବାର ନର୍ଥ ବେଙ୍ଗଲ ୟୁନିଭର୍ସିଟିର କୁଳପତି ସୁବିରେସ୍ ଭଟ୍ଟାଚାର୍ଯ୍ୟଙ୍କୁ ଗିରଫ କରିଛି।

# ମହାରାଣୀଙ୍କୁ ଅନ୍ତିମ ବିଦାୟ



ମହାରାଣୀ ଏଲିଜାବେଥ୍‌ଙ୍କ ଶବାଧାରକୁ ବ୍ରିଟେନ୍ ନୌସେନା ଯବାନମାନେ ଶେଷକୃତ୍ୟ ସ୍ଥଳକୁ ନେଉଛନ୍ତି।

- ୨ ମିନିଟ୍ ନୀରବିଲା ବ୍ରିଟେନ୍
- ୧୨୫ ହଲ୍‌ରେ ପ୍ରସାରଣ ହେଲା
- ସାମିଲ ହେଲେ ୨ ହଜାର ବିଶ୍ୱନେତା



ଶେଷକୃତ୍ୟରେ ରାଜା ଚାର୍ଲସ ୩ୟଙ୍କ ସହ ରାଜପରିବାର ସଦସ୍ୟ ସାମିଲ ହୋଇଛନ୍ତି।

**ଲଣ୍ଡନ,୧୯।୯**

ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ୨ୟଙ୍କୁ ସୋମବାର ଅନ୍ତିମ ବିଦାୟ ଦିଆଯାଇଛି। ରାଜ ପରିବାର ରୀତିନୀତି ଅନୁସାରେ ମହାରାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୱିଣ୍ଡସର କାସ୍‌ଲେର ଐତିହାସିକ କିଙ୍ଗ୍ ଜର୍ଜ ୬ଷ୍ଠ ମେମୋରିଆଲ ଚାପେଲରେ ତାଙ୍କ କଫିନ୍‌କୁ ଦିବଂଗତ ସ୍ୱାମୀ ପ୍ରିନ୍ସ ଚାର୍ଲ୍ସଙ୍କ ନିକଟରେ ସମାଧି ଦିଆଯାଇଛି। ପ୍ରାୟ ୨ ହଜାର ବିଶ୍ୱ ନେତା ମହାରଣୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେବାକୁ ଲଣ୍ଡନରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା ଶେଷକୃତ୍ୟରେ ସାମିଲ ହୋଇଥିଲେ। କିଙ୍ଗ୍ ଚାର୍ଲ୍ସ ୩ୟ, ପ୍ରିନ୍ସ ୱିଲିୟମ ଓ ତାଙ୍କ ପୁଅ ପ୍ରିନ୍ସ ଜର୍ଜ, ଝିଅ ପ୍ରିନ୍ସେସ୍ ଚାର୍ଲୋଟେ, ପ୍ରିନ୍ସ ହ୍ୟାରି, ପ୍ରିନ୍ସେସ୍ ଆନେ, ପ୍ରିନ୍ସ ଏଡ୍‌ୱାର୍ଡଙ୍କ ସମେତ ରାଜ ପରିବାର ସଦସ୍ୟ ଏଲିଜାବେଥ୍‌ଙ୍କୁ ବିଦାୟ ଜଣାଇଥିଲେ।

ସ୍କଟଲାଣ୍ଡରେ ଥିବାବେଳେ ୯୬ ବର୍ଷୀୟା ଏଲିଜାବେଥ ୨ୟଙ୍କ ସେପ୍ଟେମ୍ବର ୮ ତାରିଖରେ ପରଲୋକ ହୋଇଥିଲା। ପରେ ୧୧ ଦିନ ଧରି ବ୍ରିଟେନରେ ଜାତୀୟ ଶୋକ ପାଳନ କରାଯାଇଥିଲା। ପ୍ରଥମ କରି ବ୍ରିଟେନ ରାଜତନ୍ତ୍ରରେ ଏଲିଜାବେଥ ୨ୟ ୭ ଦଶନ୍ଧି ଧରି ଶାସନ ରହିଥିଲେ। ସୋମବାର ରାଜକୀୟ ଢଙ୍ଗରେ ମହାରାଣୀଙ୍କ ଶେଷକୃତ୍ୟ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ୱେଷ୍ଟମିନଷ୍ଟର ଆବେରୁ ୪୦ କିମି ରାସ୍ତାରେ ଯାତ୍ରା କରି ମହାରାଣୀଙ୍କ କଫିନ୍ ୱିଣ୍ଡସରରେ ପହଞ୍ଚିଥିଲା। ୬ ହଜାର ସଶସ୍ତ୍ର ସୈନ୍ୟ ତାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ପୂର୍ବରୁ ଅଭ୍ୟାସ କରିଥିଲେ। ଅନ୍ତିମ ଦର୍ଶନ ପାଇଁ ପ୍ରାୟ ୮ କିଲୋମିଟର ପର୍ଯ୍ୟନ୍ତ ଲୋକଙ୍କ ଲମ୍ବା ଲାଇନ ଲାଗିଥିଲା। ୧୨୫ ସିନେମା ହଲ୍‌ରେ ଅନ୍ତିମ ସଂସ୍କାର ବେଳର ଦୃଶ୍ୟ ଲାଇଭ ପ୍ରସାରଣ କରାଯାଇଥିଲା। ଅନ୍ତର୍ଜାତୀୟ ଟେଲିଭିଜନରେ ମଧ୍ୟ ଏହାର ଟେଲିକାଷ୍ଟ ହୋଇଥିଲା। ପୂରା ବ୍ରିଟେନ୍ ୨ ମିନିଟ୍ ସମ୍ପୂର୍ଣ୍ଣ ନୀରବ ରହି ମହାରାଣୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲା। ମହାରାଣୀଙ୍କ ଶେଷଯାତ୍ରାବେଳେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ର ଜାତୀୟ ସଙ୍ଗୀତ 'ଗଡ୍ ସେଭ୍ ଦ କିଙ୍ଗ୍' ଗାନ କରାଯାଇଥିଲା। ବିଶ୍ୱ ନେତା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଦିଆଯାଇଥିଲା। ୱେଷ୍ଟମିନଷ୍ଟର ଡିନ୍ ଡେଭିଡ୍ ହାୟନ୍ ଅନ୍ତିମ ସତ୍କାରର ନେତୃତ୍ୱ ନେଇଥିଲେ। କାଣ୍ଟେବୁରୀର ଆର୍କ ବିଶପ୍ ଜଷ୍ଟିନ୍ ୱେଲ୍‌ବି ଧର୍ମ ଉପଦେଶ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ସନ୍ ଚର୍ଚ୍ଚିଲଙ୍କ ମୃତ୍ୟୁ ପରେ ୧୯୬୫ଠାରୁ ପ୍ରଥମ କରି ବ୍ରିଟେନ୍‌ରେ ଐତିହାସିକ ଢଙ୍ଗରେ ଷ୍ଟେଟ୍ ଫ୍ୟୁନେରାଲ ଆୟୋଜିତ ହୋଇଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ ବାଇବେଲ୍‌ର ସନ୍ଦର୍ଭ ପାଠ କରିଥିଲେ।

ଶେଷକୃତ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ସ୍ତ୍ରୀ ଜିଲ୍ ବାଇଡେନ୍, ଜାପାନ ରାଜା ନାରୁହିତୋ, ରାଣୀ ମାସାକୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ, ସ୍ତ୍ରୀ ବ୍ରିଜ୍‌ଗେଟେ ମାକ୍ରଁ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିଜ୍, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମେତ ଶତାଧିକ ରାଷ୍ଟ୍ରମୁଖ୍ୟ ସାମିଲ ହୋଇଥିଲେ।

# ଅକ୍ଟୋବରରେ 'କୋଡ୍ ନେମ୍: ତ୍ରିରଙ୍ଗା'




**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ଆଗାମୀ ଫିଲ୍ମ 'କୋଡ୍ ନେମ୍: ତ୍ରିରଙ୍ଗା' ଅକ୍ଟୋବର ୧୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଫିଲ୍ମରେ ପରିଣୀତିଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ପଞ୍ଜାବୀ ସିଙ୍ଗର ଓ ଆକ୍ଟର ହାର୍ଡି ସାନ୍ଧୁ। ରିଭୁ ଦାସଗୁପ୍ତା ଏଥିରେ ନିର୍ଦ୍ଦେଶନା ଦେଇଛନ୍ତି। ଏହା ଏକ ଆକ୍ସନ୍ ଫିଲ୍ମ। ପରିଣୀତି ଏଥିରେ ଜଣେ ର' ଏଜେଣ୍ଟ ଭୂମିକାରେ ନଜରକୁ ଆସିବାକୁ ଥିବାବେଳେ ହାର୍ଡି ସାନ୍ଧୁଙ୍କ କ୍ୟାରେକ୍ଟରକୁ ଗୋପନ ରଖାଯାଇଛି। ନାୟିକା ଜଣକ ଫିଲ୍ମର ଏକ ଫଟୋ ଓ ରିଲିଜ୍ ଡେଟ୍ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତେବେ ଫିଲ୍ମକୁ ସିନେପ୍ରେମୀଙ୍କ ଭଲପାଇବା ମିଳିବା ନେଇ ନିର୍ଦ୍ଦେଶକ ରିଭୁ ଆଶା ରଖିଥିବା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଶରଦ କେଲକର, ରଜିତ କାପୁର, ଦିବ୍ୟେନ୍ଦୁ ଭଟ୍ଟାଚାର୍ଯ୍ୟ, ଶିଶିର ଶର୍ମା, ସବ୍ୟସାଚୀ ଚକ୍ରବର୍ତ୍ତୀ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ପରଣୀତି ଶେଷଥର ପାଇଁ ଫିଲ୍ମ 'ସାଇନା'ରେ ଦେଖାଯାଇଥିଲେ, ଯାହାର କାହାଣୀ ଟେନିସ୍ ପ୍ଲେୟର୍ ସାଇନା ନେହୱାଲଙ୍କ ଜୀବନୀ ଉପରେ ଆଧାରୀତ ଥିଲା।

# ଦୃଷ୍ଟିହୀନ ହେବା ପୂର୍ବରୁ ବିଶ୍ୱ ଭ୍ରମଣ

**ଓଟାଓ୍ୱା:** କାନାଡା ଦମ୍ପତି ସେବାଷ୍ଟିନ୍ ପେଲ୍ଲଟିଅର୍, ଇଡିଥ୍ ଲେମେ ନିଜର ୪ ସନ୍ତାନ ମିଆ, କୋଲିନ, ଲରେଣ୍ଟ ଓ ଲେଓଙ୍କୁ ଧରି ୬ ମାସିଆ ବିଶ୍ୱ ଭ୍ରମଣରେ ବାହାରିଛନ୍ତି। ପେଲ୍ଲଟିଅର୍‌ଙ୍କ ୩ ସନ୍ତାନ ରେଟିନିଟିଜ୍ ପିଗ୍‌ମେଣ୍ଟୋସା ନାମକ ଏକ ବିରଳ ରୋଗରେ ଆକ୍ରାନ୍ତ। ଏହି ରୋଗ କାରଣରୁ ସେମାନେ ଆଗାମୀ ଦିନରେ ନିଜ ଦୃଷ୍ଟିଶକ୍ତି ହରାଇ ଦେବେ। ଏହି ରୋଗ କାରଣରୁ ଆଖିରେ ଥିବା ରେଟିନା ଟିସୁ ସବୁ କ୍ଷୟ ହୋଇଯାଇଥାଏ, ଯାହା ଫଳରେ ରୋଗୀ ଧୀରେ ଧୀରେ ନିଜ ଦୃଷ୍ଟିଶକ୍ତି ହରାଇ ଦୃଷ୍ଟିହୀନ ହୋଇଯାଏ। ବର୍ତ୍ତମାନ ସୁଦ୍ଧା ଚିକିତ୍ସା ବିଜ୍ଞାନରେ ଏହି ରୋଗକୁ ଭଲ କରିବା ପାଇଁ କୌଣସି ଚିକିତ୍ସା କିମ୍ବା ଔଷଧ ବାହାରି ନାହିଁ। ୪୦ରୁ ୬୦ ବର୍ଷ ବୟସ ବେଳକୁ ୩ ପିଲା ସମ୍ପୂର୍ଣ୍ଣ ଭାବେ ଅନ୍ଧ ହୋଇଯିବେ ବୋଲି ପେଲ୍ଲଟିଅର କହିଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁସାରେ, ଏହି ପିଲାମାନଙ୍କ ମଧ୍ୟରେ ଯେତେ ଭିଜୁଆଲ ମେମୋରି ତିଆରି କରାଯିବ, ତାହା ସେମାନଙ୍କ ପାଇଁ ଭଲ ହେବ। ଘରେ ରହି ମଧ୍ୟ ବହୁ କ୍ୱାଲିଟି ଟାଇମ୍ ତିଆରି କରାଯାଇପାରିବ କିନ୍ତୁ ଭ୍ରମଣ ସବୁଠାରୁ ଉତ୍କୃଷ୍ଟ। କାରଣ ଏହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଲୋକଙ୍କୁ ଦେଖିବା ସହ ସେମାନଙ୍କ ପରମ୍ପରା ବିଷୟରେ ମଧ୍ୟ ଜାଣିବାର ସୁଯୋଗ ପାଇବେ। ଚଳିତବର୍ଷ ମାର୍ଚ୍ଚରୁ କାନାଡୀୟ ଦମ୍ପତି ୪ ପିଲାଙ୍କୁ ଧରି ନାମିବ୍ୟାରୁ ସେମାନଙ୍କ ବିଶ୍ୱ ଭ୍ରମଣ ଆରମ୍ଭ କରିଛନ୍ତି। ଏହାପରେ ସେମାନେ ମଙ୍ଗୋଲିଆରୁ ଇଣ୍ଡୋନେସିଆ ଯାଇଛନ୍ତି। ୱାର୍ଲ୍ଡ ଟୁର୍ ନେଇ ପିଲାମାନେ ଏକ ସୂଚୀ ତିଆରି କରିଛନ୍ତି, ଯେଉଁଥିରେ ସେମାନେ ଘୋଡ଼ା ସବାର ହେବାଠାରୁ ଆରମ୍ଭ କରି କେଉଁଠାରେ ଫଳରସ ପିଇବେ ତାହା ଲେଖିଛନ୍ତି। ପରିବାର ସହ ବିଶ୍ୱ ଭ୍ରମଣକୁ ଉପଭୋଗ କରୁଥିବା ପେଲ୍ଲଟିଅର କହିଛନ୍ତି।



**ମଧ୍ୟ ବୟସ୍କରେ ଦୃଷ୍ଟିଶକ୍ତି ହରାଇବେ ୩ ସନ୍ତାନ**

# ଗୋଟିଏ ଟିକ୍‌ଟକ୍ ଭିଡିଓରୁ ୬ କୋଟି ଆୟ

**ୱାଶିଂଟନ୍:** ଇଟାଲୀର ୨୨ ବର୍ଷୀୟ ଖାବି ଲାମେ ବର୍ତ୍ତମାନ ସମୟରେ ଟିକ୍‌ଟକ୍‌ରେ ଏକ ଚର୍ଚ୍ଚିତ ଚେହେରା। ଗୋଟିଏ ଭିଡିଓ ପାଇଁ ସୋସିଆଲ ମିଡିଆ ଆପ୍ କମ୍ପାନୀ ତାଙ୍କୁ ପାଖାପାଖି ୬ କୋଟି ଟଙ୍କା ଦେଉଛି। ପୂର୍ବରୁ ସେ ଇଟାଲୀର ଏକ କାରଖାନାରେ ମେଶିନ୍ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ସେତେବେଳେ ଖାବି ଟାଇମ୍ ପାସ୍ ପାଇଁ ଟିକ୍‌ଟକ୍ ଭିଡିଓ କରୁଥିଲେ। କରୋନା ପାଇଁ କମ୍ପାନୀ ବନ୍ଦ ହୋଇଯିବାରୁ ସେ ସୋସିଆଲ୍ ମିଡିଆରେ ଅଧିକ ସକ୍ରିୟ ହୋଇଥିଲେ। ଏହାପରେ 'ଡୁଏଟ୍ ଆଣ୍ଡ ଷ୍ଟିଚ୍' ନାମରେ ଏକ ଚ୍ୟାନେଲ ଖୋଲିଥିଲେ। ମ୍ୟାଜିକ୍ ଟ୍ରିକ୍ ଦେଖାଇବା ପାଇଁ ଯେଉଁ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ତାହାର ନକଲ କରି ସେ ଭିଡିଓ କରନ୍ତି। ହଲିଉଡ୍ ଅଭିନେତା ସ୍ମିଥ୍‌ଙ୍କ ସହ କାମ କରିବା ଖାବିଙ୍କ ସ୍ୱପ୍ନ।



# ବିଶ୍ୱର ପ୍ରଥମ କ୍ଲୋନ୍‌ଡ ଗଧିଆ ମାୟା



**ବେଜିଂ:** କ୍ଲୋନିଂ ପଦ୍ଧତି ବ୍ୟବହାର କରି ବିଶ୍ୱରେ ରେକର୍ଡ ସୃଷ୍ଟି କରିଛି ଚାଇନା। ବେଜିଂର ଏକ ଜିନ୍ ଫାର୍ମ ଜୁନ୍ ୧୦ରେ କ୍ଲୋନିଂ ଜରିଆରେ ଏକ ଗଧିଆ ଛୁଆକୁ ଜନ୍ମ ଦେଇଛି। ତା'ର ନାମ ମାୟା ରଖାଯାଇଛି। ମାଈ ଗଧିଆର ଚର୍ମରୁ ଶାବକର ଡୋନର୍ ସେଲ୍ ଆସିଥିବାବେଳେ ଏହାର ଉସାଇଟ୍ (ଡିମ୍ବାଣୁ ଜନନ କୋଷିକା) ଏକ ମାଈ କୁକୁରଠାରୁ ସଂଗ୍ରହ କରାଯାଇଛି। ମାୟାର ସରୋଗେଟ ମଦର ଏକ ବିଗଲ୍ ପ୍ରଜାତୀ କୁକୁର।


**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
E-mail : ceworldbankprojects@gmail.com
**3rd corrigendum to Bid Identification No. CE-W.B.P. (O) - 03 / 2022-23**

**No.B-611:** The tender invited for the work at (Sl No.02) Improvement to Chikiti - Digapahandi -Aska road from 4.600km to 21.000km in the District of Ganjam under NABARD Assistance, Tender ID No.2022_EICCL_77287_2 and (Sl. No.12) Improvement such as widening & strengthening of Surla Railway Station to Pitatalli road (ODR) from 0.0 to 7.600km in the District of Ganjam under NABARD Assistance Tender ID No.2022_EICCL_77287_12 are hereby cancelled.
All other terms and conditions remain unchanged.
**Sd./- Chief Engineer, World Bank Project, Odisha**
OIPR-34003/11/0039/2223


# ଉଡ଼ନ୍ତା ବାଇକ୍

**ୱାଶିଂଟନ୍**

ଜାପାନ୍‌ର ଷ୍ଟାର୍ଟଅପ୍ କମ୍ପାନୀ ଏଇର୍ ୱିନ୍ସ ଟେକ୍ନୋଲୋଜି ପକ୍ଷରୁ ଏକ ନିଆରା ଫ୍ଲାଇଙ୍ଗ୍ ବା ଉଡ଼ନ୍ତା ବାଇକ୍ ତିଆରି କରାଯାଇଛି। ଏହି ବାଇକ୍‌ଟିକୁ କମ୍ପାନୀ ପକ୍ଷରୁ ଆମେରିକାରେ ଲଞ୍ଚ କରାଯାଇଛି। ବାଇକ୍‌ର ମୂଲ୍ୟ ୬.୧୯ କୋଟ ଟଙ୍କା। ଉଡ଼ନ୍ତା ବାଇକ୍‌ର ନାମ ରହିଛି 'ସତୁରିସ୍ମୋ'। ପେଟ୍ରୋଲ ଚାଳିତ ଏହି ବାଇକ୍ ଘଣ୍ଟା ପ୍ରତି ୧୦୦ କି.ମି ବେଗରେ ଚାଲୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ଏକକାଳୀନ ୩୦ରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଆକାଶରେ ଉଡ଼ିପାରିବ। ବାଇକ୍‌ର ଓଜନ ୩୦୦ କିଲୋଗ୍ରାମ୍ ହୋଇଥିବାବେଳେ ଏହା ପାଖରେ ୧୦୦ କେ.ଜି ପର୍ଯ୍ୟନ୍ତ ଭାର ବହନ କରିବାର କ୍ଷମତା ରହିଛି। ତେବେ ଆଗାମୀ ୨୦୨୫ ବେଳକୁ ଏହା ଭାରତ ସମେତ ଚାଇନା ଓ କାନାଡା ବଜାରରେ ଉପଲବ୍ଧ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଚାଇନାର ସାଉଥ-ୱେଷ୍ଟ ଚେଙ୍ଗଡୁରେ ଥିବା ଜିଆଓଟୋଙ୍ଗ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଉଡନ୍ତା କାର୍ ତିଆରି କରିଛନ୍ତି। ଗତ ସପ୍ତାହରେ ୟୁନିଭର୍ସିଟି ପକ୍ଷରୁ ଏହି କାର୍‌ର ଟେଷ୍ଟିଂ କରାଯାଇଛି। କଣ୍ଡକ୍ଟର ରେଲ ସହାୟତାରେ ସଡ଼କରୁ ୩୫ ମିଲିମିଟର ଉପରେ ଚାଲୁଛି ଏହି ଉଡ଼ନ୍ତା କାର୍। କାର୍‌ଟିକୁ ମ୍ୟାଗ୍‌ନେଟିକ୍ ଲେଭିଟେଶନ୍ ଟେକ୍ନୋଲୋଜି (ମାଗ୍‌ଲେଭ୍) ବ୍ୟବହାର କରି ତିଆରି କରାଯାଇଛି। ଘଣ୍ଟାପ୍ରତି ୨୩୦ କି.ମି ବେଗରେ ଏହି କାର୍ ଗତି କରୁଛି। ଗତବର୍ଷ ଚାଇନା ମାଗ୍‌ଲେଭ୍ ଟେକ୍ନୋଲୋଜିବ୍ୟବହାର ଦ୍ୱାରା ଏକ ବୁଲେଟ ଟ୍ରେନ୍ ତିଆରି କରିଥିଲା ଯାହା ଘଣ୍ଟା ପ୍ରତି ୬୦୦କି.ମିଦୂରଅତିକ୍ରମକରୁଛି।




**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No.: 0676-2226717
e-mail Id: dfo.dhenkanal@odisha.gov.in
**SHORT TENDER CALL NOTICE**

No. MM-157: Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed Engineering Company having valid GSTIN and PAN Registration for the following work in Dhenkanal Forest Division during the year, 2022-23.
1. Survey, Plan, Desing, Estimate for Soil Moisture Conservation, Forest Road Work, Fencing etc.
2. Preparation of BOQ and tender documents.
3. Support during inspection of the works.

The tender papers with detials of terms and conditions can be available in the Division Office, Dhenkanal on payment of Rs.1000/- (One thousand) only in shape of Cash/Account Payee Bank Draft drawn in favour of the **Divisional Forest Officer, Dhenkanal Division, Dhenkanal** during office hours from 19.09.2022 to 27.09.2022. The date of opening of the tender is fixed to 28.09.2022 at 11.00 A.M. in the Office.
**Sd./- Divisional Forest Officer**
**Dhenkanal Division**
OIPR-08037/11/0011/2223



**OFFICE OF THE NOTIFIED AREA COUNCIL, ATHMALLIK**
**No. 2789** **Dt.18.09.2022**
**e-Procurement**
**Bid Identification No. Alkn-04/2022-23**

No. C-1243: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and details of other necessary documents can be seen in Govt. website i.e. **www.tendersorissa.gov.in.**

| | |
|---|---|
| Name of the Works | : Civil Works |
| No. of Works | : 15 Nos. |
| Estiamted Cost | : Rs.1,67,495/- to 8,33,974/- |
| Date & time of availability of Bid documents in the portal | : From 10.00 A.M. of Dt.19.09.2022 to 07.10.2022 upto 5.00 P.M. |
| Last date of receive of Bid through Online | : On or before 07.10.2022 upto 5.00 P.M. |
| Submission of Original Document | : On or before 11.10.2022 upto 11.00 A.M. |
| Date of Opening of Bid on | : At 11.00 A.M. on 11.10.2022 |

**Sd./- Executive Officer, N.A.C., Athmallik**
OIPR-13161/11/0011/2223



GOVERNEMENT OF ODISHA
**OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail: ccescbam@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. CCE, S.C (R&B)-BAM-09/2022-23**
**No.3585 // Dated: 13.09.2022**

**No.B-610:** 1)The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building / Road Works as detailed in the table below.
2) Nature of work : Building / Road Works
3) No. of work : 06 Nos.
4) Tender Cost : Rs.10,000/- (online)
5) Class of Contractor : "B" Class & "A" Class
6) Availability of Bid document in the website : From 27.09.2022 10.00 AM to 12.10.2022 4.00 PM
7) Date of Opening of Bid : 13.10.2022 at 11.30 A.M.
8) Tne Bidders have to participate in ONLINE bidding only. Further details can be seen from the website **https://tendersodisha.gov.in.**
9) Any addendum / corrigendum / cancellation of tender can also be seen in the said website only.
**Sd./- (D.C.Behera)**
**Chief Construction Engineer**
**Southern (R&B) Circle, Berhampur**
OIPR-34103/11/0010/2223



**ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ**
**ଭଦ୍ରକ – ୭୫୬୧୦୦ (ଓଡ଼ିଶା)**
ଦୂରଭାଷ ନଂ.: ୦୬୭୮୪-୨୫୧୫୧୯ (କାର୍ଯ୍ୟାଳୟ), ଫ୍ୟାକ୍ସ ନଂ. ୦୬୭୮୪-୨୫୧୨୨୧
E-mail: eobdkmunicipality@gmail.com
ପତ୍ର ସଂଖ୍ୟା: ୭୦୭୭ ତାରିଖ: ୧୬।୦୯।୨୦୨୨

**ବିଜ୍ଞାପନ**

No. C-1239: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭଦ୍ରକ ପୌରପାଳିକା ଅଧୀନସ୍ଥ ମୌଜା: ବରାଳ ପୋଖରୀ ଅନ୍ତର୍ଗତ ବିଦାଙ୍ଗ ପୋଖରୀ (Bidanga Pond) ମ୍ୟୁନିସିପାଲ ଆଇନ ୧୯୫୦ର ଧାରା ୧୨୭ ପ୍ରାବଧାନ ପ୍ରକାଶ୍ୟ ନିଲାମ ମାଧ୍ୟମରେ ଆଗାମୀ ତିନି (୩) ବର୍ଷ ପାଇଁ ଅସ୍ଥାୟୀ ଲିଜ୍ ସୂତ୍ରେ ପ୍ରଦାନ କରିବାକୁ ପୌରପାଳିକା ଦ୍ୱାରା ସ୍ଥିର କରାଯାଇଛି।
ନିଲାମ ସମ୍ପର୍କିତ ବିସ୍ତୃତ ନିୟମାବଳୀ, ସର୍ତ୍ତାବଳୀ ଓ ଆବେଦନ ପତ୍ର (ଦରଖାସ୍ତ ଫର୍ମ) ପୌରପାଳିକାଙ୍କ ୱେବସାଇଟ୍ **www.bhadrakmunicipality.nic.in**ରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ୱେବସାଇଟ୍‌ରୁ ଆବେଦନ ସମ୍ପର୍କିତ ସମସ୍ତ ତଥ୍ୟ ଓ ସୂଚନା ଏବଂ ଦସ୍ତାବିଜ (କାଗଜାତ) Download କରି ଆବେଦନ କରିପାରିବେ। ଆସନ୍ତା ତା୧୯।୦୯।୨୦୨୨ରିଖ ଠାରୁ ତା୧୮।୧୦।୨୦୨୨ରିଖ ମଧ୍ୟରେ ସମସ୍ତ କାର୍ଯ୍ୟ ଦିବସରେ ଡାକ ଯୋଗେ (ରେଜିଷ୍ଟର ପୋଷ୍ଟ, ସ୍ପୀଡ଼ ପୋଷ୍ଟ) ଜଉମୁଦ ଲଫାପା ମାଧ୍ୟମରେ ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ ଠିକଣାରେ ଆବେଦନ କରିପାରିବେ। ପରବର୍ତ୍ତୀ ପ୍ରକ୍ରିୟା ଯଥା: ଟେଣ୍ଡର ଖୋଲା ଓ ଯାଞ୍ଚ ଆସନ୍ତା ତା୧୯।୧୦।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟ ମଧ୍ୟରେ ସ୍ଥିର କରାହେବ। ଉକ୍ତ ଯାଞ୍ଚ ଓ ଆବଣ୍ଟନ ପ୍ରକ୍ରିୟାରେ ଆବେଦନକାରୀ (ଦରଖାସ୍ତକାରୀ) ଉପର ବର୍ଣ୍ଣିତ ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ମଧ୍ୟରେ ଦରଖାସ୍ତକାରୀ ନିଜେ କିମ୍ବା ତାଙ୍କ ଦ୍ୱାରା ଚିହ୍ନିତ ପ୍ରତିନିଧି ଉପସ୍ଥିତ ରହିପାରିବେ। ଉପର ବର୍ଣ୍ଣିତ ବିଷୟରେ ପୌର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସର୍ବମାନ୍ୟ ଏବଂ ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଯାଇ ସମ୍ପୃକ୍ତ ଆବଣ୍ଟନ ପ୍ରକ୍ରିୟାକୁ (ନିଲାମ) ରଦ୍ଦ କରିପାରିବେ।
**ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ଭଦ୍ରକ ପୌରପାଳିକା**
OIPR-13152/11/0008/2223



**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, GANJAM-II, BERHAMPUR**
E-mail: mi2_exe.engr@yahoo.co.in, Ph.No. 0680-2290475
**GOVERNMENT OF ODISHA**
**No.A-513:** **e- PROCUREMENT NOTICE**
**BID IDENTIFICATION No: GMID-II/ 03/2022-23.**
**Ltr. No.2820** **Date:15.09.2022**

| | |
|---|---|
| Name of the Work | : Civil Construction Works |
| No. of Works | : 03 (Three) Nos. |
| Estimated Cost | : Rs.12.70 lakh to 25.40 lakh |
| Tender Paper Cost | : Rs.6,000.00 |
| Period of Completion | : 04 (Four) Calendar Months |
| Class of Contractor | : "B, C & D" |
| Availability of bid documents | : From 23.09.2022 10.00 AM to 10.10.2022 upto 5.00 P.M. in website (www.tendersorissa.gov.in) |
| Period of Receipt of bid through Online | : From 23.09.2022 at 10.00 AM to 10.10.2022 upto 5.00 PM through Online |
| Mode of Payment | : Online |
| Date of Opening of bid documents | : 11.10.2022 at 11.30 AM |
| Date of Lottery (if required) | : On dt.14.10.2022 at 11.00 AM onwards |
| Digital Signature Certificate of Bidder | : The bidder must possess compatible digital signature certificate (DSC) of Class-II or Class-III. |

The detail tender call notice can also be seen in the DOWR website: http://dowrorissa.gov.in.

| | |
|---|---|
| Name & Address of the OIT | : Executive Engineer, M.I.Division Ganjam-II,Infront of Depaul School Engineering School road, Berhampur, Dist-Ganjam,PIN-760010 E-mail:mi2_exe.engr@yahoo.co.in |
| Further details can be seen from the E-Procurement market place. | : http://tendersorissa.gov.in. |

**Sd./- Executive Engineer, M.I.Division, Ganjam-II, Berhampur**
OIPR-32043/11/0003/2223



**OFFICE OF THE GENERAL MANAGER WATCO DIVISION, BERHAMPUR**
e-mail:gmwatcobam@gmail.com / Ph No. 06802233978
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. WATCOBAM-12/2022-23 Dt. 15.09.2022**

**No.C-1247:** 1. Name of work : Provision of 2nos. 62.5KVA DG Set (Power Backup) for running of 2nos 30HP Submersible pump sets at Lanjipalli Pump House (Zone -22) under Berhampur Municipal Corporation.
2. Estimated cost : Rs. 26.09 lakh (appox.)
3. Period of completion : 02 (Two) months.
4. Date & Time of availability of bid document in the Portal: From 11.00 Hrs.of Dt. 23.09.2022 to 17.30 Hrs. of Dt. 06.10.2022.
5. Last date / Time for Bidding in the Portal: 17.30 Hrs of Dt. 06.10.2022.
6. Date of opening of Tender: On Dt. 07.10.2022 at 11.00Hrs.
7. Name and address of the Officer inviting tender: General Manager, WATCO Division, Berhampur.
Further details can be seen from the e-procurement Portal: **https://tendersodisha.gov.in.**
**Sd./- General Manager**
**WATCO Division, Berhampur**
OIPR-13210/11/0009/2223



GOVT. OF ODISHA
DEPARTMENT OF WATER RESOURCES
**OFFICE OF THE CHIEF ENGINEER**
**RENGALI RIGHT IRRIGATION PROJECT, DHENKANAL**
Email Id - cerripdkl@gmail.com
**'e' Procurement Notice**

**No.A-512:** The Chief Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites on line percentage rate bids in double cover system for construction of the work as detailed below:
1. Name of the Work : Excavation of Narasinghpur Branch Canal from RD 19.565 km to RD 22.900 km including construction of its structures, Lining & Service road of RRIP. 2. Tender Cost: Rs.1110.98 Lakh. 3. Bid document Cost : Rs.10,000.00 (Online). 4. Bid Security : Bid Security Declaration as per proforma. 5.Class of Contractor: 'A' and 'Special' Class. 6. Period of Completion: 18 Calendar months including rainy seasons. 7. Other details are as follows;

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer, RRIP, Dhenkanal | CERRIP-01/2022-23 | 21.09.2022 10.00 AM | 11.10.2022 5.30 PM | 12.10.2022 11.00 AM |

Further details can be seen from the e-Procurement portal https://www.tendersodisha.gov.in. Any addendum/ Corrigendum/Cancellation to the above notice will be published in the Govt. website www.tendersodisha.gov.in.
**Sd./- Chief Engineer, Rengali Right Irrigation Project, Dhenkanal**
OIPR-32351/11/0001/2223



**GOVERNMENT OF ODISHA**
**ODIA LANGUAGE, LITERATURE & CULTURE DEPARTMENT**
**AUCTION SALE NOTICE**
**No. TCC-OEII-MV-0004-2016/3451/OLL&C** **Dated: 17.09.2022**

No. RR-29: Sealed tenders in plain paper are invited from the intending firms/institutions/persons for auction sale of Govt. vehicle bearing No. OD02-AN-3242 (Model: TML & TATA INDIGO) of OLL & Culture Department.
The prescribed tender papers containing the details of the tender call notice, terms and conditions, application form can be downloaded from Odia Language, Literature Department website: **www.odishaculture.gov.in**. A sum of Rs.1000/- should be deposited towards earnest money deposit in the shape of Bank Draft in favour of Under Secretary to Govt. & DDO, Odia Language, Literature & Culture Department, failing which the tender will be outrightly rejected. The offset price of the vehicle has been fixed at Rs.40,000/- (Forty thousand) only.
The sealed tenders should reach the office of Odia Language, Literature & Culture Department, Lokseva Bhawan on or before 28.09.2022 upto 5 P.M. and shall be opened before the Committee on the next day i.e. on 29.09.2022 at 12.30 P.M. in presence of the bidders or their authorized representatives/agents.
The envelope containing the tender papers shall be superscribed as "TENDER FOR AUCTION SALE OF VEHICLE" and to be submitted to the Department.
**Sd./- Joint Secretary to Government**

**AUCTION VEHICLE**

| Sl. No. | Name of the Office | Vehicle No. & Model | Offset Price | Place of availability of Vehicle |
|---|---|---|---|---|
| 1 | Odia Language, Literature & Culture Department | OD02-AN-3242 (Model - TML & TATA INDIGO | Rs.40,000/- | Premises of Lokseva Bhawan, Bhubaneswar |

OIPR-03001/11/0021/2223



**OFFICE OF THE SUPERINTENDING ENGINEER RWS&S DIVISION, BHANJANAGAR-761126**
**Govt. of Orissa "e" Procurement Notice**
**Bid Identification No.S.E._RWS&S_27/2022-23**
Phone No 06821-241026 (O)/241079(R)
Fax No.06821-241026/240056
e-mail:eerwss_bnj@nic.in<eerwssbnj2009@gmail.com

**No.O-1019:** 1.The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate/$G_2$ bid in Single Cover system according to the norm of "e" Procurement system in online mode for different PWS Schemes in Ganjam District from the eligible contractors as per DTCN.
2. Nature of Work : Construction, testing, Commissioning of RCC ESR/OGR construction of Pump House, Compound Wall, Valve chamber, providing 100% FHTC, laying of distribution of pipe line etc for PWS to different village in the Ganjam District
3. No. of Tender : 04 Nos.
4. Tender Paper Cost : Rs.6000/-
5. Tender Cost : 19.45 Lakhs to 40.20 Lakhs
6. Class of Contractor : D, C & B
7. Date and Time of Availability of bid document in the portal : Dt.22.09.2022 at 11.00 A.M. to 01.10.2022 upto 5.00 P.M.
8. Date of Opening of Bid : Dt.02.10.2022 at 11.00 A.M.
9. Period of Completion : 90 (Ninety) days to 120 (One hundred Twenty) days
10. The bidders have to participate in Online bidding only. Further details can be seen from the website https://tendersorissa.gov.in.
**Sd./- Superintending Engineer**
**RWS&S Division, Bhanjanagar**
OIPR-25021/11/0012/2223

## ସେନ୍‌ସେକ୍ସରେ ୩୦୦ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ:** ଗତ କିଛିଦିନ ହେବ ଶେୟାର ବଜାର କାରବାର ଉପର ତଳ ହେଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ ଆଶା ଓ ଆଶଙ୍କା ମଧରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ୧ମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର କିଛି ପରିମାଣରେ ବୃଦ୍ଧି ପାଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ବୃଦ୍ଧି ଘଟିଥିବା ଜଣାପଡିଛି। ସୋମବାର ସେନ୍‌ସେକ୍ସ ୩୦୦ (୩୦୦.୪୪) ପଏଣ୍ଟ ବଢ଼ି ୫୯,୧୪୧.୨୩ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୯୧ (୯୧.୪୦) ପଏଣ୍ଟ ବୃଦ୍ଧି ଘଟି ୧୭,୬୨୨.୨୫ ଅଙ୍କରେ ବଜାର ବନ୍ଦ ହୋଇଛି।

# ଶସ୍ତ୍ର ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବ

### ଶସ୍ତ୍ର ସ୍ନାତକଙ୍କୁ ପ୍ରଧାନଙ୍କ ୭ ସୂତ୍ର

ଭୁବନେଶ୍ୱର,୧୯।୯

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'ଶସ୍ତ୍ର ବିଶ୍ୱବିଦ୍ୟାଳୟ'ର ୩୬ତମ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍‌ଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ପଦାଧିକାରୀ ମଧ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶସ୍ତ୍ର ବିଦ୍ୟାବିଦ୍ୟାଳୟର ସ୍ନାତକଙ୍କୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ୍, ଗବେଷଣା ଏବଂ ଇନୋଭେଶନ୍, ଉଦ୍ୟୋଗତା, ସର୍କୁଲାର୍ ଇକୋନୋମି, ସ୍ଥାୟିତ୍ୱ ଓ ଭାରତୀୟ ଶିକ୍ଷା ପ୍ରଣାଳୀ ଭଳି ସାତ ସୂତ୍ରକୁ ଏହି ଅମୃତ କାଳରେ ଠିକ୍ ଭାବେ ବ୍ୟବହାର କରାଗଲେ ଆଗାମୀ ୨୫ ବର୍ଷ ପାଇଁ ଏକ ନୂତନ ଭାରତ ଗଠନରେ ବିଦ୍ୟାର୍ଥୀଙ୍କର ଯୋଗଦାନ ରହିପାରିବ। ସେହିଭଳି ୫ଜି, ଡିଜିଟାଲ ଅର୍ଥନୀତି, ଚାଇନା ତୁଳନାରେ ଦ୍ରୁତ ଗତିରେ ୟୁନିକର୍ନ ସୃଷ୍ଟି ଇତ୍ୟାଦିରେ ଭାରତ ଦ୍ରୁତ ଅଗ୍ରଗତି କରୁଥିବା ବିଷୟରେ ପ୍ରଧାନ ବିସ୍ତୃତ ମତ ପ୍ରକାଶ କରିଛନ୍ତି। ପରିଶେଷରେ ବିଦ୍ୟାଳୟର ୭୨ ପିଏଚଡି ଛାତ୍ରଙ୍କ ସହ ୪,୧୦୦ରୁ ଅଧିକ ସ୍ନାତକଙ୍କୁ ସ୍ୱତନ୍ତ୍ର ପୁରସ୍କାର ସହ ଅତିଥିମାନେ ଡିଗ୍ରୀ ପ୍ରଦାନ କରିଥିଲେ। ସେହିଭଳି ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ଗଣିତ ପ୍ରଫେସର ଡ. କୃଷ୍ଣସ୍ୱାମୀ ଆଲାଡି ଏବଂ ଚାମୁ କ୍ରିଷ୍ଣ ଶାସ୍ତ୍ରୀଙ୍କୁ ମଧ ଡକ୍ଟରେଟ ପ୍ରଦାନ କରାଯାଇଥିଲା।




'ଶସ୍ତ୍ର ବିଶ୍ୱବିଦ୍ୟାଳୟ'ର ୩୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଡକ୍ଟରେଟ ଉପାଧି ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ପଦାଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଟାଟା ଷ୍ଟିଲ୍‌ର ଖଣ୍ଡବନ୍ଧ ଖଣି ସମ୍ମାନିତ

ଭୁବନେଶ୍ୱର,୧୯।୯

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଟାଟା ଷ୍ଟିଲର କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିକୁ ପରିବେଶ ଉପଯୋଗୀ କାର୍ଯ୍ୟକଳାପ ପାଇଁ ସମ୍ମାନିତ କରାଯାଇଛି। ବିଶେଷକରି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ (ଓଏସ୍‌ପିସିବି)ର ୩୯ତମ ପ୍ରତିଷ୍ଠା ଦିବସ ଅବସରରେ ଓଏସ୍‌ପିସିବି ପକ୍ଷରୁ 'ଖଣି' ବର୍ଗରେ ମର୍ଯ୍ୟାଦାଜନକ 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର-୨୦୨୨'ରେ ଟାଟା ଷ୍ଟିଲକୁ ସମ୍ମାନିତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ସୁଶାନ୍ତ ନନ୍ଦ ଏବଂ ଓଏସ୍‌ପିସିବିର ସଚିବ ସଦସ୍ୟ କେ. ମୁର୍ଗେସନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଖଣ୍ଡବନ୍ଧ ମାଇନିଂ ଅପରେସନ୍ସ ବିଭାଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ମିଶ୍ର ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।





ଜନ୍ମଦିନର ଶୁଭେଚ୍ଛା



(ସାଇ, ସୋନୁ)

ପ୍ରାଂଶୁ ଦାଶ

ମିଶ୍ରପଡ଼ା, ଅନୁଗୋଳ

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।

-:ଶୁଭେଚ୍ଛା ସହ:-

ଜେପା, ଜେମା, ଆଈ, ବାପା, ବୋଉ ଓ ସାନଭାଇ: ପ୍ରନୀଳ, ବନ୍ଧୁ ଓ ପରିବାରବର୍ଗ।

ଧ-୧୪୬୮


# କ୍ଷୁଦ୍ର, ମଧ୍ୟମ ବ୍ୟବସାୟରେ ବଢ଼ିଛି ନିଯୁକ୍ତି

ଭୁବନେଶ୍ୱର,୧୯।୯

ଦେଶର ପ୍ରମୁଖ ନିଯୁକ୍ତି ଓ ପେସାଦାର ନେଟ୍‌ୱର୍କିଂ ପ୍ଲାଟ୍‌ଫର୍ମ ଆପ୍‌ନା ଡଟ୍ କମ୍‌ର ସୂଚନା ଅନୁଯାୟୀ ଚଳିତ ତ୍ରୈମାସିକରେ ଭୁବନେଶ୍ୱରରେ ଏହାର ନିଯୁକ୍ତିଦାତାଙ୍କ ସଂଖ୍ୟାରେ ୪୮% ବୃଦ୍ଧି ହୋଇଛି। ଏହି ସହରରେ ଗତ ୯୦ ଦିନ ମଧ୍ୟରେ ୭୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇଛି। ଏହି ନିଯୁକ୍ତି ମଧ୍ୟରୁ ଅଧିକାଂଶ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ କ୍ଷେତ୍ରରେ ଦେଖିବାକୁ ମିଳିଛି। ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟରେ ସେମାନେ ଆପ୍‌ନାର ପ୍ରମୁଖ ସହଯୋଗରେ ପରିଣତ ହୋଇଛନ୍ତି। ଏ ସମ୍ପର୍କରେ ଆପ୍‌ନା ଡଟ୍ କୋର ଚିଫ୍ ବିଜନେସ୍ ଅଫିସର ମାନସ ସିଂହ କହିଛନ୍ତି, ଭୁବନେଶ୍ୱରରେ ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ଯେଉଁଭଳି ହଠାତ ଶ୍ରମ ଶକ୍ତି ଚାହିଦାରେ ବୃଦ୍ଧି ହୋଇଛି ତାହା କୋଭିଡ୍ ପରବର୍ତ୍ତୀ ସମୟରେ ଓଡ଼ିଶା ଅର୍ଥନୀତିରେ ସୁଧାରକୁ ଚମତ୍କାର ଢଙ୍ଗରେ ପ୍ରଦର୍ଶନ କରିଛି। ଆମ ସହିତ ସହଯୋଗିତା ସ୍ଥାପନ କରୁଥିବା ନିଯୁକ୍ତିଦାତାଙ୍କ ସଂଖ୍ୟାରେ ଆମେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛୁ।

# ବିଓଆଇ ପକ୍ଷରୁ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ନିକଟରେ ଏକ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅତନୁ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାହକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବ୍ୟାଙ୍କ ପ୍ରତି ଥିବା ଗ୍ରାହକମାନଙ୍କର ସମର୍ଥନ ଓ ପ୍ରତିବଦ୍ଧତା ପାଇଁ ସେ ଧନ୍ୟବାଦ ଜଣାଇଥିଲେ। ଏପରିକି ବ୍ୟାଙ୍କର ବ୍ୟବସାୟରେ ସମର୍ଥନ ଓ ଲୋକମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ବିଓଆଇ ନିରନ୍ତର ଉଦ୍ୟମ ଜାରି ରଖିଛି ବୋଲି ଦାସ ମତପ୍ରକାଶ କରିଥିଲେ।

ସେହିଭଳି ସରକାରୀ ଫ୍ଲାଗ୍‌ଶିପ୍ ଏବଂ ଆତ୍ମନିର୍ଭର ଭାରତ ଯୋଜନା ଆଦି ବିଭିନ୍ନ ପ୍ରାଥମିକ ଋଣ କ୍ଷେତ୍ରରେ ଓଡ଼ିଶା ଅଧୀନରେ ଥିବା ବ୍ୟାଙ୍କର ୪ଟି ଜୋନ୍ ଯଥା ଭୁବନେଶ୍ୱର, କେନ୍ଦୁଝର, ସମ୍ବଲପୁର ଓ ବାରିପଦାର ଗ୍ରାହକମାନଙ୍କୁ ବ୍ୟାଙ୍କ ପକ୍ଷରୁ ୨୦୦କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏପରିକି ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ (ଏନ୍‌ବିଜି)ର ଇଷ୍ଟ ଜୋନ ଅଧୀନରେ ଆୟୋଜିତ ଏହି ସଂଯୋଗୀକରଣ କାର୍ଯ୍ୟକ୍ରମରେ ମୋଟ ୩୫୦କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ୨୦୦ ଗ୍ରାହକଙ୍କୁ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଆଦିର ବାଧ୍ୟତାମୂଳକ ବଜେଟ ମଧ ଅତିକ୍ରମ କରିସାରିଛି। ବିଓଆଇ ଏନ୍‌ବିଜି ଇଷ୍ଟ ଜୋନ୍ ପିଏମ୍‌ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ ଓ ଏପିୱାଇ ଅଧୀନରେ ୫୦୦୦ଜଣ ନାମାଙ୍କନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇ ଗ୍ରାହକମାନଙ୍କୁ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିଲେ।




# ଟାଟା ୧ ଏମ୍‌ଜିର ଜିଏସ୍‌ଡି

ଭୁବନେଶ୍ୱର,୧୯।୯

ଦେଶର ପ୍ରମୁଖ ଡିଜିଟାଲ୍ ହେଲ୍‌ଥ ପ୍ଲାଟଫର୍ମ ଟାଟା ୧ ଏମ୍‌ଜିର ସର୍ବବୃହତ୍ ସେଲ୍ ଇଭେଣ୍ଟ ଗ୍ରାଣ୍ଡ ସେଭିଙ୍ଗ୍‌ସ ଡେଜ୍ (ଜିଏସ୍‌ଡି) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସୁବିଧା ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ସହ ବିକ୍ରୟରେ ସର୍ବୋତ୍କୃଷ୍ଟ ଓ ଏକ୍ସକ୍ଲୁସିଭ୍ ସ୍ୱାସ୍ଥ୍ୟ ଯତ୍ନ ଅଫରକୁ ସମସ୍ତ ବ୍ରାଣ୍ଡ୍ ଓ ବର୍ଗରେ ଗ୍ରାହକମାନଙ୍କ ପାଇଁ ପ୍ରଦାନ କରାଯିବ। ଏଥିରେ ଔଷଧ, ସ୍ୱାସ୍ଥ୍ୟ ଉତ୍ପାଦ, ଲାବ ଟେଷ୍ଟ ଓ ଇ-ପରାମର୍ଶ ଆଦି ସାମିଲ ରହିଛି। ଏ ସମ୍ପର୍କରେ ଟାଟା ୧ଏମ୍‌ଜିର ବିଜନେସ୍ ହେଡ୍-ଇ ଫାର୍ମାସୀ ପ୍ରତୀକ ବର୍ମା କହିଛନ୍ତି, ଦି ଗ୍ରାଣ୍ଡ ସେଭିଙ୍ଗ୍‌ସ ଡେଜ୍ ସେଲ୍‌କୁ ଗତ ତିନି ବର୍ଷ ଧରି ବର୍ଷକୁ ଦୁଇ ଥର ପ୍ରତି ଫେବୃୟାରୀ ଓ ସେପ୍ଟେମ୍ବରରେ ଆରମ୍ଭ କରାଯାଉଛି। ଏଥିରେ ସାରା ଭାରତରୁ ଲକ୍ଷ ଲକ୍ଷ ଲୋକ ଅଂଶଗ୍ରହଣ କରୁଛନ୍ତି ଓ ଆକର୍ଷଣୀୟ ସେଲର ଲାଭ ଉଠାଉଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କରେ ଦୁଇଦିନିଆ ଧର୍ମଘଟ

ଭୁବନେଶ୍ୱର, ୧୯।୯

ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱିପାକ୍ଷିକ ରାଜିନାମା ଓ ବଦଳି ନୀତିକୁ ଉଲ୍ଲଂଘନ କରି ଏକତରଫା ଭାବେ ଗଣ ବଦଳିର ପ୍ରତିବାଦରେ ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ଫଳରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓଡ଼ିଶାର ସମସ୍ତ ଶାଖା ଓ ଆଞ୍ଚଳିକ କାର୍ଯ୍ୟାଳୟ ଆଦି କର୍ମଚାରୀଙ୍କ ଧର୍ମଘଟ ଯୋଗୁ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଛି। ଏପରିକି ଆଇବିଇଏ, ବିଇଏଫଆଇ, ଆଇଏନ୍‌ବିଇଏଫ୍ ଇତ୍ୟାଦି ୫ଟି କର୍ମଚାରୀ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ଏହି ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ହସ୍ତକ୍ଷେପ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଏକ ଦ୍ୱିପାକ୍ଷିକ ଆଲୋଚନା ଗତ ୨୪ ମେ'ରେ ବଦଳି ସଂକ୍ରାନ୍ତରେ ପୁନଃ ବିବେଚନା କରିବେ ବୋଲି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। କିନ୍ତୁ ଏହି ବୁଝାମଣାକୁ ଏବଂ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରିବାରୁ ସେଣ୍ଟ୍ରାଲ ବ୍ୟାଙ୍କର କର୍ମଚାରୀ ସଙ୍ଗଠନମାନଙ୍କର ମିଳିତ ମଞ୍ଚ ବାଧ୍ୟ ହୋଇ ଧର୍ମଘଟର ଡାକରା ଦେଇଛନ୍ତି। ଇତିମଧ୍ୟରେ କେରଳ ହାଇକୋର୍ଟ ଏହି ଗଣ ବଦଳିକୁ ବେଆଇନ ଘୋଷଣା କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ବୁଝାମଣାପତ୍ର, ଶିଳ୍ପ ବିବାଦ ଆଇନର ୩୩(କ) ଧାରାକୁ ନ ମାନିବା ଏବଂ କେରଳ ହାଇକୋର୍ଟର ନିର୍ଦ୍ଦେଶକୁ ନ ମାନିବାରୁ ରାଜ୍ୟର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ଧର୍ମଘଟ ସହ ଧାରଣା ଓ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଧର୍ମଘଟର ସଫଳତା ପାଇଁ ସଙ୍ଗଠନର ସଭାପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଓଁକାର ମହାନ୍ତି, ସୁନୀଲ୍ ମହାରଣା ପ୍ରମୁଖ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ବୁଝାମଣା ପତ୍ର ଓ କେରଳ ହାଇକୋର୍ଟର ରାୟକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି। ଆଜି ମଧ ଧର୍ମଘଟ ଜାରି ରହିବ। ଏହି ଧର୍ମଘଟକୁ ବ୍ୟାଙ୍କର ଅଫିସର ସଙ୍ଗଠନ ଓ ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଙ୍ଗଠନ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି।

# ଶ୍ରୀଦୁର୍ଗାରୁ 'ଯେତେ କିଣିବେ ସେତେ ଜିତିବେ'

ଭୁବନେଶ୍ୱର,୧୯।୯

sridurga
A FAMILY CLOTH STORE

ରାଜ୍ୟର ସର୍ବବୃହତ୍ ଶାଢ଼ି ଏବଂ ଗାର୍ମେଣ୍ଟ୍ସ ଷ୍ଟୋର 'ଶ୍ରୀଦୁର୍ଗା'ରୁ ଚଳିତ ବର୍ଷ ପାର୍ବଣ ଉପଲକ୍ଷେ ଏକ ଅଭିନବ ଅଫର'ଯେତେ କିଣିବେ ସେତେ ଜିତିବେ' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ଫାମିଲି ଷ୍ଟୋରରୁ ଗ୍ରାହକ ଯେତେ ସାମଗ୍ରୀ କ୍ରୟ କରିବେ ସେତେ ପରିମାଣର ପୁରସ୍କାର ମଧ ପାଇବାର ସୁଯୋଗ ରହିଛି। ଚଳିତ ପୂଜାରେ ଗ୍ରାହକମାନଙ୍କୁ ଅଧିକ ଆକର୍ଷଣ କରିବା ଲକ୍ଷ୍ୟରେ ଷ୍ଟୋରରେ ସମସ୍ତ ପ୍ରକାର ମନୋଲୋଭା ଶାଢ଼ି, ବ୍ରାଣ୍ଡେଡ ପୋଷାକ, ମହିଳା ଓ ପୁରୁଷଙ୍କ ନିମନ୍ତେ ଡିଜାଇନର ପରିଧାନ ଉପଲବ୍ଧ ରହିଛି। ସେହିଭଳି ଲକି ଡ୍ର ମାଧ୍ୟମରେ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଜିତିବାର ଏକ ଅଭୂତପୂର୍ବ ସୁଯୋଗ ମଧ ରହିଛି। ଏହି ଅଫର୍ ଜରିଆରେ ପ୍ରତ୍ୟେକ ୯୯୯ ଟଙ୍କାର କ୍ରୟ ଉପରେ ଲକି ଡ୍ର' କୁପନ ରହିଛି। ଏପରିକି ସାପ୍ତାହିକ ଲକି ଡ୍ର' ଏବଂ ମେଗା ଲକି ଡ୍ର'ରେ ଗ୍ରାହକଙ୍କ ପାଇଁ ସୁଜୁକି ଆକ୍ସେସ୍, ବ୍ରାଣ୍ଡେଡ୍ ରେଫ୍ରିଜରେଟର, ୱାଶିଂ ମେଶିନ, ଇଣ୍ଡକ୍ସନ ଚୁଲା, ୱେଟ୍ ଗ୍ରାଇଣ୍ଡର୍ ଭଳି ପୁରସ୍କାର ରହିଛି। ଏତଦ୍‌ବ୍ୟତୀତ ଷ୍ଟୋରରେ ଆହୁରି ଅନେକ ଆକର୍ଷଣୀୟ ଅଫର ୩,୪୯୯ ଟଙ୍କାର କ୍ରୟ ଉପରେ ଅଧିକ ୪୯ଟଙ୍କା ଦେଲେ ଗ୍ରାହକ ପାଇବେ ୪୨୨ଟଙ୍କାର ହଟ୍‌ପଟ୍। ସେହିଭଳି ୮,୯୯୯ ଟଙ୍କାର କ୍ରୟ ଉପରେ ଅଧିକ ୯୯ ଟଙ୍କା ଦେଲେ ୧୨୯୯ ଟଙ୍କାର କିଙ୍ଗ୍ ସାଇଜ୍ ବେଡ୍‌ସିଟ୍, ୧୩,୯୯୯ ଟଙ୍କାର କ୍ରୟ ଉପରେ ୯୯ ଟଙ୍କା ଦେଲେ ୧୪୭୫ ଟଙ୍କାର ମବ୍ (ଘରପୋଛା), ୨୧,୯୯୯ ଟଙ୍କାର କ୍ରୟ ଉପରେ ୯୯ଟଙ୍କା ଦେଲେ ୩୪୯୫ ଟଙ୍କାର ମିକ୍ସର ଗ୍ରାଇଣ୍ଡରର ଅଫର୍ ରହିଛି। ଏହି ଅଫର୍ ଅକ୍ଟୋବର ୧୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଅଶୋକନଗର ଏବଂ ପାତ୍ରପଡ଼ା ସମେତ ବ୍ରହ୍ମପୁର ବିଗ୍‌ବଜାର ଷ୍ଟୋରରୁମରେ ମଧ ଉପଲବ୍ଧ ରହିଛି।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୧୯।୯

KHIMJI®
Jewellers since 1936

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷ ଦୁର୍ଗା ପୂଜା ପାଇଁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଖିମ୍‌ଜୀ ଜୁଏଲର୍ସ ନିଜର ମୂଲ୍ୟବାନ ଗ୍ରାହକଙ୍କ ପାଇଁ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୨୫%ର ରିହାତି ଏବଂ ହୀରା ଅଳଙ୍କାର ଉପରେ ୨୦% ପର୍ଯ୍ୟନ୍ତ ରିହାତି ଭଳି ମନଲୋଭା ଅଫର ପ୍ରଦାନ କରୁଛି। ଏହି ଅଫରଗୁଡିକ ୨୦ ସେପ୍ଟେମ୍ବରରୁ ଓଡ଼ିଶାର ସମସ୍ତ ଖିମ୍‌ଜୀ ଷ୍ଟୋରରେ ଉପଲବ୍ଧ ରହିବ। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଦୁର୍ଗା ପୂଜା ଲୋକଙ୍କ ହୃଦୟରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ। ଚଳିତ ବର୍ଷ ପାର୍ବଣର ଖୁସିକୁ ଦୁଇଗୁଣିତ କରିବାକୁ ଆମେ ଚେଷ୍ଟା କରିଛୁ ଏବଂ ଆମର ଏହି ବିଶେଷ ଅଫର୍ ପୂଜା ଋତୁରେ ଅଧିକ ରଙ୍ଗ ଯୋଡିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଖିମଜୀ ଜୁଏଲର୍ସରେ ଅଳଙ୍କାରର ବିଶାଳ ସଂଗ୍ରହ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ସର୍ବଦା ଆକର୍ଷିତ କରିଆସୁଛି। ବର୍ଷ ବର୍ଷ ଧରି, ଖିମଜୀ, ଗ୍ରାହକଙ୍କ ଅଳଙ୍କାର କିଣିବା ଢଙ୍ଗକୁ ପରିବର୍ତ୍ତନ ଆଣିବା ସହ ଶୁଦ୍ଧତା, ଆକର୍ଷଣୀୟ ଡିଜାଇନ୍ ଏବଂ ରିଟେଲ୍ ଅଭିଜ୍ଞତା ଦ୍ୱାରା ଗ୍ରାହକଙ୍କ ବିଶ୍ୱାସ ଜିତି ରିଟେଲ୍ ଅଳଙ୍କାର ଶିଳ୍ପକୁ ଆଗେଇ ନେଇଛି। ଏହା ଉଲ୍ଲେଖଯୋଗ୍ୟ ଯେ, ଗ୍ରାହକଙ୍କୁ ହଲମାର୍କ ଅଳଙ୍କାର ଯୋଗାଇବାରେ ଏବଂ ସ୍ୱୀକୃତିପ୍ରାପ୍ତ ହୀରା ଅଳଙ୍କାରରେ ୧୦୦% ବାଏ ବ୍ୟାକ୍ ଗ୍ୟାରେଣ୍ଟି ଦେବାରେ ଖିମଜୀ ଜୁଏଲର୍ସ ହେଉଛି ରାଜ୍ୟର ପ୍ରଥମ ଜୁଏଲେରି ଶୃଙ୍ଖଳ ଭାବେ ପରିଚିତ ରହିଛି।

# ଭୁବନେଶ୍ୱରରେ ମେଟା କ୍ରିଏଟର ମିଟ୍‌ଅପ୍

ଭୁବନେଶ୍ୱର,୧୯।୯

ଦେଶର ପ୍ରମୁଖ ସୋସିଆଲ ମିଡିଆ ଫେସ୍‌ବୁକ (ମେଟା)ର ବ୍ୟବହାରକୁ ସଫଳ ଭାବେ ଉପଯୋଗ କରି ଓଡ଼ିଶାର କ୍ରିଏଟରମାନେ ଜଣେ ଜଣେ ସଫଳ ଉଦ୍ୟୋଗୀ (ଷ୍ଟାର୍ଟଅପ) ଭାବେ ମଧ ପରିଚୟ ସୃଷ୍ଟି କରିପାରିଛନ୍ତି। ଉକ୍ତ ସଫଳତାର ସଫଳ କାହାଣୀକୁ ସମସ୍ତଙ୍କ ସହ ଶେୟାର କରିବା ପାଇଁ ମେଟା ପକ୍ଷରୁ ନିକଟରେ ସ୍ଥାନୀୟ ପାତ୍ରପଡାଠାରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାର କ୍ରିଏଟରମାନେ ରିଲ୍ସର ଗ୍ଲୋବାଲ ଭୂମିକାକୁ ପାଳନ କରିବା ଉଦ୍ଦେଶ୍ୟରେ ସେଠାରେ ଏକତ୍ର ହୋଇଥିଲେ। ଏପରିକି ଉକ୍ତ ସମାରୋହରେ ସବୁ ବର୍ଗର କ୍ରିଏଟରମାନେ ଯୋଗ ଦେଇଥିଲେ। ସେହିଭଳି ଇନଷ୍ଟାଗ୍ରାମ ଓ ଫେସବୁକର ରିଲ୍ସ ହେଉଛି ଏକ ବିଶ୍ୱସ୍ତରୀୟ ପର୍ଯ୍ୟାୟ ଓ ମେଟାର ପ୍ଲାଟଫର୍ମରେ ଲୋକ ଓ ବ୍ୟବସାୟ ପାଇଁ ସର୍ବୋତ୍ତମ ସ୍ଥାନ ହାସଲ କରିଛି। ଓଡ଼ିଶାର ବିଭିନ୍ନ ବିଷୟ ବସ୍ତୁକୁ କ୍ରିଏଟରମାନେ ରିଲ୍‌ସରେ ସୁନ୍ଦର ଭାବେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଏପରିକି ଟ୍ରେଣ୍ଡ ସୃଷ୍ଟି ସହ ଇନଷ୍ଟାଗ୍ରାମ ତଥା ଫେସବୁକରେ ଏକ ସ୍ଥାନୀୟ ତଥା ରାଷ୍ଟ୍ରୀୟ ଗୋଷ୍ଠୀ ମଧ ଗଠନ କରୁଛନ୍ତି। ଏ ସମ୍ପର୍କରେ ଫେସବୁକ ଇଣ୍ଡିଆ(ମେଟା)ର ମୁଖ୍ୟ-କ୍ରିଏଟର ପାର୍ଟନରଶିପ ଅଙ୍କୁର ବୈଶ କହିଛନ୍ତି, ଆଜି ରିଲ୍ସ ହେଉଛି ଏକ ଗ୍ଲୋବାଲ ପ୍ଲାଟଫର୍ମ, ଯେଉଁଥିରେ ଓଡ଼ିଶାର କ୍ରିଏଟରମାନେ ସେମାନଙ୍କ ସୃଜନଶୀଳତାର ପରିଚୟ ସୃଷ୍ଟି କରିପାରିଛନ୍ତି। ଉକ୍ତ ସମାରୋହ ଜରିଆରେ ସେମାନଙ୍କୁ ଉତ୍ସାହ ପ୍ରଦାନ କରିବା ଓ ପରସ୍ପର ସହ ସହଯୋଗିତାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆମେ ମଧ ଆଶା କରୁ ଯେ ଏହି ପ୍ଲାଟଫର୍ମ ନେଟୱର୍କିଂ ଅଧିକ ସଦୃଢ ହୋଇ ପ୍ରତିଷ୍ଠିତ ତଥା ଉଦୀୟମାନ କ୍ରିଏଟରଙ୍କ ପ୍ରତିଭାକୁ ଦ୍ୱିଗୁଣିତ କରିବ ବୋଲି ବୈଶ ମତବ୍ୟକ୍ତ କରିଛନ୍ତି।


CLASSIFIED DISPLAY

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER

ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।



Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା

Bansal Market Complex, B wing, Bangalore, Karnataka-400021

8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୫ଜି ଟେକ୍ନୋଲୋଜି ବିକାଶ କଲେ ଓଡ଼ିଆ ଉଦ୍ୟୋଗୀ

ଭୁବନେଶ୍ୱର,୧୯।୯

ବ୍ରିଟେନ୍‌ରେ ଅବସ୍ଥିତ ଓଡ଼ିଆ ଉଦ୍ୟୋଗୀ ଅରୁଣ କର ଗୋଟିଏ ପରେ ଗୋଟିଏ ବୈପ୍ଳବିକ ସଫଳତା ସହ ଓଡ଼ିଆଙ୍କୁ ଗର୍ବିତ କରିଛନ୍ତି। ବ୍ରିଟେନ୍ ସିଲଭର୍‌ଷ୍ଟୋନ୍ ରେସିଂ ସର୍କିଟ୍‌ରେ ଆୟୋଜିତ ବିଶ୍ୱର ସର୍ବବୃହତ୍ ମୋଟର୍ ରେସିଂର ଦର୍ଶକଙ୍କ ପାଇଁ ଅଭିଜ୍ଞ ସେନା ଅଧିକାରୀ ଓ ଉଦ୍ୟୋଗୀ ଏବଂ ତାଙ୍କର ବ୍ୟବସାୟିକ ସହଯୋଗୀ ଚିଷ୍ଟନ୍ ପାନାରା ନିକଟରେ ରିଅଲ୍ ଟାଇମ୍ ୫ଜି ଭିର୍ଚୁଆଲ୍ ରିଅଲିଟି ସଫ୍ଟୱେର୍ ବିକଶିତ ଏବଂ ଶିଳ୍ପାୟନ କରିଛନ୍ତି। ସିଲଭର୍‌ଷ୍ଟୋନ୍ ରେସିଂ ସର୍କିଟ୍ ହେଉଛି ବ୍ରିଟେନ୍‌ର ଏକ ମୋଟର୍ ରେସିଂ ସର୍କିଟ୍, ଯେଉଁଠାରେ ଫର୍ମୁଲା ୧ ଏବଂ ମୋଟୋଜିପିର ବ୍ରିଟିଶ୍ ଗ୍ରାଣ୍ଡ ପ୍ରିକ୍ସ ପରି ରେସିଂ ଇଭେଣ୍ଟ ଅନୁଷ୍ଠିତ ହୋଇଥାଏ। ଆଗାମୀ ବର୍ଷରେ ପ୍ରମୁଖ କ୍ରୀଡା ସ୍ଥାନଗୁଡିକ କିପରି ସେମାନଙ୍କ ଦର୍ଶକଙ୍କ ପାରସ୍ପରିକ ସମ୍ପର୍କକୁ ବଢାଇ ପାରିବେ ସେ ସମ୍ବନ୍ଧରେ ଏକ ଅବିଶ୍ୱସନୀୟ ଜ୍ଞାନ ପ୍ରଦାନ କରି, ସିଲ୍‌ଭର୍‌ଷ୍ଟୋନ୍ ଶିଳ୍ପପତି, ଏକ୍ସପର୍ଟ୍‌ନେସ୍ଟ (ଅରୁଣଙ୍କ କମ୍ପାନୀ) ଙ୍କ ସହଯୋଗରେ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏକ ବୈପ୍ଳବିକ ପ୍ରକଳ୍ପ ଆଣିଛନ୍ତି। ଟ୍ରାକ୍‌ସାଇଡ୍, ଗ୍ରାଣ୍ଡଷ୍ଟାଣ୍ଡ କିମ୍ବା ଘର ସୋଫାରେ ବସି ଆପ୍ ମାଧ୍ୟମରେ ମୋବାଇଲ୍ ଫୋନ୍‌ରେ ରିଅଲ୍ ଆଇକନ୍ କାର୍‌ଗୁଡିକ ପ୍ରସିଦ୍ଧ ସିଲ୍‌ଭର୍‌ଷ୍ଟୋନ୍ ଗ୍ରାଣ୍ଡ ପ୍ରିକ୍ସ ସର୍କିଟ୍‌ରେ ଦେଖିପାରିବେ। ଦର୍ଶକମାନେ ନିଜ ଫୋନ୍ କିମ୍ବା ଭିଆର୍ ହେଡ୍‌ସେଟକୁ ଚଳାଇ ଶୋ'ର ବିଭିନ୍ନ ଦିଗକୁ ଉପଭୋଗ କରିପାରିବେ ବୋଲି ଓଡ଼ିଆ ଉଦ୍ୟୋଗୀ ଅରୁଣ କର ଏବଂ ତାଙ୍କ ବ୍ୟବସାୟିକ ସହଯୋଗୀ ଏକ୍ସପର୍ଟ୍‌ନେଷ୍ଟର ପ୍ରତିଷ୍ଠାତା ଚିଷ୍ଟନ୍ ପାନାରା କହିଛନ୍ତି। ଏହା ପାଇଁ, ୩୬୦-ଡିଗ୍ରୀ କ୍ୟାମେରାଗୁଡିକ ସିଲଭର୍‌ଷ୍ଟୋନ ପ୍ୟାଡ୍‌ଡ୍‌କ୍ ଏବଂ ସମଗ୍ର କାର୍ଯ୍ୟକ୍ରମରେ ରେସ୍ ଟ୍ରାକ୍‌ର କେନ୍ଦ୍ରୀୟ ଭାବରେ ସ୍ଥାନିତ ହୋଇଥିଲା। ଏକ ପୋର୍ଟେବଲ୍ ପୂର୍ଣ୍ଣ ୫ଜି ନେଟ୍‌ୱର୍କ, ଲାଇଭ୍ ଫୁଟେଜ୍‌ର ଏକ ଆକ୍ଟିଭେସନ୍ ଅଞ୍ଚଳରେ ଏବଂ ଆପ୍ ମାଧ୍ୟମରେ ମୋବାଇଲ୍ ଫୋନ୍ କିମ୍ବା ଭିଆର୍ ହ୍ୟାଣ୍ଡ୍‌ହେଲ୍ଡ ଡିଭାଇସ୍ ମାଧ୍ୟମରେ ସର୍ବଭାରତୀୟ ସ୍ତରରେ ଉପଲବ୍ଧ ହୋଇପାରିଥିଲା। 'ଦି କ୍ଲାସିକ୍' ପରିଦର୍ଶକମାନେ ମଧ୍ୟ ତିନି ଦିନିଆ କାର୍ଯ୍ୟକ୍ରମରେ ଉପଲବ୍ଧ ଭିଆର୍ ହେଡ୍‌ସେଟ୍‌ରେ ରେସିଂ ଦେଖିବାର ସୁଯୋଗ ପାଇଥିଲେ। ଅରୁଣ କର ଡ. ମନୋରଞ୍ଜନ କର (ଓୟୁଏଟିର ପୂର୍ବତନ କୁଳପତି) ଏବଂ ରଶ୍ମୀରେଖା କରଙ୍କ ପୁତ୍ର। ସେ ନେଷ୍ଟ ଗ୍ରୁପର ସହ ପ୍ରତିଷ୍ଠାତା, ଯେଉଁଥିରେ ସୁଚନା ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ ନିରନ୍ତରତାରେ ବିଶେଷଜ୍ଞ ଥିବା ମଲ୍ଟିନ୍ୟାଶନାଲ୍ ଡିଜିଟାଲ୍ ଆଣ୍ଡ୍ ଟେକ୍ନୋଲୋଜି ଇନୋଭେଶନ୍ କମ୍ପାନୀ (ଏକ୍ସପର୍ଟ୍‌ନେସ୍ଟ) ସହ ପାଟି ସହାୟକ କମ୍ପାନୀ ରହିଛି।




# ଖସୁଛି ବୈଦେଶିକ ମୁଦ୍ରା ଭଣ୍ଡାର

ନୂଆଦିଲ୍ଲୀ,୧୯।୯

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଯୋଗୁ ଭାରତୀୟ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପରି ସମୟରେ ଦେଶର ବିଭିନ୍ନ କ୍ଷେତ୍ର ଉପରେ ମଧ ତା'ର ଖରାପ ପ୍ରଭାବ ପଡିଛି। କିନ୍ତୁ ବିନିମୟ ମୁଦ୍ରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ବୋଲି କୁହାଯାଇଛି। ଯାହାକୁ ଯଥାସମ୍ଭବ ସବଳ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରରୁ ମୁଦ୍ରା ବାହାର କରିବାକୁ ବାଧ ହେଉଛି। ଫଳରେ ଯୁଦ୍ଧ ପରେ ମୁଦ୍ରା ଭଣ୍ଡାରରୁ ୮୦୦୦ କୋଟି ଡଲାର ବାହାର କରାଯାଇସାରିଲାଣି। ବର୍ତ୍ତମାନ ସମୟରେ ବ୍ୟାଙ୍କ ନିକଟରେ ଯେତିକି ମୁଦ୍ରା ରହିଛି ତାହା ୨ ବର୍ଷରେ ସବୁଠୁ କମ୍ ବୋଲି କୁହାଯାଇଛି। ଆରବିଆଇର ସୂଚନା ଅନୁଯାୟୀ ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରରେ ଏବେ ୫୫,୦୮୭ କୋଟି ଡଲାରର ବିଦେଶୀ ମୁଦ୍ରା ରହିଛି।


ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସରୋଜିନୀ ଚୌଧୁରୀ

ସହିଦ ନଗର, ଭୁବନେଶ୍ୱର

ତିରୋଧାନ: ୦୯।୦୯।୨୦୨୨

ବୋଉ, ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ତୁମ ଆଶୀର୍ବାଦ ଲୋଡ଼ା ସବୁଦିନ
ଆମରି ଚଲା ପଥରେ,
ତୁମରି ପ୍ରେରଣା ଜାରି ରହିଥାଉ
ସର୍ବଦା ଆମ ଭିତରେ।

ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ।

ଧ-୧୫୬୩

# ପେଟ ମାଡ଼ି ଶୋଉଥିଲେ

ପେଟମାଡ଼ି ଶୋଇବା ଅଭ୍ୟାସ ଅନେକଙ୍କଠାରେ ଦେଖିବାକୁ ମିଳେ। ହେଲେ ଆପଣ ଜାଣନ୍ତି କି ଏପରି ଶୋଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...



❖ପେଟ ମାଡ଼ି ଶୋଇବା ଦ୍ୱାରା ମାଂସପେଶୀଗୁଡ଼ିକ ଚାପିହୋଇ ରହିବା ସହ ବଡି ପୋଜିଶନ ଠିକ୍ ଭାବେ ନ ରହୁ ଥିବାରୁ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରେ ନାହିଁ। କେବେ କେବେ ଏଥିପାଇଁ ମସଲ କ୍ରାମ୍ପ୍ ହୋଇ ଖୁବ୍ ଯନ୍ତ୍ରଣା ହୋଇଥାଏ । ତା' ଛଡ଼ା ହୃତ୍‌ପିଣ୍ଡରୁ ମସ୍ତିଷ୍କକୁ ଭଲ ଭାବେ ରକ୍ତ ସଞ୍ଚାଳନ ହେବାରେ ବାଧା ଉପୁଜିଥାଏ। ଫଳରେ ମୁଣ୍ଡବିନ୍ଧା ହୋଇଥାଏ।

❖ପେଟ ଚାପିହୋଇ ରହୁଥିବାରୁ ଖାଦ୍ୟ ଭଲ ଭାବେ ହଜମ ହେବାରେ କଷ୍ଟ ହୋଇଥାଏ। ବାରମ୍ବାର ଏପରି ହେଲେ ଧୀରେ ଧୀରେ ଗ୍ୟାସ୍, ବଦହଜମି ଭଳି ଅନେକ ସମସ୍ୟା ସୃଷ୍ଟି ହୋଇଥାଏ।

❖ଏହାଦ୍ୱାରା ମେରୁଦଣ୍ଡରେ ଚାପ ପଡ଼ିଥାଏ। ଫଳରେ କିଛିଦିନ ପରେ ଧୀରେ ଧୀରେ ପିଠି ଯନ୍ତ୍ରଣା ସମସ୍ୟା ଆରମ୍ଭ ହୋଇଥାଏ। ତୁରନ୍ତ ଏପରି ଶୋଇବା ନ ବଦଳାଇଲେ ବେକରୁ ଅଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଜଟିଳ ହେବା ଆଶଙ୍କା ବୃଦ୍ଧି ପାଇଥାଏ।

❖ଏହାଦ୍ୱାରା ମୁହଁ ଚାପିହୋଇ ରହୁଥିବାରୁ ମୁହଁକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ମିଳିପାରେ ନାହିଁ। ଫଳସ୍ୱରୂପ ବ୍ରଣ, ଦାଗ ଭଳି ସମସ୍ୟା ସହ ଅଳ୍ପ ବୟସରୁ ଏଜ୍‌ଲାଇନ୍ ଏବଂ ରିଙ୍କିଲ୍ ମାର୍କ ଦେଖାଦେଇଥାଏ।

# ବର୍ଷାରେ ଗର୍ଭବତୀଙ୍କ ଯତ୍ନ

ବର୍ଷାଦିନେ ଗର୍ଭବତୀଙ୍କୁ ନିଜ ସହିତ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟରକ୍ଷା ନିମନ୍ତେ କେତେକ ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...



➤ବର୍ଷାରେ ଅନେକେ ଥଣ୍ଡା ଲାଗୁଥିବାରୁ ଭଲ ଭାବେ ଗାଧାନ୍ତି ନାହିଁ। ହେଲେ ଏପରି ନ କରି ପ୍ରତିଦିନ ଗାଧେଇଲେ ଚର୍ମ ପରିଷ୍କାର ହୁଏ ଓ କୌଣସି ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ। କୌଣସି କାରଣରୁ ବାହାରେ ବର୍ଷାରେ ଭିଜିଗଲେ ନିଜ ଶରୀରକୁ ଟାୱେଲରେ ପୋଛି ଶୁଖିଲା କରିବା ପରେ ଉଷୁମ ପାଣିରେ ଗାଧୋଇବା ଦ୍ୱାରା ସଂକ୍ରମଣ ହୋଇ ନ ଥାଏ।

➤କେବଳ ସ୍ନାନ, ଶୌଚ ଠିକ୍ ଭାବେ କରିବା ନୁହେଁ ନଖକାଟିବା, ରାନ୍ଧିବା ଓ ଖାଇବା ଆଗରୁ ଡିସ୍-ଇନଫ୍ୟାକ୍ଟାଂଟ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ। ଯାହାକି ନିଜ ସହ ଗର୍ଭସ୍ଥ ଶିଶୁକୁ ବି ନିରୋଗ ରଖିଥାଏ।

➤ସେହିପରି ନିଜର ଘରଦ୍ୱାର ଓ ଆଖପାଖ ସ୍ଥାନ ମଧ୍ୟ ପରିଷ୍କାର ରଖନ୍ତୁ। କାର୍ବୋଲିକ୍ ସାବୁନର ଦ୍ରବଣରେ ଘରଦ୍ୱାର ପୋଛି ସଫା କରିବା ଦ୍ୱାରା ଜୀବାଣୁମୁକ୍ତ ରହିଥାଏ।

➤ବିଛଣା ଚଦର ଓ ତଉଲିଆ ଆଦି ସଫା ରଖିବା ଆବଶ୍ୟକ । ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରୀ ଟାଣିବା ସହ ଆବଶ୍ୟକ ସ୍ଥଳେ ମଶାଧୂପ ଓ ମଶାକ୍ରୀମ ବ୍ୟବହାର କରିପାରିବେ।

ଖାଦ୍ୟରୁଚି

# ମସଲା ଛୋଲେ ଚାଟ୍



**ଆବଶ୍ୟକ ସାମଗ୍ରୀ:** ୨କପ୍ ଛୋଲେ, ୧/୨ ଚାମଚ କଶ୍ମୀର ଲଙ୍କା, ୧/୪ ଚାମଚ ଜିରା ପାଉଡର, ୧ ଚାମଚ କଟା ଧନିଆପତ୍ର, ୧/୨ ଚାମଚ ଚାଟ୍ ମସଲା, ୨ ଚାମଚ ତେନ୍ତୁଳି ଚଟଣି, ୨ ଚାମଚ ଲେଖାଏଁ କଟା ପିଆଜ, ଟମାଟୋ, କାକୁଡ଼ି, ୩ ଚାମଚ କଟା ସିଝା ଆଳୁ, ୧ଟି ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ୨ ଚାମଚ ଛଣା ସେଓ, ଗାଣ୍ଠିଆ, ୧ ଚାମଚ ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବୁଟକୁ ଭଲ ଭାବେ ଭିଜାଇଦିଅନ୍ତୁ। ଏହାକୁ ସିଝାଇ ଦିଅନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ପକାନ୍ତୁ । ସେଥିରେ କଟା ପିଆଜ ପକାଇ ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ କଟା ଧନିଆପତ୍ର, ଟମାଟୋ, ଲଙ୍କା, ଜିରା ପାଉଡର ପକାଇ ଭାଜନ୍ତୁ। ସେଥିରେ ସିଝା ଆଳୁ ପକାଇ ଘାଣ୍ଟନ୍ତୁ। ଅଳ୍ପ ପାଣି ଓ ତେନ୍ତୁଳି ଚଟଣି ପକାଇ ଘାଣ୍ଟନ୍ତୁ। ସେଥିରେ ଆବଶ୍ୟକ ମାତ୍ରାରେ ଲୁଣ, ଚାଟ୍ ମସଲା ପକାଇ ଗୋଳାନ୍ତୁ। ବର୍ତ୍ତମାନ ଚୁଲା ବନ୍ଦକରି ଏହାକୁ ପ୍ଲେଟ୍‌ରେ କାଢ଼ନ୍ତୁ। ଏହା ଉପରେ କଟାହୋଇଥିବା ପିଆଜ, କାକୁଡ଼ି ଏବଂ ସେଓ ଗାଣ୍ଠିଆ ପକାଇ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

# ତ୍ୱଚାରେ ରହିବନି ଦାଗ



ସ୍ପଟ୍‌ଲେସ୍ ସ୍କିନ୍ ପାଇବାକୁ କିଏ ବା ନ ଚାହେଁ। ଏଥିପାଇଁ ମହିଳାମାନେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧାନ ବ୍ୟବହାର କରିବାକୁ ମଧ୍ୟ ପଛାନ୍ତି ନାହିଁ। ହେଲେ ଆପଣ ଚାହିଁଲେ କେତେକ ଘରୋଇ ଉପଚାର ଦ୍ୱାରା ମୁହଁକୁ ଦାଗମୁକ୍ତ କରିପାରିବେ...

➤ବାରମ୍ବାର ଫେସ୍‌ୱାସ୍ ଲଗାଇ ମୁହଁ ଧୁଅନ୍ତୁ ନାହିଁ। ଏହାଦ୍ୱାରା ସ୍କିନ୍ ଡ୍ରାଏ ହୋଇଯିବ। ବିଶେଷକରି ଯେଉଁମାନଙ୍କର ଡ୍ରାଏ ସ୍କିନ୍ ସେମାନେ ଏପରି ଆଦୌ କରିବା ଠିକ୍ ନୁହେଁ।

➤ଏକ ଚାମଚ କ୍ଷୀରରେ ୪-୫ ଟୋପା ମହୁ ମିଶାଇ ଲଗାଇଲେ ତ୍ୱଚା ଦାଗ ମୁକ୍ତ ହେବା ସହ ଉଜ୍ଜ୍ୱଳ ଲାଗିବ।

➤ବାଦାମକୁ ପାଉଡର କରି ସେଥିରେ ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୬ ମିନିଟ୍ ରଖିବା ପରେ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ଆପଣ ଫରକ ନିଜେ ଜାଣିପାରିବେ।

➤୨ ଚାମଚ ଓଟ୍ ନେଇ ଏହାକୁ ଗୁଣ୍ଡ କରିଦିଅନ୍ତୁ। ସେଥିରେ ଅଳ୍ପ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଥଣ୍ଡାପାଣିରେ ଧୀରେ ଧୀରେ ଧୋଇ ଦିଅନ୍ତୁ। ମନେରଖନ୍ତୁ ମୁହଁକୁ ଆଦୌ ରଗଡ଼ନ୍ତୁ ନାହିଁ ନଚେତ୍ ଏହା ଡ୍ରାଏ ହୋଇଯିବ। କିଛି ଦିନ ଏହି ପ୍ୟାକ୍ ବ୍ୟବହାର କଲେ ଧୀରେ ଧୀରେ ଦାଗ ଦୂର ହୋଇଯିବ।

➤୧ ଚାମଚ ଶୁଖିଲା ଲିମ୍ବପତ୍ର ଗୁଣ୍ଡ,୨ ଚାମଚ ଲେଖାଏଁ ଯଅ ଅଟା, ଚଣା ଅଟା ଏବଂ ମୁଲତାନୀ ମାଟି, ଅଧା ଚାମଚ ମହୁ, ଅଳ୍ପ ଲେମ୍ବୁରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସପ୍ତାହକୁ ୨ରୁ ୩ ଥର ମୁହଁରେ ଲଗାଇଲେ ଦାଗ ସମସ୍ୟା ଦୂର ହୋଇଥାଏ।



# ପିଲାଙ୍କ ଆୟା



ବର୍ତ୍ତମାନ ସମୟ ଅଭାବରୁ କେତେଜଣ କର୍ମଜୀବୀ ମା' ସେମାନଙ୍କ ଅନୁପସ୍ଥିତିରେ ପିଲାଙ୍କ ଦାୟିତ୍ୱ ବୁଝିବା ଲାଗି ବେବି ସିଟର ବା ଆୟାଙ୍କ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ମଧ୍ୟ ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖାଯାଉଛି। ତେଣୁ ଆୟା ରଖୁଥିଲେ ପିଲାଙ୍କ ସୁରକ୍ଷା ପ୍ରତି ସଜାଗ ରହିବା ଆବଶ୍ୟକ...

ବର୍ତ୍ତମାନ ଅଧିକାଂଶ ମହିଳା କର୍ମଜୀବୀ। ତେଣୁ ସେମାନଙ୍କୁ ଉଭୟ ପରିବାର ଏବଂ ଅଫିସ୍ କାର୍ଯ୍ୟ ତୁଲାଇବାକୁ ପଡ଼ିଥାଏ। ବିଶେଷକରି ଘରେ ଛୋଟ ପିଲା ଥିବା ମା'ଙ୍କୁ କେବେ କେବେ ପିଲାଙ୍କ ଦାୟିତ୍ୱ ନେବା ସହ ଅନ୍ୟାନ୍ୟ କାର୍ଯ୍ୟ ସମ୍ଭାଳିବା କଷ୍ଟକର ହୋଇଥାଏ। ତେବେ ଏମିତିରେ ଘରେ ସହଯୋଗ କରିବା ଲାଗି ପରିବାରର ଅନ୍ୟ କେହି ସଦସ୍ୟ ନ ଥିଲେ ଉଭୟ ମାତାପିତାଙ୍କ ଅନୁପସ୍ଥିତିରେ ପିଲାଙ୍କ ଯତ୍ନ ନେବା ଲାଗି ଆୟା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଯଦିଓ ଏହାଦ୍ୱାରା ସେମାନଙ୍କୁ ପିଲାଙ୍କୁ ଏକା ଛାଡ଼ିଯିବାର ଭୟ ଦୂର ହେଉଛି, ହେଲେ ଅପରପକ୍ଷେ ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେବାର ମଧ୍ୟ ନଜିର ରହିଛି। ନିକଟରେ ବମ୍ବେରେ ଏକ କର୍ମଜୀବୀ ଦମ୍ପତି ଆୟାଙ୍କ ପାଖରେ ପିଲାକୁ ଛାଡ଼ି ଅଫିସ୍ ଯାଇଥିବା ବେଳେ ପିଲାକୁ ଆୟା ଜଣଙ୍କ ଭିକ ମାଗିବା କାର୍ଯ୍ୟ ଲାଗି ବ୍ୟବହାର କରୁଥିବା ଘଟଣା ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଠିକ୍ ସେହିପରି ଜଣେ ଆୟା ଶାନ୍ତିରେ ଟିଭି ଦେଖିବା, ପିଲାଙ୍କ ଖାଦ୍ୟ ଖାଇଦେବା, ଘରୁ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି କରିବା କିମ୍ବା ଅନ୍ୟାନ୍ୟ କାମ ଲାଗି ପିଲାଙ୍କୁ ନିଶାଦ୍ରବ୍ୟ ଦେଇ ଶୁଆଇ ଦେଉଥିବା ଘଟଣା ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଜଣେ ଆୟା ପିଲାକୁ ମାଡ଼ ମାରି ରକ୍ତାକ୍ତ କରିଥିବା ଭାଇରାଲ୍ ଭିଡିଓ ଆୟା ରଖୁଥିବା ପ୍ରତ୍ୟେକ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ସାଜିଥିଲା। ତେଣୁ ଆୟା ରଖିବା ସମୟରେ କେତୋଟି କଥା ପ୍ରତି ଧ୍ୟାନଦେବା ଆବଶ୍ୟକ...



**ନିଅନ୍ତୁ ପରିଚିତଙ୍କ ସାହାଯ୍ୟ:** ଯଦି ଆୟା ବା ବେବି ସିଟର ରଖିବା ସେତିକି ଜରୁରୀ ତେବେ କୌଣସି ଅଚିହ୍ନାଙ୍କୁ ରଖିବା ପରିବର୍ତ୍ତେ ପ୍ରଥମେ ନିଜ ସାଙ୍ଗସାଥୀ କିମ୍ବା ପରିଚିତଙ୍କ ଘରେ ପିଲାଙ୍କ ଦେଖାଶୁଣା କରୁଥିବା ଆୟାଙ୍କୁ ରଖିପାରିବେ। ଏହାଦ୍ୱାରା ସେ ବିଶ୍ୱସ୍ତ କି ନୁହେଁ ଜାଣିବା ଆପଣଙ୍କ ଲାଗି ସହଜ ହେବ।

**ରେଜିଷ୍ଟର୍ଡ ଏଜେନ୍ସି ଭଲ ମାଧ୍ୟମ:** ଯେକୌଣସି ସ୍ଥାନରେ ଆୟା ମିଳିବା ସହଜ ହୋଇ ନ ଥିବାରୁ ଏଥିପାଇଁ ବିଭିନ୍ନ ଏଜେନ୍ସି କାର୍ଯ୍ୟ କରୁଛି। ଯଦି ଆପଣ ବି ସେମାନଙ୍କ ସାହାଯ୍ୟ ନେଉଛନ୍ତି, ତେବେ ସୁରକ୍ଷା ଦୃଷ୍ଟିରୁ ଏଜେନ୍ସିର ଆଇଡେଣ୍ଟିଟି ପ୍ରୁଫ୍ ସହିତ ଆୟାଙ୍କର ଆଧାରକାର୍ଡ କିମ୍ବା ଭୋଟର କାର୍ଡ, ଠିକଣା, ଫୋନ୍ ନମ୍ବର, ମେଡିକାଲ ରିପୋର୍ଟ ଏବଂ ଅନ୍ୟାନ୍ୟ ଦରକାରୀ କାଗଜପତ୍ରକୁ ଭଲ ଭାବେ ଯାଞ୍ଚ କରିବାକୁ ଭୁଲନ୍ତୁ ନାହିଁ।

**କରାନ୍ତୁ ପୋଲିସ ଭେରିଫିକେଶନ:** ଜବ୍ କିମ୍ବା ଅନ୍ୟ କାର୍ଯ୍ୟରେ ଯଦି ବାହାରେ ରହୁଛନ୍ତି, ତେବେ ନୂଆ ଜାଗାରେ କୌଣସି ଅଚିହ୍ନା ଆୟାଙ୍କୁ ରଖିବା ପୂର୍ବରୁ ପ୍ରଥମେ ତାଙ୍କ ଠିକଣା, ବୟସ, ପରିବାର, ସେ ପୂର୍ବରୁ କେଉଁଠି କାର୍ଯ୍ୟ କରୁଥିଲେ, ଅଭିଜ୍ଞତା ଆଦି ବିଷୟରେ ଭଲ ଭାବେ ତଥ୍ୟ ସଂଗ୍ରହ କରନ୍ତୁ। ସୁରକ୍ଷା ଦୃଷ୍ଟିରୁ ପୋଲିସ ଭେରିଫିକେଶନ କରାଇ ନେବା ସବୁଠୁ ଭଲ।

**ଘରେ ଲଗାନ୍ତୁ ସିସିଟିଭି:** ପିଲାଙ୍କୁ ଆୟା ପାଖରେ ଛାଡ଼ିଯାଉଥିଲେ ସେ ଠିକ୍ ଭାବେ ଖାଇବାକୁ ଦେଉଛି ନା ନାହିଁ, ମାରପିଟ କିମ୍ବା କୌଣସି ଅବହେଳା କରୁନାହିଁ ତ ଜାଣିବା ଲାଗି ଘରେ ସିସିଟିଭି ବ୍ୟବସ୍ଥା କରନ୍ତୁ ଏବଂ ମଝିରେ ମଝିରେ ଆୟା ସହିତ ଯୋଗାଯୋଗ ରଖି ପିଲାର କଥା ବୁଝନ୍ତୁ।

**ତଦାରଖ କରନ୍ତୁ:** କେବଳ ଏତିକି ନୁହେଁ, ବର୍ତ୍ତମାନ ଅନେକେ ଘରେ ନ ଥିବା ବେବି ସିଟରମାନେ ପିଲାଙ୍କୁ ଶୁଆଇ ଦେଇ ବାହାରକୁ ଚାଲି ଯାଉଛନ୍ତି କିମ୍ବା ଅନ୍ୟମାନଙ୍କୁ ଘରକୁ ଡକାଉଛନ୍ତି। ଏହା ପିଲା ପାଇଁ ବିପଦପୂର୍ଣ୍ଣ। ତେଣୁ ଅନ୍ତତଃ ପକ୍ଷେ ସପ୍ତାହରେ ଥରେ ସମୟ ବାହାର କରି ହଠାତ୍ ଘରେ ପହଞ୍ଚି ଆୟାର କାର୍ଯ୍ୟ ତଦାରଖ କରନ୍ତୁ।

**ପିଲାଙ୍କ ଖାଦ୍ୟ ନିଜେ ରଖନ୍ତୁ:** ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଆୟା ଯେପରି ପିଲାଙ୍କ ଖାଦ୍ୟରେ ଆବଶ୍ୟକତାଠାରୁ ଅଧିକ ତେଲମସଲା ବ୍ୟବହାର ନ କରନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ସମୟରେ ପିଲା କ'ଣ କରୁଛି ସେଥିପାଇଁ ଆବଶ୍ୟକ ସାମଗ୍ରୀ ନିଜେ କାଢ଼ି ଦେବାକୁ ଚେଷ୍ଟା କରନ୍ତୁ।

**ରୁହନ୍ତୁ ସତର୍କ:** ବର୍ତ୍ତମାନ ଅନେକେ ଆୟା ସହିତ ଘରର ଅନ୍ୟାନ୍ୟ କାର୍ଯ୍ୟ କରିପାରୁଥିବା ବ୍ୟକ୍ତି ରଖିବାକୁ ବେଶି ପସନ୍ଦ କରୁଛନ୍ତି। ଏଭଳି ମହିଳା କେବଳ ପିଲାଙ୍କ ରୁମ୍ ନୁହେଁ ଅନ୍ୟ ସବୁ ରୁମ୍‌ର ପ୍ରତ୍ୟେକ ଜିନିଷ ସହ ମଧ୍ୟ ପରିଚିତ। ତେଣୁ ନିଜର ସମସ୍ତ ଜରୁରୀ କାଗଜପତ୍ର, ଟଙ୍କା ଏବଂ ମୂଲ୍ୟବାନ୍ ସାମଗ୍ରୀ ଖୋଲାରେ ନ ରଖି ଆଲମିରାରେ ଲକ୍ କରି ରଖନ୍ତୁ। ନଚେତ୍ ସାମାନ୍ୟ ଅସାବଧାନତା ଯୋଗୁ ଆପଣଙ୍କୁ ଭାରି ମୂଲ୍ୟ ଦେବାକୁ ପଡ଼ିପାରେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦି ଆୟା ପିଲାକୁ ବାହାରକୁ ବୁଲାଇବାକୁ ନେଉଛି ଏବଂ କୌଣସି ଦିନ ଆୟାର ବ୍ୟବହାର ସନ୍ଦେହଜନକ ଲାଗୁଛି ତେବେ ଯଥାଶୀଘ୍ର ସତର୍କ ହୋଇଯାଆନ୍ତୁ। ଅବଶ୍ୟକ ସ୍ଥଳେ ଆୟା ବଦଳାଇଦେବା ବି ଭଲ।

## କ'ଣ କରନ୍ତି ଏମାନେ



**ଦେବସ୍ମିତା ଦାଶ**(ଭଦ୍ରକ) - ଶିକ୍ଷକତା କରୁଛି। ମୋର ଯାଆଁଳା ଝିଅ। ସେଥିପାଇଁ ସେମାନଙ୍କୁ ଛାଡ଼ି ସ୍କୁଲ ଯିବାକୁ ମୋତେ ବହୁତ ଅସୁବିଧା ହେଉଛି। ଦୁଇଜଣଙ୍କୁ ଏକା ଛାଡ଼ି ଯିବାକୁ ଭୟ ବି ଲାଗୁଛି। ତେଣୁ ଜଣେ ବେବି ସିଟରଙ୍କୁ ରଖିଛି। ସେ ଦୁଇ ଝିଅଙ୍କର ଖାଇବା ପିଇବା ବୁଝିବା ସହ ଯତ୍ନ ମଧ୍ୟ ନେଉଛନ୍ତି। କିଛି ଅସୁବିଧା ହେଲେ ମୋତେ ଫୋନ୍ କରି ମଧ୍ୟ ଜଣାନ୍ତି। ବ୍ରେକ୍ ଟାଇମ୍‌ରେ ଆସି ଦୁଇ ଝିଅଙ୍କୁ ଦେଖାକରି ଯାଏ। ବେବି ସିଟର ଭାବରେ ରଖିଥିବା ଶାନ୍ତିଦିଦି ମୋର ଦୁଇ ଝିଅଙ୍କୁ ବହୁତ ଭଲ ପାଆନ୍ତି।



**ସୁକାନ୍ତି ସୁଚରିତା ଷଡ଼ଙ୍ଗୀ** (ଡାକ୍ତର, ମଞ୍ଚେଶ୍ୱର, ଭୁବନେଶ୍ୱର)- ଉଭୟ ବାପାମାଆ କର୍ମଜୀବୀ ହୋଇଥିବାରୁ ପିଲାଙ୍କ ଯତ୍ନ ନେବା ପାଇଁ ଜଣେ ଆୟାଙ୍କ ଆବଶ୍ୟକତା ରହିଛି। ହେଲେ ସମ୍ପୂର୍ଣ୍ଣ ତାଙ୍କ ଭରଷାରେ ପିଲାଙ୍କୁ ଛାଡି ଯିବା ନିରାପଦ ନୁହେଁ। ତେଣୁ ଜେଜେମା' କିମ୍ବା ଆଇ ପାଖରେ ରୁହନ୍ତି। ତା' ଛଡା ସୁରକ୍ଷା ଦୃଷ୍ଟିରୁ ପିଲାଙ୍କ ରୁମ୍‌ରେ କ୍ୟାମେରା ଲଗାଇଛୁ। କର୍ମକ୍ଷେତ୍ରରେ ଥିଲେ ସୁଦ୍ଧା ମଝିରେ ମଝିରେ ଫୋନ୍‌ରେ ପିଲାଙ୍କ ଖାଇବା ଏବଂ ଅନ୍ୟାନ୍ୟ କଥା ବୁଝିବାକୁ ପଡିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୦/୨୦୨୨ Bhubaneswar, Tuesday, September 20/ 2022

# ମିଡିଲ ଅର୍ଡର, ଷଷ୍ଠ ବୋଲର ଉପରେ ନଜର

**ମୋହାଲି, ୧୯।୯(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଆଗକୁ ଟି୨୦ ବିଶ୍ୱକପ୍ ଆସୁଥିବାରୁ ଭାରତ ପାଇଁ ଏହି ଘରୋଇ ସିରିଜ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦିଓ କେତେକ ଫାଷ୍ଟ ବୋଲର ବିଶ୍ରାମ ନେଇଛନ୍ତି ତଥାପି ଦଳରେ ଷଷ୍ଠ ବୋଲର ଏବଂ ମିଡିଲ ଅର୍ଡର ବ୍ୟାଟିଂ ସମସ୍ୟା ସୁଧାରିବା ଉପରେ ମୁଖ୍ୟତଃ ନଜର ରହିବ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଖେଳିବ ଭାରତ। ତେଣୁ ବିଶ୍ୱକପ୍ ପାଇଁ କମ୍ବିନେଶନ ଶର୍ଟଆଉଟ କରିବାକୁ ଏହା ଶେଷ ସୁଯୋଗ।

ଏସିଆ କପ୍‌ରେ ଭାରତ ଯଦିଓ ଭଲ ବ୍ୟାଟିଂ କରିଥିଲା ତେବେ ବୋଲିଂ ବିଭାଗର ଦୁର୍ବଳତା ପଦାରେ ପଡ଼ିଥିଲା। ତେବେ ବିଶ୍ୱକପର ପିଚ୍ ଓ ପରିବେଶ ଭିନ୍ନ ରହିବ। ଯଶପ୍ରୀତ୍ ବୁମ୍‌ରା ଓ ହର୍ଷଲ ପଟେଲଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଦଳର ବୋଲିଂ ଆକ୍ରମଣ ମଜଭୁତ ହୋଇଛି। ଲୋକେଶ ରାହୁଲ ତାଙ୍କ ଓପନିଂ ପାର୍ଟନର ରହିବେ ବୋଲି ରୋହିତ୍ ଶର୍ମା ଯଦିଓ ସ୍ପଷ୍ଟ କରିଛନ୍ତି ତେବେ ବିରାଟ କୋହଲି ଇନିଂସ୍ ଓପନ୍ କରିବା ସମ୍ଭାବନା ମଧ୍ୟ ରହିଛି। ଏସିଆ କପ୍‌ରେ କୋହଲି କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଶତକ ହାସଲ କରିଥିବାରୁ ତାଙ୍କ ପାଇଁ ଟପ୍ ଅର୍ଡର ସ୍ଥାନ ଉନ୍ମୁକ୍ତ ରହିବ। ବ୍ୟାଟିଂରେ ଟପ୍-୪ ସ୍ଥାନ ଯଦିଓ ସ୍ଥିର ହୋଇସାରିଛି ତେବେ ପ୍ଲେଇଂ ଇଲେଭେନରେ ଉଇକେଟ କିପର ଭାବେ ରିଷଭ ପନ୍ତ ରହିବେ ନା ଦୀନେଶ କାର୍ତ୍ତିକ ଖେଳିବେ ତାହା ଏବେ ମଧ୍ୟ ଅସମାହିତ ରହିଛି। ରବୀନ୍ଦ୍ର ଜାଡେଜା ଆହତ ଥିବାରୁ ବାମହାତୀ ବ୍ୟାଟର ଭାବେ ପନ୍ତଙ୍କ ପଲା ଭାରି ରହିବ କି ନାହିଁ ତାହା ଉପରେ ଏବେ ନଜର। ଏସିଆ କପ୍‌ରେ କାର୍ତ୍ତିକ ଖୁବ୍ କମ୍ ବ୍ୟାଟିଂ ସୁଯୋଗ ପାଇଥିଲେ। ତେଣୁ ଆଗାମୀ ୨ ସପ୍ତାହ ତାଙ୍କ ପାଇଁ ଭଲ ରହିବ ବୋଲି ସେ ନିଶ୍ଚିତ ଆଶା କରିବେ। ଦୀପକ ହୁଡା ଯଦିଓ ୟୁଏଇରେ ସୁପର ୪ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳିଥିଲେ ତଥାପି ତାଙ୍କ ଭୂମିକାକୁ ନେଇ ସ୍ପଷ୍ଟ ଚିତ୍ର ଏପର୍ଯ୍ୟନ୍ତ ମିଳିନାହିଁ।

ଜାଡେଜା ଆହତ ଥିବାରୁ ଏସିଆ କପ୍‌ରେ ଭାରତର ବୋଲିଂ ସନ୍ତୁଳନ ବିଗିଡ଼ି ଯାଇଥିଲା। ଭାରତ ବାଧ୍ୟହୋଇ ୫ ବୋଲରଙ୍କୁ ନେଇ ଖେଳିଥିଲା। ଭାରତ ଯଦି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ଜାଡେଜାଙ୍କ ବଦଳ ଖେଳାଳି ଅକ୍ଷର ପଟେଲଙ୍କୁ ନେବ ତେବେ ଦଳରେ ଅତିରିକ୍ତ ବୋଲିଂ ବିକଳ୍ପ ଉନ୍ମୁକ୍ତ ରହିବ। ଏ କ୍ଷେତ୍ରରେ ବୁମ୍‌ରା, ଭୁବନେଶ୍ୱର କୁମାର, ହର୍ଷଲ ଓ ହାର୍ଦ୍ଦିକ ପେସ୍ ଆକ୍ରମଣ ଏବଂ ୟୁଜ୍‌ବେନ୍ଦ୍ର ଚହଲ ଓ ଅକ୍ଷର ସ୍ପିନ୍ ବିଭାଗ ଦାୟିତ୍ୱ ସମ୍ଭାଳିବେ। ଅଷ୍ଟ୍ରେଲିଆର ପରିବେଶ ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଟିମ୍ ମ୍ୟାନେଜ୍‌ମେଣ୍ଟ ଯାହାକିଛି ନିଷ୍ପତ୍ତି ନେବ।

ଅନ୍ୟପକ୍ଷରେ ଡେଭିଡ ୱାର୍ନରଙ୍କ ସମେତ କେତେକ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇ ଅଷ୍ଟ୍ରେଲିଆ ଏଠାକୁ ଆସିଛି। ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ ଓ ମିଚେଲ ମାର୍ଶ ଆହତ ଥିବାରୁ ଭାରତ ଆସିନାହାନ୍ତି। ତେବେ ଅନ୍ତର୍ଜାତୀୟ ଦିନିକିଆରୁ ନିକଟରେ ଅବସର ନେଇଥିବା ଅଧିନାୟକ ଆରୋନ ଫିଞ୍ଚ୍ ବ୍ୟକ୍ତିଗତ ଭାବେ ଅଧିକରୁ ଅଧିକ ରନ୍ କରିବା ଉପରେ ଲକ୍ଷ୍ୟ ରଖିବେ ନିଶ୍ଚିତ। ଆଉ ଜଣେ ଖେଳାଳି ଆକର୍ଷଣର କେନ୍ଦ୍ରରେ ରହିବେ। ସେ ହେଲେ ଟିମ୍ ଡାଭିଡ। ସିଙ୍ଗାପୁର ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ପରେ ସେ ଏବେ ଅଷ୍ଟ୍ରେଲିଆରୁ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

**ଭାରତୀୟ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଲୋକେଶ ରାହୁଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ, ୟୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଦୀପକ ଚହର, ଯଶପ୍ରୀତ୍ ବୁମ୍‌ରା, ଉମେଶ ଯାଦବ।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ସିଅନ ଆବୋଟ, ଅଷ୍ଟନ ଅଗର, ପ୍ୟାଟ୍ କୁମିନ୍ସ, ଟିମ୍ ଡାଭିଡ, ନାଥାନ ଏଲିସ, କାମେରନ ଗ୍ରୀନ୍, ଜୋଶ୍ ହାଜେଲଉଡ୍, ଜୋଶ୍ ଇଂଲିଶ୍, ଗ୍ଲେନ ମ୍ୟାକ୍ସୱେଲ, କେନ୍ ରିଚାର୍ଡଶନ, ଡାନିଏଲ ସାମ୍ସ, ଷ୍ଟିଭ୍ ସ୍ମିଥ, ମାଥ୍ୟୁ ୱାଡେ, ଆଡାମ ଜାମ୍ପା।



ସୋମବାର ନେଟ୍ସ ସେସନ ଅବସରରେ ରିଷଭ ପନ୍ତ ଓ ହର୍ଷଲ ପଟେଲ।

**ଭାରତ-ଅଷ୍ଟ୍ରେଲିଆ ଟି୨୦ ସିରିଜ ଆଜିଠାରୁ**
**ମ୍ୟାଚ୍ ଆରମ୍ଭ: ରାତି ୭ଟା ୩୦**

## ଏସିଆଡ୍ ପଦକ ବିଜୟିନୀ ପୁଭାମା ୨ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୧୯।୯ (ପି.ଟି.)**

ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଭାରତର ସିନିୟର କ୍ୱାର୍ଟର-ମାଇଲର ତଥା ଏସିଆନ ଗେମ୍ସ ପଦକ ବିଜୟିନୀ ଏମ୍.ଆର୍. ପୁଭାମାଙ୍କୁ ୨ ବର୍ଷ ବାସନ୍ଦ କରିଛି ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଆଣ୍ଟି ଡୋପିଂ ଅପିଲ ପ୍ୟାନେଲ (ଏଡିପିଏ)। ଏହା ପୂର୍ବରୁ ଡିସିପ୍ଲିନାରୀ ପ୍ୟାନେଲ ପୁଭାମାଙ୍କୁ ମାତ୍ର ୩ ମାସ ବାସନ୍ଦ କରିଥିଲା। ଏଡିପିଏ ଏହାକୁ ରଦ୍ଦ କରି ବାସନ୍ଦ ମିଆଦକୁ ବୃଦ୍ଧି କରିଛି। ୩୨ ବର୍ଷୀୟା ପୁଭାମାଙ୍କର ଗତବର୍ଷ ଫେବୃୟାରୀ ୧୮ରେ ପଟିଆଲାରେ ଇଣ୍ଡିଆନ ଗ୍ରାଁ. ପ୍ରି. ବେଳେ ଡୋପ୍ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଦ୍ୱାରା ନିଷିଦ୍ଧ ମେଥିଲହେକ୍ସାମାଇନ୍ ଷ୍ଟିମୁଲାଣ୍ଟ ଠାବ ହୋଇଥିଲା। ଜୁନ୍‌ରେ ଆଣ୍ଟି ଡୋପିଂ ଡିସିପ୍ଲିନାରୀ ପ୍ୟାନେଲ ତାଙ୍କୁ ୩ ମାସ ସସ୍‌ପେଣ୍ଡ କରିଥିଲା। ନାଡା କିନ୍ତୁ ଡିସିପ୍ଲିନାରୀ ପ୍ୟାନେଲ ନିଷ୍ପତ୍ତି ବିରୁଦ୍ଧରେ ଅପିଲ କରିଥିଲା। ଏଡିପିଏ ପୁଭାମାଙ୍କୁ ୨ବର୍ଷ ବାସନ୍ଦ କରିଥିଲା।

## ଏଆଇଏଫ୍‌ଏଫ୍‌ର ବିଭିନ୍ନ କମିଟିରେ ଓଡ଼ିଶାରୁ ୬


ଅଭିଜିତ୍ ପାଲ୍

**ଭୁବନେଶ୍ୱର, ୧୯।୯ (କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର କାର୍ଯ୍ୟକାରିଣୀ କମିଟି ବୈଠକ ସୋମବାର କୋଲ୍‌କାତାରେ ଅନୁଷ୍ଠିତ ହୋଇଯାଇଛି। ଦେଶରେ ଫୁଟ୍‌ବଲର ବିକାଶ ଏବଂ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ପ୍ରଶାସକ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଙ୍କୁ ମିଶାଇ ଓଡ଼ିଶାରୁ ମୋଟ ୬ ଜଣ ବିଭିନ୍ନ କମିଟିରେ ସ୍ଥାନ ପାଇଛନ୍ତି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଯୁଗ୍ମ ସମ୍ପାଦକ ତଥା ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ କମିଟି ସଦସ୍ୟ ଅଭିଜିତ୍ ପାଲ୍‌ଙ୍କୁ ରାଜ୍ୟ ଉନ୍ନୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ଅଭିଜିତ୍ ଏଆଇଏଫ୍‌ଏଫ୍‌ର ଫାଇନାନ୍ସ କମିଟିରେ ସ୍ଥାନ ପାଇଥିବାବେଳେ ଆଡ୍‌ଭାଇଜରି କମିଟି (ଫୁଟ୍‌ବଲ ଡେଭେଲପମେଣ୍ଟ)ରେ ରାଜେନ୍ଦ୍ର ପ୍ରସାଦ ସିଂ, ଫୁଟ୍‌ସାଲ କମିଟିରେ ମହମ୍ମଦ ସହିଦ ଜବାର, ବିଚ୍ ସକ୍କର କମିଟିରେ ଅନୁପ ପାତ୍ର, ମହିଳା କମିଟିରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ କମ୍ପିଟିଶନ କମିଟିରେ ସସ୍ମିତା ମଲିକ ସ୍ଥାନ ପାଇଛନ୍ତି।

# ଦିଲୀପଙ୍କ ପ୍ରତିଦ୍ୱନ୍ଦ୍ୱୀ ରାକେଶ, ଭୋଳାନାଥ

**ଭୁବନେଶ୍ୱର, ୧୯।୯ (କ୍ରୀଡ଼ା ପ୍ରତିନିଧି)**

ଅକ୍ଟୋବର ୧ରେ ହେବାକୁଥିବା ହକି ଇଣ୍ଡିଆ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ହକି ଇଣ୍ଡିଆ ତଥ୍ୟ ଅନୁସାରେ ଓଡ଼ିଶାର ଦିଲୀପ ତିର୍କୀଙ୍କ ସହିତ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ନଏଡାର ରାକେଶ କାଟ୍ୟାଲ ଓ ଝାଡ଼ଖଣ୍ଡର ଭୋଳାନାଥ ସିଂ। ସେହିପରି ଉପସଭାପତି ପଦ ପାଇଁ ଅସୀମା ଅଲ୍ଲୀ, ଏସ୍.ଭି.ଏସ୍. ସୁବ୍ରମଣ୍ୟ ଗୁପ୍ତା ଏବଂ ମହାସଚିବ ପଦ ଲାଗି ହିତେଶ ସିନ୍ଧ୍ୱାନୀ, ଭୋଳାନାଥ ସିଂ, ମନୋଜ ଭି. ଭୋରେ ନାମାଙ୍କନ ଭରିଛନ୍ତି। ଅର୍ଥାତ୍ ଭୋଳାନାଥ ଉଭୟ ସଭାପତି ଓ ମହାସଚିବ ପଦ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି କୋଷାଧ୍ୟକ୍ଷ ପଦ ପାଇଁ ସେକର ଜେ. ମନୋହରନ, ଯୁଗ୍ମ ସମ୍ପାଦକ ପାଇଁ ଆରତି ସିଂ, ରେଣୁ, ସୁନୀଲ ମଲିକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଲାଗି ଭି. ସୁନୀଲ କୁମାର, କଲ୍ୟାଣୀ ଡେକା, ଆଶ୍ରିତା ଲାକ୍ରା, ତପନ କୁମାର ଦାସ, ଅରୁଣ କୁମାର ସାରସ୍ୱତ, ଗୁରପ୍ରୀତ୍ କୌର ମନୋନୟନ ପତ୍ର ଦାଖଲ କରିଛନ୍ତି।

ପ୍ରକାଶ ଯେ, ୧ ସଭାପତି, ୨ ଉପସଭାପତି (ଜଣେ ଲେଖାଏ ମହିଳା ଓ ପୁରୁଷ), ୧ ମହାସଚିବ, ୧ କୋଷାଧ୍ୟକ୍ଷ, ୨ ଯୁଗ୍ମ ସମ୍ପାଦକ (ଜଣେ ଲେଖାଏ ମହିଳା ଓ ପୁରୁଷ) ଏବଂ ୫ କାର୍ଯ୍ୟକାରିଣୀ ସଦସ୍ୟ ପଦ ପାଇଁ ନିର୍ବାଚନ ହେବ। ୨୦ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ, ୨୧ ଓ ୨୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୨୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଯେଉଁ ପଦ ପାଇଁ ଆବଶ୍ୟକ ପଡ଼ିବ ଅକ୍ଟୋବର ୧ରେ ନିର୍ବାଚନ କରାଯିବ। ଗତ ଅଗଷ୍ଟରେ ହକି ଇଣ୍ଡିଆ ଏହାର ନିର୍ବାଚନ ପରିଚାଳନା ପାଇଁ ଅଜୟ ନାୟକଙ୍କୁ ରିଟର୍ନିଂ ଅଫିସର ନିଯୁକ୍ତ କରିଥିଲା। ଅଜୟ ହେଉଛନ୍ତି ବିହାର ସରକାରଙ୍କ ପୂର୍ବତନ ଚିଫ୍ ଇଲେକ୍ଟୋରାଲ ଅଫିସର। ଏ.କେ. ମଜୁମ୍‌ଦାରଙ୍କୁ ସହକାରୀ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ମିଳିଛି।

**ହକି ଇଣ୍ଡିଆ ନିର୍ବାଚନ**

# ଆଇନଗତ ପଦକ୍ଷେପ ନେଇପାରନ୍ତି ଭୂଟିଆ

**କୋଲ୍‌କାତା, ୧୯।୯(ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଭାରତର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆଙ୍କ ଅନୁରୋଧକୁ ଟାଳି ଦେଇଥିବାରୁ ସେ ହୁଏତ ଆଇନଗତ ପଦକ୍ଷେପ ନେଇପାରନ୍ତି। ଏଠାରେ ସୋମବାର ଅନୁଷ୍ଠିତ ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ସାଧାରଣ ସମ୍ପାଦକ ପଦବୀରେ ଶାଜି ପ୍ରଭାକରନଙ୍କୁ କାହିଁକି ନିଯୁକ୍ତି ଦିଆଗଲା ସେ ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ଅନୁରୋଧ କରିଥିଲେ। ପ୍ରଭାକରନ ଫୁଟ୍‌ବଲ ଦିଲ୍ଲୀର ଜଣେ ପ୍ରତିନିଧି ଭାବେ ଇଲେକ୍ଟୋରାଲ କଲେଜର ଜଣେ ସଦସ୍ୟ ଅଟନ୍ତି। ସେପ୍ଟେମ୍ବର ୨ରେ ସଭାପତି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଭାରତର ପୂର୍ବତନ ଗୋଲ୍‌କିପର କଲ୍ୟାଣ ଚୌବେ ଭୂଟିଆଙ୍କୁ ୩୩-୧ ଭୋଟ୍ ବ୍ୟବଧାନରେ ପରାସ୍ତ କରି ନିର୍ବାଚିତ ହେବା ପରେ ପ୍ରଭାକରନଙ୍କୁ ଏଆଇଏଫ୍‌ଏଫ୍‌ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଥିଲା। ଭୂଟିଆ କହିଛନ୍ତି ଯେ, ଜଣେ ଭୋଟରଙ୍କୁ ମହାସଂଘର ଏକ ବେତନପ୍ରାପ୍ତ ପଦବୀରେ ନିଯୁକ୍ତି ଦିଆଯିବା ଯଥାର୍ଥ ନୁହେଁ। ଏହା ପଛରେ କିଛି ମୁଲ୍‌ଚାଲ ହୋଇଥିବା ତାଙ୍କର ସନ୍ଦେହ ହେଉଛି। ଏ ବିଷୟ ଏଠାରେ ସୋମବାର ଅନୁଷ୍ଠିତ କାର୍ଯ୍ୟନିର୍ବାହୀ କମିଟି ବୈଠକର ଏଜେଣ୍ଡାରେ ସାମିଲ କରିବା ଲାଗି ଭୂଟିଆ ୨/୩ ଦିନ ପୂର୍ବରୁ ଏଆଇଏଫ୍‌ଏଫ୍‌କୁ ଅନୁରୋଧ କରିଥିଲେ। ମାତ୍ର ବୈଠକରେ ଏହି ପ୍ରସଙ୍ଗ ଆଦୌ ଉଠାଗଲାନାହିଁ, ଯାହା ତାଙ୍କୁ ନିରାଶ କରିଛି। ସେ ତାଙ୍କ ହିତାକାଂକ୍ଷୀମାନଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଭୂଟିଆ କହିଛନ୍ତି। ୨୦୧୧ରେ ଅବସର ନେବା ପୂର୍ବରୁ ଭୂଟିଆ ଭାରତୀୟ ଫୁଟ୍‌ବଲର ଜଣେ 'ପୋଷ୍ଟର ବୟ' ରୂପେ ପରିଚିତ ଥିଲେ। ସେ କହିଛନ୍ତି, ଏଆଇଏଫ୍‌ଏଫ୍ ନିର୍ବାଚନରେ ପ୍ରଭାକରନ କେବଳ ଜଣେ ଭୋଟର ନ ଥିଲେ, ସେ କଲ୍ୟାଣ ଚୌବେଙ୍କ ପାଇଁ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ବେତନପ୍ରାପ୍ତ ପଦବୀରେ ନିଯୁକ୍ତି ଦିଆଯିବା ଏକ ଖରାପ ଉଦାହରଣ ସୃଷ୍ଟି କରିଛି। ପ୍ରଭାକରନଙ୍କୁ ଯଦି କୌଣସି ଅବୈତନିକ ପଦବୀରେ ନିଯୁକ୍ତି ଦିଆଯାଇଥାନ୍ତା ତେବେ ତାଙ୍କର କୌଣସି ଆପତ୍ତି ନ ଥିଲା। ଭୂଟିଆ ଆହୁରି ମଧ୍ୟ ଏଆଇଏଫ୍‌ଏଫ୍‌ର ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳକୁ ବାର୍ସିଲୋନା ପଠାଇବା ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି। ଏଥିରୁ ଖେଳାଳିମାନେ ଉପକୃତ ହେବେ ନାହିଁ ବୋଲି ସେ କହିଛନ୍ତି।


ବାଇଚୁଙ୍ଗ ଭୂଟିଆ


ଶାଜି ପ୍ରଭାକରନ

**ଶାଜିଙ୍କୁ ନିଯୁକ୍ତି ପ୍ରସଙ୍ଗ**

# ନିରପେକ୍ଷ ପ୍ରଶାସକ ଚଳାଇବେ ଆଇଓଏ

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ବର୍ତ୍ତମାନ ସମୟରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ପ୍ରଶାସନ ଚଳାଇବା ଲାଗି ସୁପ୍ରିମ୍‌କୋର୍ଟ ଜଣେ ନିରପେକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତ ଦେବେ। ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସହ ଆଲୋଚନା କରିବା ଲାଗି କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଆଇଓସି ସେପ୍ଟେମ୍ବର ୮ରେ ଏହାର ଅନ୍ତିମ ଚରମବାଣୀ ଶୁଣାଇଥିଲା। ପରିଚାଳନାଗତ ସମସ୍ୟା ଦୂର କରିବା ଏବଂ ଡିସେମ୍ବର ସୁଦ୍ଧା ନିର୍ବାଚନ କରାଇବାରେ ବିଫଳ ହେଲେ ବିଶ୍ୱ କ୍ରୀଡ଼ା ପରିଷଦ ଭାରତକୁ ବାସନ୍ଦ କରିବ ବୋଲି କୁହାଯାଇଥିଲା। ଆଇଓସିର କାର୍ଯ୍ୟନିର୍ବାହୀ ବୈଠକ ସୁଇଜରଲାଣ୍ଡର ଲାଉସାନେରେ ବସିଥିଲା। ନରିନ୍ଦର ବାତ୍ରା ବହିଷ୍କୃତ ହେବା ପରେ କୌଣସି କାମଚଳା ଅବା ଅନ୍ତରୀଣ ସଭାପତିଙ୍କୁ ସ୍ୱୀକୃତି ଦିଆଯିବନାହିଁ। ଆଇଓସି ଏ ସମସ୍ତ ବ୍ୟାପାରରେ ବର୍ତ୍ତମାନ କେବଳ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟାଙ୍କ ସହ ଯୋଗାଯୋଗ କରିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।




# ପ୍ରଶଂସକଙ୍କ ମନୋରଞ୍ଜନ ଜାରି ରଖିବି: ସେହ୍ୱାଗ୍

**ଭୁବନେଶ୍ୱର, ୧୯।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଆଦାନି ସ୍ପୋର୍ଟ୍ସ ଲାଇନ୍ ମାଲିକାନାରେ ଥିବା ଗୁଜରାଟ ଜାଏଣ୍ଟ୍ସ ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚ୍‌ରେ ଏହି ଦଳ ଇଣ୍ଡିଆ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଅନ୍ତର୍ଜାତୀୟ କ୍ରିକେଟ୍ କିମ୍ବଦନ୍ତୀମାନେ ପୁଣିଥରେ ପଡ଼ିଆକୁ ଓହ୍ଲାଇଥିବାବେଳେ ଭାରତର ଅନ୍ୟତମ ମହାନ୍ ଓପ୍‌ନର ବୀରେନ୍ଦ୍ର ସେହ୍ୱାଗ୍ ନିଜ ଟିମ୍ ପାଇଁ ରନ୍ ସ୍କୋର୍ କରି ପୁଣିଥରେ ତାଙ୍କ ପ୍ରଶଂସକଙ୍କୁ ପ୍ରଭାବିତ କରିବାକୁ ପ୍ରସ୍ତୁତ ଅଛନ୍ତି। ସେହ୍ୱାଗ କହିଛନ୍ତି ଯେ, "ଏହା ଏକ ଭଲ ଆରମ୍ଭ ଥିଲା। କେଭିନ୍ ଓ' ବ୍ରାଏନ୍ ଶତକ ହାସଲ କରିଥିବାବେଳେ ଆମ ବୋଲରମାନେ ମଧ୍ୟ ଭଲ ଖେଳିଥିଲେ। କ୍ରିକେଟ୍ ପଡ଼ିଆକୁ ଫେରିବାର ଏହି ସୁଯୋଗ ସହିତ ମୁଁ ବ୍ୟାଟିଂ ମାଧ୍ୟମରେ ପୁଣିଥରେ ମୋର ପ୍ରଶଂସକମାନଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରିବି। ଆମ ଦଳ ଭଲ ପ୍ରଦର୍ଶନ ଜାରି ରଖି ଟ୍ରଫି ଜିତିବା ନେଇ ମୁଁ ଆଶାବାଦୀ।" ଟିମ୍ ସମ୍ପର୍କରେ କୋଚ୍ ଭେଙ୍କଟେଶ ପ୍ରସାଦ କହିଛନ୍ତି, "ଗୁଜରାଟ ଜାଏଣ୍ଟ୍ସ ସହ ଜଡ଼ିତ ହେବା ମୋ ପାଇଁ ଏକ ସୁଯୋଗ ସଦୃଶ। ଏହି କ୍ରିକେଟରମାନେ କେବଳ କିମ୍ବଦନ୍ତୀ ନୁହନ୍ତି ବରଂ କ୍ରୀଡ଼ାକ୍ଷେତ୍ରରେ ଜଣେ ଜଣେ ମହାନ୍ ଖେଳାଳି। ଗୁଜରାଟ ଜାଏଣ୍ଟ୍ସର ମ୍ୟାଚ୍ ଦେଖୁଥିବା ଓ ଏହାକୁ ଅନୁସରଣ କରୁଥିବା ଦର୍ଶକମାନଙ୍କୁ ମନୋରଞ୍ଜନ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ।"


ବୀରେନ୍ଦ୍ର ସେହ୍ୱାଗ

# ଗୁଜରାଟ ଜାଏଣ୍ଟ୍ସର ଦ୍ୱିତୀୟ ବିଜୟ

**ଲକ୍ଷ୍ନୌ, ୧୯।୯**

ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି ଗୁଜରାଟ ଜାଏଣ୍ଟ୍ସ। ଉଦ୍‌ଘାଟନୀ ମ୍ୟାଚରେ ଇଣ୍ଡିଆ କ୍ୟାପିଟାଲ୍ସକୁ ୩ ଉଇକେଟରେ ହରାଇଥିବା ଗୁଜରାଟ ଦଳ ସୋମବାର ମନିପାଲ ଟାଇଗର୍ସକୁ ୨ ଉଇକେଟରେ ପରାସ୍ତ କରିଛି। ମନିପାଲ ଟାଇଗର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୨୦ ରନ କରିଥିବାବେଳେ ଗୁଜରାଟ ଜାଏଣ୍ଟ୍ସ ୧୭.୨ ଓଭରରେ ୮ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରି ନେଇଥିଲା। ପାର୍ଥିବ ପଟେଲ ସର୍ବାଧିକ ୩୪ ରନ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମନିପାଲ ଟାଇଗର୍ସ ଦଳର କ୍ରିସ ମୋପୋଫୁ, ପରବିନ୍ଦର ଅୱାନା, ହରଭଜନ ସିଂ ଓ ମୁଥୟା ମୁରଲୀଧରନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଗୁଜରାଟ ଜାଏଣ୍ଟ୍ସ। ପୂର୍ବ ମ୍ୟାଚ ଭଳି ଏଠାରେ ମଧ୍ୟ ମନିପାଲ ଟାଇଗର୍ସ ଦଳର ପ୍ରଦର୍ଶନ ଆଶାନୁରୂପ ରହିନ ଥିଲା। ୨୨ ରନରେ ୩ଟି ଉଇକେଟ ହରାଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମିଡିଲ ଅର୍ଡରରେ ରବିକାନ୍ତ ଶୁକ୍ଲା ସର୍ବାଧିକ ୩୨ ରନ ସ୍କୋର କରିଥିଲେ। ମହମ୍ମଦ କୈଫ ୨୪ ଓ ଅଧିନାୟକ ହରଭଜନ ସିଂ ୧୮ ରନର ଯୋଗଦାନ ଦେଇଥିଲେ। ଗୁଜରାଟ ଦଳ ପକ୍ଷରୁ ଅଶୋକ ଦିଣ୍ଡା ଓ ତିଳକରତ୍ନେ ଦିଲସାନ ୨ଟି ଲେଖାଏ ଏବଂ ରାୟଡ ଇମ୍ରିଟ ଓ ଥିସାରା ପେରେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମନିପାଲ ଟାଇଗର୍ସ ୨୦ ଓଭରରେ ୧୨୦/୮ (ରବିକାନ୍ତ ଶୁକ୍ଲା-୩୨, ମହମ୍ମଦ କୈଫ-୨୪, ଅଶୋକ ଦିଣ୍ଡା-୨/୨୨, ତିଳକରତ୍ନେ ଦିଲସାନ-୨/୧୮, ରାୟଡ ଇମ୍ରିଟ-୧/୫, ଥିସାରା ପେରେରା-୧/୧୬)। ଗୁଜରାଟ ଜାଏଣ୍ଟ୍ସ ୧୭.୨ ଓଭରରେ ୧୨୧/୮ (ପାର୍ଥିବ ପଟେଲ-୩୪, କେଭିନ ଓ'ବ୍ରାଏନ-୨୩, କ୍ରିସ ମୋପୋଫୁ-୨/୨୬, ପରବିନ୍ଦର ଅୱାନା-୨/୧୩, ହରଭଜନ ସିଂ-୨/୨୩, ମୁଥୟା ମୁରଲୀଧରନ-୨/୧୦)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଦର୍ଶନ କଲେ ଭାଜପା ସାଧାରଣ ସମ୍ପାଦକ

ପୁରୀ ଅଫିସ, ୧୯।୯: ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ଗୌତମ ସୋମବାର ଅପରାହ୍ନରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତାଙ୍କୁ ସେବାୟତ ଓ ଭାଜପା ନେତାମାନେ ସିଂହଦ୍ୱାର ନିକଟରେ ସ୍ୱାଗତ ଜଣାଇଥିଲେ। ସେ ବାଇଶ ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ମା' ବିମଳା, ମା' ମହାଲକ୍ଷ୍ମୀ, ବାଟ ଗଣେଶ ଏବଂ ଭିତରବେଢ଼ାରେ ଥିବା ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରି ଫେରିଥିଲେ। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ଜିଲା ସମ୍ପାଦକ ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଘାଟିତ

**କଟକ ଅଫିସ,୧୯।୯:** ବିଜ୍ଞାନର ପ୍ରୟୋଗ ମନୁଷ୍ୟର ଅସ୍ଥିମଜ୍ଜାଗତ ହୋଇଯାଇଛି। ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନଜନିତ ଉଦ୍ଭାବନ ଓ ଆବିଷ୍କାରର ନୂତନ କ୍ଷେତ୍ରକୁ ନେଇ ସମାଜ ଆଗକୁ ବଢ଼ିଚାଲିଛି। ଛାତ୍ରୀଛାତ୍ରମାନେ ନିଜ ଧୀଶକ୍ତି ବଳରେ ବିଜ୍ଞାନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଶୀଳନକୁ ସମୀକ୍ଷା ପୂର୍ବକ ପ୍ରୟୋଗ କରିବା ଆବଶ୍ୟକ। ନିଜର ଜିଜ୍ଞାସା ଓ ଅନ୍ତର୍ନିହିତ ମେଧା ଶକ୍ତିର ପ୍ରୟୋଗରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସମାଜରେ ଗଠନମୂଳକ ଆବିଷ୍କାରକୁ ସ୍ୱାଗତ କରିବାର ସମୟ ଉପନୀତ। ସେଥିପାଇଁ ଛାତ୍ରୀଛାତ୍ରମାନେ ପ୍ରୟୋଗାତ୍ମକ ଉଦ୍ଭାବନରେ ବ୍ରତୀ ହୁଅନ୍ତୁ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। କଟକସ୍ଥିତ ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନିଆ ୪୮ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଦର୍ଶନୀକୁ ମନ୍ତ୍ରୀ ଦାସ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଉତ୍ସବରେ ସମ୍ମାନିତ ଅତିଥି ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଜ୍ଞାନ ଜନସାଧାରଣଙ୍କ ପ୍ରତିକ୍ରିୟାକୁ ଅତି ସରଳ କରିଦେଇଛି ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଭବିଷ୍ୟତରେ ଛାତ୍ରୀଛାତ୍ର ରାଜ୍ୟ ତଥା ରାଷ୍ଟ୍ରର ଉନ୍ନତିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ ପୂର୍ବକ ସମଗ୍ର ବିଶ୍ୱକୁ ଆଲୋକବର୍ତ୍ତିକା ପ୍ରଦର୍ଶନ କରନ୍ତୁ ବୋଲି କହିଥିଲେ।ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ବିଧାୟକ ସୌଭିକ ବିଶ୍ୱାଳ ବୋଲି କହିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରତି ଥିବା ଅଭିରୁଚି ଏହି ପ୍ରଦର୍ଶନୀ ମାଧ୍ୟମରେ ପ୍ରଦର୍ଶିତ ହୋଇପାରିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରେଭେନ୍‌ଶା କଲିଜିଏଟ ସ୍କୁଲର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅତିରିକ୍ତ ଶିକ୍ଷାଧିକାରୀ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ପ୍ରଦର୍ଶନୀରେ ୧୫୫ଟି ସ୍କୁଲରେ ୩୦ଟି ଜିଲାର ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

# ରାଜଧାନୀରେ ଡେଙ୍ଗୁ ସକ୍ରିୟ, ରୋଗୀ ସଂଖ୍ୟା ୨ହଜାର ଟପିଲା

ଭୁବନେଶ୍ୱର, ୧୯।୯ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଏବେ ଡେଙ୍ଗୁ ଭୂତାଣୁ ସକ୍ରିୟ ରହିଛି। ସହରର ସବୁ ଅଞ୍ଚଳକୁ ଡେଙ୍ଗୁ ବ୍ୟାପିଯାଇଥିବାବେଳେ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ସାମାନ୍ୟ ଜ୍ୱର ହେଲେ ବି ସହରବାସୀଙ୍କ ମନରେ ଛନକା ପଶୁଛି। ରାଜ୍ୟରୁ ଚିହ୍ନଟ ହେଉଥିବା ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ସର୍ବାଧିକ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହେଉଥିବାବେଳେ ସ୍ମାର୍ଟସିଟି ଭୁବନେଶ୍ୱରର ସ୍ଥିତି ସବୁଠୁ ଉଦ୍‌ବେଗଜନକ ରହିଛି। ବର୍ଷା ଦିନ ହୋଇଥିବାରୁ ରୋଗୀଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି। ବିଏମ୍‌ସିରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ ଜାନୁୟାରୀ ୧ରୁ ସେପ୍ଟେମ୍ବର ୧୮ ସୁଦ୍ଧା ଭୁବନେଶ୍ୱରରୁ ମୋଟ୍ ୧୯୮୮ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ସହରର ବିଭିନ୍ନ ଅଞ୍ଚଳରୁ ୧୯୩୧ଟି କେସ୍ ରହିଥିବାବେଳେ ବାକି ୫୭ଟି କେସ୍ ଅଜ୍ଞାତ ଅଞ୍ଚଳରୁ ରହିଛି। ଅପରପକ୍ଷେ ସୋମବାର ସହରରୁ ଆଉ ୩୬ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଏଲ୍.ଡି. ସାହୁ ସୂଚନା ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ୧୪୧ଜଣଙ୍କ ନମୁନା ପରୀକ୍ଷା ହୋଇଥିଲା। ତେବେ ୩୬ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସେମାନେ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଡା. ସାହୁ କହିଛନ୍ତି। ଏହାକୁ ମିଶାଇ ସହରରେ ରୋଗୀ ସଂଖ୍ୟା ୨ହଜାର ୨୪କୁ ବୃଦ୍ଧି ପାଇଛି। ତେବେ ଜାନୁଆରୀ ୧ରୁ ସେପ୍ଟେମ୍ବର ୨ ମଧ୍ୟରେ ଭୁବନେଶ୍ୱରରୁ ୧୦୧୬ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ମାତ୍ର ୧୭ ଦିନରେ ସହରରୁ ଆଉ ୧ହଜାର ୮ଜଣ ନୂଆ ରୋଗୀ ଚିହ୍ନଟ ହେବା ଚିନ୍ତା ବଢ଼ାଇଛି। ସୂଚନାନୁସାରେ, ଚଳିତବର୍ଷ ଜାନୁୟାରୀରେ ଭୁବନେଶ୍ୱରରୁ ମାତ୍ର ଜଣେ ରୋଗୀ ଚିହ୍ନଟ ହୋଇଥିବାବେଳେ ଫେବୃୟାରୀରେ କେହି ଚିହ୍ନଟ ହୋଇ ନ ଥିଲେ। ତେବେ ମାର୍ଚ୍ଚରେ ୫ଜଣ, ଏପ୍ରିଲରେ ୬ଜଣ, ମେ'ରେ ୬ଜଣ, ଜୁନ୍‌ରେ ୬୯ଜଣ, ଜୁଲାଇରେ ୨୦୩ଜଣ, ଅଗଷ୍ଟରେ ୭୬୩ ଏବଂ ସେପ୍ଟେମ୍ବରରେ ୯୭୧ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ତେବେ ଡେଙ୍ଗୁ ସ୍ଥିତିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ଚଳିତ ବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ବି ତାହା ଚିନ୍ତାଜନକ ନୁହେଁ। ଗତବର୍ଷ ତୁଳନାରେ ଏଥର ରାଜ୍ୟରେ ଟେଷ୍ଟର ହାର ଦ୍ୱିଗୁଣରୁ ଅଧିକ ରହିଛି। ୨୦୨୧ରେ ଜାନୁୟାରୀରୁ ସେପ୍ଟେମ୍ବର ୧୫ ସୁଦ୍ଧା ରାଜ୍ୟରେ ୧୪ହଜାର ୩୯୨ ଟେଷ୍ଟ କରାଯାଇଥିଲା। ସେଥିରୁ ୩ହଜାର ୬୬୫ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ।

ଅପରପକ୍ଷେ ଚଳିତବର୍ଷ ଜାନୁୟାରୀରୁ ସେପ୍ଟେମ୍ବର ୧୫ ମଧ୍ୟରେ ମୋଟ୍ ୨୬ହଜାର ୩୬୫ ନମୁନା ପରୀକ୍ଷା କରାଯାଇଥିବାବେଳେ ୩ହଜାର ୫୩୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରୋଗୀ ସଂଖ୍ୟା ପ୍ରାୟ ସମାନ ରହିଥିଲେ ବି ଟେଷ୍ଟିଂ ବଢ଼ିଥିବାରୁ ଗତ ବର୍ଷ ତୁଳନାରେ ପଜିଟିଭିଟି କମ୍ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ପ୍ରାୟ ୯୫ ପ୍ରତିଶତ ଡେଙ୍ଗୁ ରୋଗୀ ଘରେ ରହି ଚିକିତ୍ସିତ ହୋଇ ସୁସ୍ଥ ହୋଇ ପାରିବେ। ତେଣୁ ଡେଙ୍ଗୁ ଚିହ୍ନଟ ହେଲେ ଭୟଭୀତ ନ ହୋଇ ଏହାର ଉପଯୁକ୍ତ ଚିକିତ୍ସା କରିବାକୁ ସେ ପରାମର୍ଶ ଦେଇଛନ୍ତି।

**କେବଳ ୧୭ ଦିନରେ ୧,୦୦୮ ଆକ୍ରାନ୍ତ ଚିହ୍ନଟ**



### ମୁକାବିଲା ଉପରେ ବିଏମ୍‌ସିର ଗୁରୁତ୍ୱ
**ନିୟୋଜିତ ହେବେ ୪୦ ସ୍ୱେଚ୍ଛାସେବୀ**

ସହରରେ ଡେଙ୍ଗୁ ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଜାରି ରହିଛି। ସୋମବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନେତୃତ୍ୱରେ ଭିଡ଼ିଓ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଡେଙ୍ଗୁକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ, ମଶା ଉତ୍ସ ନଷ୍ଟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିପାଇଁ ବିଏମ୍‌ସି ପକ୍ଷରୁ ୪୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଏଥିସହ ଏକ ନୂତନ ଉତ୍ସର୍ଗୀକୃତ ଯାନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ସେହିଭଳି ଡ୍ରାଏ ଡେ' ପାଳନକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### 'କବିତାରେ ପୁରୀ' ଉନ୍ମୋଚିତ

ପୁରୀ ଅଫିସ ୧୯।୯:

ଶ୍ରୀକ୍ଷେତ୍ରକୁ କେନ୍ଦ୍ରକରି ଓଡ଼ିଆ କାବ୍ୟ-କବିତା ହଜାରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସମୃଦ୍ଧ ହୋଇଚାଲିଛି। ଏହି ଭାବାବେଗ, ଭକ୍ତିମୟ ଓ ଜଗନ୍ନାଥ ତତ୍ତ୍ୱାଶ୍ରୟୀ କବିତାଗୁଡ଼ିକୁ ଏକତ୍ର କରି ରଚିତ କବିତା ସଙ୍କଳନ 'କବିତାରେ ପୁରୀ'କୁ ସୋମବାର ପୁରୀ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରିଛନ୍ତି। ଦିଲୀପ କୁମାର ସ୍ୱାଇଁ ଓ ଶ୍ୟାମପ୍ରକାଶ ସେନାପତିଙ୍କ ସମ୍ପାଦନାରେ ପ୍ରସ୍ତୁତ ଏହି ପୁସ୍ତକ ବିଜୟିନୀ ପବ୍ଲିକେଶନ କଟକ ଦ୍ୱାରା ପ୍ରକାଶ ପାଇଛି। ଏହି ଗ୍ରନ୍ଥର ଆଦିପର୍ବରେ ଶଙ୍କରାଚାର୍ଯ୍ୟଙ୍କ ଶ୍ରୀଜଗନ୍ନାଥାଷ୍ଟକମ୍ ଠାରୁ ଆରମ୍ଭ କରି ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଶ୍ରୀ ଶ୍ରୀ ବିମଳାଷ୍ଟକମ୍ ସ୍ଥାନ ପାଇଛି। ଏଥିରେ ସୁର ଦାସ, କବୀର ଦାସ, ଜୟଦେବ ଆଦି କବିଙ୍କ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ରଚନା ସହ ପୁରୁଷୋତ୍ତମ ମାହାତ୍ମ୍ୟ ଓ ନୀଳାଦ୍ରି ମହୋଦୟଃର ଅନୁବାଦ ରହିଛି। କବି ହରିହର ମିଶ୍ର ଓ କବି ରକ୍ଷକ ନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




କର୍ମଯୋଗୀ ଧନେଶ୍ୱର ରଥଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ଡ୍ରିମ୍ସ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ପୂଜ୍ୟପୂଜା ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# କାର୍ଯ୍ୟ ସମ୍ପର୍କିତ ତଥ୍ୟ ଦେବାକୁ ସୂଚନା ଆୟୁକ୍ତଙ୍କ ନିର୍ଦ୍ଦେଶ

କଟକ ସଦର,୧୯।୯(ଡି.ଏନ.ଏ.)

୨୦୧୮ମସିହାରୁ ରାଜ୍ୟର ସମସ୍ତ ବ୍ଲକ ଓ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତତ୍ତ୍ୱାବଧାନରେ କରାଯାଉଛି। ବିଭାଗୀୟ କାର୍ଯ୍ୟ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଓ ଯନ୍ତ୍ରୀମାନଙ୍କ ଦ୍ୱାରା ସମ୍ପାଦନ କରାଯାଉଥିବା କାର୍ଯ୍ୟର ନିୟମ ସମ୍ପର୍କିତ ସୂଚନା ୩୦ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ରାଜ୍ୟ ସୂଚନା ଆୟୁକ୍ତ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ସ୍ୱଳ୍ପ ବେତନର ସରକାରୀ କର୍ମଚାରୀ ବିଭାଗୀୟ କାମ କରିବାବେଳେ ବ୍ଲକରୁ ଅଗ୍ରିମ ଟଙ୍କା ନ ନେଇ ପ୍ରଥମେ କାମ ଶେଷ କରୁଛନ୍ତି। ତା'ପରେ ବିଲ୍ ବାବଦ ଅର୍ଥ ସେମାନଙ୍କ ଆକାଉଣ୍ଟକୁ ଛାଡ଼ିଓ ପଠାଉଛନ୍ତି। ସ୍ୱଳ୍ପ ଦରମାରେ ବହୁ ଟଙ୍କାର କାମ ସମ୍ପନ୍ନ ହେଉଥିବାରୁ ସତ୍ୟ ଜାଣିବା ପାଇଁ ଜଣେ ସୂଚନା ଅଧିକାର କର୍ମୀ ୨୦୧୭ ଏପ୍ରିଲ ୪ରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କୁ ଆବେଦନ କରିଥିଲେ। ମାତ୍ର ସମ୍ପୃକ୍ତ ଅଧିକାରୀ ଏହି ଆବେଦନ ପତ୍ରକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ହେଲେ ସମ୍ପୃକ୍ତ ଅଧିକାରୀ କୌଣସି ସୂଚନା ଦେଇ ନ ଥିଲେ। ପରେ ଏହି ମାମଲାଟି ରାଜ୍ୟ ସୂଚନା ଆୟୁକ୍ତଙ୍କ ଦ୍ୱାରା ମାମଲା ସଂଖ୍ୟା ନଂ.୨୨୨୩/୨୦୧୭ରେ ପଞ୍ଜୀକୃତ ହୋଇ ଶୁଣାଣି ହୋଇଥିଲା। ଶେଷରେ ଆବେଦନକାରୀଙ୍କୁ ନିର୍ଭୁଲ ତଥ୍ୟ ଦେବାକୁ ଆୟୁକ୍ତ ପତ୍ର ସଂଖ୍ୟା ୪୨୩୦୪/୧୫।୯।୨୦୨୨ରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବିଭାଗୀୟ କାର୍ଯ୍ୟ ସମ୍ପାଦନବେଳେ କର୍ମଚାରୀ କେଉଁ ପ୍ରକାରର କୌଶଳ ଦ୍ୱାରା ବହୁ କୋଟି ଟଙ୍କାର କାର୍ଯ୍ୟ କରିପାରୁଛନ୍ତି ତା'ର ରହସ୍ୟ ଜଣାପଡ଼ିବ।

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**

# 'ସଫଳତା ଲାଗି ଲକ୍ଷ୍ୟ କେନ୍ଦ୍ରିତ ହେବା ଆବଶ୍ୟକ'

କଟକ ଅଫିସ, ୧୯।୯

**ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ**
- ୫ ଜଣ ପାଇଲେ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କର୍ମଯୋଗୀ ଧନେଶ୍ୱର ରଥଙ୍କ ୨୮ତମ ପୁଣ୍ୟତିଥି ଅବସରରେ ସୋମବାର ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମ୍‌ରେ 'ପୂଜ୍ୟପୂଜା ସମାରୋହ-୨୦୨୨' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସନ୍ଥ ଡ. ଶ୍ରୁତିସାଗର ସରସ୍ୱତୀ ଯୋଗଦେଇ କହିଥିଲେ, ମନରୁ ନକାରାତ୍ମକ ଭାବନା ପରିହାର କରି ବ୍ୟକ୍ତି ଇଚ୍ଛାଶକ୍ତିକୁ ଦୃଢ଼ୀଭୂତ କରିବା ଦରକାର। ସଫଳତା ହାସଲ ନିମନ୍ତେ ଲକ୍ଷ୍ୟ କେନ୍ଦ୍ରିତ କରି ସାଧନା ଜାରି ରଖିବାକୁ ହେବ। ବ୍ୟକ୍ତିତ୍ୱ ବିକାଶ ଲାଗି କେବଳ ଶ୍ରେଣୀକକ୍ଷରେ ପୁସ୍ତକ ଅଧ୍ୟୟନରେ ନିଜକୁ ସୀମିତ ନ ରଖି ବ୍ୟବହାରିକ ଓ ଆଧ୍ୟାତ୍ମିକ ଜ୍ଞାନ ଆହରଣ ସହିତ ଗୁରୁ ଓ ପିତାମାତାଙ୍କ ଆଶୀର୍ବାଦ ନିତାନ୍ତ ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ବାଡଗ୍ରାହୀ ତଥା ସେବକ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ଶିକ୍ଷାବିତ୍ ପ୍ରଫେସର ଡ. କମଳାକାନ୍ତ ମିଶ୍ର, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ ଏବଂ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତିଙ୍କୁ ଚଳିତ ବର୍ଷର 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଶିଷ୍ଟ ଘୋଡ଼ାନାଚ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ସିଦ୍ଧଗିରି ମଠର ବାବା ବିଶ୍ୱନାଥ ଦାଶ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ଶାନ୍ତନୁ କୁମାର ଶତପଥୀ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ ଓ ପ୍ରାଧ୍ୟାପିକା ଡ. କ୍ରିଷ୍ଟାପ୍ରଦା ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତାଳଦଣ୍ଡା କେନାଲରୁ ବୃଦ୍ଧାଙ୍କ ମୃତଦେହ ଜବତ

କଟକ ସଦର,୧୯।୯(ଡି.ଏନ.ଏ.)

ତାଳଦଣ୍ଡା କେନାଲର କନ୍ଦରପୁର ନିକଟରେ ସୋମବାର ସକାଳେ ଜଣେ ବୃଦ୍ଧାଙ୍କ ମୃତଦେହ ନୂଆ ପୋଲ ନିକଟରେ ଭାସୁଥିବା ଦେଖା ଯାଇଥିଲା। ଖବରପାଇ କନ୍ଦରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତା ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଙ୍ଗଳା ସାହିର ସତ୍ୟବତୀ ସାହୁ(୭୫)। ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ଏ ନେଇ ଥାନାରେ ନଂ.୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ରବିବାର ସତ୍ୟବତୀ ଶୌଚ ହେବା ପାଇଁ କେନାଲକୁ ଯାଇଥିବାବେଳେ ଭାସି ଯାଇଥିଲେ।

### ୨୧ରୁ ରାଜ୍ୟସ୍ତରୀୟ ଭାଗବତ ମହୋତ୍ସବ




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଉଛନ୍ତି।

କଟକ ସଦର,୧୯।୯(ଡି.ଏନ୍.ଏ.)

ପ୍ରଥମଥର ପାଇଁ ଓଡ଼ିଶାରେ ରାଜ୍ୟସ୍ତରୀୟ ଭାଗବତ ମହୋତ୍ସବ କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତ କୋଟୁଆଁ ଗ୍ରାମ ଭାଗବତ ମେଳଣ ପଡ଼ିଆରେ ସେପ୍ଟେମ୍ବର ୨୧ରୁ ୨୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୨୨ଟି ଜିଲାର ପ୍ରବଚକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରବଚକ ଯୋଗଦେଇ ଅତିବଡ଼ୀ ଜଗନ୍ନାଥ ଦାସଙ୍କର ରଚିତ ଭାଗବତ ଉପରେ ଆଲୋଚନା କରିବେ। ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ସାଧାରଣ ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସୋମବାର କନ୍ଦରପୁରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ବିଭିନ୍ନ ଜିଲାର ୩ ଜଣ ପ୍ରବକ୍ତା ପ୍ରବଚନ ଦେଇ ଭାଗବତକୁ ଶେଷ କରିବେ। ୨୧ଜଣ ପ୍ରବଚକଙ୍କୁ ଭାଗବତ ବାଣୀ ଭୂଷଣ ଉପାଧିରେ ଭୂଷିତ କରାଯିବ। ଏହାବ୍ୟତୀତ ଭାଗବତ ସେବା ସୌରଭ ସମ୍ମାନ ପ୍ରଦାନ କରାଯିବ। ସମ୍ମିଳନୀରେ ରାମାୟଣ ପଣ୍ଡିତ ଅଭୟ କୁମାର ଦାଶ, ଗ୍ରାମର ମୁରବୀ ଅଜୟ କୁମାର ପଟ୍ଟନାୟକ ଓ ବିଦ୍ୟାଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜ ବିଧିବ୍ୟବସ୍ଥା ପରିବର୍ତ୍ତନର ଉଦ୍ୟୋଗୀ ଥିଲେ ମନୋରମା

କଟକ ଅଫିସ,୧୯।୯

**ଡ. ମନୋରମା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ଡ. ମନୋରମା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସାରଳା ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଥିଲେ, ସମାଜ ବିଧିବ୍ୟବସ୍ଥା ପରିବର୍ତ୍ତନର ଉଦ୍ୟୋଗୀ ଥିଲେ ମନୋରମା। ସମାଜ ଗଠନ ଦିଗରେ ତାଙ୍କ ଅବଦାନ ସ୍ମରଣୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଲେଖିକା ଅର୍ଚ୍ଚନା ନାୟକ ଯୋଗଦେଇ ଡ.ମନୋରମାଙ୍କ ଜୀବନ ଉପରେ ବ୍ୟାଖ୍ୟାନ କରିଥିଲେ। ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ ମନୋରମା ଦୃଢ଼ ଇଚ୍ଛାଶକ୍ତି ବଳରେ ନିଜକୁ ପରିଚିତ କରାଇ ପାରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସମାଜର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ ଯୋଗଦେଇ ନିଜର ସାଧନା ଓ ପିତାଙ୍କ ଆଶୀର୍ବାଦ ଯୋଗୁ ମନୋରମା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ ବୋଲି କହିଥିଲେ। ମେୟର ସୁବାସ ସିଂହ ଯୋଗଦେଇ କହିଥିଲେ, ମହାପାତ୍ରଙ୍କ କବିତା ସମାଜର ପ୍ରଗତି ପାଇଁ ରହୁଥିଲା। ସେ ମହିଳା ସଶକ୍ତୀକରଣର ବିଧାଣୀ ଥିଲେ ବୋଲି ସିଂ କହିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଇଂ.ପ୍ରଭାକର ସ୍ୱାଇଁ ଯୋଗଦେଇ ସହରର ଏକ ମାର୍ଗ ମନୋରମାଙ୍କ ନାମରେ କରାଯିବା ଓ ତାଙ୍କ ପୂର୍ଣ୍ଣ ବୟବ ପ୍ରତିମୂର୍ତ୍ତି ସହରରେ ସ୍ଥାପନା କରାଯିବା ଲାଗି ଦାବି କରିଥିଲେ। ଏହି ଅବସରରେ ମହାପାତ୍ରଙ୍କ ସ୍ମୃତିକୁ ନେଇ ବୃତ୍ତଚିତ୍ର ପ୍ରଦର୍ଶନ କରାଯିବା ସହ ଗ୍ରନ୍ଥାବଳୀ ଓ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିରେ ବଡ଼ପୁଅ ପ୍ରଦୀପ ମହାପାତ୍ର, ବୋହୂ ସଂଯୁକ୍ତା ମହାପାତ୍ର, ସାନପୁଅ ସନ୍ଦୀପ ମହାପାତ୍ର, ବୋହୂ ଡ. ଜ୍ୟୋତ୍ସ୍ନା କର, ଝିଅ ଶ୍ୱେତପଦ୍ମା ଦାସ, ଜ୍ୱାଇଁ ଜ୍ଞାନରଞ୍ଜନ ଦାଶ, ସାନଝିଅ ସୁଚିସ୍ମିତା ମିଶ୍ର, ଜ୍ୱାଇଁ ଅରୁଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ସୋମବାର ଡ. ମନୋରମା ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଉପସ୍ଥିତ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ନୂଆ ରୂପ ପାଇବ ଶ୍ରୀଲୋକନାଥ ମନ୍ଦିର

ପୁରୀ ଅଫିସ,୧୯।୯:

**ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କଲେ ୫-ଟି ସଚିବ**
- ମନ୍ଦିର ବୁଲିଲେ, ସେବାୟତଙ୍କ ସହ ଆଲୋଚନା କଲେ
- ଝଲସିବ ପାର୍ବତୀ ସାଗର, ସମ୍ପ୍ରସାରଣ ହେବ ବେଢ଼ା

୫-ଟି ସଚିବ ଭି.କେ. ପାଣ୍ଡିଆନ୍ ସୋମବାର ପୁରୀ ଆସି ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ଉନ୍ନତିମୂଳକ କାର୍ଯ୍ୟ ରୂପରେଖର ସମୀକ୍ଷା କରିଛନ୍ତି। ଶ୍ରୀଲୋକନାଥ ମନ୍ଦିରର ସେବାୟତମାନେ ଦୀର୍ଘଦିନ ଧରି ମନ୍ଦିରର ନବକଳେବର ପାଇଁ ଦାବି କରୁଥିବାବେଳେ ସୋମବାର ୫-ଟି ସଚିବ ପାଣ୍ଡିଆନ୍ ଜିଲାପାଳ ସମର୍ଥ ବର୍ମା ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ଉପସ୍ଥିତିରେ ପ୍ରସ୍ତାବିତ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ୫-ଟି ସଚିବ ଶ୍ରୀଲୋକନାଥଙ୍କୁ ଦର୍ଶନ କରିବା ସହ ମନ୍ଦିର ବେଢ଼ାରେ ସେବାୟତଙ୍କ ସହିତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳଙ୍କ ତତ୍ତ୍ୱାବଧାନରେ ତାଙ୍କୁ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟର ନକ୍ସା ଦେଖାଯାଇଥିଲା। ଭକ୍ତଙ୍କ ଦର୍ଶନ ପାଇଁ ବେଢ଼ା ସମ୍ପ୍ରସାରଣ କରାଯିବ, ସିଂହଦ୍ୱାର ଦେଇ ଦର୍ଶନ ହେବ ଏବଂ ବ୍ୟବସ୍ଥିତ ଢଙ୍ଗରେ ଶ୍ରୀଲୋକନାଥ ମନ୍ଦିର ପରିଚାଳିତ ହେବ ବୋଲି ୫-ଟି ସଚିବ କହିଥିଲେ। ପ୍ରକଳ୍ପରେ ସାମିଲ ଥିବା ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଯୋଜନା ଅନୁଯାୟୀ, ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଥାୟୀ ଧାଡ଼ି ଦର୍ଶନ ବ୍ୟବସ୍ଥା, ପିଣ୍ଡି, ସ୍ୱତନ୍ତ୍ର ବ୍ଲକ୍, ଶୌଚାଳୟ,ଗୋଶାଳା, ଭେଣ୍ଡିଙ୍ଗ ଜୋନ୍ ଇତ୍ୟାଦି ନିର୍ମାଣ ସହ ବିଦ୍ୟୁତୀକରଣ କରାଯିବ। ମନ୍ଦିର ଭିତର ଓ ବାହାର ବେଢ଼ା ସମେତ ପାର୍ବତୀ ସାଗରକୁ ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସେବାୟତମାନେ ଏହି ପ୍ରକଳ୍ପ କାର୍ଯ୍ୟକୁ ସ୍ୱାଗତ କରିବା ସହ ଶ୍ରୀଲୋକନାଥଙ୍କୁ ଅଧିକ ଭକ୍ତ ଆସିବେ ବୋଲି ମତବ୍ୟକ୍ତ କରିଛନ୍ତି। ଶ୍ରୀଲୋକନାଥ ମନ୍ଦିରର ଉନ୍ନତୀକରଣ ପାଇଁ ସେବାୟତ ବର୍ଗ ଓ ଜନସାଧାରଣ ଦୀର୍ଘ ଦିନ ଧରି ଦାବି କରିଆସୁଥିଲେ। ଫଳରେ ବିଗତ ଦିନରେ ଜିଲାପାଳ ସମର୍ଥ ବର୍ମା ଏବଂ ଉପଜିଲାପାଳ ଭବତାରଣ ସାହୁ ପର୍ଯ୍ୟାୟକ୍ରମେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଏକ ନକ୍ସା ପ୍ରସ୍ତୁତ କରିଥିଲେ। ଲୋକନାଥ ମନ୍ଦିରର ବିକାଶ ପାଇଁ କ'ଣ ସବୁ ନିର୍ମାଣ ହେବା ଦରକାର ସେ ସଂକ୍ରାନ୍ତରେ ପ୍ରସ୍ତାବିତ ନକ୍ସାକୁ ନେଇ ସୋମବାର ୫-ଟି ସଚିବଙ୍କ ସହିତ ଅଧିକାରୀମାନେ ଆଲୋଚନା କରିଥିଲେ। ୫-ଟି ସଚିବ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ମୋହର ମାରିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ଶ୍ରୀଲୋକନାଥ ମନ୍ଦିରର ଉନ୍ନତି କାର୍ଯ୍ୟ ହୋଇନାହିଁ। ଏହି ଶୈବପୀଠ ଅବହେଳିତ ହୋଇଆସୁଥିଲା। ସମ୍ପ୍ରତି ସରକାର ଏହାର ଉନ୍ନତି ନିମନ୍ତେ ପ୍ରଚେଷ୍ଟା କରିବା ସ୍ୱାଗତଯୋଗ୍ୟ। ଜିଲା ପ୍ରଶାସନକୁ ମନ୍ଦିରର ବିକାଶ ନେଇ ଯେଉଁ ସବୁ ପ୍ରସ୍ତାବ ସେବାୟତମାନଙ୍କ ପକ୍ଷରୁ ଦିଆଯାଇଥିଲା, ସେହି ସମସ୍ତ ସୁବିଧା ପ୍ରସ୍ତାବିତ ପ୍ରକଳ୍ପରେ ସାମିଲ ହୋଇଛି।



୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ ଜିଲାପାଳ ସମର୍ଥ ବର୍ମା ପ୍ରସ୍ତାବିତ ପ୍ରକଳ୍ପର ନକ୍ସା ଦେଖାଉଛନ୍ତି।